facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ



୧୩ବର୍ଷ ପରେ ରଣଜୀ ଟ୍ରଫି ଖେଳିବେ | ୬



୭ରେ ରିଲିଜ ହେବ ଖୁସିଙ୍କ 'ଲଭ୍ ୟାପା' | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୦୦ Vol. 21 No-300 29 JANUARY 2025 WEDNESDAY BHUBANESWAR ବୁଧବାର, ୨୯ ଜାନୁଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦

# ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ଉଦ୍‌ଘାଟନ କଲେ ମୋଦୀ

# ବିକାଶର ଶିଖର ଛୁଇଁବ ଓଡ଼ିଶା





- ଓଡ଼ିଶା ହେବ ଦେଶ ବିକାଶର ଗ୍ରୋଥ୍ ଇଞ୍ଜିନ୍
- ଓଡ଼ିଶା ନୂଆ ଭାରତର ଆଶା, ମୌଳିକତାର ପ୍ରତୀକ
- ସବୁଜ ଭବିଷ୍ୟତ, ସବୁଜ ପ୍ରଯୁକ୍ତି ଉପରେ ଗୁରୁତ୍ୱ
- ଓଡ଼ିଶାକୁ ସମୃଦ୍ଧ ପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ
- ଓଡ଼ିଶାର ପ୍ରାକୃତିକ ସୁନ୍ଦରତା ପର୍ଯ୍ୟଟନ ଶିଳ୍ପପାଇଁ ଉତ୍କୃଷ୍ଟ
- କନ୍‌ଭେନ୍‌ସନ ଟ୍ୟୁରିଜିମ୍ ପାଇଁ ଓଡ଼ିଶାରେ ପର୍ଯ୍ୟାପ୍ତ ସମ୍ଭାବନା

ଭୁବନେଶ୍ୱର, ୨୮।୧(ଭାସ୍କର ନ୍ୟୁଜ): ଖୁବ୍‌ଶୀଘ୍ର ବିକାଶର ଶିଖର ଛୁଇଁବ ଓଡ଼ିଶା। ଓଡ଼ିଶା ହେବ ସଶକ୍ତ ଓ ସମୃଦ୍ଧ। ଭାରତକୁ ବୁଝିବା ପାଇଁ ଓଡ଼ିଶା ହେଉଛି ପ୍ରକୃତ ସ୍ଥାନ। ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟରେ ପରିଣତ ହେବ। ମଙ୍ଗଳବାର ଭୁବନେଶ୍ୱର ଜନତା ମଇଦାନରେ ଆୟୋଜିତ ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା କନକ୍ଲେଭକୁ ଉଦ୍‌ଘାଟନ କରି ଏହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଶ୍ରୀ ମୋଦୀ କହିଥିଲେ, ମୁଁ ଖୁସି ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ତାଙ୍କ ଟିମ୍ ଓଡ଼ିଶାକୁ ବିଭିନ୍ନ କ୍ଷେତ୍ରରେ ଆଗେଇ ନେବାର ପ୍ରୟାସ ଆରମ୍ଭ କରିଛନ୍ତି। ପୂର୍ବ ସରକାର ତୁଳନାରେ ଏହି ସମ୍ମିଳନୀରେ ଏଥର ୬ ଗୁଣ ଅଧିକ ନିବେଶକ ସାମିଲ ହୋଇଛନ୍ତି। ଓଡ଼ିଶାରେ ଯେଉଁ ସମ୍ପଦ ରହିଛି ସେଗୁଡ଼ିକୁ ନେଇ ଶିକ୍ଷାନୁଷ୍ଠାନ ନିର୍ମାଣ ହେବା ଜରୁରି। ଓଡ଼ିଶାରେ ନିବେଶର ଅନନ୍ତ ସମ୍ଭାବନା ରହିଛି। ସେ କହିଥିଲେ, ଓଡ଼ିଶା ଖୁବ୍‌ଶୀଘ୍ର ଦେଶର ଅଗ୍ରଣୀ ରାଜ୍ୟରେ ପରିଣତ ହେବ। ଇତିହାସ ସାକ୍ଷୀ ଅଛି, ଗ୍ଲୋବାଲ ଗ୍ରୋଥରେ ଯେତେବେଳେ ଭାରତର ଅଂଶ ରହିଥିଲା, • ପୃଷ୍ଠା ୫ ଦେଖନ୍ତୁ

## ୧୦୦ରୁ ଉର୍ଦ୍ଧ୍ୱ କମ୍ପାନୀର ସିଇଓଙ୍କ ସହ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ

# ପ୍ରତି ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ଲକ୍ଷ୍ୟ



ଭୁବନେଶ୍ୱର, ୨୮।୧(ଭାସ୍କର ନ୍ୟୁଜ): ଉତ୍କର୍ଷ ଓଡ଼ିଶା- ମେକ୍ ଇନ ଓଡ଼ିଶା କନକ୍ଲେଭ ୨୦୨୫ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଜନତା ମଇଦାନଠାରେ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଆଗ୍ରହୀ ଥିବା ବିଭିନ୍ନ କମ୍ପାନୀର ସିଇଓ ମାନଙ୍କ ସହିତ ସ୍ୱତନ୍ତ୍ର ଭାବେ ଆଲୋଚନା କରିଛନ୍ତି । ଏହି ଆଲୋଚନାରେ ଇସ୍ପାତ, ଗ୍ରୀନ ଏନର୍ଜି, ଗ୍ରୀନ ଅମୋନିଆ, ଗ୍ରୀନ ହାଇଡ୍ରୋଜେନ, ଅକ୍ଷୟ ଶକ୍ତି, କେମିକାଲ୍ସ, ସେମିକଣ୍ଡକ୍ଟର, ଆଇଟି, ସିମେଣ୍ଟ ଭଳି କ୍ଷେତ୍ରର ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ପ୍ରତିଷ୍ଠିତ କମ୍ପାନୀର ସିଇଓମାନେ ଅଂଶଗ୍ରହଣ କରିଥିଲେ । ଏହି ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାରେ • ପୃଷ୍ଠା ୫ ଦେଖନ୍ତୁ

## ଉତ୍କର୍ଷ ଓଡ଼ିଶା କନକ୍ଲେଭରେ ନିବେଶ ପ୍ରତିଶ୍ରୁତିର ସୁଅ

# ୫୪ ଏମ୍‌ଓୟୁ, ୪.୫ଲକ୍ଷ କୋଟିର ନିବେଶ



ଭୁବନେଶ୍ୱର, ୨୮।୧(ଭାସ୍କର ନ୍ୟୁଜ): ଉତ୍କର୍ଷ ଓଡ଼ିଶା କନକ୍ଲେଭରେ ନିବେଶ ପ୍ରତିଶ୍ରୁତିର ସୁଅ। ପ୍ରଥମ ଦିନରେ ୫୪ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଶିଳ୍ପ ସଚିବ ହେମନ୍ତ ଶର୍ମା ଏ ନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି, ପ୍ରଥମ ଦିନରେ ୫୪ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିବାବେଳେ ରାଜ୍ୟକୁ ୪ରୁ ସାଢେ ୪ ଲକ୍ଷ କୋଟିର ନିବେଶ ଆସିବ। ତେବେ ସବୁଠୁ ବଡ଼ ଏମ୍‌ଓୟୁ ଆଦାନୀ ଗ୍ରୁପ୍ ସହ କରାଯାଇଛି। ଆଦାନୀ ଗ୍ରୁପ୍ ୨.୨୮ଲକ୍ଷ କୋଟି ଟଙ୍କାର ଏମଓୟୁ ସ୍ୱାକ୍ଷର କରିଛି। ସେହିପରି କେନ୍ଦୁଝରରେ ୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଷ୍ଟିଲପ୍ଲାଣ୍ଟ ପାଇଁ ଜେଏସଡବ୍ଲୁ ଗ୍ରୁପ୍ ସହ ଏମ୍‌ଓୟୁ ହୋଇଥିବାବେଳେ ଏ ନେଇ ପୋସ୍କୋ ସହ ଆଲୋଚନା ଚାଲିଥିବା ସୂଚନା ଦେଇଛନ୍ତି ଜେଏସଡବ୍ଲୁ ମୁଖ୍ୟ ସଜନ ଜିନ୍ଦଲ। କେନ୍ଦୁଝରରେ ୩୦ରୁ ୪୦ ହଜାର କୋଟି ଟଙ୍କାର ନିବେଶ ଲକ୍ଷ୍ୟ ରଖାଯାଇଛି। ସେହିପରି ଜେଏସପିଏଲ ଗ୍ରୁପ୍ ଅନୁଗୋଳସ୍ଥିତ ଷ୍ଟିଲପ୍ଲାଣ୍ଟ ସଂପ୍ରସାରଣ ପାଇଁ ୭୦ ହଜାର କୋଟି ଟଙ୍କା ପୁଞ୍ଜିନିବେଶ ନେଇ ଘୋଷଣା କରିଛନ୍ତି ଗ୍ରୁପ୍ ଅଧ୍ୟକ୍ଷ ନବୀନ ଜିନ୍ଦଲ। ସେହିପରି ବିର୍ଲା ଗ୍ରୁପ୍ କପର ଫଏଲ ପ୍ଲାଣ୍ଟ ପାଇଁ ଏମ୍‌ଓୟୁ ସ୍ୱାକ୍ଷର କରିଛି। ମଙ୍ଗଳବାର ବିଭିନ୍ନ ନିବେଶକଙ୍କଠାରୁ ୧୦୦ରୁ ଅଧିକ ପୁଞ୍ଜିନିବେଶ ଆଗ୍ରହ ପାଇଛନ୍ତି ରାଜ୍ୟ ସରକାର। ଉତ୍କର୍ଷ ଓଡ଼ିଶା କନକ୍ଲେଭ ଶେଷ ବେଳକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯେଉଁ ପୁଞ୍ଜିନିବେଶ ଲକ୍ଷ୍ୟ ରଖିଛନ୍ତି ତାହା ପୂରଣ ହୋଇପାରିବ ବୋଲି ଆଶା ରଖିଛନ୍ତି। ସେହିପରି ଓଡ଼ିଶାରେ କୁମାର ମଙ୍ଗଳମ ବିର୍ଲାଙ୍କ କମ୍ପାନୀ ୫୦ହଜାର କୋଟି ଟଙ୍କାର ନିବେଶ କରିବାକୁ ଯୋଜନା ରଖିଛି। ବେଦାନ୍ତ ରାୟଗଡ଼ାରେ ୩୦ଲକ୍ଷ ଟନ୍ ବିଶିଷ୍ଟ ଆଲୁମିନିୟମ ପ୍ଲାଣ୍ଟ କରିବାକୁ ଯୋଜନା ରଖିଥିବାବେଳେ ଆଇଓସିଏଲ ୭୦ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ପାଇଁ ଆଗ୍ରହ ଦେଖାଇଛି। ସେହିପରି ଆବାଡା ଗ୍ରୁପ୍ ୨୦ହଜାର କୋଟିର ପୁଞ୍ଜି ନିବେଶ କରିବା ପାଇଁ ଲକ୍ଷ୍ୟ ରଖିଥିବା ଶ୍ରୀ ଶର୍ମା ସୂଚନା ଦେଇଛନ୍ତି।

## ଏୟାରଲିଫ୍ଟ ହୋଇ ହାଇଦ୍ରାବାଦ ଗଲେ ବିଶ୍ୱଭୂଷଣ

ଭୁବନେଶ୍ୱର, ୨୮।୧(ଭାସ୍କର ନ୍ୟୁଜ): ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ମଙ୍ଗଳବାର ଏୟାରଲିଫ୍ଟ କରାଯାଇଛି। ତାଙ୍କୁ ହାଇଦ୍ରାବାଦର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏ ନେଇ ତାଙ୍କ ପୁଅ ତଥା ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ ବିଶ୍ୱଭୂଷଣ ଗତ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଅନୁଭବ କରୁଛନ୍ତି। ବୟସାଧିକ କାରଣରୁ ତାଙ୍କର ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଇଛି। ସୋମବାର ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଅଧିକ ଚିକିତ୍ସାର ଆବଶ୍ୟକତା ଥିବାରୁ ତାଙ୍କୁ ହାଇଦ୍ରାବାଦ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ ଯେ ଶ୍ରୀ ହରିଚନ୍ଦନ ଗତବର୍ଷ ସେପ୍ଟେମ୍ବର ମାସରେ ଅସୁସ୍ଥତା କାରଣରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେତେବେଳେ • ପୃଷ୍ଠା ୫ ଦେଖନ୍ତୁ

## ଓଡ଼ିଶା ହେବ ଆଇଟି ହବ୍: ଅଶ୍ୱିନୀ ବୈଷ୍ଣବ




ଭୁବନେଶ୍ୱର, ୨୮।୧(ଭାସ୍କର ନ୍ୟୁଜ): ଆରମ୍ଭ ହୋଇଛି ଶିଳ୍ପ ମହାକୁମ୍ଭ ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନକ୍ଲେଭ। ଜନତା ମଇଦାନରେ ଏକତ୍ରିତ ହୋଇଛନ୍ତି ଅନେକ ବିଜିନେସ୍ ଟାଇକୁନ୍। ଓଡ଼ିଶାରେ ରେଳ ପାଇଁ ୭୩ ହଜାର କୋଟି ଟଙ୍କା ନିବେଶ କରାଯିବ ବୋଲି କହିଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ଏଥିସହ ଟେଲିକମ୍ ସେକ୍ଟରରେ ୫ହଜାର ୩୩ କୋଟି ଟଙ୍କାର ନିବେଶ କରାଯିବ ବୋଲି ସେ ସୂଚନା ଦେଇ କହିଛନ୍ତି, ଓଡ଼ିଶାକୁ ଆଇଟି ହବ୍ କରାଯିବ। ଉତ୍କର୍ଷ ଓଡ଼ିଶା କନକ୍ଲେଭରେ ଯୋଗଦେବା ଅବସରରେ ଶ୍ରୀ ବୈଷ୍ଣବ କହିଥିଲେ ଯେ ଗତ କିଛିଦିନ ହେବ ଆଇଟି ହବ୍ ପାଇଁ ବିଭିନ୍ନ କମ୍ପାନୀମାନଙ୍କ ସହ ଆଲୋଚନା ଚାଲିଛି। ୨୦ହଜାର କୋଟି ଟଙ୍କାର ନିବେଶ ଲାଗି ପ୍ରସ୍ତାବ ଆସିଛି। ରାଜ୍ୟରେ ଇଲେକ୍ଟ୍ରୋନିକ୍ସ ମାନୁଫାକ୍‌ଚରିଂ ପ୍ଲାଣ୍ଟ କରାଯିବ। କେନ୍ ଟେକ୍ନୋଲୋଜି ଏହି ପ୍ଲାଣ୍ଟ କରିବ। ହାଇ ଡେନସିଟି ପିସିବି ତିଆରି କାରଖାନା କରିବ କେନ୍। ସେମିକଣ୍ଡକ୍ଟର ପ୍ରଥମ ପ୍ଲାଣ୍ଟ ହେବ। ସିଲିକନ୍ କାର୍ବାଇନ୍ ଟେକ୍ନୋଲୋଜି ହେବ ସେମିକଣ୍ଡକ୍ଟର, ଯାହାକି ଆଇଆଇଟି ଭୁବନେଶ୍ୱର ସହଯୋଗରେ କରାଯିବ। ଏହାର ଭିତ୍ତିଭୂମି ମୁଖ୍ୟମନ୍ତ୍ରୀ ରଖିଛନ୍ତି। କେନ୍ଦ୍ର ଏବଂ ରାଜ୍ୟ ସରକାର ମିଳିମିଶି ୩ଲକ୍ଷ ବର୍ଗଫୁଟ ଯାଗା ନେବେ। ଭୁବନେଶ୍ୱର ରେଲୱେ ଷ୍ଟେସନ ବିଲଡିଂକୁ ବ୍ୟବହାର କରାଯିବ। ସେହିପରି ଭୁବନେଶ୍ୱର ଷ୍ଟେସନ ସାମ୍ନାରେ ଥିବା ଯାଗା, ନ୍ୟୁ ଭୁବନେଶ୍ୱର ଷ୍ଟେସନ ଯାଗା ଓ ଆଇଆଇଟି ଭୁବନେଶ୍ୱର ଯାଗା ବି ବ୍ୟବହାର କରାଯିବ। ଭୁବନେଶ୍ୱର ପାଖରେ ଥିବା ସହରରେ ବି ଆଇଟି ସେବା ଯୋଗାଇବା ନେଇ ବ୍ୟବସ୍ଥା କରାଯିବ। ସଫ୍ଟୱେର ଟେକ୍ନୋଲୋଜି ପାର୍କ କୋରାପୁଟ ଓ ଯାଜପୁରରେ ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ଆଇଟି ସେବା ପାଇଁ ବାଟ ଖୋଲିବ। ୧ ବିଲିୟନ ଡଲାର ରପ୍ତାନୀକୁ ୨ ବିଲିୟନ ଡଲାର କରିବାକୁ ଯୋଜନା ରଖାଯାଇଥିବା ଶ୍ରୀ ବୈଷ୍ଣବ ସୂଚନା ଦେଇଥିଲେ।



ଓଡ଼ିଶା ଭାସ୍କର
ODISHA BHASKAR



MAKE IN ODISHA CONCLAVE'25
BHUBANESWAR | 28th - 29th JAN | 2025

# ଉତ୍କର୍ଷ ଓଡ଼ିଶା













































ଓଡ଼ିଶା ଭାସ୍କର
ODISHA BHASKAR

MAKE IN ODISHA CONCLAVE'25
BHUBANESWAR | 28th - 29th JAN | 2025

# ଉତ୍କର୍ଷ ଓଡ଼ିଶା












ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଭୁବନେଶ୍ୱରରେ 'ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା' ସମ୍ମିଳନୀ ୨୦୨୫ ଏବଂ ମେକ୍ ଇନ୍ ଓଡ଼ିଶା ପ୍ରଦର୍ଶନୀକୁ ଉଦଘାଟନ କରିଛନ୍ତି । ଏହା ଓଡ଼ିଶାରେ ଏପର୍ଯ୍ୟନ୍ତ ଅନୁଷ୍ଠିତ ସର୍ବବୃହତ୍ ବ୍ୟବସାୟ ସମ୍ମିଳନୀ ବୋଲି ଉଲ୍ଲେଖ କରି ଶ୍ରୀ ମୋଦୀ କହିଥିଲେ ଯେ ମେକ୍ ଇନ୍ ଓଡ଼ିଶା ୨୦୨୫ରେ ୫ରୁ ୬ ଗୁଣ ଅଧିକ ନିବେଶକ ଅଂଶଗ୍ରହଣ କରିଛନ୍ତି। ଏହି ଭବ୍ୟ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ସେ ଓଡ଼ିଶାବାସୀ ଓ ସରକାରଙ୍କୁ ଅଭିନନ୍ଦନ ଜଣାଇଥିଲେ। ପୂର୍ବ ଭାରତ ଦେଶର ପ୍ରଗତିର ଏକ ଅଭିବୃଦ୍ଧି ଇଞ୍ଜିନ୍ ହୋଇଛି ଓ ଏଥିରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ପୂର୍ବ ଭାରତରେ ବୃହତ ଶିଳ୍ପ କେନ୍ଦ୍ର, ବନ୍ଦର ଏବଂ ବାଣିଜ୍ୟ କେନ୍ଦ୍ର ରହିଛି, ଯେଉଁଥିରେ ଓଡ଼ିଶାର ଅବଦାନ ଉଲ୍ଲେଖନୀୟ । ଦକ୍ଷିଣ ପୂର୍ବ ଏସୀୟ ବାଣିଜ୍ୟ ପାଇଁ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଥିଲା ଏବଂ ରାଜ୍ୟର ବନ୍ଦର ଗୁଡ଼ିକ ଭାରତର ପ୍ରବେଶ ଦ୍ୱାର ଥିଲା । ଓଡ଼ିଶାରେ ଆଜି ବି ବାଲିଯାତ୍ରା ପାଳିତ ହେଉଛି ବୋଲି ସେ ଦର୍ଶାଇଥିଲେ। ପ୍ରଧାନମନ୍ତ୍ରୀ ନିକଟରେ ଇଣ୍ଡୋନେସିଆ ରାଷ୍ଟ୍ରପତିଙ୍କ ଭାରତ ଗସ୍ତକୁ ମନେ ପକାଇ କହିଥିଲେ, ଇଣ୍ଡୋନେସିଆର ରାଷ୍ଟ୍ରପତି କହିଥିଲେ ଯେ ତାଙ୍କ ଡିଏନଏରେ ଓଡ଼ିଶାର ଚିହ୍ନ ଥାଇପାରେ । ଓଡ଼ିଶାରେ ଅଗଣିତ ସୁଯୋଗ ରହିଛି ଏବଂ ଏଠାକାର ଲୋକମାନେ ସବୁବେଳେ ଭଲ କାମ କରିବାକୁ ଆଗ୍ରହ ଦେଖାନ୍ତି। ଗୁଜରାଟରେ ଓଡ଼ିଶାବାସୀଙ୍କ ଦକ୍ଷତା, କଠିନ ପରିଶ୍ରମ ଓ ସଚ୍ଚୋଟତାକୁ ନେଇ ନିଜ ବ୍ୟକ୍ତିଗତ ଅନୁଭୂତି ବାଣ୍ଟିବା ସହ ଓଡ଼ିଶାରେ ନୂଆ ନୂଆ ସୁଯୋଗ ସୃଷ୍ଟି ହେବା ସହ ରାଜ୍ୟ ଖୁବ୍ ଶୀଘ୍ର ବିକାଶର ଅଭୂତପୂର୍ବ ଶୀର୍ଷଛୁଇଁବ ବୋଲି ପ୍ରଧାନମନ୍ତ୍ରୀ ବିଶ୍ୱାସ ପ୍ରକଟ କରିଥିଲେ। ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ କରିବା ଦିଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ତାଙ୍କ ଟିମ୍‌ର ପ୍ରୟାସକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ । ଖାଦ୍ୟ ପ୍ରକ୍ରିୟାକରଣ, ପେଟ୍ରୋକେମିକାଲ୍ସ, ବନ୍ଦର ଭିତ୍ତିକ ବିକାଶ, ମତ୍ସ୍ୟ ଚାଷ, ସୂଚନା ପ୍ରଯୁକ୍ତିବିଦ୍ୟା, ଶିକ୍ଷା, ବୟନଶିଳ୍ପ, ପର୍ଯ୍ୟଟନ, ଖଣି, ଅକ୍ଷୟ ଶକ୍ତି ଇତ୍ୟାଦି ବିଭିନ୍ନ ଶିଳ୍ପରେ ଓଡ଼ିଶା ଭାରତର ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହେଉଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସେ କହିଥିଲେ ଯେ ଆସନ୍ତା ମାସରେ ଭାରତ ପ୍ରଥମ ଥର ପାଇଁ ବିଶ୍ୱ ଅଡିଓଭିଜୁଆଲ ଏବଂ ମନୋରଞ୍ଜନ ଶିଖର ସମ୍ମିଳନୀ (ୱେଭ୍ସ) ଆୟୋଜନ କରିବ । ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ବିଶ୍ୱକୁ ଭାରତର ସୃଜନଶୀଳ ଶକ୍ତି ଦେଖାଇବ ବୋଲି ସେ ଉଲ୍ଲେଖ କରିଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଯେ ଏଭଳି କାର୍ଯ୍ୟକ୍ରମ ରାଜସ୍ୱ ସୃଷ୍ଟି କରେ ଏବଂ ଆମର ଧାରଣାକୁ ସାକାର ରୂପ ଦିଏ, ଯାହା ଅର୍ଥନୀତିର ଅଭିବୃଦ୍ଧିରେ ସହାୟକ ହୋଇଥାଏ । ଓଡ଼ିଶାରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବାର ପ୍ରଚୁର ସମ୍ଭାବନା ରହିଛି ବୋଲି ସେ କହିଥିଲେ। ଏଥିରେ ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କାମ୍ଭମପତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।



























ଓଡ଼ିଶା ଭାସ୍କର
ସମ୍ପାଦକୀୟ



ଯେହୁ କ୍ଷମା ଗୁଣେ ପର ତିରସ୍କାର
ଉପେକ୍ଷା କରଇ ଭବେ,
ଏହି ଚରାଚର ବ୍ରହ୍ମାଣ୍ଡ ଆୟତ୍ତ
ହୁଅଇ ତାହାର ଲବେ।
-ପଲ୍ଲୀକବି ନନ୍ଦକିଶୋର ବଳ



ବୈକୁଣ୍ଠ ସମାନ ଆହା ଅଟେ ସେହି ଘର,
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର
-ଭକ୍ତକବି ମଧୁସୂଦନ ରାଓ



### ସାଧାରଣ ବଜେଟରେ ଜନମତକୁ ମିଳିବକି ଅଗ୍ରାଧିକାର ?

# କମିବ କି ଦରଦାମ ?

ଆସନ୍ତା ଫେବୃଆରୀ ୧ ତାରିଖରେ ସଂସଦରେ ଉପସ୍ଥାପନ ହେବ ସାଧାରଣ ବଜେଟ। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହି ବଜେଟ ଆଗତ କରିବେ। ଏଥିରେ ଜନମତକୁ ଅଗ୍ରାଧିକାର ଦିଆଯିବ କି ନାହିଁ ଏନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଚାଲିଛି। ଦେଶବାସୀଙ୍କ ସ୍ୱପ୍ନ ଏବଂ ଆଶାକୁ ନେଇ ସାଧାରଣ ବଜେଟ ଉପସ୍ଥାପନ କରାଯାଇପାରେ। ଏହି ବଜେଟ ଉପରେ ସାଧାରଣବର୍ଗଙ୍କ ସହ ମଧ୍ୟବିତ୍ତଙ୍କ ମଧ୍ୟ ନଜର ରହିଛି। ଅନ୍ୟପକ୍ଷରେ ସଂପ୍ରତି ଦରଦାମ ବୃଦ୍ଧିକୁ ନେଇ ଅତିଷ୍ଠ ହୋଇପଡିଥିବା ଦେଶବାସୀଙ୍କୁ ମୋଦୀ ସରକାର ରିହାତି ଦେବେ କି ? ଏମିତି ଅନେକ ପ୍ରଶ୍ନ ଲୋକଙ୍କ ମନରେ ଉଙ୍କିମାରୁଛି। ସେହିପରି ଟିକସ ଦେଉଥିବା ବ୍ୟକ୍ତିଙ୍କୁ କେତେ ପରିମାଣର ରିହାତି ଦିଆଯିବ ତାକୁ ନେଇ ମଧ୍ୟ ଆଲୋଚନା ଜୋର ଧରିଛି। ସଂପ୍ରତି ଖାଦ୍ୟ ସାମଗ୍ରୀ ସହ ପେଟ୍ରୋଲିୟମ ଉତ୍ପାଦ, ରନ୍ଧନ ଗ୍ୟାସ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଦର ଆକାଶ ଛୁଆଁ ରହିଛି। ସେହିପରି କୃଷି କ୍ଷେତ୍ରକୁ ବଜେଟରେ ଅଗ୍ରାଧିକାର ଦେବା ପାଇଁ ଚାଷୀକୂଳ ମଧ୍ୟ ଆଶା ବାନ୍ଧି ବସିଛନ୍ତି। ସେହିପରି ବଜେଟରେ ହାଣ୍ଡିଶାଳକୁ ଗୁରୁତ୍ୱ ଦିଆଯିବ ବୋଲି ଗୃହିଣୀମାନେ ମଧ୍ୟ ଆଶା ବାନ୍ଧି ବସିଛନ୍ତି। ତେବେ ବଜେଟରେ ଏସବୁ ପ୍ରସଂଗକୁ ନେଇ ମୋଦୀ ସରକାର କେତେଦୂର ଲୋକଙ୍କୁ ସନ୍ତୁଷ୍ଟ କରିପାରିବେ ତାକୁ ନେଇ ମଧ୍ୟ ଚର୍ଚ୍ଚା ଚାଲିଛି। ତେବେ ଅର୍ଥନୀତିଜ୍ଞମାନେ ମତଦେଇଛନ୍ତି ଯେ ବ୍ୟକ୍ତିଗତ ଆୟକର ଛାଡ ସୀମା ୭ ଲକ୍ଷ ପର୍ଯ୍ୟନ୍ତ କରାଯିବା ଜରୁରୀ। ଆୟକର ଛାଡ ସୀମା ବୃଦ୍ଧି ହେଲେ ଲୋକଙ୍କୁ ଖର୍ଚ୍ଚ କରିବା ପାଇଁ ଅଧିକ ଟଙ୍କା ମିଳିବ। ସେହିପରି ଯୁବବର୍ଗଙ୍କ ନିଯୁକ୍ତି କ୍ଷେତ୍ର ଏବଂ ଷ୍ଟାର୍ଟଅପ୍ କ୍ଷେତ୍ରକୁ ବଜେଟରେ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି। ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ ଆସନ୍ତା ୧ ତାରିଖରେ କ୍ରମାଗତ ଅଷ୍ଟମ ଥର ପାଇଁ ସଂସଦରେ ବଜେଟ ଉପସ୍ଥାପନ କରିବେ। ବିକଶିତ ଭାରତ ଲକ୍ଷ୍ୟରେ ଗତଥର ବଜେଟରେ କୃଷି, ନିଯୁକ୍ତି, ମାନବ ସମ୍ବଳ, ନିର୍ମାଣକ୍ଷେତ୍ର, ନଗରଉନ୍ନୟନ, ଭିତ୍ତିଭୂମି , ଶକ୍ତି ଆଦି କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଥିଲା। ଏପରିକି ଆୟକର ସ୍ଲାବରେ ବଡ଼ଧରଣର ପରିବର୍ତ୍ତନ ନେଇ ନୂଆ ବ୍ୟବସ୍ଥାରେ ସଂଶୋଧନ ସହ ୫୦ ହଜାରରୁ ୭୫ ହଜାରକୁ ବୃଦ୍ଧି ପାଇଥିଲା। ଷ୍ଟାଣ୍ଡାର୍ଡ ଡିସକ୍ସନ ସୀମା ଶୁଳ୍କ ହ୍ରାସ ପରେ ସୁନା, ରୁପା, ପ୍ଲାଟିନମ ଓ ମୋବାଇଲ ଫୋନ ଶସ୍ତା ହୋଇଥିଲା। ତେବେ ବଜେଟରେ ଦରଦାମ ହ୍ରାସ ପାଇଁ ପ୍ରାଧାନ୍ୟ ଦିଆଯିବ ବୋଲି ଆଶା କରାଯାଉଛି। କାରଣ ଦେଶର ଜନସାଧାରଣ ଗତ କିଛି ଦିନ ହେବ ଦରବୃଦ୍ଧିକୁ ନେଇ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଏପରି କ୍ଷେତ୍ରରେ ନିର୍ମଳାଙ୍କ ବଜେଟ ଏ କ୍ଷେତ୍ରରେ ମଧ୍ୟବିତ୍ତ ଓ ଗରିବଙ୍କୁ କେତେ ସହାୟକ ହୋଇପାରିବ ତାକୁ ନେଇ ମାନସମନ୍ଥନ ଆରମ୍ଭ ହୋଇଛି। ତେବେ ମୋଟାମୋଟି କହିବାକୁ ଗଲେ ଆସନ୍ତା ୧ ତାରିଖ ବଜେଟ ଉପସ୍ଥାପନ ଉପରେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ରହିଛି।

## ନୀତିବାଣୀ

**କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।**
**ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ॥**

**ଭାବାର୍ଥ :** ଯେଉଁ ମୂଢ଼ବୁଦ୍ଧି ମନୁଷ୍ୟ ସମସ୍ତ ଇନ୍ଦ୍ରିୟଙ୍କୁ ବଳପୂର୍ବକ ଉପରୁ ରୁଦ୍ଧ କରିଦେଇ ସେହି ଇନ୍ଦ୍ରିୟମାନଙ୍କର ଭୋଗକୁ ମନଦ୍ୱାରା ଚିନ୍ତନ କରୁଥାଏ, ତାହାକୁ ମିଥ୍ୟାଚାରୀ ଅର୍ଥାତ୍ ଦମ୍ଭୀ ବୋଲି କୁହାଯାଏ ।

# ବିଭାଜନ ଅପେକ୍ଷାରେ ପାକିସ୍ତାନ



ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା, କଟକ
ମୋ: ୯୯୩୭୧୭୪୦୯୭

ଆମ ପଡୋଶୀ ପାକିସ୍ତାନ୍ ବର୍ତ୍ତମାନ ଅସ୍ଥିର ଅବସ୍ଥା ଦେଇ ଗତି କରୁଛି । ବେକାରୀ ସମସ୍ୟା , ଖାଦ୍ୟାଭାବ, ରାଜନୈତିକ ଅସ୍ଥିରତା, ଆର୍ଥିକ ସ୍ଥିତିରେ କ୍ରମାଗତ ନିମ୍ନଗାମୀ ହେଉଥିବା ପାକିସ୍ତାନ୍ ସରକାର ବେଲୁଚିସ୍ତାନ୍ ପ୍ରଦେଶ ନିମନ୍ତେ ଖୁବ୍ ଚିନ୍ତିତ । ସାମାନ୍ୟ ଟିକେ ହେୟ ଜ୍ଞାନ କରିଲେ ହୁଏତ ବେଲୁଚିସ୍ତାନ୍ ପାକିସ୍ତାନ୍ ଠାରୁ ଅଲଗା ହୋଇ ଏକ ସ୍ୱତନ୍ତ୍ର ଦେଶ ହୋଇଯାଇପାରେ, ଅତୀତରେ ପାକିସ୍ତାନ୍‌ର ଅଦୂରଦୃଷ୍ଟିତା ତଥା କ୍ଷମତା ଲୋଭ ପାଇଁ ୧୯୭୧ ମସିହାରେ ପୂର୍ବ ପାକିସ୍ତାନ୍ ପଶ୍ଚିମ ପାକିସ୍ତାନ୍ ଠାରୁ ଅଲଗା ହୋଇ ଏକ ନୂତନ ଦେଶ 'ବାଂଲାଦେଶ 'ର ଜନ୍ମ ହେଲା । ଯେଉଁ ଦେଶର ଶାସକ ପାତରଅନ୍ତର କରି ନିଜ ଦେଶର କିଛି ଅଂଶ ବିଶେଷ , କିଛି ନିର୍ଦ୍ଦିଷ୍ଟ ଅଧିବାସୀ , କିଛି ରାଜନୈତିକ ତଥା ଅସୂୟା ମନୋଭାବ ରଖି ନାଗରିକଙ୍କୁ ଶୋଷଣ କରିବା, ଅତ୍ୟାଚାର କରିବା, ଶିକ୍ଷା, ସ୍ୱାସ୍ଥ୍ୟ , ଉପଯୁକ୍ତ ଖାଦ୍ୟପେୟ, ଜଳ, ଗମନାଗମନ ପ୍ରତି ଦୃଷ୍ଟି ନଦେବା ମାନବିକ ଅଧିକାର ଉଲ୍ଲଙ୍ଘନ କରିବା ପରି କାର୍ଯ୍ୟ ବା ନୀତି ପ୍ରଣୟନ କରିଥା'ନ୍ତି ସେହି ଦେଶର ଅତ୍ୟାଚାରିତ ଜନତା ସଂଘବଦ୍ଧ ହୋଇ ସରକାରଙ୍କ ବିରୋଧୀ ହେବା ଏକ ସାଧାରଣ କଥା ହୋଇଥାଏ । ପାକିସ୍ତାନ୍ କ୍ଷେତ୍ରରେ ଯଦିଓ ରାଜନୈତିକ ନେତାମାନେ ବେଲୁଚିସ୍ତାନ୍ ପାଇଁ କିଛିଟା କୋହଳ ମନୋଭାବ ପ୍ରକାଶ କରୁଛନ୍ତି କିନ୍ତୁ ସାମରିକ ମୁଖ୍ୟ ସଦା ସର୍ବଦା ପାକିସ୍ତାନ୍ ରାଜନୀତିରେ ହସ୍ତକ୍ଷେପ କରି ନିଜର ଜିଦ୍ ରେ ସରକାରଙ୍କୁ ପ୍ରଭାବିତ କରୁଛନ୍ତି । ଅନ୍ୟଥା ରାଜନୈତିକ ଶାସକ ମୁଖ୍ୟଙ୍କୁ ବହିଷ୍କାର, ବନ୍ଦୀ ତଥା ଅନେକ ନିର୍ଯାତନାର ଶିକାର ହେବାକୁ ପଡୁଛି , ସରକାର ଭାଙ୍ଗିଯାଉଛି । ସେନା ମୁଖ୍ୟ ନିଜ ଅଧିକାର ବାହାରକୁ ଯାଇ ଦେଶକୁ ତଳି ତଲାନ୍ତ କରିବା ସହିତ ଆତଙ୍କବାଦୀମାନଙ୍କୁ ପଡୋଶୀ ଦେଶ ବିରୁଦ୍ଧରେ ନିୟୋଜିତ କରୁଛନ୍ତି, ଯାହାକି ବିଶ୍ୱବାସୀଙ୍କ ସମ୍ମୁଖରେ ଏକ ନିନ୍ଦନୀୟ କାର୍ଯ୍ୟ ରୂପେ ପରିଗଣିତ ହୋଇଛି । ଇତିହାସ କହେ ଆଜି ପର୍ଯ୍ୟନ୍ତ ପାକିସ୍ତାନରେ କୌଣସି ରାଜନୈତିକ ନିର୍ବାଚିତ ପ୍ରଧାନମନ୍ତ୍ରୀ ନିରବଚ୍ଛିନ୍ନ ଭାବେ ପାଞ୍ଚ ବର୍ଷ କାର୍ଯ୍ୟ କରିପାରିନାହାନ୍ତି, ଏହା ପାକିସ୍ତାନ୍‌ବାସୀଙ୍କ ଲାଗି ଏକ ବିଡମ୍ବନା ମାତ୍ର ।

ପାକିସ୍ତାନର କ୍ଷେତ୍ରଫଳ ୮୮୧୯୧୩ ବର୍ଗ କିଲୋମିଟର ତନ୍ମଧ୍ୟରୁ ୧,୦୪୬ କିମି ବେଳାଭୂମି ଆରବ ସାଗର ଲୋହିତ ସାଗରକୁ ଛୁଇଁଛି । ପାକିସ୍ତାନ୍ ଦେଶ ୪ ଗୋଟି ରାଜ୍ୟର ସମଷ୍ଟି ସେଗୁଡିକ ହେଲା ; ବେଲୁଚିସ୍ତାନ୍ , ଖାଇବର୍ ପାକତୁନ୍ ଖାଓବା, ସିନ୍ଧ ଏବଂ ପଞ୍ଜାବ ପ୍ରଦେଶ । ବେଲୁଚିସ୍ତାନ୍ ପ୍ରଦେଶ ସମୁଦାୟ ପାକିସ୍ତାନ୍ କ୍ଷେତ୍ରଫଳର ପ୍ରାୟ ୪୪ ପ୍ରତିଶତ ବା ୩୪୭୧୯୦ ବର୍ଗ କିଲୋମିଟର ବ୍ୟାପି ପାକିସ୍ତାନର ଏକ ବଡ଼ ପ୍ରଦେଶ , ଏଠାକାର ଅଧିବାସୀମାନଙ୍କୁ ବେଲୁଚ୍ କୁହାଯାଏ । ଏମାନଙ୍କ ସଂଖ୍ୟା ୧,୪୮,୯୪,୪୦୨ ଏବଂ ଏହି ପ୍ରଦେଶର ରାଜଧାନୀ କ୍ୱେଟା । ବେଲୁଚିସ୍ତାନ୍ ର ଇତିହାସକୁ ଯଦି ତର୍ଜମା କରିବା ତେବେ ଭାରତ, ପାକିସ୍ତାନ୍ ବ୍ରିଟିଶ ଶାସନ ଅଧୀନରେ ଥିଲା କିନ୍ତୁ ସେହି ସମୟରେ ବେଲୁଚିସ୍ତାନ୍ ସିଧା ସଳଖ ବ୍ରିଟିଶ ଶାସନ ଅଧୀନରେ ନଥିବାରୁ ଦେଶ ସ୍ୱାଧୀନ ହେବା ସମୟରେ ବେଲୁଚିସ୍ତାନ୍ ନିଜ ଇଚ୍ଛା ଅନୁସାରେ ପାକିସ୍ତାନ କିମ୍ବା ଭାରତରେ ମିଶିବା ପାଇଁ ନିଜ ମତସାବ୍ୟସ୍ତ କରିବାର ଅଧିକାର ଥିଲା କିମ୍ବା ନିଜେ ଏକ ସ୍ୱାଧୀନ ରାଷ୍ଟ୍ର ହୋଇ ରହିବାର ଅଧିକାର ମଧ ଥିଲା । ସେହି ସମୟରେ ବେଲୁଚିସ୍ତାନ୍‌ରେ ୪ ଗୋଟି ରାଜ୍ୟ ଥିଲା ସେଗୁଡିକ ହେଲା ; କଲାତ୍ , ଖରାମ୍ , ଲସ୍ ବେଲା , ଏବଂ ମକ୍ରାନ୍ । ଯେତେବେଳେ ଦେଶ ବିଭାଜନର ସମୟ ଉପନୀତ ହେଲା ସେହି ସମୟରେ କଲାତ୍‌କୁ ଛାଡ଼ି ଅନ୍ୟ ତିନି ରାଜ୍ୟ ପାକିସ୍ତାନ୍ ସହିତ ମିଶିବାକୁ ନିଜର ସହମତି ଦେଇଥିଲେ କିନ୍ତୁ କଲାତ୍ ପାକିସ୍ତାନ୍ ସହିତ ମିଶ୍ରଣକୁ ନାକଚ କରି ଦେଇ ଥିଲା , ସେଠାକାର ଶାସକ ମୀର୍ ଅହମ୍ମଦ ଖାଁ ନିଜ ରାଜ୍ୟକୁ ଭାରତ ସହିତ ସାମିଲ୍ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ । ୧୯୪୬ କ୍ୟାବିନେଟ ମିଶନ୍ ଯେତେବେଳେ ଭାରତ ଆସିଥିଲା ସେ ନିଜ ତରଫରୁ ଓକିଲ ହିସାବରେ ମହମ୍ମଦ ଅଲ୍ଲୀ ଜିନ୍ନାଙ୍କୁ ନିଯୁକ୍ତ କରିଥିଲେ । ଜିନ୍ନା ଯୁକ୍ତି ବାଢ଼ିଥିଲେ ଯେ କଲାତ୍‌କୁ ସ୍ୱାଧୀନ ଦେଶ କରିଦିଆଯାଉ । ଅନେକ ଘାତପ୍ରତିଘାତ ମଧ୍ୟରେ ଭାରତୀୟ ନେତାଙ୍କ ଅସହଯୋଗ ପାଇଁ କଲାତ୍ ଭାରତରେ ମିଶିପାରିଲା ନାହିଁ କି ପାକିସ୍ତାନ ସହିତ ହାତ ମିଶାଇଲା ନାହିଁ, ଏକ ସ୍ୱାଧୀନ ରାଷ୍ଟ୍ର ହୋଇ ରହିଗଲା । କଲାତ୍ ପରି ଏକ ଛୋଟ ଲ୍ୟାଣ୍ଡ ଲକ୍ ସ୍ୱାଧୀନ ଦେଶ ଦେଶ ପାକିସ୍ତାନର ଚାପ ଆଗରେ ଆଉ କେତେଦିନ ସଂଗ୍ରାମ କରିପାରିଥାନ୍ତା ? ଶେଷରେ ୨୮ ମାର୍ଚ୍ଚ ୧୯୪୮ ମସିହା ଦିନ ପାକିସ୍ତାନ୍‌ର ଜିନ୍ନା ସରକାର କଲାତ୍ ଉପରେ ଆକ୍ରମଣ କରି କଲାତ୍‌ର ଶାସନ ମୁଖ୍ୟ ମୀର୍ ଅହମ୍ମଦ ଖାଁଙ୍କୁ ବଳ ପ୍ରୟୋଗ କରି କରାଚୀକୁ ଅପହରଣ କରି ନେଇଥିଲେ ଏବଂ ଜୋର ଜବରଦସ୍ତ ତାଙ୍କ ଠାରୁ ମିଶ୍ରଣପତ୍ର ଉପରେ ସ୍ୱାକ୍ଷର ନିଆଯାଇଥିଲା, ଭାଗ୍ୟର ବିଡମ୍ବନା ୨୨୫ ଦିନର ସ୍ୱାଧୀନ ରାଷ୍ଟ୍ର ଶେଷରେ ପାକିସ୍ତାନର ଏକ ଅଂଶ ହୋଇ ରହିଗଲା ।

ବେଲୁଚ୍‌ମାନେ ଯଦିଓ ମୁସଲମାନ୍ ସମ୍ପ୍ରଦାୟର ତଥାପି ସେମାନଙ୍କ କଳା ସଂସ୍କୃତି ପାକିସ୍ତାନୀମାନଙ୍କ ଠାରୁ ଅଲଗା ସେମାନେ ଇରାନ ଏବଂ ଆଫଗାନ୍ ସଭ୍ୟତା ସହିତ କିଛି ମାତ୍ରାରେ ଜଡିତ । ତେଣୁ ପାକିସ୍ତାନ୍‌ର ସିନ୍ଧ , ପଞ୍ଜାବ ପ୍ରଦେଶର ଲୋକେ ବେଲୁଚ୍ ମାନଙ୍କୁ ନ୍ୟୁନ ଚକ୍ଷୁରେ ଦେଖନ୍ତି । ସରକାରଙ୍କ ସବୁ ପ୍ରକାର ସୁବିଧାସୁଯୋଗ ଅନ୍ୟ ପ୍ରଦେଶର ଜନତା ପାଉଥିବା ସମୟରେ ବେଲୁଚ୍‌ମାନେ ସେଥିରୁ ବଞ୍ଚିତ ତଥା ଶିକ୍ଷା ସ୍ୱାସ୍ଥ୍ୟ , ଖାଦ୍ୟ ପେୟ , ଆର୍ଥିକ ସ୍ଥିତି ସବୁଥିରେ ଅବହେଳିତ ହେଉଛନ୍ତି । ବେଲୁଚ୍‌ମାନେ ସରକାର ବିରୋଧରେ ସ୍ୱର ଉତ୍ତୋଳନ ସହିତ ସ୍ୱାଧୀନ ଦେଶ ହେବାର ଆଶା ନେଇ ବିଦ୍ରୋହ କରୁଛନ୍ତି । ବେଲୁଚିସ୍ତାନ୍‌ରେ ପାକିସ୍ତାନ୍ ଏକ ପ୍ରକାର ଦମନଲୀଳା ଚଳାଇ ବିଦ୍ରୋହକୁ ଦମନ କରିବାକୁ ଚେଷ୍ଟା କରୁଛି କିନ୍ତୁ ଏହା ସଫଳ ହୋଇପାରୁନାହିଁ । ଅନେକ ନେତାମାନଙ୍କୁ ହତ୍ୟା କରିବା, ଜେଲ୍‌ରେ ନିକ୍ଷେପ କରାଯାଉଛି । ଏହାର ଭୂମି ତଳ ଅନେକ ଅମୂଲ୍ୟ ସମ୍ପଦରେ ପରିପୂର୍ଣ୍ଣ ହୋଇ ରହିଛି। ସୁନା ,ୟୁରାନିୟମ, ପେଟ୍ରୋଲ, ଗ୍ୟାସ ପରି ଦୁର୍ମୂଲ୍ୟ ପଦାର୍ଥର ଭଣ୍ଡାର ପାକିସ୍ତାନ ପାଇଁ ଏକ ବରଦାନ କହିଲେ ଅତ୍ୟୁକ୍ତି ହେବ ନାହିଁ । ପ୍ରାକୃତିକ ଗ୍ୟାସ୍ ତଥା ଖଣିଜ ପଦାର୍ଥରେ ପରିପୂର୍ଣ୍ଣ ବେଲୁଚିସ୍ତାନ୍‌ରୁ ପାକିସ୍ତାନ୍ ସରକାର୍ ଭରପୂର ଲାଭ ଉଠାଇ ପଞ୍ଜାବ, ସିନ୍ଧ ଅଞ୍ଚଳରେ ବ୍ୟବହାର କରୁଥିବା ସମୟରେ ବେଲୁଚ୍‌ମାନେ ସଦା ସର୍ବଦା ଅବହେଳିତ ହେଉଛନ୍ତି । ବେଲୁଚିସ୍ତାନ୍ ରେ ଦୁଇ ସମ୍ପ୍ରଦାୟର ଲୋକ ବାସ କରନ୍ତି ସେମାନେ ହେଲେ ପସତୁନ୍ ଏବଂ ବେଲୁଚ୍ ଜାତି । ପଶ୍ଚିମରେ ୪୮ ପ୍ରତିଶତ ପସତୁନ୍ ମାନେ ରହୁଥିବା ବେଳେ ମଧ୍ୟ ଏବଂ ଦକ୍ଷିଣରେ ୫୦ ପ୍ରତିଶତ ବେଲୁଚ୍ ବସବାସ କରନ୍ତି । ପସତୁନ୍‌ମାନେ ଅନେକଟା ଉନ୍ନତ ତଥା ଶିକ୍ଷା ଦୀକ୍ଷାରେ ବେଲୁଚ୍‌ମାନଙ୍କ ଠାରୁ ଆଗରେ ରହିଛନ୍ତି । ଦୁଇ ସମ୍ପ୍ରଦାୟ ପରସ୍ପର ଠାରୁ ସମ୍ପୂର୍ଣ୍ଣ ଅଲଗା ସଂସ୍କୃତି , ରୀତିନୀତି, ଚାଲିଚଳନକୁ ପାଥେୟ କରିଚାଲିଛନ୍ତି । ପାକିସ୍ତାନର ତିନୋଟି ନୌସେନା କେନ୍ଦ୍ର ମଧ୍ୟ ଏହି ପ୍ରଦେଶରେ ଅବସ୍ଥିତ। ପାକିସ୍ତାନ ନିଜର ଆଣବିକ ପରୀକ୍ଷା ମଧ୍ୟ ଏହି ବେଲୁଚିସ୍ତାନ ପ୍ରଦେଶରେ କରିଥିଲା। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଏହି ବେଲୁଚିସ୍ତାନ ପ୍ରଦେଶରେ ଥିବା ବିରାଟ ସାମୁଦ୍ରିକ ଗ୍ୱାଦର୍ ବନ୍ଦରକୁ ପାକିସ୍ତାନ୍ ସରକାର ଚୀନକୁ ଲିଜ୍ ବା ଚୁକ୍ତି କରିଦେଇଛି ଏବଂ ସି :ପି :ଇ :ସି ବା ଚାଇନା -ପାକିସ୍ତାନ୍ -ଇକୋନୋମିକ୍ କରିଡୋର୍ ଯାହାକି ଚୀନ୍ ଦେଶରୁ ବେଲୁଚିସ୍ତାନ୍ ମଧ୍ୟ ଦେଇ ଗ୍ୱାଦର୍ ଏଡଇଉଇଜ ବନ୍ଦର ପର୍ଯ୍ୟନ୍ତ ଯିବ । ଏହାଦ୍ୱାରା ଚୀନ ଅନେକ ସୁବିଧା ସୁଯୋଗ ପାଇବା ସହିତ ବେଲୁଚିସ୍ତାନରେ ଗଚ୍ଛିତ ଖଣିଜ ସମ୍ପଦ ତୈଳ ଇତ୍ୟାଦି ଉପରେ ଚୀନ ଲୋଲୁପ ଦୃଷ୍ଟି ପକାଇଛି ଯାହାକୁ କି ବେଲୁଚ୍‌ମାନେ ବିରୋଧ କରିଆସୁଛନ୍ତି । ଏତେ ଖଣିଜ ସମ୍ପଦର ଅଧିକାରୀ ଏହି ବେଲୁଚ୍‌ମାନେ କାହିଁକି ଆଜି ଏତେ ଦରିଦ୍ର ? କାହିଁକି ପାକିସ୍ତାନ ୭୦ ପ୍ରତିଶତ ବେଲୁଚ୍‌ମାନଙ୍କୁ ତାଙ୍କର ସର୍ବନିମ୍ନ ଅଧିକାରରୁ ବଞ୍ଚିତ କରୁଛି ? କାହିଁକି ପାକିସ୍ତାନ୍ ମାନବିକ ଅଧିକାର ଉଲ୍ଲଙ୍ଘନ କରୁଛି ? କାହିଁକି ବେଲୁଚ୍‌ମାନେ ଆଜି ପାକିସ୍ତାନରୁ ଅଲଗା ହେବାକୁ ଚାହୁଁଛନ୍ତି ? ସେଠାରେ ୧୮ ଲକ୍ଷରୁ ଅଧିକ ପିଲା ସ୍କୁଲ ଯିବାରୁ ବଞ୍ଚିତ । ପାଞ୍ଚ ହଜାର ସ୍କୁଲ ଆଜି ଅବହେଳିତ । ସ୍ୱାସ୍ଥ୍ୟ ସେବା ନାହିଁ କହିଲେ ଚଳେ । ଶିଶୁ ମୃତ୍ୟୁ ହାର ଅନେକ ବେଶୀ। ମହିଳାମାନେ ନିର୍ଯାତିତ ଅବହେଳିତ। ପାନୀୟ ଜଳର ଘୋର ଅଭାବ ତଥା ସେନା /ପ୍ରଶାସନର ଅସହ୍ୟ ଚାପ ଜନଜୀବନକୁ ଅସ୍ତ ବ୍ୟସ୍ତ କରିପକାଉଛି । ୨୦୦୦ ମସିହାରୁ ବି :ଏଲ :ଏ ବା ବେଲୁଚିସ୍ତାନ୍ ଲିବରେସନ୍ ଆର୍ମି ଜନ୍ମ ନେଇ ଏକ ସ୍ୱତନ୍ତ୍ର ଦେଶ ପାଇଁ ପାକିସ୍ତାନ ବିରୋଧରେ ସଂଗ୍ରାମ ଚଳାଇ ଆସିଛି। ଏକ ସ୍ୱତନ୍ତ୍ର ଜାତୀୟ ପତାକା ମଧ୍ୟ ପ୍ରଚଳିତ କରିଛି । ପାକିସ୍ତାନ୍ ସରକାର ଏମାନଙ୍କୁ ଆତଙ୍କବାଦୀ ତାଲିକାରେ ରଖି ଦମନ କରିଚାଲିଛନ୍ତି କିନ୍ତୁ ଏହି ଦମନକୁ ଏମାନେ ନିଜ ଶକ୍ତି ଦ୍ୱାରା ମୁକାବିଲା କରୁଛନ୍ତି । ଇରାନ୍ ଏବଂ ଆଫଗାନିସ୍ତାନ୍‌ରୁ ଏମାନଙ୍କୁ ସହାୟତା ଦିଆଯାଉଛି। ନିଜର ହକ୍ ପାଇଁ ଲଢୁଥିବା ବିଦ୍ରୋହୀ ଗୋଷ୍ଠୀଙ୍କୁ ଅନେକ ସ୍ଥାନରୁ ସମର୍ଥନ ମିଳୁଛି। ହୁଏତ ଭବିଷ୍ୟତର ଏକ ଶୁଭ ସକାଳର ସୂର୍ଯ୍ୟୋଦୟ ସହିତ ଏମାନେ ନିଜକୁ ଏକ ସ୍ୱତନ୍ତ୍ର ସ୍ୱାଧୀନ ଦେଶର ନାଗରିକ ଭାବେ ବିଶ୍ୱରେ ପରିଚିତ କରାଇବେ । ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଅପରାଧ ନୁହେଁ ବରଂ ଏକ ଜନ୍ମଗତ ଅଧିକାର ବୋଲି ବିବେଚନା କରାଯାଏ । ଜୟ ହିନ୍ଦ୍ ।

# ଟ୍ରମ୍ପଙ୍କ ପ୍ରଥମ ଷ୍ଟ୍ରାଇକ୍



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ: ୯୪୩୭୯୯୪୩୭୯

ଦ୍ୱିତୀୟ ଥର ଲାଗି ତଥା ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଡୋନାଲ ଟ୍ରମ୍ପଙ୍କ ଶପଥ ଗ୍ରହଣ କରିବାର କିଛି ମୁହୂର୍ତ୍ତ ମଧ୍ୟରେ ୨୬ଟି ଗୁରୁତ୍ୱପୂର୍ଣ୍ଣ ଆଦେଶନାମା କାର୍ଯ୍ୟାନୁଷ୍ଠାନ ଏବଂ ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିବା ତାଙ୍କ ଚାରି ବର୍ଷିଆ କାର୍ଯ୍ୟକାଳରେ ଏଜେଣ୍ଡାର ପ୍ରଶାସନର ନୀତିର ସଂକେତ ପ୍ରଦାନ କରୁଛି ବୋଲି କୁହାଯାଇପାରିବ। ଏହି ଗୁରୁତ୍ୱପୂର୍ଣ୍ଣ ଆଦେଶନାମା ମଧ୍ୟରେ ପ୍ୟାରିସ୍ ଜଳବାୟୁ ରାଜିନାମାରୁ ଆମେରିକା ପୁଣି ଓହରିଯିବା, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) ସହ ସମ୍ପର୍କ ଛିନ୍ନ, ୨୦୨୧ରେ କ୍ୟାପିଟାଲ ଦଙ୍ଗାରେ ସମ୍ପୃକ୍ତ ୧୬୦୦ ଅଭିଯୁକ୍ତଙ୍କୁ କ୍ଷମା ପ୍ରଦାନ, ବେଆଇନ ଅନୁପ୍ରବେଶକାରୀ ଏବଂ ଅସ୍ଥାୟୀ ଭିସାରେ ରହୁଥିବା ବିଦେଶୀଙ୍କ ଆମେରିକାରେ ଜନ୍ମିତ ପିଲାଙ୍କୁ ନାଗରିକତ୍ୱ ରଦ୍ଦ, ବ୍ରିକ୍ସ ରାଷ୍ଟ୍ରଙ୍କ ଉପରେ ୧୦୦ ପ୍ରତିଶତ ଟିକସ ଲାଗୁ, କାନାଡା ଓ ମେକ୍ସିକୋ ଉପରେ ଫେବୃୟାରୀ ପହିଲାରୁ ୨୫ ପ୍ରତିଶତ ଟିକସ ଲାଗୁ, ମେକ୍ସିକୋ ସୀମାରେ ଜରୁରୀ ପରିସ୍ଥିତି ଜାରି ଏବଂ ଅଧିକ ସେନା ମୁତୟନ ଲାଗି ନିର୍ଦ୍ଦେଶ ନାମାରେ ସ୍ୱାକ୍ଷର କରିଥିବାବେଳେ ପୂର୍ବତନ ରାଷ୍ଟ୍ରପତି ଜୋ.ବାଇଡେନଙ୍କ ପ୍ରଶାସନର ୭୮ଟି ସରକାରୀ ଆଦେଶନାମା ଓ ସ୍ମାରକପତ୍ରକୁ ରଦ୍ଦ କରିଦେଇଛନ୍ତି। ଏଥିରୁ ଟ୍ରମ୍ପ କେତେ ପ୍ରତିକ୍ରିୟାଶୀଳ ହୋଇପଡିଛନ୍ତି, ତାହା ସ୍ପଷ୍ଟ ଅନୁମାନ କରାଯାଇପାରେ। ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱ ତାପମାତ୍ରା ୧.୫ ସେଲସିଅସ୍‌ରେ ସୀମିତ ରଖିବା ପାଇଁ ୨୦୧୫ ପ୍ୟାରିସ ରାଜିନାମା ସ୍ୱାକ୍ଷରିତ ହୋଇଥିଲା। ଯେଉଁ ରାଜିନାମାରେ ଆମେରିକା ସ୍ୱାକ୍ଷର କରିଥିଲା। ଆମେରିକା ପୁନର୍ବାର ରାଜିନାମାରୁ ଓହରିଯିବା ବିଶ୍ୱଜଳବାୟୁ ପରିବର୍ତ୍ତନ ମୁକାବିଲା ପାଇଁ ବୈଶ୍ୱିକ ଅଭିଯାନ ପ୍ରତି ଶକ୍ତ ଧକ୍କା ସଦୃଶ ହୋଇଛି। ସେହିପରି ହୁ' ସହ ଆମେରିକାର ସମ୍ପର୍କ ଛିନ୍ନ ବିଶ୍ୱ ସଂସ୍ଥା ପ୍ରତି ଆଉ ଏକ ଧକ୍କା। କହିବା ବାହୁଲ୍ୟ ଯେ, ମହାମାରୀ କୋରୋନାରେ ଆମେରିକାର ୩ଲକ୍ଷ ୫୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା। କୋରୋନା ଭୂତାଣୁର ସୃଷ୍ଟିକାରୀ ଚୀନ ବିରୁଦ୍ଧରେ ତଦନ୍ତ ଶିଥିଳତା ଏବଂ କୋହଳ ମନୋଭାବ ଗ୍ରହଣ କରିଥିବା ଅଭିଯୋଗ କରି ହୁ' ଉପରୁ ଟ୍ରମ୍ପ ସମର୍ଥନ ପ୍ରତ୍ୟାହାର କରିଛନ୍ତି। ଆଉ ଏକ ଉଲ୍ଲେଖଯୋଗ୍ୟ ଘଟଣାଯେ, ଆମେରିକାରେ ଜନ୍ମିତ ଶିଶୁଙ୍କୁ ସମ୍ବିଧାନର ୧୪ତମ ସଂଶୋଧନ ନାଗରିକତ୍ୱ ଅଧିକାର ଦେଇଥିବା ବେଳେ ଟ୍ରମ୍ପ ତାହାକୁ ରଦ୍ଦ କରିଦେଇଛନ୍ତି। ଏହା ବ୍ୟତୀତ ଟ୍ରମ୍ପ ୨୦୨୦ ନିର୍ବାଚନରେ ବାଇଡେନଙ୍କ ଠାରୁ ଶୋଚନୀୟ ଭାବେ ପରାଜିତ ହେବା ପରେ ତାଙ୍କର ସମର୍ଥକମାନେ କ୍ୟାପିଟାଲରେ ଯେଉଁଭଳି ପ୍ରତିବାଦ ସହ ହିଂସାକାଣ୍ଡ ସୃଷ୍ଟି କରିଥିଲେ, ସେମାନଙ୍କୁ ସର୍ବକ୍ଷମା ପ୍ରଦାନ କରି ଟ୍ରମ୍ପ ସମର୍ଥକମାନଙ୍କ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରିଛନ୍ତି ବୋଲି କୁହାଯାଇପାରେ। ଯାହା ଆମେରିକାର ଗଣତନ୍ତ୍ର ପ୍ରତି ଏକ ଶକ୍ତ ଧକ୍କା ଥିଲା। ଉଲ୍ଲେଖଯୋଗ୍ୟ ଯେ, ରୁଷ-ୟୁକ୍ରେନ ଯୁଦ୍ଧ ସମେତ ଅନ୍ୟ ରାଷ୍ଟ୍ରର ଯୁଦ୍ଧରେ ଆମେରିକା ମୁଣ୍ଡ ପୁରାଇବେ ନାହିଁ। ଅର୍ଥାତ ଏଣିକି ୟୁକ୍ରେନକୁ ଆମେରିକା ଆଉ ସହାୟତା ଦେବ ନାହିଁ । ଶପଥ ଗ୍ରହଣ କରିବା ପରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେବା ଅବସରରେ ଏକ ବର୍ଷ ଦେଇଛନ୍ତି। ଆମେରିକା ଶାନ୍ତି ଚାହେଁ, ଯୁଦ୍ଧ ନୁହେଁ ବୋଲି ବାର୍ତ୍ତା ଦେଇ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବାକୁ ସଂକଳ୍ପବଦ୍ଧ ଥିବା ସଂକେତ ବହନ କରେ। ସେହିପରି ସମଗ୍ର ବିଶ୍ୱକୁ ଆତଙ୍କବାଦ ମୁକ୍ତ କରିବା ପାଇଁ ଯେଉଁ ଘୋଷଣା କରିଛନ୍ତି, ତାହା ଆତଙ୍କୀ ସଂଗଠନଗୁଡିକ ପାଇଁ ଏକ ଚେତାବନୀ ସଦୃଶ ହୋଇଛି। ଆହୁରି ମଧ୍ୟ ଆମେରିକାରେ ଅନୁପ୍ରବେଶକାରୀଙ୍କ ପ୍ରତି ତାଙ୍କ ପ୍ରଶାସନ କଠୋର ନୀତି ଅବଲମ୍ବନ କରିବା ସହ ଏବେ ଥିବା ବେଆଇନ ଅନୁପ୍ରବେଶକାରୀଙ୍କୁ ଦେଶରୁ ବହିଷ୍କାର କରିବାକୁ ଘୋଷଣା ପୁଣି ଥରେ ଦୋହରାଇଛନ୍ତି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ପାନାମା କେନାଲରେ ଅଧିକାର ଜାହିର କରିବାକୁ ଘୋଷଣା କରି ସେ ଚୀନକୁ ସିଧାସଳଖ କଡା ଚେତାବନୀ ଦେଇଛନ୍ତି ବୋଲି କହିଲେ ଅତିରଂଜିତ ହୋଇନପାରେ। ସେହିପରି ଚୀନକୁ ଭାରତ ସହ ସମ୍ପର୍କକୁ ନିବିଡି କରି ଚୀନ ବିସ୍ତାରବାଦୀ ନୀତିକୁ ଦମନ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି, ଯାହାକି ଏକ ଚତୁର କୁଟନୈତିକ ଗୋଟିଚାଳନା। ଏହା ବ୍ୟତୀତ ଆମେରିକରେ ଦରଦାମ ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ଅଗ୍ରାଧିକାର ଦେଇଛନ୍ତି। କେବଳ ଏତିକି ନୁହେଁ, ଆମେରିକାର ଅର୍ଥନୀତିକୁ ସୁଦୃଢ଼ କରିବା, ଡଲାରକୁ ଶକ୍ତିଶାଳୀ କରିବା, ଡଲାରକୁ ଦୁର୍ବଳ କରୁଥିବା ଶକ୍ତିଙ୍କୁ ଦମନ କରିବା ପାଇଁ ୧୦୦ ପ୍ରତିଶତ ଟିକସ ଲାଗୁ କରିବା ତାଙ୍କ ଅର୍ଥନୈତିକ ନୀତି ସମ୍ପର୍କରେ ସୂଚନା ପ୍ରଦାନ କରେ। ଆମେରିକାରୁ ବିଶ୍ୱରେ ଆହୁରି ସୁଦୃଢ଼ ଓ ଶକ୍ତିଶାଳୀ କରିବା ପାଇଁ ତାଙ୍କର ଘୋଷଣା ବିଶ୍ୱ ବଡଭାଇ ପଣିଆ ଜାରି ରଖିବା ତାଙ୍କ ପ୍ରଶାସନର ମୁଖ୍ୟ ଆଭିମୁଖ୍ୟ ଥିବା ତାଙ୍କର ଦେଶବାସୀଙ୍କ ଉଦ୍ଦେଶ୍ୟ ଦେଇଥିବା ଉଦ୍‌ବୋଧନ ଗୁରୁତ୍ୱ ବହନ କରେ। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ସହ ଯୁଦ୍ଧ ଓ ଆତଙ୍କବାଦ ମୁକ୍ତ ବିଶ୍ୱ ଗଠନ ଗଠନ ତାଙ୍କ ପ୍ରଶାସନର ଆଭିମୁଖ୍ୟ ହେଉ, ଏହା ହିଁ ଦେଶବାସୀ ଆଶା କରନ୍ତି। ତେବେ ନିର୍ବାଚନ ପ୍ରତିଶ୍ରୁତି ଏବଂ ଦାୟିତ୍ୱ ଗ୍ରହଣ ପରେ କରିଥିବା ଘୋଷଣାକୁ କାର୍ଯ୍ୟକାରୀ କରିବା ଟ୍ରମ୍ପଙ୍କ ପାଇଁ ସବୁଠୁ ବଡ ଆହ୍ୱାନ ଏହା ନିସନ୍ଦେହ ।

# ସଡ଼କ ସୁରକ୍ଷା ସ୍ଲୋଗାନ ନୁହେଁ- ସଂକଳ୍ପ ହେଉ



ଚିତ୍ତରଞ୍ଜନ ପୃଷ୍ଟି
ନିମାପଡ଼ା, ପୁରୀ
ମୋ: ୯୭୭୮୧୭୭୫୦୧

ଏ ସୃଷ୍ଟିରେ ମଣିଷକୁ ଶ୍ରେଷ୍ଠପ୍ରାଣୀ ଭାବେ ବିବେଚନା କରାଯାଉଛି । ମଣିଷ ଜୀବନ ଦୁର୍ଲଭ ଅଟେ । ସେ ସୁସ୍ଥ ସୁନ୍ଦର ଜୀବନ ଅତିବାହିତ କରିବା ପାଇଁ କରିଛି ଅନେକ ନୀତି ନିୟମ। ମଣିଷ ଉଚ୍ଚ ଆଶା ପୋଷଣକରି ପ୍ରତି ମୁହୂର୍ତ୍ତରେ ଅଣ ନିଃଶ୍ୱାସୀ ହୋଇ ଦୌଡୁଛି । ପ୍ରତି କ୍ଷେତ୍ରରେ ଚାଲିଛି ପ୍ରତିଯୋଗିତା ।ଏହି ଦ୍ରୁତ ପ୍ରତିଯୋଗିତାରେ ମଣିଷ ନିଜେ ତିଆରି କରିଥିବା ନୀତି ନିୟମକୁ ଭୁଲିଯାଉଛି ।ଯାହାଦ୍ୱାରା ଅଧିକାଂଶ ସମୟରେ ବିପଦର ସମ୍ମୁଖୀନ ହେଉଛି ।ଆମେ ସମସ୍ତେ 'ସଡକ ସୁରକ୍ଷା ଜୀବନ ରକ୍ଷା' ସ୍ଲୋଗାନ ଦେଉଛେ ଜନସଚେତନତା ସୃଷ୍ଟି ପାଇଁ । କିନ୍ତୁ ଆମେ କେତେ ସଚେତନ ତାହା ଏବେ ସମସ୍ତଙ୍କ ପାଇଁ ପ୍ରଶ୍ନବାଚୀ । ସଡକ ସୁରକ୍ଷା ସପ୍ତାହ ଓ ସଡକ ସୁରକ୍ଷା ମାସ ପାଳନ ଦ୍ୱାରା ସଡକ ଦୁର୍ଘଟଣା ହ୍ରାସ ବଦଳରେ ବୃଦ୍ଧି ପାଇବାରେ ଲାଗୁଛି । ଏବଂ ସଡକ ଦୁର୍ଘଟଣା ଜନିତ ମୃତ୍ୟୁସଂଖ୍ୟା ମଧ୍ୟ ବଢିଚାଲିଛି ।

ସାରା ଦୁନିଆରେ ସଡକ ଦୁର୍ଘଟଣାରେ ହେଉଥିବା ମୃତ୍ୟୁ ମାମଲାରେ ଭାରତ ଆଗରେ ରହିଛି। ଆକୋ ଦ୍ୱାରା ଜାରି ଆକ୍ସିଡେଣ୍ଟ ଇଣ୍ଡେକ୍ସ ୨୦୨୪ ଅନୁସାରେ ଭାରତର ମେଟ୍ରୋ ସହରର ସମସ୍ତ ସଡକ ଦୁର୍ଘଟଣାର ୭୮ ପ୍ରତିଶତ ଅଟେ, ଯେଉଁଥିରେ ହାଇଦ୍ରାବାଦ ଓ ଦିଲ୍ଲୀ ସବୁଠାରୁ ଆଗରେ ରହିଛନ୍ତି । ଏହା ପରେ ପୁଣେ ଓ ବେଙ୍ଗାଲୁରୁ ଯଥାକ୍ରମେ ୧୫.୯ ପ୍ରତିଶତ ଓ ୧୪.୨ ପ୍ରତିଶତ ଘଟଣା ସହିତ ଆଗରେ ରହିଛନ୍ତି । ସଡକ ସୁରକ୍ଷାକୁ ଆମେରିକା, ଚୀନ, ରଷିଆ, ନରୱେ, ଡେନମାର୍କ ଓ ଜାପାନ ଭଳି ଦେଶ ପ୍ରାଥମିକତା ଦେଇଆସୁଥିବାବେଳେ ଦୁର୍ଘଟଣା ସଂଖ୍ୟା କମୁଛି । ଟ୍ରାଫିକ ନିୟନ୍ତ୍ରଣ ଉପରେ ବିଶେଷ ଧ୍ୟାନ ଦିଆଯାଉଥିବାରୁ ବିଗତ ଦଶନ୍ଧି ମଧ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ପୂର୍ବ ଅପେକ୍ଷା ପ୍ରାୟ ଅଧା ହୋଇଯାଇଛି । କିନ୍ତୁ ଭାରତରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ବଦଳରେ ବୃଦ୍ଧି ପାଇବାରେ ଲାଗିଛି ।

ଭାରତର ବିଭିନ୍ନ ସ୍ଥାନରୁ ପ୍ରତ୍ୟେକ ଦିନ ଦୁଃଖଦ ଘଟଣା ନଜରକୁ ଆସୁଛି । ଏପରିକି ଦେଶରେ ପ୍ରତି ୩ ମିନିଟରେ ଯାନବାହନ ଦୁର୍ଘଟଣା ଘଟୁଛି । ଭାରତରେ ବର୍ତ୍ତମାନ ଭୟଙ୍କର ସ୍ଥିତି ଉପୁଜିଛି । ବସ୍ ଏବଂ ଅନ୍ୟାନ୍ୟ ଦୁର୍ଘଟଣାରେ ବାର୍ଷିକ ୯ ହଜାର ଜୀବନ ହାନି ହେଉଛି । ପ୍ରତି ବର୍ଷ ହଜାର ହଜାର ସଂଖ୍ୟାରେ ଛୋଟ ପିଲା ଓ ବୟସ୍କଙ୍କ ଜୀବନ ଯାଉଛି। ଅନ୍ତର୍ଜାତୀୟ ସଡକ ଫେଡେରେସନ (International Road Federation) ଅନୁଯାୟୀ, ୨୦୨୧ରେ ଆମେରିକାରେ ୧୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୨୨ରେ ଚୀନରେ ୨୧୫ ଜଣଙ୍କ ଦୁର୍ଘଟଣା ଜନିତ ମୃତ୍ୟୁ ହୋଇଥିଲା । ମୋଟାମୋଟି ଭାବେ ଦେଖିବାକୁ ଗଲେ ବିଶ୍ୱରେ ଘଟୁଥିବା ଦୁର୍ଘଟଣାର ୧୧% କେବଳ ଭାରତରେ ଘଟୁଛି ।

ସଡକ ଦୁର୍ଘଟଣାର ପ୍ରମୁଖ କାରଣ ହେଉଛି ଅଜ୍ଞତା, ଅସଚେତନତା ଓ ଅସାବଧାନତା । ହେଲମେଟ୍ ନପିନ୍ଧିବା କିମ୍ବା ନିଶାଗ୍ରସ୍ତ ଅବସ୍ଥାରେ ଗାଡିଚାଳନା କରିବା ଦୁର୍ଘଟଣା ଘଟିବାର ପ୍ରମୁଖ କାରଣ ଅଟେ । ସାଧାରଣତଃ ୧୮ ବର୍ଷରୁ କମ୍ ବୟସ୍କ ପିଲାମାନେ ଅତି ଦ୍ରୁତଗତିରେ ଗାଡି ଚଳାଇ ନିଜର ତଥା ଅନ୍ୟମାନଙ୍କର ଜୀବନକୁ ବିପଦ ମୁଖକୁ ଠେଲି ଦେଉଛନ୍ତି । ସଡକ ଦୁର୍ଘଟଣାର ଅନ୍ୟ କାରଣ ହେଉଛି ଗାଡି ଚଳାଇବା ସମୟରେ ମୋବାଇଲ ଫୋନରେ କଥାବାର୍ତ୍ତା ହେବା । ସାଧାରଣତଃ ଯୁବଗୋଷ୍ଠୀ ଗାଡି ଚଳାଇବା ସମୟରେ ମୋବାଇଲରେ ମେସେଜ କରିବା ହେଉ କିମ୍ବା ଉଚ୍ଚ ସ୍ୱରରେ ସଙ୍ଗୀତ ଶୁଣିବାଦ୍ୱାରା ସଡକ ଦୁର୍ଘଟଣା ଘଟିଥାଏ । ଅନେକ ସମୟରେ ଗାଡି ଚାଳକମାନେ ସିଟ୍ ବେଲ୍ଟ ନପିନ୍ଧିବା, ରାସ୍ତାର ସଂକେତ ନ ମାନି ଗାଡି ଚଳାଇବା ଦ୍ୱାରା ଦୁର୍ଘଟଣା ଘଟିଥାଏ । ଏତଦ୍‌ବ୍ୟତୀତ ଅପରିପକ୍ୱ ଡ୍ରାଇଭର ଦ୍ୱାରା ଗାଡି ଚାଳନା, ସୀମିତ ବେଗଠାରୁ ଅଧିକ ବେଗରେ ଗାଡି ଚାଳନା, ଟ୍ରାଫିକ ନିୟମ ଓ ସଂକେତକୁ ନ ମାନିବା ଓ ରାସ୍ତାର ଅବସ୍ଥା ଖରାପ ହେବା ଇତ୍ୟାଦି ସଡକ ଦୁର୍ଘଟଣା ପାଇଁ ଦାୟୀ ।

ରାସ୍ତା ଦୁର୍ଘଟଣାର ଅନେକ କାରଣ ଥିଲେ ହେଁ କେତେକ ପ୍ରମୁଖ କାରଣ ସଂପର୍କରେ ସଚେତନ ହେଲେ ଦୁର୍ଘଟଣାକୁ ଏଡାଇ ଦିଆଯାଇପାରିବ । ଗାଡିରେ ଓଭରଲୋଡିଂ ନ ନେବା,ଅଧିକ ବେଗରେ ଗାଡି ନ ଚଳାଇବା, ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡି ନ ଚଳାଇବା, ଟ୍ରାଫିକ୍ ନିୟମ ମାନିବା, ମାଲବାହୀ ଗାଡିରେ ଯାତ୍ରୀ ନେବା ଆଣିବା ନକରିବା, ନିଶାଦ୍ରବ୍ୟ ସେବନ କରି ଗାଡି ନ ଚଳେଇବା, ଦୁଇଚକିଆ ଯାନ ଚଳାଇବାବେଳେ ସର୍ବଦା ହେଲମେଟ ବ୍ୟବହାର କରିବା, ଚାରିଚକିଆ ଯାନ ଚଳାଇବାବେଳେ ସିଟବେଲ୍ଟ ବ୍ୟବହାର କରିବା,ଗାଡି ଚଳାଇବାବେଳେ ମୋବାଇଲ ଫୋନ ବ୍ୟବହାର ନ କରିବା, ନିର୍ଦ୍ଧାରିତ ରାସ୍ତାରେ ଗାଡି ଚଳାଇବା ଇତ୍ୟାଦି ।

ସଡକ ନିରାପତ୍ତା ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ରାସ୍ତାରେ ଘଟୁଥିବା ଦୁର୍ଘଟଣା ବା ମୃତ୍ୟୁ ଠାରୁ ଜନସାଧାରଣଙ୍କ ନିରାପତ୍ତା ଏକାନ୍ତ ଆବଶ୍ୟକ । ଯାନବାହନ ଚାଳକଙ୍କ ସଂଖ୍ୟା ବୃଦ୍ଧି ହେତୁ ଦୁର୍ଘଟଣା ବୃଦ୍ଧି ଘଟୁଥିବାରୁ ଜନସାଧାରଣଙ୍କ ମଧ୍ୟରେ ସଡକ ନିରାପତ୍ତା ସଚେତନତା ଅଧିକ ଆବଶ୍ୟକ ।ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଜାନୁଆରୀ ମାସରେ 'ସଡକ ସୁରକ୍ଷା ମାସ' ଭଳି ଏକ ସଚେତନତା କାର୍ଯ୍ୟକ୍ରମ ସଡକ ପରିବହନ ତଥା ଜାତୀୟ ରାଜପଥ ମନ୍ତ୍ରାଳୟ ଦ୍ୱାରା ଆୟୋଜନ କରାଯାଇଥାଏ । ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଟ୍ରାଫିକ୍ ନିୟମ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା, ସଡକ ଦୁର୍ଘଟଣାଗୁଡିକ ହ୍ରାସ କରିବା ଏବଂ ଲୋକ ମାନଙ୍କୁ ରାସ୍ତାରେ ନିଜର ତଥା ଅନ୍ୟମାନଙ୍କର ଜୀବନ ରକ୍ଷା କରିବାରେ ସାହାଯ୍ୟ କରିବା। ଏହି ଅଭିଯାନର ଲକ୍ଷ୍ୟ ହେଉଛି ନିଶାଗ୍ରସ୍ତ ଅବସ୍ଥାରେ ଗାଡି ଚାଳନା ଓ ଦ୍ରୁତ ଗତିରେ ଗାଡି ଚାଳନାର କୁପରିଣତି ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା ।ଦୁଇଚକିଆ ଯାନ ଚାଳକଙ୍କର ହେଲମେଟ୍ ଓ ଚାରିଚକିଆ ଗାଡ଼ି ଚାଳକଙ୍କର ସିଟ୍ ବେଲଟ୍ ପିନ୍ଧିବାର ଗୁରୁତ୍ୱ ବିଷୟରେ ଲୋକମାନଙ୍କୁ ଅଧିକ ସଚେତନ କରିବା । ନିତିଦିନିଆ ଯାତ୍ରୀମାନଙ୍କୁ ରାସ୍ତାରେ ପାଳନ କରିବାକୁ ଥିବା ଟ୍ରାଫିକ୍ ନିୟମ, ସଂକେତ ତଥା ସତର୍କତା ସମ୍ବନ୍ଧରେ ବୁଝାଇ ଦିଆଯାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମତ ଅନୁସାରେ ଅଧିକାଂଶ ଦୁର୍ଘଟଣା ଏବଂ ମୃତ୍ୟୁର ମୁଖ୍ୟ କାରଣ ସଚେତନତା ଅଭାବରୁ ହୋଇଥାଏ । ତେଣୁ ଜନସାଧାରଣ ରାସ୍ତାର ନୀତି,ନିୟମ ଏବଂ ଟ୍ରାଫିକ୍ ଆଲୋକ ସଂକେତଗୁଡ଼ିକୁ କଡାକଡି ଭାବରେ ଅନୁପାଳନ କରିବା ଉଚିତ ।ଗାଡି ଚାଳନା ସମୟରେ ମୋବାଇଲ ଫୋନ୍ ବ୍ୟବହାର ନ କରିବା କିମ୍ବା ସଙ୍ଗୀତ ନ ଶୁଣିବାକୁ ଲୋକମାନଙ୍କୁ ସଚେତନ କରାଯାଏ । ଅଭିଭାବକ ମାନେ ସେମାନଙ୍କର ପିଲାମାନଙ୍କୁ ଗାଡି ଚାଳନା ସମ୍ପର୍କରେ ସଚେତନ କରିବା ଆବଶ୍ୟକ । ରାସ୍ତାର ନିୟମ ଓ ସଙ୍କେତ ବିଷୟରେ ପିଲାମାନଙ୍କୁ ସଚେତନ କରିବା ଆବଶ୍ୟକ ଯାହାଦ୍ୱାରା ଦୁର୍ଘଟଣାକୁ ଏଡାଇ ଦିଆଯାଇପାରିବ । ପାଠ୍ୟ ପୁସ୍ତକରେ ସ୍ଥାନିତ କରାଯାଇଥିବା ସଡ଼କ ନିରାପତ୍ତା ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଅଧିକ ସଚେତନ କରାଯିବା ଦରକାର ଯାହାଦ୍ୱାରାକି ସେମାନେ ସଚେତନ ହେବା ସହିତ ସଡ଼କ ଦୁର୍ଘଟଣାରୁ ନିଜକୁ ରକ୍ଷା କରିପାରିବେ ।

'ଦ୍ରୁତ ଗତି ମହା ବିପତ୍ତି' । ଜୀବନ ଥରେ ଚାଲିଗଲେ ଆଉ ଆସେନି । ମନୁଷ୍ୟ ଜୀବନ ହେଉଛି ସବୁଠାରୁ ମୂଲ୍ୟବାନ । ମଣିଷ ନିଜେ ଅସଚେତନ ହୋଇ ଗାଡି ଚଳାଇଲେ ନିଜ ଜୀବନକୁ ବିପଦରେ ପକାଇବା ସହ ଅନ୍ୟ ଜୀବନକୁ ବିପଦରେ ପକାଇଥାଏ। ସଡ଼କ ଦୁର୍ଘଟଣାକୁ ହ୍ରାସ କରିବାପାଇଁ ସାଧାରଣ ଜନତାଙ୍କ ଯେତିକି ଦାୟିତ୍ୱ ରହିଛି ସରକାରଙ୍କର ମଧ୍ୟ ସେତିକି କର୍ତ୍ତବ୍ୟ ରହିଛି । ପୋଲିସ ପକ୍ଷରୁ ଡ୍ରାଇଭିଂ ଲାଇସେନ୍ସ, ହେଲମେଟ୍,ସିଟ୍ ବେଲଟ୍,ନିଶାଗ୍ରସ୍ତ ଅବସ୍ଥାରେ ଗାଡି ଚାଳନା ଆଦିକୁ କଡାକଡି ଭାବରେ ଯାଞ୍ଚ କରାଯିବା ଦରକାର । ପରିବହନ ବିଭାଗ ତରଫରୁ ଲାଇସେନ୍ସ ପ୍ରଦାନ ସମୟରେ ନିୟମକୁ କଡାକଡି ଭାବରେ ଲାଗୁ କରିବା,ଗାଡିଚାଳକମାନଙ୍କର କାର୍ଯ୍ୟଦକ୍ଷତା ବିଷୟରେ ପରୀକ୍ଷା କରିବା ଏକାନ୍ତ ଆବଶ୍ୟକ । ଜନଗହଳି ରାସ୍ତା ଓ ଛକଜାଗା ମାନଙ୍କରେ ଟ୍ରାଫିକ ନିୟନ୍ତ୍ରଣର କଡାକଡି ବ୍ୟବସ୍ଥା କରାଯିବା ଦରକାର ଯାହାଦ୍ୱାରା ସଡ଼କ ଦୁର୍ଘଟଣା ହ୍ରାସ ପାଇବ । ପ୍ରତ୍ୟେକ ବ୍ୟକ୍ତି ସଡ଼କ ନିରାପତ୍ତା ପ୍ରତି ସଚେତନ ହୋଇ ସମସ୍ତ ନିୟମକୁ ମାନି ଶୃଙ୍ଖଳିତ ଭାବେ ଗାଡି ଚାଳନା କଲେ ଦୁର୍ଘଟଣାକୁ ଏଡାଇ ଦିଆଯିବା ସହିତ ଅକାଳରେ ଚାଲିଯାଉଥିବା ବହୁମୂଲ୍ୟ ଜୀବନ ରକ୍ଷା ହୋଇପାରିବ । ସଚେତନତା, ଦାୟିତ୍ୱବୋଧତା ଓ ନିୟମର ଅନୁପାଳନ ଜୀବନକୁ ସୁରକ୍ଷିତ କରାଏ। ତେଣୁ ସମସ୍ତଙ୍କ ପାଇଁ ସଡକ ସୁରକ୍ଷା ସ୍ଲୋଗାନ ନହୋଇ ସଂକଳ୍ପ ହେବା ବିଧେୟ ।

## ଯୋଗଜନ୍ମା ପରମପୁରୁଷ ଠାକୁର ଶ୍ରୀ ଅଭିରାମ ପରମହଂସ

ଡକ୍ଟର ସୁରେଶ କୁମାର ନାୟକ

ଠାକୁର ଶ୍ରୀ ଅଭିରାମ ପରମହଂସ ଦେବ ଓଡ଼ିଶାର ଜନଗଣଙ୍କ ନିକଟରେ ଜଣେ ଯୋଗଜନ୍ମା ପରମପୁରୁଷ ଭାବେ ସୁପରିଚିତ । ବିଗତ ଅର୍ଦ୍ଧ ଶତାବ୍ଦୀରୁ ଅଧିକ କାଳ ଧରି ଏ ଦେଶର ଲକ୍ଷ ଲକ୍ଷ ନାରନାରୀ ତାଙ୍କୁ ଐଶୀ ଶକ୍ତିଧାରୀ ଅବତାର ଭାବରେ ଗ୍ରହଣ କରି ପୂଜାର୍ଚ୍ଚନା କରି ଆସିଛନ୍ତି । କେବଳ ଉତ୍କଳୀୟ ନୁହନ୍ତି, ତେଲୁଗୁ, ବଙ୍ଗାଳି, ହିନ୍ଦୁସ୍ଥାନୀ, ପଞ୍ଜାବୀ



ଆଦି ବିଭିନ୍ନ ଭାଷାଭାଷୀ ଭାରତର ସହସ୍ର ସହସ୍ର ନରନାରୀ ତାଙ୍କର ପଦାଶ୍ରୟ ଗ୍ରହଣ କରି ଜୀବନକୁ ସାର୍ଥକ କରିଛନ୍ତି । ବସ୍ତୁତଃ ବିଂଶ ଶତାବ୍ଦୀରେ ଓଡ଼ିଶାର ଧର୍ମ ଓ ଅଧ୍ୟାତ୍ମ-ଚେତନାର ଜାଗରଣ କ୍ଷେତ୍ରରେ ଠାକୁର ଶ୍ରୀ ଅଭିରାମଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ । ସୁପ୍ରତିଷ୍ଠିତ ଉତ୍କଳୀୟ ସାଧନଧାରା ସହିତ ନିଷ୍କାମ ପ୍ରେମଭକ୍ତିମାର୍ଗର ସମନ୍ୱୟ କରି, ସେ ତାଙ୍କ ପ୍ରଚାରିତ ଜୀବ-ପରମ ତତ୍ତ୍ୱକୁ ଏକ ନୂତନ ରୂପ ଦେଇ ପ୍ରକାଶ କରିଛନ୍ତି । ଅଦ୍ୱୈତ ଭାବକୁ ଲକ୍ଷ୍ୟ ସ୍ଥାନରେ ରଖି, ପ୍ରେମଭକ୍ତିର ସରଳ-ସମୀକରଣ କରିବା ତାଙ୍କର ନିଜସ୍ୱ ଦାର୍ଶନିକ ଚିନ୍ତାଧାରାର ପରିଚୟ ଓ ରୂପାୟନ । ୧୯୨୭ରୁ ସେ ପ୍ରଥମେ ପରିବ୍ରାଜକ ଭାବେ ତାଙ୍କର ଧର୍ମ ଓ ସାଧନଧାରା ପ୍ରଚାର ଆରମ୍ଭ କରନ୍ତି ଏବଂ ୧୯୩୬ ଠାରୁ ୧୯୬୩ରେ ତାଙ୍କର ତିରୋଭାବ ପର୍ଯ୍ୟନ୍ତ କରମଳାର ଶାନ୍ତି ଆନନ୍ଦାଶ୍ରମକୁ ନିଜର ଧର୍ମପ୍ରଚାରର କ୍ଷେତ୍ର ରୂପେ ପ୍ରତିଷ୍ଠିତ କରି ତୋଳନ୍ତି । ଏହି ସୁଦୀର୍ଘ କାଳ ମଧ୍ୟରେ ଆଧ୍ୟାତ୍ମିକ ଜାଗରଣ ସହିତ, ଲକ୍ଷ ଲକ୍ଷ କାମନାକ୍ଲିଷ୍ଟ ଆର୍ତ୍ତ ନରନାରୀଙ୍କୁ ସେ ନିଜର ଐଶୀ ଶକ୍ତି ଦ୍ୱାରା କୃପାଧନ୍ୟ କରିଯାଇଛନ୍ତି ।

ସେକ୍ଟର-୯, ସିଡିଏ, କଟକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାରେ ଡବଲ ଇଞ୍ଜିନର ସରକାର ଅଛି ସେଥିପାଇଁ ଡବଲ ଇନଭେଷ୍ଟ ହେବ ବୋଲି ଜେଏସପିଏଲ ମୁଖ୍ୟ ନବୀନ ଜିନ୍ଦଲ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ଉତ୍କର୍ଷ ଓଡ଼ିଶା ପାଇଁ ଓଡ଼ିଶାକୁ ଇନଭେଷ୍ଟର ଆସିବେ, ପୁଞ୍ଜି ନିବେଶ ହେବ। ଇନଭେଷ୍ଟର ଓଡ଼ିଶା ଆସିବେ, ଓଡ଼ିଶାରେ ଡବଲ ଇଞ୍ଜିନର ସରକାର ଅଛି ସେଥିପାଇଁ ଡବଲ ଇନଭେଷ୍ଟ ହେବ। ବହୁତ ବିକାଶ ହେବ, ଯୁବ ଉଦ୍ୟୋଗୀ ସୃଷ୍ଟି ହେବେ । ରୋଜଗାର ସହ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବ। ଆଗାମୀ ୫ ବର୍ଷରେ ବିକଶିତ ଭରତ ବନିବା ପାଇଁ ଓଡ଼ିଶା ଆଗେଇବ । ଆଗାମୀ ୧ ବର୍ଷ ଭିତରେ ଜିନ୍ଦଲ ଗ୍ରୁପ ୬ ମିଲିୟନ ଉତ୍ପାଦନ ପ୍ଲାଣ୍ଟର ପ୍ରତିଷ୍ଠା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଆଗକୁ ଏହା ୧୨ ମିଲିୟନ ଟନ କ୍ଷମତା ବିଶିଷ୍ଟ ପ୍ଲାଣ୍ଟ ବନିବ ବୋଲି ପ୍ରତିକ୍ରିୟା ରଖିଛନ୍ତି ନବୀନ ଜିନ୍ଦଲ। ସେହିପରି ମୁଖ୍ୟମନ୍ତ୍ରୀଙ୍କ ଆଗ୍ରହ କ୍ରମେ କେନ୍ଦୁଝରରେ ଏକ ବଡ ଷ୍ଟିଲ ପ୍ଲାଣ୍ଟ ନିର୍ମାଣ ପାଇଁ ଜିନ୍ଦଲ ଗ୍ରୁପ ସରକାରଙ୍କ ସହ ଆଲୋଚନା କରିଛନ୍ତି ବୋଲି କହିଛନ୍ତି ନବୀନ ଜିନ୍ଦଲ।



### ବିଏମ୍‌ସିର ୮୧୨ କୋଟି ଟଙ୍କାର ଚିଠା ବଜେଟ୍ ଉପସ୍ଥାପନ

## ଉନ୍ନୟନମୂଳକ କାମ ପାଇଁ ୭୮୪.୯୨ କୋଟି ଟଙ୍କା ବ୍ୟୟ ଅଟକଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଚିଠା ବଜେଟ୍ ଉପସ୍ଥାପନ ହୋଇଯାଇଛି । ଏହି ଚିଠା ବଜେଟ୍‌ରେ ବିଭିନ୍ନ ସୂତ୍ରରୁ ମୋଟ ଆୟ ୮୧୧.୭୫ କୋଟି ଟଙ୍କା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ବିଭିନ୍ନ ଉନ୍ନୟନ ମୂଳକ କାମ ପାଇଁ ୭୮୪.୯୨ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ସକାଳ ପ୍ରାୟ ୯.୨୦ ବେଳେ ମାନନୀୟା ମେୟର ସୁଲୋନଚା ଦାସଙ୍କ ଅଧ୍ୟକ୍ଷତାରେ ବିଏମ୍‌ସି ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ଅନୁଷ୍ଠିତ ହୋଇଥିଲା ଏହି ସ୍ୱତନ୍ତ୍ର ଚିଠା ବଜେଟ୍ ଅଧିବେଶନ ଓ ଚଳିତ ବର୍ଷ ୨୭ କୋଟି ଟଙ୍କାର ବଳକା ଚିଠା ବଜେଟ୍ ଉପସ୍ଥାପନ କରିଛନ୍ତି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ରାଜକିଶୋର ଦାସ । ବିଏମ୍‌ସି ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଚିଠା ବଜେଟ୍ ଉପସ୍ଥାପନ ହୋଇଯାଇଛି । ୨୦୨୪-




୨୫ ଆର୍ଥିକ ବର୍ଷ ଅପେକ୍ଷା ୨୦୨୫-୨୬ ଆର୍ଥିକ ବର୍ଷରେ ଉଭୟ ଆୟ କମ ରହିଥିବାରୁ ବ୍ୟୟ ମଧ୍ୟ ହ୍ରାସ କରାଯାଇଛି । ୨୦୨୪-୨୫ ଆର୍ଥିକ ବର୍ଷରେ ମୋଟ ଆୟ ଅଟକଳ ୮୮୧କୋଟି କରାଯାଇଥିବା ବେଳେ ବ୍ୟୟ ୧୦୨୭ କୋଟି ଟଙ୍କା ହୋଇଥିଲା । ଅର୍ଥାତ୍ ଚଳିତ ବର୍ଷ ନିଅଣ୍ଟିଆ ବଜେଟ୍ ହୋଇଛି । ୨୦୨୫-୨୬ ଆର୍ଥିକ ବର୍ଷରେ ସମସ୍ତ ସୂତ୍ରରୁ ଆୟ ୮୧୧ କୋଟି ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ ବ୍ୟୟ ଅଟକଳ ୭୮୪ କୋଟି ଟଙ୍କା କରାଯାଇଛି । ୨୦୨୪-୨୫ ଆର୍ଥିକ ବର୍ଷରେ ବଳକା ୧୪୭ କୋଟି ଟଙ୍କା ରହିଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୨୭ କୋଟିର ବଳକା ଚିଠା ବଜେଟ୍ ଉପସ୍ଥାପନ ହୋଇଛି । ଅର୍ଥାତ୍ ଆସନ୍ତା ବର୍ଷ ପ୍ରାୟ ୧୭୩ କୋଟି ଟଙ୍କା ବଳକା ରହିବା ଆକଳନ କରାଯାଇଛି । ସରକାରୀ ଅନୁଦାନରୁ ସମୁଦାୟ ୫୫୧.୧୮ କୋଟି ଟଙ୍କା ମିଳିବାର ଆକଳନ କରାଯାଇଥିବା ବେଳେ ବିଏମ୍‌ସିର ନିଜସ୍ୱ ଆୟ ୨୬୦.୪୭ କୋଟି ଆକଳନ କରାଯାଇଛି । ସେହିପରି ଜମି ଓ ସ୍ଥାବର ସଂପତ୍ତି କ୍ରୟ ପାଇଁ ସର୍ବାଧିକ ୩୦୫ କୋଟି ଟଙ୍କା ବ୍ୟୟ ଆକଳନ କରାଯାଇଥିବା ବେଳେ ରକ୍ଷଣାବେକ୍ଷଣ ଓ ପରିଚାଳନା ବାବଦରେ ୨୭୪ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏହି ଅଧିବେଶନରେ ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ, ଫାଇନାନ୍ସ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ରାଜକିଶୋର ଦାସ, ଅତିରିକ୍ତ କମିଶନର ରତ୍ନାକର ସାହୁ, ଶୁଭେନ୍ଦୁ କୁମାର ସାହୁ, ସସ୍ମିତା ସାହୁଙ୍କ ସହ ସିଟି ଇଂଜିନିୟର ବିଳାସ କୁମାର ବେହେରା, ମୁଖ୍ୟ ବିତ୍ତ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ନାୟକ, ଜୋନାଲ କମିଶନର କୈଳାସ ଚନ୍ଦ୍ର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଷ୍ଟାଣ୍ଡିଂ କମିଟିର ସମସ୍ତ ଅଧ୍ୟକ୍ଷ ଓ ଅଧ୍ୟକ୍ଷା, ସମସ୍ତ କର୍ପୋରେଟର, ଲାଇନ ଡିପାର୍ଟମେଣ୍ଟର ସମସ୍ତ ଅଧିକାରୀ ଏବଂ ବିଏମ୍‌ସି ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ ।




ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ରେ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି ପ୍ରତିନିଧିଗଣ

## ଓଡ଼ିଶାରେ ଖୁବ୍‌ଶୀଘ୍ର ନୂଆ ଷ୍ଟାର୍ଟଅପ୍ ପଲିସି ଆସିବ: ଧର୍ମେନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ଖୁବଶୀଘ୍ର ସମସ୍ତ ଷ୍ଟେକହୋଲଡର ବିଶେଷ ଭାବରେ ଯୁବ ଉଦ୍ୟମୀଙ୍କ ସହ ଆଲୋଚନା କରି ନୂଆ ଷ୍ଟାର୍ଟଅପ୍ ପଲିସି ଆଣିବେ । ଯୁବା ବା ନୂଆ ଉଦ୍ୟମୀଙ୍କ ଅପେକ୍ଷା, ଆକାଂକ୍ଷାକୁ ପୂରଣ କରିବା, ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ସହଯୋଗ ଓ ସମନ୍ୱୟରେ ବଜାର, ନବସୃଜନ ଏବଂ ଆନୁଷଙ୍ଗିକ ସମର୍ଥିତ ପ୍ରକ୍ରିୟାକୁ ପ୍ରୋତ୍ସାହନ ଦେବା ଭଳି ବିଷୟକୁ ଦୃଷ୍ଟିରେ ରଖି ନୂଆ ଷ୍ଟାର୍ଟଅପ୍ ନୀତି ଅଣାଯିବ ବୋଲି ମଙ୍ଗଳବାର ଭୁବନେଶ୍ୱରରେ ଆୟୋଜିତ 'ଉତ୍କର୍ଷ ଓଡ଼ିଶା : ମେକ୍ ଇନ୍ ଓଡ଼ିଶା କନକ୍ଲେଭ -୨୦୨୫'ରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆଜି ପ୍ରଥମେ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଜନତା ମଇଦାନରେ ସ୍ୱାଗତ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ସହ ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍-୨୦୨୫ ଏବଂ ମେକ୍ ଇନ୍ ଓଡ଼ିଶା ପ୍ରଦର୍ଶନୀର ଉଦଘାଟନ ସମାବେଶରେ ସାମିଲ ହୋଇଥିଲେ । ଏହା ପରେ ଆଉ ଏକ ପୃଥକ ଅଧିବେଶନରେ 'ଓଡ଼ିଶା-ଏ ରାଇଜିଂ ଷ୍ଟାର୍ ଇନ୍ ଇଣ୍ଡିଆ ଷ୍ଟାର୍ଟଅପ୍ ଲ୍ୟାଣ୍ଡସ୍କେପ୍' ବା ଭାରତର ଷ୍ଟାର୍ଟଅପ ଦୃଶ୍ୟପଟ୍ଟରେ ଓଡ଼ିଶାର ଅଭ୍ୟୁଦୋୟ କଥାବସ୍ତୁରେ ନିଜ ମତ ରଖିଥିଲେ କେନ୍ଦ୍ରମନ୍ତ୍ରୀ । ଶ୍ରୀ ପ୍ରଧାନ ଏହି ମେଗା ଇଭେଂଟ ଆୟୋଜନ କରିଥିବାରୁ ସେ ରାଜ୍ୟ ସରକାରଙ୍କୁ ଅଭିନନ୍ଦନ ଜଣାଇବା ସହ କହିଛନ୍ତି ଯେ ଉତ୍କର୍ଷ ଓଡ଼ିଶା କେବଳ ଏକ କାର୍ଯ୍ୟକ୍ରମ ନୁହେଁ ଏହା 'ପୂର୍ବୋଦୋୟ'ର ଗର୍ବ ଓ ଗୌରବ । ପୂର୍ବୋଦୋୟ ମିଶନକୁ ସଫଳ କରିବା ପାଇଁ ଏହି ଉତ୍କର୍ଷ ଓଡ଼ିଶାର ଆୟୋଜନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଡବଲ ଇଞ୍ଜିନ ସରକାରରେ ସାଢେ ୪ କୋଟି ଓଡ଼ିଆଙ୍କ ଭାଗ୍ୟ ବଦଳିବ । ସମସ୍ତେ ମିଳିମିଶି ଓଡ଼ିଶାକୁ ଉଦ୍ଭାବନ, ଉଦ୍ୟୋଗ ଓ ସୁଯୋଗର ଏକ ବିଶ୍ୱସ୍ତରୀୟ କେନ୍ଦ୍ରରେ ପରିଣତ କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି ।

## ଦୟାନଦୀ କୂଳରୁ ମହିଳାଙ୍କ ମୃତଦେହ ଉଦ୍ଧାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଧଉଳି ଥାନା ଅନ୍ତର୍ଗତ ଦୟା ନଦୀକୂଳରେ ପଡିଛି ମହିଳାଙ୍କ ମୃତଦେହ । ମହିଳାଙ୍କୁ କେହି ହତ୍ୟା କରି ଏଠାରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି । ମହିଳାଙ୍କ ଶରୀରରେ ରହିଛି ଏକାଧିକ କ୍ଷତ ଚିହ୍ନ । ପାଖାପାଖି ୧୦ ଦିନ ପୂର୍ବରୁ ମହିଳାଙ୍କ ମୃତଦେହ ପଡିଥିବା ସନ୍ଦେହ କରାଯାଉଛି । ସୂଚନା ପାଇବା ପରେ ଘଟଣା ସ୍ଥଳରେ ଧାଉଳି ଥାନା ପୋଲିସ ପହଞ୍ଚିଛି । ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି ପୋଲିସ । ଘଟଣାର ତଦନ୍ତ ଜାରି ରହିଛି ।

## ଯୋବ୍ରା ହାଇସ୍କୁଲର ବାର୍ଷିକ ଉତ୍ସବ

କଟକ(ଭାସ୍କର ନ୍ୟୁଜ୍): ଯୋବ୍ରା ହାଇସ୍କୁଲର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଡ. ରାଜଶ୍ରୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବକୁ ଡାକ୍ତର ଉମେଶ ରାୟ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ସାଂସଦ ଭର୍ତ୍ତୃହରି ମହତାବ, ମୁଖ୍ୟ ବକ୍ତା ସିଏମ୍‌ସି ମେୟର ସୁବାସ ସିଂ, ସମ୍ମାନିତ ଅତିଥି ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶାଳ, ଲେଫ୍ଟନା ଦେବବ୍ରତ ମୋଇତ୍ରୀ, ଜିଲା ଶିକ୍ଷାଧିକାରୀ ଡ. ସନ୍ତୋଷ କୁମାର ରାଉତ, ବିଦ୍ୟାଳୟ ପ୍ରତିଷ୍ଠାତା ଧନେଶ୍ୱର ଦାସ, ପୁରାତନ ବିଦ୍ୟାର୍ଥୀ ପରିଷଦର ସମ୍ପାଦକ ଶୁଭେନ୍ଦୁ ମହାନ୍ତି ପ୍ରମୁଖ ଭଲ ପାଠ ପଢ଼ି ସୁନାଗରିକ ହେବାକୁ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ। ଅନ୍ୟତମ ଅତିଥି ଭାବେ ପୁରାତନ ବିଦ୍ୟାର୍ଥୀ ପରିଷଦ ସମ୍ପାଦକ ମନୋରଞ୍ଜନ ଜେନା, କର୍ପୋରେଟର ଝିଲୀ ବିହାରୀ, ପଦ୍ମଜା ମହାନ୍ତି ଅତିଥି ଯୋଗଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ବିଦ୍ୟାଳୟ ବାର୍ଷିକ କ୍ରୀଡ଼ାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ପୁରାତନ ବିଦ୍ୟାର୍ଥୀ ପରିଷଦର ଆବାହକ ଅମ୍ବିକା ପ୍ରସାଦ ସାମଲ ଧନ୍ୟବାଦ ଦେଇଥିଲେ।

## ବିଶ୍ୱଭୂଷଣ ହରିଚନ୍ଦନଙ୍କ ଆଶୁ ଆରୋଗ୍ୟ କାମନା କଲେ ନବୀନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ସୋସିଆଲ ମିଡିଆରେ ନବୀନ ପଟ୍ଟନାୟକ ଲେଖିଛନ୍ତି, ବରିଷ୍ଠ ରାଜନେତା ତଥା ପୂର୍ବତନ ରାଜ୍ୟପାଳ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଅସୁସ୍ଥତା କାରଣରୁ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବିଷୟରେ ଅବଗତ ହେଲି। ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ ଜୀବନ ପାଇଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।

## 'ରାଜ୍ୟ ଅପରାଧୀଙ୍କ ଧରାସ୍ୱର୍ଗ ପାଲଟିଛି'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି ଘଟଣାରେ ଚୋର ଧରାପଡ଼ି ନଥିବା ବେଳେ ଗତକାଲି ରାତିରେ ଆଉଥରେ ସେହି ଅଞ୍ଚଳରେ ଚୋର ପଶିବାକୁ ନେଇ ବିଜୁ ଜନତା ଦଳ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି ବୋଲି କହିବା ସହିତ ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁଁ ଏପରି ଘଟୁଛି ବୋଲି ଅଭିଯୋଗ କରିଛି । ଉଲ୍ଲେଖଯୋଗ୍ୟ, ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି ହେବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ନିଜେ ଘଟଣାକୁ ଗୁରୁତ୍ୱ ଦେଇ ଚୋର ଶୀଘ୍ର ଧରାପଡିବ ବୋଲି କହିଥିଲେ ସୁଦ୍ଧା, ସେପରି କିଛି ହୋଇ ନାହିଁ । ଅପରପକ୍ଷରେ ଗତକାଲି ରାତିରେ ଆଉଥରେ ସେହି ଅଞ୍ଚଳରେ ଚୋର ପସିଥିଲା, ଯାହା ଚିନ୍ତାର ବିଷୟ ହୋଇଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ସୁଲତା ଦେଓ କହିଥିଲେ, ବର୍ତ୍ତମାନ ଅପରାଧୀ ମାନେ ଖୋଲାଖୋଲି ସିଷ୍ଟମକୁ ଚ୍ୟାଲେଞ୍ଜ ଦେଉଛନ୍ତି, ଯାହା ଅତ୍ୟନ୍ତ ସାଙ୍ଘାତିକ କଥା । ଯେତେବେଳେ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସୁଛନ୍ତି ଓ ଭୁବନେଶ୍ୱରରେ ୮୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି, ସେହି ସମୟରେ ରାଜଧାନୀର ରାଜରାସ୍ତାରେ ବିଭତ୍ସ ହତ୍ୟାକାଣ୍ଡ ଘଟଣା ସାମ୍ନାକୁ ଆସିଲା । ସେହିପରି ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମ ପାଇଁ ରାଜଧାନୀର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ଥିବାବେଳେ ସମ୍ଭ୍ରାନ୍ତ ଅଞ୍ଚଳରେ ଚୋରି ହେଉଛି । ଚୋର ପୋଲିସ ବାହିନୀକୁ ଖୋଲାଖୋଲି ଚ୍ୟାଲେଞ୍ଜ ଦେଉଛି । ଯଦି ପ୍ରଥମ ଚୋରି ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେବାରେ ସକ୍ଷମ ହୋଇଥାନ୍ତା, ଚୋର ଆଉଥରେ ପଶିବାକୁ ଉଦ୍ୟମ କରିନଥାନ୍ତା । ସରକାରଙ୍କ ଅପାରଗତାର ପରିଣାମ ସ୍ୱରୂପ ଆଜି ଓଡ଼ିଶା ଅପରାଧୀଙ୍କ ଧରାସ୍ୱର୍ଗ ପାଲଟିଛି ବୋଲି ଶ୍ରୀମତୀ ଦେଓ କହିଥିଲେ ।

## ଉତ୍କର୍ଷ ଓଡ଼ିଶା-ମେକ୍‌ଇନ୍ ଓଡ଼ିଶା କନ୍‌କ୍ଲେଭ୍ ୨୦୨୫ରେ ଓଡ଼ିଶାରେ ନିବେଶ ଉପରେ ଗୁରୁତ୍ୱ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଉତ୍କର୍ଷ ଓଡ଼ିଶା-ମେକ୍‌ଇନ୍ ଓଡ଼ିଶା କନ୍‌କ୍ଲେଭ୍ ୨୦୨୫ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ମାଲେସିୟା ଓ ସିଙ୍ଗାପୁରରୁ ଆସିଥିବା ନିବେଶକମାନଙ୍କୁ ସ୍ୱାଗତ କରିଥିଲେ । ଏହି ଆଲୋଚନା ଚକ୍ରରେ ଭାରତରେ ଅବସ୍ଥାପିତ ମାଲେସିୟାର ହାଇ କମିଶନର ଡାଟୋ ମୁଜାଫର ଶାହା ମୁସ୍ତଫା, ମାଲେସିୟାର ଆର୍ଥିକ ବ୍ୟାପାର ମନ୍ତ୍ରୀ ସୁଶ୍ରୀ ସମିଲା ପେରୁମଲ, ମାଲେସିୟା ବହିର୍ବାଣିଜ୍ୟ ପ୍ରୋତ୍ସାହନ ନିଗମର ଟ୍ରେଡ୍ କାଉନ୍‌ସେଲର ୱାନ୍ ଅହମଦ୍ ତାର୍ମିଜି ୱାନ୍ ଇର୍ଦସ୍, ମାଲେସିୟା ନିବେଶ ଉନ୍ନୟନ କର୍ତ୍ତୃପକ୍ଷର ନିର୍ଦ୍ଦେଶକ, ନେପାଳର ରାଷ୍ଟ୍ରଦୂତ ଡ. ଶଙ୍କର ପ୍ରସାଦ ଶର୍ମା, ଜିମ୍ବାୱେର ରାଷ୍ଟ୍ରଦୂତ ସୁଶ୍ରୀ ଷ୍ଟେଲା ନୋମୋ, ସିଙ୍ଗାପୁରର କନ୍‌ସୁଲ ଜେନେରାଲ ମିଙ୍ଗ୍ ଫଙ୍ଗ୍ ଚେଙ୍ଗ୍, ଏସ୍‌ଆଇସିସିଆଇର ଅଧ୍ୟକ୍ଷ ମନୀଷ ତ୍ରିପାଠୀ, ଗ୍ଲୋବାଲ ଫାଇନାନ୍ସ ସି ଟେକ୍‌ନୋଲୋଜି ନେଟୱାର୍କର ସିଇଓ ସ୍ୱପ୍ନେନ୍ଦୁ ମହାନ୍ତି, ପିଇପି ଇନୋଭେସନ୍ ଲିଃର ସହପ୍ରତିଷ୍ଠାତା ଏବଂ ସିଟିଓ ଅମ୍ଲାନ ସେନ୍, ମାର୍ବଲ ରକ୍ସ ଭିସିସି ଫଣ୍ଡର ନିର୍ଦ୍ଦେଶକ ମନୀଷ ତ୍ରିପାଠୀ, ସେଣ୍ଟିଆ ଲିଃର ଉପଦେଷ୍ଟା ବିଭୂ ପ୍ରସାଦ ସ୍ୱାଇଁ, ଗ୍ରାମାଟିକ୍ସ ଏସ୍‌ଜି ଲିଃର ସିଇଓ ଡ. ଅଭିଜିତ ସନ୍‌ଭାଗ୍, ୟୁଟୁୟୁ ସିଷ୍ଟମ୍ସ ଲିଃର ସିଟିଓ ଡ. ରିତୁ ଜୈନ୍ ଗୌରବ ପ୍ରମୁଖ ବକ୍ତବ୍ୟ ରଖି ଓଡ଼ିଶାରେ ପୁଞ୍ଜିନିବେଶର ସମ୍ଭାବନା ଓ ଓଡ଼ିଶାର ସାମର୍ଥ୍ୟ ଉପରେ ଆଲୋଚନା କରିଥିଲେ । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗ ଅତିଥିମାନଙ୍କୁ ସ୍ମାରକ ପ୍ରଦାନ କରିଥିଲେ । ଶେଷରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଧନ୍ୟବାଦ ଅର୍ପଣ କରିଥିଲେ ।

### ବ୍ଲୋସମ୍ସରେ ଗଣତନ୍ତ୍ର ଦିବସ ପାଳିତ

## 'ପରିବର୍ତ୍ତନର ସ୍ୱର ହେବାର ପ୍ରତିଜ୍ଞା'



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗଣତନ୍ତ୍ର ଦିବସ କେବଳ ଆମର ଅଧିକାର ନୁହେଁ, ବରଂ ଏହି ଦେଶର ନାଗରିକ ଭାବରେ ଆମର କର୍ତ୍ତବ୍ୟର ମଧ୍ୟ ସ୍ମରଣ କରାଏ। ବ୍ଲୋସମ୍ସରେ ୭୬ତମ ଗଣତନ୍ତ୍ର ଦିବସ ଅତ୍ୟନ୍ତ ଉତ୍ସାହ ଏବଂ ଦେଶପ୍ରେମ ଭାବନା ସହିତ ପାଳିତ ହୋଇଥିଲା। ମୁଖ୍ୟ ଅତିଥି, ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନର ଅଧ୍ୟକ୍ଷ ଅଭୟ ଆଇପିଏସ (ଅବସରପ୍ରାପ୍ତ)ଙ୍କ ଦ୍ୱାରା ତିରଙ୍ଗା ଉତ୍ତୋଳନ ସହିତ ଭାରତର ସୌନ୍ଦର୍ଯ୍ୟ ଏବଂ ସ୍ଥିରତାକୁ ସମ୍ମାନ ଜଣାଇ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଛାତ୍ରଛାତ୍ରୀମାନେ ମାର୍ଚ୍ଚ ପାଷ୍ଟ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିଥିଲେ ଯାହା ସେମାନଙ୍କର ପ୍ରତିବଦ୍ଧତା ଏବଂ ଶୃଙ୍ଖଳା ପ୍ରଦର୍ଶନ କରିଥିଲା। ସାହିତ୍ୟ, କଳା ଏବଂ ସାମାଜିକ କାର୍ଯ୍ୟ କ୍ଷେତ୍ରରେ ପ୍ରଖ୍ୟାତ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରିବା ପାଇଁ ଏହି ସ୍ୱତନ୍ତ୍ର ପୁରସ୍କାର ସମାରୋହ ମଧ୍ୟ ଅନୁଷ୍ଠିତ ହୋଇଥିଲା। ସାହିତ୍ୟରେ ବ୍ଲୋସମ୍ସ ଉତ୍କର୍ଷ ପୁରସ୍କାର ଶତାବ୍ଦୀ ମିଶ୍ର ଏବଂ ଅକ୍ଷୟା ବହିବାଲାଙ୍କୁ ପ୍ରଦାନ କରାଯାଇଥିଲା; କଳା କ୍ଷେତ୍ରରେ ବ୍ଲୋସମ୍ସ ଉତ୍କର୍ଷ ପୁରସ୍କାର ଆଶିଷ ପାହି ଏବଂ ତେଜଶ୍ରୀ ପାହିଙ୍କୁ ପ୍ରଦାନ କରାଯାଇଥିଲା ଏବଂ ସାମାଜିକ କାର୍ଯ୍ୟ ପାଇଁ ବ୍ଲୋସମ୍ସ ଉତ୍କର୍ଷ ପୁରସ୍କାର ବେଣୁଧର ସେନାପତିଙ୍କୁ ପ୍ରଦାନ କରାଯାଇଥିଲା। ଅନ୍ୟାନ୍ୟ ପୁରସ୍କାର ମଧ୍ୟରେ ୨୦୨୩-୨୪ ଅଧିବେଶନର ଦଶମ ଶ୍ରେଣୀର ଟପ୍ପରମାନଙ୍କୁ ଏବଂ ସେମାନଙ୍କୁ ସାରା ସମର୍ଥନ କରିବା ପାଇଁ ସେମାନଙ୍କ ସମ୍ପୃକ୍ତ ମାଆମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବ୍ଲୋସମାସ୍ ବିଜ୍ଞାନ ପ୍ରଦର୍ଶନୀ, ନଭୋନମେଶ୍ ୮.୦ ର ପୁରସ୍କାର ବିଜେତାମାନଙ୍କୁ ମଧ୍ୟ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ, ସ୍କୁଲ ଚମକ୍‌ଦାର ତାରା ଏବଂ ଅଲ୍ ରାଉଣ୍ଡର ପୁରସ୍କାର ମଧ୍ୟ ଘୋଷଣା କରିଥିଲା, ଯାହା ଶିକ୍ଷା ଅଧିବେଶନ ସମୟରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଉପଯୁକ୍ତ ପୁରସ୍କାରପ୍ରାପ୍ତଙ୍କୁ ପ୍ରଦାନ କରାଯାଇଥିଲା। ପ୍ରତିଷ୍ଠାତା ପରିଚାଳିକା ତୌରାଜଜ୍ ମୋଘବେଲପୁର ତାଙ୍କ ଭାଷଣରେ ଛାତ୍ରଛାତ୍ରୀଙ୍କୁ ଗଣତନ୍ତ୍ର, ଏକତା ଏବଂ ପ୍ରଗତିକୁ ମୂଲ୍ୟ ଦେବା ପାଇଁ ପ୍ରେରଣା ଦେଇଥିଲେ ଯାହା ଆମ ମହାନ ରାଷ୍ଟ୍ରକୁ ପରିଭାଷିତ କରେ। ନିର୍ଦ୍ଦେଶକ ନାଦିଆ ମୋଘବେଲପୁର ଛାତ୍ରଛାତ୍ରୀଙ୍କୁ ପରିବର୍ତ୍ତନ ଏବଂ ନବସୃଜନର ମଶାଲ ବାହକ ଭାବରେ ସମ୍ବୋଧିତ କରିଥିଲେ। ଯେତେବେଳେ ପ୍ରଧାନଶିକ୍ଷକ ସୀମାତା ପଣ୍ଡା ସମସ୍ତଙ୍କୁ ଆମ ସମ୍ବିଧାନର ନୀତିଗୁଡ଼ିକୁ ବଜାୟ ରଖିବାକୁ, ସମାଜରେ ଅବଦାନ ଦେବାକୁ ଏବଂ ଆମେ ଯାହା କରୁ ସେଥିରେ ମହାନତା ପାଇଁ ପ୍ରୟାସ କରିବାକୁ ପ୍ରତିଜ୍ଞା କରିବାକୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମ ପ୍ରକୃତରେ ଏକ ବଡ଼ ସଫଳତା ଥିଲା ଯାହା ଜାତୀୟ ଗର୍ବର ଭାବନା ସୃଷ୍ଟି କରିଥିଲା ଏବଂ ଦାୟିତ୍ୱପୂର୍ଣ୍ଣ ଭାବରେ ଆମର କର୍ତ୍ତବ୍ୟ ପାଳନ କରିବାକୁ ସ୍ମରଣ କରାଇଥିଲା।

## ଶିଳ୍ପ କନକ୍ଲେଭ ନବୀନଙ୍କ ଉଦ୍ୟମରେ ଆରମ୍ଭ ହୋଇଥିଲା: ଦେବୀ ମିଶ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରରେ ଉତ୍କର୍ଷ ଓଡିଶା କନକ୍ଲେଭ ମଙ୍ଗଳବାର ଉଦଘାଟିତ ହୋଇଥିବା ବେଳେ ବିଜୁ ଜନତା ଦଳର ସମନ୍ୱୟ କମିଟିର ଅଧ୍ୟକ୍ଷ ତଥା ପୂର୍ବତନ ଶିଳ୍ପ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ରାଜ୍ୟକୁ ଶିଳ୍ପ ସମୃଦ୍ଧ ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ ୨୦୧୬ ମସିହାରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ଆରମ୍ଭ କରାଯାଇଥିଲା । ବିଭିନ୍ନ ପ୍ରତିଷ୍ଠିତ ଶିଳ୍ପ ଅନୁଷ୍ଠାନ ଏଥିରେ ଯୋଗ ଦେଇଥିଲେ ଓ ଦୁଇ ଲକ୍ଷ କୋଟି ଟଙ୍କାର ପୁଞ୍ଜି ବିନିଯୋଗର ପ୍ରତିଶ୍ରୁତି ମିଳିଥିଲା । ସେହିପରି ୨୦୧୮ ମସିହାରେ ମେକ ଇନ ଓଡିଶା କାର୍ଯ୍ୟକ୍ରମ ମାଧ୍ୟମରେ ଚାରି ଲକ୍ଷ କୋଟି ଟଙ୍କାର ପୁଞ୍ଜି ବିନିଯୋଗର ପ୍ରତିଶ୍ରୁତି ମିଳିଥିଲା । ୨୦୨୦ ମସିହା ଆରମ୍ଭରେ କୋଭିଡ ଯୋଗୁଁ ୨୦୨୨ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇପାରି ନଥିଲା । ୨୦୨୩ ମସିହାରେ ଆୟୋଜିତ ମେକ ଇନ ଓଡିଶା କାର୍ଯ୍ୟକ୍ରମରେ ଦଶ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପାଇଁ ପ୍ରତିଶ୍ରୁତି ମିଳିଥିଲା । ୨୦୨୩ ମସିହାରେ ପୁଞ୍ଜିନିବେଶ ଆଣିବାରେ ଓଡିଶା ଦେଶର ଶ୍ରେଷ୍ଠ ରାଜ୍ୟର ମାନ୍ୟତା ପାଇଥିଲା । ପ୍ରଥମ ତିନୋଟି ମେକ ଇନ ଓଡିଶା କନକ୍ଲେଭ ମାଧ୍ୟମରେ ସମୁଦାୟ ୧୬ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପାଇଁ ପ୍ରସ୍ତାବ ଆସିଥିବା ବେଳେ ପ୍ରାୟ ସାତ ଲକ୍ଷ କୋଟି ଟଙ୍କାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି, ଯାହା ସମଗ୍ର ପୁଞ୍ଜି ନିବେଶ ପ୍ରତିଶ୍ରୁତିର ୩୪ ପ୍ରତିଶତ । ନବୀନ ସରକାରଙ୍କ ଦ୍ୱାରା ଆୟୋଜିତ ଏହି ମେକ ଇନ ଓଡିଶା କାର୍ଯ୍ୟକ୍ରମ ଯୋଗୁଁ ଦେଶ ବିଦେଶର ପୁଞ୍ଜିପତିମାନେ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହ ବୃଦ୍ଧି ପାଇଥିଲା । ବିଜେପି ସରକାର ଏହାର ନାମ ପରିବର୍ତ୍ତନ କରିବା ପରେ ରାଜ୍ୟର ଚତୁର୍ଥ କନକ୍ଲେଭ ଅନୁଷ୍ଠିତ ହେଉଛି, ଯାହାକୁ ପ୍ରଧାନମନ୍ତ୍ରୀ ଉଦଘାଟନ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପାଞ୍ଚ ଲକ୍ଷ କୋଟି ପୁଞ୍ଜି ନିବେଶ ପାଇଁ ଆଶା ରଖିଛନ୍ତି । କାର୍ଯ୍ୟକ୍ରମ ଶେଷ ହେବା ପରେ, ପ୍ରକୃତ ପୁଞ୍ଜି ନିବେଶ ପରିମାଣ ଜଣାପଡିବ ବୋଲି ଶ୍ରୀ ମିଶ୍ର କହିଥିଲେ ।

## ସଂସଦ ଅଧିବେଶନରେ ଉଠିବ ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସଂସଦର ଆଗାମୀ ବଜେଟ ଅଧିବେଶନରେ ଓଡିଶାର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଗୁଡିକୁ ଜୋରଦାର ଭାବେ ଉଠାଯିବ । ବିଜେଡି ସୁପ୍ରୀମୋ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଜେଡି ସଂସଦୀୟ ଦଳ ବୈଠକରେ ଏହି ନିଷ୍ପତି ନିଆଯାଇଛି । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନବୀନ ନିବାସରେ ଏହି ବୈଠକରେ ବିଜେଡିର ସମସ୍ତ ସାଂସଦଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି । ବିଜେଡି ସ୍ୱତନ୍ତ୍ର ରାଜ୍ୟପାହ୍ୟା ପାଇଁ ପୁଣି ଦାବି କରିବ । ହେଲେ ଏଯାଏଁ ମିଳିଲାନି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା । ଦରଦାମ ବୃଦ୍ଧି ପ୍ରସଙ୍ଗ ମଧ୍ୟ ବିଜେଡି ଉଠାଇବ । ଡବଲ ଇଞ୍ଜିନ ସରକାରରେ ଡବଲ ହୋଇଛି ବେକାରୀ ସମସ୍ୟା । ସଂସଦରେ ଉଠିବ ଚାଷୀଙ୍କ ପ୍ରତି ଅବହେଳା ପ୍ରସଙ୍ଗ । ସ୍ୱାମୀନାଥନ କମିଶନ ରିପୋର୍ଟ ଲାଗୁ କରିବାକୁ ଦାବି କରିବ । ପୋଲାଭରମ ଓ ମହାନଦୀ ପ୍ରସଙ୍ଗ ବି ଉଠାଇବ ଦଳ । କୋଷ୍ଟାଲ ହାଇୱେ ଓ ଅନୁସୂଚିତ ଜନଜାତିଙ୍କୁ ତାଲିକାଭୁକ୍ତ କରିବାକୁ ଦାବି କରାଯିବ । ହୋ, ମୁଣ୍ଡାରି, ଭୂମିଜ ଓ କୁଇ ଭାଷାକୁ ସମ୍ବିଧାନରେ ଅଷ୍ଟମ ପରିଚ୍ଛେଦରେ ସାମିଲ ଲାଗି ଦାବି କରିବ ଦଳ । ଏହାସହ ମୋବାଇଲର ନେଟୱାର୍କ କନେକ୍ଟିଭିଟି ବୃଦ୍ଧି ପାଇଁ ମଧ୍ୟ ଦାବି କରାଯିବ ।

## ଖଣିଜ ସମ୍ପଦରେ ଆମ ରାଜ୍ୟ ଓଡ଼ିଶା ପରିପୂର୍ଣ୍ଣ: ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାକୁ ଏକ ସମୃଦ୍ଧ ଓ ଶିଳ୍ପୋନ୍ନତ ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ ଆରମ୍ଭ ହୋଇଯାଇଛି ଉତ୍କର୍ଷ ଓଡ଼ିଶା-ମେକଇନ୍ ଓଡ଼ିଶା କନକ୍ଲେଭ। ଭୁବନେଶ୍ୱର ଜନତା ମଇଦାନ ଠାରେ ଦୁଇ ଦିନ ଧରି ଆୟୋଜିତ ହେଉଥିବା ଏହି କନକ୍ଲେଭରେ ଦେଶ-ବିଦେଶରୁ ଅନେକ ଶିଳ୍ପପତି ଓ ପୁଞ୍ଜିନିବେଶକ ଯୋଗଦେଇଛନ୍ତି। ଉତ୍କର୍ଷ ଓଡ଼ିଶା-ମେକଇନ୍ ଓଡ଼ିଶା କନକ୍ଲେଭର ଆଜି ପ୍ରଥମ ଦିନରେ ଓଡ଼ିଶାର ଇସ୍ପାତ, ଖଣିଜ ସମ୍ପଦ ଓ ଶିଳ୍ପ କ୍ଷେତ୍ରରେ ନିବେଶର ବିଭିନ୍ନ ଦିଗକୁ ନେଇ ଅନୁଷ୍ଠିତ ହୋଇଥିବା ଏକ ଅଧିବେଶନରେ ଓଡ଼ିଶା ଇସ୍ପାତ ଓ ଖଣି ବିଭାଗର ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇଥିଲେ। ଅଧିବେଶନରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ରାଜ୍ୟ ଇସ୍ପାତ ଓ ଖଣି ବିଭାଗର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ଓ ଯୋଜନା ଉପରେ ଆଲୋକପାତ କରିଥିଲେ। ଅଧିବେଶନର ଦ୍ୱିତୀୟ ଚରଣରେ ଖଣିଜ ସମ୍ପଦ ଓ ଉତ୍ତୋଳନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତା ଏବଂ ମେସିନ ଲର୍ନିଙ୍ଗର ପ୍ରୟୋଗ ଏବଂ କାର୍ଯ୍ୟକାରିତା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଭାଇସ ପ୍ରେସିଡେଂଟ (ମାଇନିଙ୍ଗ) ଟାଟା ଷ୍ଟିଲ ଚାଣକ୍ୟ ଚୌଧୁରୀ, ବିଜନେସ ହେଡ୍ (ମାଇନ୍ସ ଆଣ୍ଡ ମିନେରାଲସ), ହିଣ୍ଡାଲକୋ କୈଳାଶ ପାଣ୍ଡେ, କୋଲ ଇଣ୍ଡିଆ ଲିମିଟେଡ୍ର ଚେୟାରମ୍ୟାନ ପି.ଏମ ପ୍ରସାଦ ପ୍ରମୁଖ ଆଜିର ଏହି ଅଧିବେଶନରେ ଅଂଶଗ୍ରହଣ କରି ଇସ୍ପାତ ଓ ଖଣିଜ ସମ୍ପଦ କ୍ଷେତ୍ରରେ ପୁଞ୍ଜିନିବେଶ କରିବା ସମ୍ବନ୍ଧରେ ନିଜର ମତପ୍ରକାଶ କରିଥିଲେ।

## ତୃତୀୟ ଆନ୍ତଃବିଭାଗୀୟ କ୍ୟାରମ୍ ପ୍ରତିଯୋଗିତା




ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ସାଂସ୍କୃତିକ ପରିଷଦ ଆନୁକୁଲ୍ୟରେ ତୃତୀୟ ଆନ୍ତଃବିଭାଗୀୟ କ୍ୟାରମ ପ୍ରତିଯୋଗିତା ରାଜ୍ୟ ସଚିବାଳୟ ସେବା ସଂଘ ପରିସରେ ଆରମ୍ଭ ହୋଇଯାଇଛି। ଯାହାକି ଆସନ୍ତା ଫେବୃୟାରୀ ୧୨ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ବିଭାଗୀୟ ନିର୍ଦ୍ଦେଶିକା, ଅନ୍ୟାନ୍ୟ ପଛୁଆ ବର୍ଗ ଯୁଗଳେଶ୍ୱରୀ ଦାଶ ମହୋଦୟା ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ପ୍ରତିଯୋଗିତାର ଉଦଘାଟନ କରିବା ସହ ଖେଳାଳିମାନଙ୍କ ପାଇଁ ଉଦ୍ଦିଷ୍ଟ ଜର୍ସିର ଶୁଭ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମଣ କୁମାର ମଲ୍ଲିକ, ନିର୍ଦ୍ଦେଶକ ଅନୁସୂଚିତ ଜାତି, ନାରାୟଣ ଚନ୍ଦ୍ର ଧଳ ଅତିରିକ୍ତ ଶାସନ ସଚିବ, ପ୍ରବୀର କୁମାର ଖିଲାର ଯୁଗ୍ମ ଶାସନ ସଚିବ, ସହଦେବ ବେହେରା ଉପ ଶାସନ ସଚିବ, ମୁଖ୍ୟ ପୃଷ୍ଠପୋଷକ ଏଚଡ଼ିଏଫସି ବ୍ୟାଙ୍କର ଅନନ୍ତ ପଟ୍ଟନାୟକ, ନିଖିଳ ପାତ୍ର ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ସାଂସ୍କୃତିକ ପରିଷଦ, ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ଉପଦେଷ୍ଟା ବିପିନ ବିହାରୀ ହାଁସଦାଃ,ସଭାପତି ଦିବ୍ୟରଞ୍ଜନ ସାହୁ, ଉପ-ସଭାପତି ଅମିତ କୁମାର ମହାନ୍ତି, ସାଧାରଣ ସମ୍ପାଦକ ଶିବ ପ୍ରସାଦ ହାଁସଦାଃ, ଯୁଗ୍ମ ସମ୍ପାଦକ ନାରାୟଣ ପ୍ରସନ୍ନ ମହାପାତ୍ର, କ୍ରୀଡ଼ା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଷଡଙ୍ଗୀ, ସାଂସ୍କୃତିକ ସମ୍ପାଦକ ପ୍ରିୟମାଧବ ସାହୁ,କୋଷାଧକ୍ଷ ସିକନ୍ଦର ଦିଗଲ ସର୍ବୋପରି କ୍ରୀଡ଼ା ପରିଚାଳକ ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ସଭା କାର୍ଯ୍ୟକୁ ସଂଚାଳନା କରିଥିଲେ ସୁରେଶ କୁମାର ନାଗ ।

## ସୋଆ ଛାତ୍ରଛାତ୍ରୀଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଉତ୍କର୍ଷ ଓଡିଶା-ମେକ୍ ଇନ୍ ଓଡ଼ିଶା କନକ୍ଲେଭ-୨୦୨୫କୁ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିଥିବା ବେଳେ ଏହି ଅବସରରେ ତାଙ୍କୁ ସ୍ୱାଗତ ଜଣାଇଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଛାତ୍ରଛାତ୍ରୀ । ଜନତା ମଇଦାନ ଠାରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ବେଳେ ସୋଆ ଛାତ୍ରଛାତ୍ରୀ ଏୟାରପୋର୍ଟରୁ ଆରମ୍ଭ କରି ଜନତା ମଇଦାନ ପର୍ଯ୍ୟନ୍ତ ଏକତ୍ରିତ ହୋଇ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ । ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବା ସହିତ ଓଡିଶାରେ ଶିଳ୍ପ କ୍ଷେତ୍ରରେ ଉନ୍ନତି ଘଟିଲେ ନିଯୁକ୍ତି ସୁଯୋଗ ଅଧିକ ସୃଷ୍ଟି ହେବ ବୋଲି ଗଣମାଧ୍ୟମ ସମ୍ମୁଖରେ ଛାତ୍ରଛାତ୍ରୀମାନେ କହିଛନ୍ତି । ଓଡ଼ିଶାରେ ଇନୋଭେସନ୍ ଏବଂ ଟେକ୍ନୋଲୋଜିକୁ ନେଇ ଅନେକ କିଛି ଆମକୁ ଶିଖିବାକୁ ମିଳିବା ସହ ନୂଆ ନୂଆ ଷ୍ଟାର୍ଟଅପ୍ ମଧ୍ୟ ଏହି କନକ୍ଲେଭ ଯୋଗୁଁ ଆଗକୁ ଆସିବ ବୋଲି ଛାତ୍ରଛାତ୍ରୀମାନେ କହିଛନ୍ତି ।

## ୮୨ ତମ ସଂସ୍କୃତି ଚର୍ଚ୍ଚା ସମାରୋହ ପାଳିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ୮୨ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇ ଯାଇଅଛି । ଉକ୍ତ ଉତ୍ସବରେ ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରିଥିଲେ ବିଶିଷ୍ଟ ଶିକ୍ଷାବିତ୍ ଓ ଗବେଷକ ଡ. ଗିରିଶ ପ୍ରସାଦ ସ୍ୱାଇଁ । ସମ୍ମାନନୀୟ ଅତିଥି ଭାବରେ ଯୋଗଦାନ କରିଥିଲେ ବିଭାଗୀୟ ଯୁଗ୍ମ ଶାସନ ସଚିବ ଦେବ ପ୍ରସାଦ ଦାଶ । ସମ୍ମାନରେ ସ୍ୱାଗତ ଭାଷଣ ଦେଇଥିଲେ ଓଡ଼ିଶା ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁଶାସନ ସଚିବ ବନାନୀ ମହାପାତ୍ର । ମୁଖ୍ୟ ବକ୍ତା ଡ. ଗିରିଶ ପ୍ରସାଦ ସ୍ୱାଇଁ କହିଥିଲେ ଯେ ଛବିଳ ମଧୁ ବର୍ଣ୍ଣବୋଧ ପ୍ରତି ଓଡ଼ିଆଙ୍କ ଘରେ ଶୋଭାପାଏ ଓ ଛୋଟ ପିଲାଟିଏ ଓଡ଼ିଆ ଭାଷା ଶିଖିବାର ମୂଳଦୁଆ ଏହି ବହିରୁ ପାଏ । ପିଲାଟି ମଧୁସୂଦନ




ରାଓଙ୍କ ରଚିତ ଏ ପୁସ୍ତକରୁ ବନାନଠୁ ଯୁକ୍ତାକ୍ଷର ତଥା ଗଣିତ ଜ୍ଞାନ ଆହରଣ କରେ । ଓଡ଼ିଆ ଭାଷା ଓ ଜାତି ପାଇଁ ମଧୁସୂଦନ ରାଓଙ୍କ ଏ ବହିଟି ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ଶିଶୁ ସାହିତ୍ୟ ଭକ୍ତକବି ମଧୁସୂଦନ ରାଓଙ୍କ ଦ୍ୱାରା ୧୮୯୫ ମସିହାରେ ଲେଖା ଯାଇଥିଲା । ଓଡ଼ିଆ ଭାଷା ଶିଖିବା ପାଇଁ ଏକ ସମ୍ପୂର୍ଣ୍ଣ ପୁସ୍ତକ ରୂପେ ବିବେଚିତ ବର୍ଣ୍ଣବୋଧରେ ଓଡ଼ିଆ ବର୍ଣ୍ଣମାଳା ସହ ମାତ୍ରା ଓ ଯୁକ୍ତାକ୍ଷର ପିଲାଙ୍କ ମନେରହିବା ପରି ଶୈଳୀରେ ଦର୍ଶାଯାଇଛି । ସମ୍ମାନନୀୟ ଅତିଥି ଦେବ ପ୍ରସାଦ ଦାଶ କହିଥିଲେ ଯେ ଗୋଟିଏ ଜାତିର ଇତିହାସରେ ଗୁରୁତ୍ୱପୂର୍ଣ୍ଣ ସମୟ ସେତେବେଳେ ଆସେ ଯେତେବେଳେ ଜାତିର ଅସ୍ତିତ୍ୱ ଓ ଅସ୍ମିତା ସଙ୍କଟରେ ପଡ଼େ । ପରିଶେଷରେ ଦର୍ଶକ ଏବଂ ବୁଦ୍ଧିଜୀବୀମାନଙ୍କର ବିଷୟ ସମ୍ବନ୍ଧୀୟ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





କାକଟପୁର, (ଭାସ୍କର ନ୍ୟୁଜ୍ ) : ଭଗବତୀ ବିଦ୍ୟାପୀଠ ବାଜପୁରର ୧୯୮୨/୮୩ ଜୁନିୟର ବ୍ୟାଚ ଛାତ୍ରଛାତ୍ରୀ ମାନେ କାକଟପୁର ଦେଉଳି ମଠ ପୀଠରେ ଏକତ୍ରିତ ହୋଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ସଫଳତାର ସହିତ ଆୟୋଜନ କରିଥିଲେ। ତୃତୀୟ ବର୍ଷ ବନ୍ଧୁମିଳନ ଉତ୍ସବରେ ପ୍ରାୟ୫୦ଜଣ ଛାତ୍ରଛାତ୍ରୀ ନିଜ ପରିବାର ସହିତ ଏକତ୍ରିତ ହୋଇ ନିଜ ନିଜର ଦୁଃଖ ସୁଖ ବିଷୟରେ ଆଲୋଚନା କରିଥିଲେ। ଦୁରଦୂରାନ୍ତରୁ ଆସିଥିବା ସାଙ୍ଗ ମାନଙ୍କ ମଧ୍ୟରେ ଏକ ଭାବବିହୋଳ ପରିବେଶ ସୃଷ୍ଟି କରିଥିଲା। ପିଛିଲା ଦିନର ଅନୁଭୂତି ସବୁ ବନ୍ଧୁମିଳନ କାର୍ଯ୍ୟକ୍ରମରେ ବହୁ ସାଙ୍ଗ ନିଜ ନିଜର ଅନୁଭୂତି ପ୍ରକାଶ କରିଥିଲେ। ଏଥିରେ ଯୋଗ ଦେଇଥିବା ପୁଅ ସାଙ୍ଗ ଓ ଝିଅ ସାଙ୍ଗମାନେ ନିଜ ନିଜର ପରିବାର ବର୍ଗ ସହିତ ଯୋଗ ଦେଇଥିଲେ। କେତେକ ସାଙ୍ଗ କିଛି କାରଣରୁ ଯୋଗ ଦେଇ ପାରିନଥିବାରୁ ସେମାନଙ୍କ ସହ ଯୋଗାଯୋଗ ରକ୍ଷା କରି ଆସନ୍ତା ବର୍ଷ ସମସ୍ତେ ଏକାଠି ହୋଇ ଧୁମଧାମରେ ବନ୍ଧୁମିଳନ କାର୍ଯ୍ୟ କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିଲେ। ସର୍ବଶେଷରେ ବନ୍ଧୁମିଳନ କାର୍ଯ୍ୟକ୍ରମ ସଫଳ ହୋଇଥିବାରୁ ଆୟୋଜକ ବନ୍ଧୁମାନଙ୍କୁ ସମସ୍ତେ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଗ୍ନିଶମ ବାହିନୀରେ ସାମିଲ ହେଲା ରବୋଟିକ୍ ଗାଡି




କୋରାପୁଟ, (ଭାସ୍କର ନ୍ୟୁଜ) : ଅଗ୍ନିଶମ ବାହିନୀରେ ସାମିଲ ହୋଇଛି ରିମୋର୍ଟ ଚାଳିତ ରବୋଟିକ ଗାଡି । ଏହି ଅତ୍ୟାଧୁନିକ ରବୋଟିକ୍ ଗାଡିର ଶୁଭ ଉଦ୍‌ଘାଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ଆକଭରାମ ଶସ୍ୟା ରେଡ୍ଡି ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଅଗ୍ନିଶମ ଅଧିକାରୀ ସୁରେଶ କୁମାର ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥିଙ୍କ ସହ ତହସିଲଦାର ସବ୍ୟସାଚୀ ଜେନା, ଟାଉନ ଥାନା ଅଧିକାରୀ ରମଣି ରନ ଦଳେଇ, ସଦର ଥାନା ଅଧିକାରୀ ଇଶ୍ୱର ଚନ୍ଦ୍ର ତାଣ୍ଡି, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଯଶୋଦା ଗାଦବା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । କୋରାପୁଟ ଜିଲ୍ଲା ଏକ ପାହାଡିଆ ଅଚଂଳ ହୋଇଥିବାରୁ ଜଙ୍ଗଲ ନିଆଁକୁ ନିୟନ୍ତ୍ରଣରେ ଏହି ଅତ୍ୟାଧୁନିକ ଗାଡିଗୁଡ଼ିକ ସହାୟକ ହେବ ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ । ଆଗାମୀ ଦିନରେ ଗ୍ରୀଷ୍ମ ଋତୁ ଆସୁଥିବାରୁ ଏହି ଗାଡି ବେଶ ସହାୟକ ହେବା ବୋଲି ଅତିଥିମାନେ ମତ ଦେଇଥିଲେ । ସୂଚନା ଅନୁଯାଇ, ସରକାରଙ୍କ ପକ୍ଷରୁ ଜୟପୁର ଅଗ୍ନିଶମ ଓ ଜରୁରୀକାଳୀନ କାର୍ଯ୍ୟାଳୟକୁ ୪ଟି ଗାଡି ଯୋଗାଇ ଦିଆଯାଇଛି । ନିଆଁକୁ ଲିଭାଇବା ଓ ଆୟତ କରିବା ପାଇଁ ଗାଡି ଗୁଡିକ ବ୍ୟବହାର କରାଯିବ । ଏହି ଗାଡିରେ ମଧ୍ୟରେ ରହିଛି ବୁଲେଟ୍, ଏକ ରିମୋଟ କଣ୍ଟ୍ରୋଲ ଇନିର ରୋବୋଟିକ୍ ଗାଡି, ଟାୟୋଟା ହାଇଲକ୍ସ ଯାନ ଜରୁରୀକାଳୀନ ସେବା ପ୍ରଦାନରେ ପ୍ରମୁଖ ଗାଡି, ମୋଟର ଫାୟାର ଇନ ୩ହଜାର ଲିଟର ପାଣି ଧାରଣ କରୁଥିବା ଯାନ ।

# ଶିକ୍ଷକଙ୍କୁ ଚକ୍ଷୁ ପରୀକ୍ଷା ତାଲିମ

କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ବ୍ଲକ ଓ ପୌରାଚଂଳ ଅନ୍ତର୍ଗତ ବିଦ୍ୟାଳୟ ଗୁଡିକର ଶିକ୍ଷକ, ଶିକ୍ଷୟତ୍ରୀଙ୍କୁ ରାଜ୍ୟ ସରକାରଙ୍କ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନାରେ ତାଲିମ ଦିଆଯାଇଛି । ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରତି ସ୍କୁଲରୁ ୨ଜଣ ଲେଖାଏଁ ମୋଟ ୧୯୬ଜଣ ଶିକ୍ଷକ, ଶିକ୍ଷୟତ୍ରୀ ୪ଟି ବ୍ୟାଚରେ ଯୋଗଦେଇ ଛାତ୍ରଛାତ୍ରୀଙ୍କ କିପରି ଦୃଷ୍ଟିଦୋଷ ପରୀକ୍ଷା କରିବେ ଓ ରିପୋର୍ଟ ପ୍ରଦାନ କରିବେ ତାଲିମ ନେଇଥିଲେ । ରାଜ୍ୟ ସରକାରଙ୍କ ଏହି ଯୋଜନାରେ ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ଚକ୍ଷୁ ପରୀକ୍ଷା କରି ଦୃଷ୍ଟିଦୋଷ ଥିବା ପିଲାଙ୍କୁ ମାଗଣା ଚଷମା ପ୍ରଦାନ ସହ ଅନ୍ୟ ଚକ୍ଷୁ ରୋଗ ଭୋଗୁଥିବା ପିଲାଙ୍କୁ ମାଗଣାରେ ଚିକିତ୍ସା କରାଯିବ । କୋରାପୁଟ ବିଇଓଙ୍କ କାର୍ଯ୍ୟାଳୟ ଏହି ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିଥିବାବେଳେ ବିଇଓ ଶ୍ରୀକାନ୍ତ ଜାନି ଉଦ୍‌ଘାଟନ କରିଥିଲେ । ମାଥାଲପୁଟ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରର ଡ. ଆଇ ମୁରଲୀ ସାଇ ପିଲାଙ୍କ ଚକ୍ଷୁ ପରୀକ୍ଷାର ଆବଶ୍ୟକତା ଏବଂ ଯୋଜନାର ବିଭିନ୍ନ ଦିଗ ଉପରେ ସୂଚନା ଦେଇଥିଲେ । ଡିଏଚ୍‌ଏଚ୍ ଚକ୍ଷୁ ଚିକିତ୍ସା ଅଧିକାରୀ ମୁକ୍ତିରନ ଜେନା ଓ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚକ୍ଷୁ ଚିକିତ୍ସା ଅଧିକାରୀ ବିଜୟ କୁମାର ଆଚାର୍ଯ୍ୟ ତାଲିମ ପ୍ରଦାନ କରିଥିଲେ । ବିଆରପି ଇତିଶ୍ରୀ ସୁବୁଦ୍ଧି ମଂଚ ସଂଯୋଜନା କରିଥିଲେ । ବାଳିକା ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସଙ୍ଗୀତା ସାହୁ, ସିଆରସିସି ପ୍ରଦୀପ ପାତ୍ର ଓ ସୂର୍ଯ୍ୟ ବେହେରା, ଆଇଇଡି ଜଗବନ୍ଧୁ ଜାନି ଓ ଧନୁର୍ଜୟ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ଉଦ୍ୟାନର ଭ୍ରମ ସୃଷ୍ଟି କରୁଛି ସରକାରୀ ବାସଭବନ



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାନବ ସମାଜ ପ୍ରକୃତିର କୋଳରୁ ଜନମ ନେଇଛି ହେଲେ ପ୍ରକୃତିକୁ ଭଲ ପାଇବାରେ ସର୍ବଦା ବ୍ୟତିକ୍ରମ କରିବା ସହ ତା'ର ବିପରୀତ ଦିଗରେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି। ଦୀର୍ଘ ଦିନର ବ୍ୟବଧାନ ପରେ ପ୍ରକୃତିକୁ ଭଲ ପାଇବା ଏବଂ ସୁରକ୍ଷା ଦେଉଥିବା ମଣିଷଟିଏ ଦେଖିବାକୁ ମିଳିଛନ୍ତି। ଉପାନ୍ତ ମାଲକାନଗିରି ଜିଲ୍ଲାର ବାଲିମେଳା ଭଳି ଏକ ଛୋଟ ସହରରେ ଦେଖିବାକୁ ମିଳିଛନ୍ତି ଏମିତି ଜଣେ ନିଆରା ମଣିଷ ଯେ କି ସମଗ୍ର ମାନବ ସମାଜକୁ ଭଲ ପାଇବା ସହ ପ୍ରକୃତିକୁ ଭଲ ପାଉଛନ୍ତି ଏବଂ ବେଶ୍ ଗୁରୁତ୍ୱ ମଧ୍ୟ ଦେଇ ଆସୁଛନ୍ତି। ଆମେ କହୁଛୁ ବାଲିମେଳା ସ୍ଥିତ ପୋଟେରୁ ଜଳସେଚନ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପୀତବାସ ସେଠୀଙ୍କ ସମ୍ପର୍କରେ। ପେଶାରେ ଜଣେ ସରକାରୀ କର୍ମଚାରୀ ହୋଇଥିଲେ ମଧ୍ୟ ନିଶାରେ ଜଣେ ପ୍ରକୃତି ପ୍ରେମୀ। ସେ ଯେବେ ଠାରୁ ବାଲିମେଳା ସହରକୁ ଆସିଲେଣି ସେବେ ଠାରୁ ତାଙ୍କ ସରକାରୀ ବାସଭବନ ପରିସରରେ ବିଭିନ୍ନ ପ୍ରକାରର ତଥା ରଙ୍ଗବେରଙ୍ଗର ଫୁଲଫଳ ଚାଷ ହେଉଥିବା ଦେଖାଯାଇଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ତାଙ୍କ ବଗିଚାରେ ଦେଖିବାକୁ ମିଳିଛି ଅନେକ କିସମର ଫୁଲ ଫଳ ଫଳିବାର ମନୋରମ ଦୃଶ୍ୟ। ଯାହା ସର୍ବିଙ୍କ ମନ ମୋହିବା ସହ କୌଣସି ଏକ ଫୁଲ ଉଦ୍ୟାନର ଭ୍ରମ ସୃଷ୍ଟି କରୁଛି। ତାଙ୍କ ବାସଭବନ ସମ୍ମୁଖରେ କିସମ କିସମର ଗୋଲାପ, ଡାଲିଆ, ଜିନିଆ, ମଲ୍ଲୀ, ରକ୍ତ ମନ୍ଦାର, ସେବତୀ, ଟଗର, ଗେଣ୍ଡୁ ଭଳି ଅନେକ ଫୁଲ ସହ ବାଇଗଣ, କଦଳୀ, ଟମାଟୋ, କଞ୍ଚା ଲଙ୍କା, ଅମୃତଭଣ୍ଡା ଭଳି ପନିପରିବା ଗଛ ଲାଗିଛି। ଏହା ସହିତ କିଛି ଔଷଧୀୟ ଗଛ ମଧ୍ୟ ରହିଛି। ବ୍ୟସ୍ତ ବହୁଳ ଜୀବନରେ ଟିକିଏ ସମୟ ପାଇଲେ ସେ ଅଧିକାଂଶ ସମୟ ଏହି ଫୁଲଫଳ ବଗିଚାର ରକ୍ଷଣାବେକ୍ଷଣା କରି ସମୟ ଅତିବାହିତ କରିଥାନ୍ତି। ଏ ସମ୍ପର୍କରେ ତାଙ୍କ ସହ କଥା ହେବା ବେଳେ ମୁଁ ଜଣେ ଚାଷୀ ପରିବାରର ପୁଅ, ଚାଷର ମହତ୍ତ୍ୱ ମୁଁ ଜାଣିଛି। ସେଥିପାଇଁ ପୋଟେରୁ ଜଳସେଚନ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଭାବେ ଆମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରକଳ୍ପର ସମସ୍ତ କେନାଲ ଓ ଶାଖା କେନାଲ ଗୁଡ଼ିକର ଶେଷ ସୀମାରେ କିଭଳି ପାଣି ପହଞ୍ଚିବ ସେ ଦିଗରେ କାର୍ଯ୍ୟ କରାଯାଉଛି। ଯାହା ଦ୍ୱାରା ଜିଲ୍ଲାର ଚାଷୀ କୂଳ ବିଭିନ୍ନ ଚାଷ କରି ଲାଭବାନ ହୋଇ ପାରୁଛନ୍ତି। ବଜାରରେ ମିଳୁଥିବା ଅନେକ ପନିପରିବାରେ ବିଭିନ୍ନ ରାସାୟନିକ ସାର ଓ କୀଟନାଶକ ବ୍ୟବହାର କରି ଉତ୍ପାଦନ କରୁଛନ୍ତି। ଯାହା ଆମ ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଏଣୁ ଅବସର ସମୟରେ ଏମିତି କିଛି ଚାଷ କରିବା ଦ୍ୱାରା କସରତ ହେବା ସହ ସୁସ୍ଥ ଏବଂ ସୁସମ ଖାଦ୍ୟ ପାଇପାରୁଛୁ ବୋଲି କହିଥିଲେ ଶ୍ରୀ ସେଠି। ଜଣେ ଏତେ ବଡ଼ ସରକାରୀ ଅଧିକାରୀ ସମୟର ଏପରି ବିନିଯୋଗ କରୁଥିବା ନିଶ୍ଚିତ ଅନ୍ୟ ମାନଙ୍କ ପାଇଁ ପ୍ରେରଣାଦାୟକ। ବହୁ ପୁରାତନ ପୋଟେରୁ ବିଭାଗକୁ ଅନେକ ଅଧିକାରୀ ଆସନ୍ତି ନିଜ ସରକାରୀ ବାସଭବନରେ ରହିଥାନ୍ତି ଏବଂ ନିଜ କାର୍ଯ୍ୟକାଳ ଶେଷ କରି ପୁଣି ଫେରିଯିବା ନଜୀର ରହିଛି। ହେଲେ ଶ୍ରୀ ସେଠି ଅଞ୍ଚଳର ସାଧାରଣ ଲୋକଙ୍କ ସହ ମଧୁର ସମ୍ପର୍କ ରଖିବା ସହ ଅଞ୍ଚଳର ବିକାଶ ପ୍ରତି ଅଧିକ ଦୃଷ୍ଟି ଦେଇ ଆସୁଛନ୍ତି। ପ୍ରକୃତିକୁ ଭଲ ପାଇବା ଭଳି ଏକ ଭିନ୍ନ ବ୍ୟକ୍ତିତ୍ୱ ପୀତବାସ ସେଠିଙ୍କ ଠାରୁ ଅନେକ ଶିଖିବାର ଅଛି ବୋଲି ସ୍ଥାନୀୟ ଅଞ୍ଚଳ ଦେଖଣାହାରୀଙ୍କ ମଧ୍ୟରେ ବେଶ୍ ଚର୍ଚ୍ଚା।

# ନାଗରିକ ସୁରକ୍ଷା ଓ ଗୃହରକ୍ଷକ ପ୍ରଶଂସା ପଦକ ପାଇଲେ ଗୃହରକ୍ଷୀ



କୁକୁଡ଼ାଖଣ୍ଡି, (ଭାସ୍କର ନ୍ୟୁଜ୍ ) : ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ପକ୍ଷରୁ ୭୬ ତମ ସାଧାରଣତନ୍ତ୍ର ଦିବସ ଅବସରରେ ଓଡ଼ିଶା ରାଜ୍ୟସ୍ତରୀୟ ଅଗ୍ନିଶମ ନାଗରିକ ସୁରକ୍ଷା ଓ ଗୃହରକ୍ଷକ ପ୍ରଶଂସା ପଦକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ପୋଲିସର ୧୨ ଜଣ ଗୃହରକ୍ଷୀ ଏହି ଜାତୀୟ ପୁରସ୍କାର ପାଇଥିବା ବେଳେ ବ୍ରହ୍ମପୁର ପୋଲିସ ଜିଲ୍ଲା ନିମଖଣ୍ଡି ଥାନାରେ କାର୍ଯ୍ୟରତ ଗୃହରକ୍ଷୀ ଅଜୁ କୁମାର ସାହୁ ତାଙ୍କ ଉଲ୍ଲେଖନୀୟ ସେବା ପାଇଁ ନାଗରିକ ସୁରକ୍ଷା ଓ ଗୃହରକ୍ଷକ ପ୍ରଶଂସା ପଦକ ପୁରସ୍କାର ପାଇଛନ୍ତି । ଭୁବନେଶ୍ୱର ସ୍ଥିତ ଅଗ୍ନିଶମ ନିର୍ଦ୍ଦେଶାଳୟ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ଉତ୍ସବରେ ଓଡ଼ିଶା ପୋଲିସ ଅଗ୍ନିଶମ ନାଗରିକ ସୁରକ୍ଷା ଓ ଗୃହରକ୍ଷକ ନିର୍ଦ୍ଦେଶାଳୟର ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀ ଏହି ପ୍ରଶଂସା ପଦକ ପ୍ରଦାନ ସହ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । କୁକୁଡ଼ାଖଣ୍ଡି ବ୍ଲକର ଗୁରୁଣ୍ଡି ପଞ୍ଚାୟତର ଯୁଗିଆପଲ୍ଲୀ ଗ୍ରାମରେ ଜନ୍ମିତ ଅଜୁ କୁମାର ସାହୁ ସଦର ଥାନାରେ ୨୦୦୬ ମସିହାରୁ ଗୃହରକ୍ଷୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ବର୍ତ୍ତମାନ ନିମଖଣ୍ଡି ଥାନାରେ କାର୍ଯ୍ୟରତ ଥିବା ବେଳେ ପୋଲିସ ଗୃହରକ୍ଷୀ ସେବାରେ ଉଲ୍ଲେଖନୀୟ କୃତିତ୍ୱ ହାସଲ ସହ ଜାତୀୟ ଓ ରାଜ୍ୟସ୍ତରରେ ପ୍ରଶଂସିତ ହୋଇ ଥାନା ଏବଂ ଅଞ୍ଚଳର ଗୌରବ ବୃଦ୍ଧି କରିଥିବାରୁ ବ୍ରହ୍ମପୁର ଏସପି ଡ଼ଃ ଶ୍ରର୍ବଣ ବିବେକ୍ ଏମ୍, ସଦର ଏସଡିପିଓ ଶୁଭ୍ରାଂଶୁ ପରିଡ଼ା, ଆଇଆଇସି କୃଷ୍ଣଚନ୍ଦ୍ର ସାହା, ଏସ୍‌ଆଇ ଜ୍ଞାନ ରଞ୍ଜନ ବେହେରାଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଓ ଆମ ପୋଲିସ ସମିତି ଏବଂ ଅଞ୍ଚଳବାସୀ ଶୁଭେଚ୍ଛା ଜଣାଇଛନ୍ତି ।

# ଶିବରାମ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ବ୍ରହ୍ମପୁର, (ଭାସ୍କର ନ୍ୟୁଜ) : ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରକ୍ତାନ ସଂଘ ଚାଳକ (ଓଡ଼ିଶା ମୁଖ୍ୟ) ସମ୍ମାନନୀୟ ସ୍ୱର୍ଗତ ଶିବରାମ ମହାପାତ୍ର (ବଡ଼ ଭାଇନା)ଙ୍କ ବିୟୋଗରେ ତାଙ୍କ ବ୍ରହ୍ମପୁର ସ୍ଥିତ ବାସଭବନରେ ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ଏବଂ ଖଣି ଓ ଇସ୍ପାତ କ୍ୟାବିନେଟ ମନ୍ତ୍ରୀ ବିଭୂତି ଭୂଷଣ ଜେନା ପହଞ୍ଚି ସ୍ୱର୍ଗତ ଶିବରାମ ମହାପାତ୍ରଙ୍କ ପଟ୍ଟଚିତ୍ରରେ ପୁଷ୍ପମାଲ୍ୟ ସହ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି । ତାଙ୍କ ପରିବାର ସହ ଆଲୋଚନା ବି କରିଛନ୍ତି । ସ୍ୱର୍ଗତ ଶିବରାମ ମହାପାତ୍ର ଜଣେ ଶିକ୍ଷାବିତ୍, ସମାଜ ସଂସ୍କାରକ ଏବଂ ଶୁଲେଖକ ବି ଥିଲେ। ରାଷ୍ଟ୍ରବାଦି ଲେଖା ମାଧ୍ୟମରେ ସେ ବିଭିନ୍ନ ମହଲରେ ନିଜର ପରିଚୟ ପାଇପାରିଥିଲେ ବୋଲି ମନ୍ତ୍ରୀ ଶ୍ରୀ ଜେନା ପ୍ରକାଶ କରିଛନ୍ତି । ନିଜ ଲେଖା ମାଧ୍ୟମରେ ସ୍ୱର୍ଗତ ମହାପାତ୍ର ଓଡ଼ିଶାର ଘରେ ଘରେ ପରିଚିତ ଥିଲେ। ରାଷ୍ଟ୍ରବାଦୀ ଶିକ୍ଷାନୁଷ୍ଠାନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ମଧ୍ୟ ବ୍ରହ୍ମପୁରର ପ୍ରତିଷ୍ଠାତା ଥିଲେ । ନିଜ ଘରେ ହିଁ ଶିଶୁ ମନ୍ଦିରକୁ ଆରମ୍ଭ କରିଥିଲେ ସ୍ୱର୍ଗତ ଶିବରାମ ମହାପାତ୍ର । ଏହି ଭଳି ଜଣେ ବୁଦ୍ଧିଜୀବୀ ଲେଖକ ବକ୍ତାଙ୍କର ବିୟୋଗ ନିଶ୍ଚିତ ଭାବେ ସମାଜର ଅପୂରଣୀୟ କ୍ଷତି ତାଙ୍କ ବାସଭବନରେ ପହଞ୍ଚି ମାନ୍ୟବର ବିଭୂତି ଭୂଷଣ ଜେନା ତାଙ୍କ ପରିବାର ବର୍ଗଙ୍କୁ ସମାବେଦନା ସହିତ ନିଜ ରାଜନୈତିକ ଜୀବନରେ ବଡ଼ ଭାଇନଙ୍କର ଭୂମିକା କ'ଣ ରହିଛି ସେ ପରିବାର ସହିତ ସ୍ମୃତି ଉଜାଗର କରିଛନ୍ତି।

# ବିଦ୍ୟାଳୟ ପ୍ରତିଷ୍ଠାତାଙ୍କୁ ପୁଷ୍ପମାଲ୍ୟ ଓ ସମ୍ବର୍ଦ୍ଧନା



ବୋଲଗଡ଼, (ଭାସ୍କର ନ୍ୟୁଜ୍ ) : ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ଥାପିତ ବିଦ୍ୟାଳୟର ପ୍ରତିଷ୍ଠାତା ଚତୁର୍ଭୁଜ ପରିଜା ଏବଂ ସ୍ୱାଧୀନତା ସଂଗ୍ରାମୀ ଗୋପୀନାଥ ପରିଜାଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି। କେବଳ ସେତିକି ନୁହେଁ ମହାତ୍ମା ଗାନ୍ଧି, ସୁଭାଷ ଚନ୍ଦ୍ର ବୋଷ, ଜୟୀ ରାଜଗୁରୁ, ଗୋପବନ୍ଧୁ ଦାସ ଓ ମଧୁସୂଦନ ଦାସ ସଂପୁର ଗାଁ ମଧ୍ୟରେ ସ୍ଥାପିତ ସ୍ୱାଧୀନତା ସଂଗ୍ରାମୀ ବାବାଜୀ ଦାଶ ଏବଂ ପ୍ରସିଦ୍ଧ ଜ୍ୟୋତିର୍ବିଦ, କବି, ନାଟ୍ୟ କାର ତଥା ଚିକିତ୍ସକ ତାରେଶ୍ୱର ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ, ବୋଲଗଡ଼ ଭଏସ ମିଡ଼ିଆର ସଭାପତି ନିରଞ୍ଜନ ନାୟକ, ଅବିନାଶ ମହାନ୍ତି, ସାନ୍ତ୍ୱନୁ ଛୋଟରାୟ, ଚନ୍ଦନ ବିଶ୍ୱାଳ, ପ୍ରଭଞ୍ଜନ ସମେତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷାକର୍ମୀ, ସଂପୁର ଏବଂ ଖଙ୍ଗୁରିଆ ଯୁବଗୋଷ୍ଠୀ ସାଧାରଣତନ୍ତ୍ର ଦିବସ ଅବସରରେ ମାଲ୍ୟାର୍ପଣ କରିଥିଲେ । ସଂପୁର ଗ୍ରାମର ସଫଳ କୃଷକ ସଦାନନ୍ଦ ଛୋଟରାୟ ଏବଂ ରବୀନ୍ଦ୍ର କୁମାର ଦେଓଙ୍କୁ ଦୁଇ ଯୁବଗୋଷ୍ଠୀ ବାଇକ ରାଲି କରିବା ସହ ସମ୍ବର୍ଦ୍ଧିତ କରିଥିଲେ । ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ, ହରିରାଜପୁରସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସବିତା ସୁବୁଦ୍ଧି ଓ ଗୋବିନ୍ଦପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ସେଠୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ ।

# ପ୍ରୟାଗରାଜକୁ ଗଡ଼ିଲା ସରକାରୀ ବସ୍

କୋରାପୁଟ, (ଭାସ୍କର ନ୍ୟୁଜ) : ଓଡିଶା ରାଜ୍ୟ ସଡକ ପରିବହନ ନିଗମ ପକ୍ଷରୁ ମହାକୁମ୍ଭ ମେଳା ପାଇଁ ସ୍ୱତନ୍ତ୍ର ଡବଲ ଏକ୍ସଲ ଭଲବୋ ବସ୍ ସେବା ଆରମ୍ଭ ହୋଇଛି। କୋରାପୁଟରୁ ଅଯୋଧ୍ୟ (ପ୍ରୟାଗରାଜ)କୁ ଏହି ବସ୍ ଯାତ୍ରା କରିଛି। କୋରାପୁଟ ବିଧାୟକ ମୁଖ୍ୟଅତିଥି ଭାବେ ପତାକା ଦେଖାଇ ବସ୍ ସେବାକୁ ଆରମ୍ଭ କରିଥିଲେ। କୋରାପୁଟ ଜିଲ୍ଲାପାଳ ଭି କୀର୍ତି ଭାସନ, ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, କୋରାପୁଟ ପୌରାଧକ୍ଷ ଲଲାଟ ରନ ସେଠୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶା, ଆରଟିଓ ରାଜେଶ ମାରାଣ୍ଡି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଓଏସ୍‌ଆର୍‌ଟିସି



ଜିଲ୍ଲା ପରିବହନ ମ୍ୟାନେଜର ଶ୍ରୀନିବାସ ପାଣିଗ୍ରାହୀ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କୋରାପୁଟ ସହର ବାସିନ୍ଦାଙ୍କ ନିମନ୍ତେ ସ୍ୱତନ୍ତ୍ର ସରକାରୀ ବସ୍ ଚଳାଇବା ପାଇଁ ଚେଷ୍ଟା କରାଯାଉଛି ବୋଲି କୋରାପୁଟ ବିଧାୟକ ରଘୁରାମ ମାଛ କହିଥିଲେ। ବସ୍‌ରେ ସହକାରୀ ପ୍ରବନ୍ଧକ ପ୍ରକାଶ କୁମାର ନାୟକଙ୍କ ସହ ଅନ୍ୟ ଜଣେ କର୍ମଚାରୀ ଯାତ୍ରୀଙ୍କୁ ସହଯୋଗ କରିବା ପାଇଁ ଯାଇଛନ୍ତି। ପୁରୁଷଙ୍କ ପାଇଁ ୭ହଜାର ଏବଂ ମହିଳାଙ୍କ ପାଇଁ ୪ହଜାର ୩୫୨ଟଙ୍କା ଟିକେଟ ଦର ରହିଛି । ଅଧିକ ବସ୍ ଯୋଗାଇବା ପାଇଁ ବହୁ ଯାତ୍ରୀ ଦାବି କରିଛନ୍ତି । ତେଣୁ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ ବୋଲି ଜିଲ୍ଲାପାଳ ଓ ବିଧାୟକ କହିଛନ୍ତି।

# ଆତ୍ମ ସୁରକ୍ଷା ତାଲିମ୍ ଶିବିର

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ସରକାରୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ରୀମାନଙ୍କୁ ଗତ ଆଠ ଦିନ ଧରି ଆତ୍ମସୁରକ୍ଷା ତାଲିମ୍ ଦିଆଯାଇଥିଲା । ବିଦ୍ୟାଳୟର ଅଧ୍ୟାପକ ଏବଂ ଅଧ୍ୟାପିକା ମାନେ ଆତ୍ମସୁରକ୍ଷା ତାଲିମ୍ ପ୍ରାପ୍ତ ଛାତ୍ରୀ ମାନଙ୍କୁ ନେଇ ଏକ ସଭା ଅନୁଷ୍ଠିତ କରିଥିଲେ। ଏହି ସଭାରେ ଆତ୍ମ ସୁରକ୍ଷା ତାଲିମ୍ ଭାରପ୍ରାପ୍ତ ଅଧିକାରିଣୀ ନିକିତା ସିଂ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରିଥିଲେ ମୁଖ୍ୟ ଅଧ୍ୟାପକ ପଦ୍ମନାଭ ପୁଆଲା ମହାଶୟ। ସେ ଛାତ୍ରୀ ମାନଙ୍କୁ ସାହସୀ ହେବା ପାଇଁ ଉପଦେଶ ଦେବା ସହ କିପରି ସମାଜରେ ନିଜ ପାଇଁ ନିଜକୁ ଲଢ଼େଇ କରିବାକୁ ପଡ଼ିବ ସେ ସମ୍ବନ୍ଧରେ ବହୁ ତଥ୍ୟମୂଳକ କଥା କହିଛନ୍ତି। ଛାତ୍ରୀମାନେ ବର୍ତ୍ତମାନ ସମାଜରେ ବସବାସ କରୁଥିବା କପଟ, ଅସଭ୍ୟ ଲୋକମାନଙ୍କ ଠାରୁ ନିଜକୁ କିପରି ସୁରକ୍ଷା ପ୍ରଦାନ କରିବେ ସେ ସମ୍ବନ୍ଧରେ ଭାଷଣ ପ୍ରଦାନ କରିଛନ୍ତି ଅଧ୍ୟାପକ ନରେନ୍ଦ୍ର ସୋଡ଼ି। ବିଦ୍ୟାଳୟର ଆତ୍ମ ସୁରକ୍ଷା ଭାରପ୍ରାପ୍ତ ଅଧିକାରିଣୀ ନିକିତା ସିଂ ଏହି ତାଲିମ୍ ଦ୍ୱାରା ଛାତ୍ରୀ ମାନଙ୍କ ଶାରୀରିକ ତଥା ମାନସିକ ସ୍ତରରେ ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିବା ସହ ଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଉନ୍ନତି କାମନା କରିଛନ୍ତି।

# ବ୍ରହ୍ମପୁର ଆଞ୍ଚଳିକ ନିର୍ଦ୍ଦେଶାଳୟର ନୂଆ ଅଧ୍ୟକ୍ଷ ନିଯୁକ୍ତ




ବ୍ରହ୍ମପୁର, (ଭାସ୍କର ନ୍ୟୁଜ) : ବ୍ରହ୍ମପୁର ସ୍ଥିତ ରାଜସ୍ୱ ଡାକ ବଙ୍ଗଳା ଠାରେ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ଭାରତ ସରକାରଙ୍କ ବ୍ରହ୍ମପୁର ଆଞ୍ଚଳିକ ନିର୍ଦ୍ଦେଶାଳୟର ନୂତନ ଅଧ୍ୟକ୍ଷ ଭବାନି ଶଙ୍କର ଦାସଙ୍କୁ ଗଞ୍ଜାମ ଜିଲ୍ଲା ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଡିଟିଏନ୍‌ବିଡବ୍ଲୁ ଇଡିର ନିର୍ଦ୍ଦେଶକ ଏମ୍‌ଏସ୍ ଅକତର ଶିକ୍ଷା ଅଧିକାରୀ ଦିଲିପ କୁମାର ଶତପଥୀ, ପୂର୍ଣ୍ଣଚନ୍ଦ୍ର ସାହୁ ଉପସ୍ଥିତ ରହି ନୂତନ ଅଧ୍ୟକ୍ଷ ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧନା କରିଥିଲେ । ଅଧ୍ୟକ୍ଷ ଡ.ଭବାନି ଶଙ୍କର ଦାସ ଦୀପ ପ୍ରଜ୍ୱଳନ କରିଥିବା ବେଳେ ସଙ୍ଘର ସମ୍ପାଦକ ଉମା ଶଙ୍କର ସାହୁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ବୈଠକରେ ଓଡ଼ିଶା ସରକାରଙ୍କ ଡିଆଇସିରୁ ପ୍ରତିନିଧିତ୍ୱ କରୁଥିବା ଆର୍‌ଏସି ସଦସ୍ୟ ଜ୍ୟୋତି ରଞ୍ଜନ ବେହେରାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଆଗାମୀ ଦିନରେ ଏହି ବୋର୍ଡ଼ ତ୍ୱରିତ ଗତିରେ କାମ କରି ସରକାରଙ୍କ ସମସ୍ତ ଯୋଜନା ଶ୍ରମିକ ଭାଇ ଓ ଭଉଣୀଙ୍କ ନିକଟରେ ପହଞ୍ଚେଇବା ପାଇଁ ପ୍ରୟାସ କରିବ ବୋଲି ନୂତନ ଭାବେ ଦାୟୀତ୍ୱ ନେଇଥିବା ଅଧ୍ୟକ୍ଷ ଡ଼.ଭବାନି ଶଙ୍କର ଦାସ ମତ ବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଅଜୟ ଦ୍ୱିବେଦୀ, ଧିରେନ୍ ରାଉତ, ରାକେଶ ସ୍ୱାଇଁ,ଏନ୍.ରାଣୀ, କୃଷ୍ଣ ଚନ୍ଦ୍ର ପଣ୍ଡା, ପି.ଧର୍ମା ରାଓ, ଗୋପାଳ ମଲ୍ଲିକ, ସନ୍ତୋଷ ସାହୁ, ରିନାରାଣୀ ଗୌତମ, ରେଣୁବାଳା ସାହୁ, ଧର୍ମରାଜ ରେଡ଼ୀ ପ୍ରମୁଖଙ୍କ ସମେତ ଭାରତୀୟ ମଜଦୁର ସଂଘର ବହୁ ସଂଖ୍ୟାରେ ପଦାଧିକାରୀ ଏବଂ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ଏହା ସହ ବିଭିନ୍ନ ୟୁନିଅନର ପଦାଧିକାରୀ ମାନେ ଉପସ୍ଥିତ ରହି ନୂତନ ଅଧ୍ୟକ୍ଷ ଡ଼.ଭବାନି ଶଙ୍କର ଦାସଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ଭାରତୀୟ ମଜଦୁର ସଂଘର ସଂଗଠନ ସମ୍ପାଦକ ଗୋପାଳ କୃଷ୍ଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜାତୀୟ ମତଦାତା ଦିବସ ଉପଲକ୍ଷେ ସମ୍ବର୍ଦ୍ଧନା



ରଘୁନାଥପୁର, (ଭାସ୍କର ନ୍ୟୁଜ୍ ) : ଜଗତସିଂହପୁର ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ୧୪ତମ ଜାତୀୟ ମତଦାତା ଦିବସ ପାଳନ ଅବସରରେ ରଘୁନାଥପୁର ବ୍ଲକର ଅଧିନରେ ଭୋଟର କାର୍ଯ୍ୟ କରୁଥିବା ୨ଜଣ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ତିର୍ତ୍ତୋଲ ୧୦୨ ବିଧାନସଭା ସଂରକ୍ଷଣ ଆସନର ଜଗନ୍ନାଥପୁର ବୁଥ୍ ନଂ ୪୦ ସ୍ୱପ୍ନେଶ୍ୱର ବିଦ୍ୟାମନ୍ଦିରର ବ୍ଲକ ସ୍ତରୀୟ ଅଧିକାରୀ ବି ଏଲ୍ ଓ ରାଜେନ୍ଦ୍ର ନାଥ ନାୟକ ଏବଂ ସୁପର ଭାଇଜର ଯାଜ୍ଞକଳ୍କ ମିଶ୍ରଙ୍କୁ ଜିଲ୍ଲା ପ୍ରକଳ୍ପ ଅଧିକାରୀ ରବି ନାରାୟଣ ଜେଠୀ ଦକ୍ଷ କାର୍ଯ୍ୟ ନିର୍ବାହୀ ଭାବେ ସମ୍ବର୍ଦ୍ଧନା କରିଛନ୍ତି।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ସନ୍ଧ୍ୟା ରାଣୀ ମାଝୀ, କଳ୍ପୀତା ଜେନା, ରାଜେଶ ସାହୁ ଓ ଗରୁଡ ଆପ୍‌ର ସଂଯୋଜକ ଦେବପ୍ରିୟ ଗୋଛାୟତ ଉପସ୍ଥିତ ଥିଲେ।

# ଆଳି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଆଳି, (ଭାସ୍କର ନ୍ୟୁଜ୍ ) : ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ମହା ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଦୁର୍ଯ୍ୟୋଧନ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ପ୍ରଫେସର ରଞ୍ଜିତ କୁମାର ପ୍ରଧାନ ଯୋଗଦେଇ ନିଜ ବକ୍ତବ୍ୟରେ କହିଥିଲେ ଯେ ଯେଉଁ ଅନୁଷ୍ଠାନର ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ ପୁରାତନ ଛାତ୍ରଛାତ୍ରୀ ସମ ପରିମାଣର ମଜଭୁତ ହେବେ ତାହେଲେ ମହା ବିଦ୍ୟାଳୟ ସେତିକି ମଜଭୁତ ହେବ। ଓଡ଼ିଆ ଅସ୍ମିତା କଥା କହୁଥିବା ବେଳେ ଓଡ଼ିଆ ଚାଲିଚଳଣୀ, ବିଧିବିଧାନକୁ ଭୁଲି ଅପସଂସ୍କୃତି ପଛରେ ଶହେ ସ୍ପିଡ଼ରେ ଦୌଡୁଛି ମଣିଷ। ଏଥି ସହିତ ଛାତ୍ରଛାତ୍ରୀ ମାନେ ୬ ଟି 'ମ' ମା, ମାଟି ମାତୃଭାଷା, ମଣିଷପଣିଆ, ମଦ ଓ ମୋବାଇଲ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ଛାତ୍ର ସଂସଦର ଉପଦେଷ୍ଟା ପ୍ରାଧ୍ୟାପକ ବିକ୍ରମ କୁମାର ବେହୁରା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅଧ୍ୟକ୍ଷ ଶ୍ରୀ ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମ ଶେଷ ଭାଗରେ ଛାତ୍ରଛାତ୍ରୀ ମାନଙ୍କ ପକ୍ଷରୁ ଗୀତ, ନାଚ ପ୍ରତିଯୋଗିତା ସହିତ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିବା ବେଳେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ ।

# ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଆମର ସ୍ୱପ୍ନ ଓ ସଂକଳ୍ପ ହେଉ: ମନ୍ତ୍ରୀ



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ୭୬ତମ ସାଧାରଣତନ୍ତ୍ର ଦିବସ କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ କେନ୍ଦୁଝର ଷ୍ଟାଡିୟମଠାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ମନ୍ତ୍ରୀ ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଗଣେଶରାମ ସିଂଖୁଂଟିଆ ଜାତୀୟ ପତାକା ଉତୋଳନ କରିବା ସହ ସମ୍ମିଳିତ ଆନୁଷ୍ଠାନିକ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ । ଉଦ୍‌ବୋଧନ ଛଳରେ ମନ୍ତ୍ରୀ ଶ୍ରୀ ସିଂଖୁଂଟିଆ ବିକଶିତ ଭାରତ ଓ ବିକଶିତ ଓଡିଶା ଆମର ସ୍ୱପ୍ନ ଓ ସଂକଳ୍ପ ହେଉ ବୋଲି ଆହ୍ୱାନ ଜଣାଇଥିଲେ । ସମସ୍ତେ ଜଣେ ଜଣେ ଭଲ ନାଗରିକ ହେବା ସହ ଦେଶ ପ୍ରତି ନିଜର କର୍ତ୍ତବ୍ୟ ପାଳନ କରିବାକୁ ଆହ୍ୱାନ ଜଣାଇଥିଲେ। ଏହି ଅବସରରେ ଆୟୋଜିତ ସମ୍ମିଳିତ ଆନୁଷ୍ଠାନିକ ପ୍ୟାରେଡ୍‌ରେ ୫୩ଟି ଦଳ ଅଂଶଗ୍ରହଣ କରି ଚିତାକର୍ଷକ ମାର୍ଚ୍ଚପାଷ୍ଟ୍ କରିଥିଲେ ଏବଂ ମୁଖ୍ୟ ଅତିଥି ମନ୍ତ୍ରୀ ଗଣେଶରାମ ସିଂଖୁଂଟିଆ ଅଭିବାଦନ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ୭ଟି ବିଭାଗ ତରଫରୁ ପ୍ରଜ୍ଞାପନ ମେଢ ପ୍ରଦର୍ଶିତ ହୋଇଥିଲା ଏବଂ ୪ଟି ଶିକ୍ଷାନୁଷ୍ଠାନ ତରଫରୁ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ କେନ୍ଦୁଝର ଜିଲ୍ଲା ଆମେଚର୍ ତାଇକୋଣ୍ଡ ଆସୋସିଏସନ୍ ତରଫରୁ ତାଇକୋଣ୍ଡ ପ୍ରଦର୍ଶନ କରାଯାଇଥିଲା । ଚିତାକର୍ଷକ ପ୍ୟାରେଡ୍ ପାଇଁ ଶ୍ରେଷ୍ଠ ଦଳ ଭାବେ ଏନ୍‌ସିସି / ସ୍କାଉଟ୍/ ଗାଇଡ୍/ ରେଡ୍‌କ୍ରସ୍ ବାଳିକା ବର୍ଗରେ ସିନିୟର ଡିଭିଜନ୍ ଏନ୍‌ସିସି ଡିଡି କଲେଜ୍ କେନ୍ଦୁଝର, ଶ୍ରେଷ୍ଠ ବାଳକ ଦଳ ଭାବେ ଏନ୍‌ସିସି ଡିଏନ୍ ହାଇସ୍କୁଲ କେନ୍ଦୁଝର, ସିଭିଲିଆନ୍ ସିନିୟର୍ ବର୍ଗରେ ଶ୍ରେଷ୍ଠ ବାଳିକା ଦଳ ଭାବେ ସିଭିଲିଆନ କମାରଗୋଡା ବାଳିକା ଉଚ୍ଚବିଦ୍ୟାଳୟ କେନ୍ଦୁଝର, ଶ୍ରେଷ୍ଠ ବାଳକ ଦଳ ଭାବେ ଏନ୍‌ଏସ୍ ପୋଲିସ୍ ହାଇସ୍କୁଲ କେନ୍ଦୁଝର ଏବଂ ସିଭିଲିଆନ୍ ଜୁନିୟର ବର୍ଗର ଶ୍ରେଷ୍ଠ ବାଳିକା ଦଳ ଭାବେ ସିଭିଲିଆନ ରବିନ୍ଦ୍ର ବିଦ୍ୟାନିକେତନ କେନ୍ଦୁଝର, ଶ୍ରେଷ୍ଠ ବାଳକ ଦଳଭାବେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବଣିଆପାଟ୍‌କୁ ମୁଖ୍ୟ ଅତିଥି ଟ୍ରଫି ପ୍ରଦାନ କରିଥିଲେ । ପ୍ରଜ୍ଞାପନ ମେଢ ପ୍ରଦର୍ଶନ କ୍ଷେତ୍ରରେ ପ୍ରଥମ ସ୍ଥାନ ହାସଲ କରିଥିବା ବନ ବିଭାଗ କେନ୍ଦୁଝର, ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଉଦ୍ୟାନ କୃଷି ବିଭାଗ କେନ୍ଦୁଝର ଏବଂ ତୃତୀୟ ସ୍ଥାନ ହାସଲ କରିଥିବା ମୃତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ କେନ୍ଦୁଝରକୁ ପୁରସ୍କୃତ କରାଯାଇଥିଲା । ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମରେ କିଡ୍‌ସ ପବ୍ଲିକ୍ ସ୍କୁଲ୍ କେନ୍ଦୁଝର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବଣିଆପାଟ, ଡିଏଭି ପବ୍ଲିକ୍ ସ୍କୁଲ କେନ୍ଦୁଝର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କେନ୍ଦୁଝର ଦଳକୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲାପାଳ ବିଶାଲ ସିଂହ ଏବଂ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ଉପସ୍ଥିତ ରହି କାର୍ଯ୍ୟକ୍ରମର ତତ୍ତ୍ୱାବଧାନ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ ସମାରୋହର ପରିଚାଳନା କରିଥିଲା ବେଳେ କାର୍ଯ୍ୟାଳୟର ପିତବାସ ମହାନ୍ତ ଧାରାବିବରଣୀ ପ୍ରଦାନ କରିଥିଲେ। ଆରଆଇଅଫ୍ ପୋଲିସ୍ ମାନସ କୁମାର ବେହେରା ସମ୍ମିଳିତ ଆନୁଷ୍ଠାନିକ ପ୍ୟାରେଡର ନେତୃତ୍ୱ ନେଇଥିଲେ । ମଧ୍ୟାହ୍ନରେ କେନ୍ଦୁଝର ଷ୍ଟାଡିୟମ୍ ଠାରେ ଜିଲ୍ଲାପାଳ ଏକାଦଶ ଓ କେନ୍ଦୁଝର ନାଗରିକ ଏକାଦଶ ମଧ୍ୟରେ ଏକ ପ୍ରଦର୍ଶନୀ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା ଏବଂ ଉକ୍ତ ମ୍ୟାଚ୍‌ରେ ଜିଲ୍ଲାପାଳଙ୍କ ଏକାଦଶ ବିଜୟୀ ହୋଇଥିଲା । ଅପରାହ୍ନରେ କେନ୍ଦୁଝର ଅଡିଟୋରିୟମ୍‌ଠାରେ ମିଳନୀ ସାହିତ୍ୟ ସଂସଦ ସହଯୋଗରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ କେନ୍ଦୁଝର ଅଡିଟୋରିୟମ୍‌ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଥିଲା।



କେନ୍ଦୁଝର (ଭାସ୍କର ନ୍ୟୁଜ୍): କେନ୍ଦୁଝର ରୋଟାରୀ କ୍ଲବ ୭୬ ତମ ସାଧାରଣତନ୍ତ୍ର ଦିବସକୁ ଆଦୃତ ଓ ପ୍ରୟାସ ସ୍କୁଲ (ଅନ୍ଧ ଓ ମୂକ ସ୍କୁଲ) ପରିସରରେ ମହାଆଡମ୍ବର ସହକାରେ ପାଳନ କରିଛି। ଏହି ଜାତୀୟ ପର୍ବରେ ରୋଟାରୀ କ୍ଲବ କେନ୍ଦୁଝର ଶାଖାର ସଭାନେତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁ ମହାଶୟା ପତାକା ଉତ୍ତୋଳନ କରିଥିଲେ ଓ ସାଥିରେ ରୋଟାରୀ କ୍ଲବ କେନ୍ଦୁଝର ଶାଖାର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ରୋଟାରୀ କ୍ଲବର ସଦସ୍ୟ ଓ ସଦସ୍ୟାଙ୍କ ସହାୟତାରେ ମିଷ୍ଟାନ୍ନ ଓ ପ୍ରାଥମିକ ଚିକିତ୍ସା ଉପକରଣ ବଣ୍ଟନ କରାଯାଇଛି। ଛୋଟ ଛୋଟ ପିଲାଙ୍କ ପାଇଁ ପ୍ରାଥମିକ ଚିକିତ୍ସା କେତେ ଗୁରୁତ୍ୱପୂର୍ଣ୍ଣ ସେ ବିଷୟରେ ଜନଜାଗରଣ ସୃଷ୍ଟି କରିବା ପାଇଁ ରୋଟାରୀ କ୍ଲବ କେନ୍ଦୁଝର ଶାଖା ଚେଷ୍ଟା କରିଛି। ରୋଟାରୀ କ୍ଲବ ପ୍ରୟାସ ସ୍କୁଲ ପରିସରରେ ଶୀତବସ୍ତ୍ର ପ୍ରଦାନ କରିଛି। ଜିଲ୍ଲାସ୍ତରୀୟ କଲେଜ ଲେବଲ୍ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଅନୁଷ୍ଠିତ କରି ଜିଲ୍ଲା ପ୍ରଶାସନ ଦ୍ୱାରା ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରୋଟାରୀଆନ୍ ସବିତା ବେହେରା, ପ୍ରଣତି ମହାପାତ୍ର, ସଞ୍ଜୟ ମହାପାତ୍ର,ବିଜୟ ବେହେରା, ସତ୍ୟଜିତ ନନ୍ଦ, ସୁରେଶ ଚନ୍ଦ୍ର ଖଟୋଇ, ବିଜୟନାଥ କପୁର, ହରି ସାହୁ, ଅମୀୟ ବେହେରା, ଗଜେନ୍ଦ୍ର ବେହେରା, ରୀତା କପୁର, ସସ୍ମିତା ପ୍ରଧାନ, ମହେଶ ଚାୱ୍ଡା, ଦୀପକ ନାୟକ, ଡାକ୍ତର ସଞ୍ଜିବ କୁମାର ଓତା ପ୍ରମୁଖ ଉପସ୍ଥିତ ଥିଲେ।

# ଜିନ୍ଦଲ ଷ୍ଟିଲ୍ ଏଣ୍ଡ୍ ପାୱାର ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ




କେନ୍ଦୁଝର(ଭାସ୍କର ନ୍ୟୁଜ୍): ଜିନ୍ଦଲ ଷ୍ଟିଲ ଏଣ୍ଡ୍ ପାୱାର (ଜେଏସପି) ପକ୍ଷରୁ ବଡ଼ବିଲ ପେଲେଟ ପ୍ଲାଣ୍ଟ, ଟେନ୍ସା ଓ କାସିଆ ମାଇନ୍ସରେ ବଡ଼ ଉତ୍ସାହର ସହ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ପେଲେଟ ପ୍ଲାଣ୍ଟରେ ୟୁନିଟ ହେଡ୍ ପୁରୁଷୋତ୍ତମ ଏମଡି, କାସିଆ ଆଇରନ ଏଣ୍ଡ୍ ଡୋଲୋମାଇଟ ମାଇନ୍ସରେ ୟୁନିଟ ହେଡ୍ ପ୍ରମୋଦ କୁମାର ପାତ୍ର ଓ ଟେନ୍ସା ଟିଆରବି ମାଇନସରେ ଭାରପ୍ରାପ୍ତ ୟୁନିଟ ହେଡ୍ ଅଭିମନ୍ୟୁ ସାମଲ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜେଏସ୍‌ପିର କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ ଏବଂ ବ୍ୟାବସାୟିକ ସହଯୋଗୀ ସାମିଲ ହୋଇଥିଲେ। ସାଧାରଣତନ୍ତ୍ର ଦିବସ ଅବସରରେ ଜେଏସ୍‌ପିର ଅଧକ୍ଷ ନବୀନ ଜିନ୍ଦଲ ତାଙ୍କ ସ୍ୱତନ୍ତ୍ର ବାର୍ତ୍ତାରେ ସମ୍ବିଧାନ ନିର୍ମାତା, ସ୍ୱାଧୀନତା ସଂଗ୍ରାମୀ ଓ ଦେଶ ପାଇଁ ପ୍ରାଣବଳୀ ଦେଇଥିବା ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଗଣତନ୍ତ୍ରର ତିନୋଟି ସ୍ତମ୍ଭ; ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ଉପରେ ପ୍ରତିଷ୍ଠିତ ଏବଂ ଏହା 'ଆମେ' ଅର୍ଥାତ ଭାରତୀୟଙ୍କ ଦ୍ୱାରା ସମୃଦ୍ଧ ହୋଇଛି। ତେଣୁ ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭାଇଚାରାକୁ ନୀତିକୁ ନେଇ ସମୃଦ୍ଧ ସମ୍ବିଧାନର ସମ୍ମାନ ବଜାୟ ରଖିବା ଆମର ଦାୟିତ୍ୱ ବୋଲି ଶ୍ରୀ ଜିନ୍ଦଲ କହିଛନ୍ତି। ଗତ ୭୫ ବର୍ଷ ମଧ୍ୟରେ ଭାରତ ଭାକ୍ରାନଙ୍ଗଲ ଡ୍ୟାମରୁ ଆରମ୍ଭ କରି ମହାକାଶର ଜୟଯାତ୍ରା; ଚନ୍ଦ୍ରାୟନ, ଆଦିତ୍ୟ ଏଲ୍-୧ ଏବଂ ଆଗାମୀ ଦିନର ଗଗନାୟନ ଭଳି କୀର୍ତ୍ତିମାନ ଏହାର ଅନ୍ତର୍ଭୁକ୍ତ। ସେହିଭଳି ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଅଟଳ ସେତୁ, ଚେନାବ ରେଲୱେ ବ୍ରିଜ, ଅଟଳ ଟନେଲ, ନୂଆ ବିମାନ ବନ୍ଦର, ମେଟ୍ରୋ ଏବଂ ରେଲୱେର ବିସ୍ତାରିତ ନେଟୱର୍କର ନିର୍ମାଣ ଭାରତକୁ ଦ୍ରୁତ ଅଭିବୃଦ୍ଧିକାରୀ ଦେଶର ଦୌଡ଼ରେ ସାମିଲ କରିଛି ବୋଲି ଶ୍ରୀ ଜିନ୍ଦଲ କହିଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଶ୍ରୀ ଜିନ୍ଦଲ ଉଲ୍ଲେଖ କରିଛନ୍ତି, "ତ୍ରିରଙ୍ଗା କେବଳ ଗୋଟିଏ ପତାକା ନୁହେଁ, ଏହା ଆମ ଏକତା, ଅଖଣ୍ଡତା, ଓ ଜାତୀୟ ପରିଚୟର ପ୍ରତୀକ। ଏହା ତଳେ ଆମେ ସମସ୍ତେ ଏକ ଏବଂ ଆମର ଗୋଟିଏ ପରିଚୟ ଭାରତୀୟ"। ପେଲେଟ ପ୍ଲାଣ୍ଟ, କାସିଆ ଓ ଟେନ୍ସା ମାଇନ୍ସରେ ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କର୍ମଚାରୀ ଓ ସେମାନଙ୍କ ପରିବାର ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କ ଦେଶପ୍ରୀତି ଓ ଜାତୀୟତାର ନିଦର୍ଶନ ଦେଇଥିଲେ।

# ଦାମିଆ ବରବରାରୁ ତେଜିଲା ସବ୍‌ଡିଭିଜନ ମାନ୍ୟତା ଦାବି

## ପୋଷ୍ଟକାର୍ଡ଼ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କଲେ ବାଣପୁରବାସୀ

ବାଣପୁର, (ଭାସ୍କର ନ୍ୟୁଜ୍): ଦେଶର ୭୬ ତମ ସାଧାରଣତନ୍ତ୍ର ଦିବସ ଅବସରରେ ବାଣପୁର ଉପଖଣ୍ଡ ମାନ୍ୟତା ସଂଗ୍ରାମ ପରିଷଦ ଡାକରାରେ ଆଦିବାସୀ ବହୁଳ ଦାମିଆ ବରବରା ପଞ୍ଚାୟତର ବିରିଜାଇ ମନ୍ଦିର ଠାରୁ ପୁଣି ଆରମ୍ଭ ହେଲା ବାଣପୁର ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବି। ସଂଗ୍ରାମ ପରିଷଦର ଅଭିନବ ପ୍ରକ୍ରିୟା ପୋଷ୍ଟକାର୍ଡ଼ ଅଭିଯାନ କାର୍ଯ୍ୟକ୍ରମରେ ନିଳାଦ୍ରୀ ପ୍ରସାଦ ଓ ଦାମିଆ ବରବରା ପଞ୍ଚାୟତ ତଥା ବାଣପୁର ଅଞ୍ଚଳର ବହୁସମାଜସେବୀ, ବୁଦ୍ଧିଜୀବୀ, ଯୁବ ସଂଗଠକ, ଓକିଲ, ଅବସରପ୍ରାପ୍ତ ଶିକ୍ଷକ, ଅଧ୍ୟାପକ, ପତ୍ରକାର, ବ୍ୟବସାୟୀ, ଏବଂ ବହୁ ଆଦିବାସୀ ଭାଇଭଉଣୀ ମାନେ ପ୍ରଥମେ ଏକାଠି ହୋଇ ମା' ବିରିଜାଇଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ସବ ଡିଭିଜନ ମାନ୍ୟତା ଦାବିର ସଫଳତା ପାଇଁ ମା'ଙ୍କ ପାଖରେ ପ୍ରାର୍ଥନା କରି ପୋଷ୍ଟକାର୍ଡ଼ରେ ଅନୁରୋଧ ଲେଖି ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମାନ୍ୟବର ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଏବଂ ସ୍ଥାନୀୟ ବିଧାୟକ ତଥା ମାନ୍ୟବର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ଲେଖା ଅଭିଯାନ ଆରମ୍ଭ କରିଥିଲେ। ବର୍ତ୍ତମାନର ସରକାର ଲୋକଙ୍କ ସରକାର ହୋଇଥିବାରୁ ବିଶେଷକରି ବନବାସୀ ଆଦିବାସୀ ଭାଇଭଉଣୀଙ୍କ ଉନ୍ନତି ନିମନ୍ତେ ବହୁ ଜନହିତକର ପଦକ୍ଷେପ ଗ୍ରହଣ କରୁଥିବା ବେଳେ, ଖୋର୍ଦ୍ଧା ସଦର ମହକୁମାଠାରୁ ପ୍ରାୟ ୧୦୦ କି.ମି ଦୂରରେ ବସବାସ କରି ଅକଥନୀୟ ଦୁର୍ଦ୍ଦଶା ଭୋଗୁଥିବା ଜିଲ୍ଲାର ଦୁଇ ଆଦିବାସୀ ବହୁଳ ପଞ୍ଚାୟତର ଉନ୍ନତିସାଧନ ସହିତ ସରକାରଙ୍କ ସମସ୍ତ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଦ୍ୟୁତକରଣ, ପରିମଳ, ସ୍ୱରୋଜଗାର, ନାରୀ ଶିକ୍ଷା ପରି ଅନେକ ଜନକଲ୍ୟାଣକାରୀ ପଦକ୍ଷେପର ସଫଳ ରୂପାୟନ ନିମନ୍ତେ ବାଣପୁର ରାଜସ୍ୱ ଉପଖଣ୍ଡ ମାନ୍ୟତାର ଜରୁରୀ ଆବଶ୍ୟକତା ଥିବା କଥା ଅନୁଭବ କରି ସରକାରଙ୍କୁ ପୁଣି ମନେ ପକାଇଦେବା ପାଇଁ ଏହି ଅଭିନବ ପ୍ରୟାସ ଆରମ୍ଭ କରିଥିଲେ। ଦୁଇ ପଞ୍ଚାୟତର ବୁଦ୍ଧିଜୀବୀ ପାଣ୍ଡବ ଶବର, ଶତ୍ରୁଘ୍ନ ସାହୁ, ରମେଶ ଶବର, ଲିଙ୍ଗରାଜଶବର, ନିରଞ୍ଜନଶବର, ଦୀନବନ୍ଧୁଶବର, ଦିଲ୍ଲୀପ ମହାନ୍ତିଙ୍କ ସହଯୋଗରେ ଆୟୋଜିତ ଏହି ଅଭିଯାନରେ ଦୁଇପଞ୍ଚାୟତର ବହୁ ଜନସାଧାରଣ ଯୋଗ ଦେଇଥିଲେ। ୧୯୭୭ ମସିହାରୁ ଦାବି କରିଆସୁଥିବା ବାଣପୁର ଜନସାଧାରଣଙ୍କ ଏହି ନ୍ୟାର୍ଯ୍ୟ ଦାବି ମୋହନ ସରକାର ନିଶ୍ଚିତ ପୁରଣ କରିବେ ବୋଲି ଆଶା ପ୍ରକାଶ କରାଯାଇଥିଲା।

## ସାଧାରଣତନ୍ତ୍ର ଦିବସ ପାଳିତ

ଭାପୁର (ଭାସ୍କର ନ୍ୟୁଜ୍) : ନୟାଗଡ ଜିଲ୍ଲା ଭାପୁର ବ୍ଲକର କୋଣଅନୁକୋଣରେ ଉତ୍ସାହ ସହିତ ୭୬ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଭାପୁର ବ୍ଲକର ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ଦ୍ୱାରା ବ୍ଲକରେ ପତାକା ଉତ୍ତୋଳନ, ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡାକ୍ତର ବିଶ୍ୱନାଥ ସାହୁ, ଅଗ୍ନିଶମ ଅଧିକାରୀ ନୀଳକଣ୍ଠ ମହାନ୍ତି ନିଜ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରିଥିବାବେଳେ ସମସ୍ତ ସରକାରୀ ତଥା ବେସରକାରୀ କାର୍ଯ୍ୟାଳୟର ନିଜ ପଦାଧିକାରୀଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ, ଭାପୁର ପ୍ରେସ କ୍ଲବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଖଣ୍ଡପଡ଼ା ବିଧାୟକ ଇଞ୍ଜିନିୟର ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଦ୍ୱାରା ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରେସ କ୍ଲବର ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଟକ ଲୋକସଭା ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଗୟାଧର ପରିଡ଼ା, ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ଫତେଗଡ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା,ଅଗ୍ନିଶମ ଅଧିକାରୀ ନୀଳକଣ୍ଠ ମହାନ୍ତି, ଭାପୁର ବିଟ୍ ହାଉସ୍ ଅଧିକାରୀ ସଞ୍ଜୟ କୁମାର ପରିଡ଼ା, ବରିଷ୍ଠ ନାଗରିକ ସଂଘର ସଭାପତି ପ୍ରଭାକର ସାହୁ ତଥା ବ୍ଲକର ୫୦ର ଉର୍ଦ୍ଧ୍ୱ ବୁଦ୍ଧିଜୀବି ଯୋଗଦାନ କରି ଥିଲେ।

# ସରକାରୀ ହୋମିଓପାଥିକ ଚିକିତ୍ସାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ

ଚମ୍ପତିପୁର, (ଭାସ୍କର ନ୍ୟୁଜ୍): ଚଳିତବର୍ଷ ଦେଶ ପାଳିଛି ୭୬ତମ ସାଧାରଣତନ୍ତ୍ର ଦିବସ। ପଲ୍ଲୀ ଠାରୁ ଦିଲ୍ଲୀ ସବୁଠି ଭରିଯାଇଛି ଦେଶପ୍ରେମର ଅପୂର୍ବ ଉନ୍ମାଦନା। ଏହି ପରିପ୍ରେକ୍ଷୀରେ କଟକ ଜିଲ୍ଲା ମାହାଙ୍ଗା ନିର୍ବାଚନ ମଣ୍ଡଳୀର ଚମ୍ପତିପୁର ହୋମିଓପାଥି ଚିକିତ୍ସାଳୟରେ କୁନି କୁନି ଶିଶୁଙ୍କ ଗହଣରେ ପାଳିତ ହୋଇଛି ସାଧାରଣତନ୍ତ୍ର ଦିବସ। ହୋମିଓପାଥିକ ଚିକିତ୍ସା ଅଧିକାରୀ ଡ଼ାଃ ଲୀନାଶ୍ରୀ ଗୋଡ ଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ହେବା ସହ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ନିଜ ବକ୍ତବ୍ୟରେ ଡାକ୍ତର ଲୀନାଶ୍ରୀ ଛାତ୍ରଛାତ୍ରୀ ମାନଙ୍କ ପାଖରେ ସାଧାରଣତନ୍ତ୍ର ଦିବସର ମହତ୍ତ୍ୱ ପ୍ରତିପାଦିତ କରିବାକୁ ଯାଇ କିଛି ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। କିପରି ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଦେଶ ବ୍ରିଟିଶ ସରକାର କବଳରୁ ସ୍ୱାଧୀନ ହୋଇଥିଲା, କିନ୍ତୁ ଦେଶ ପରିଚାଳନା ପାଇଁ କୌଣସି ସାମ୍ବାଧାନିକ ବ୍ୟବସ୍ଥା ନଥିଲା। ଏହାପରେ ବାବା ସାହେବ ଆମ୍ବେଦକରଙ୍କ ନେତୃତ୍ୱରେ ଏକ ସମ୍ବିଧାନ ଡ୍ରାଫଟିଂ କମିଟି ଗଠନ କରାଯାଇ ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ବିଶ୍ୱର ଦୀର୍ଘତମ ଲିଖିତ ସମ୍ବିଧାନ ଆଗତ କରାଯାଇଥିଲା। ଏହାର ଠିକ୍ ଦୁଇ ବର୍ଷ ପରେ ୧୯୫୦ ମସିହା ଜାନୁୟାରୀ ୨୬ରେ ଭାରତ ଏକ ସାର୍ବଭୌମତ୍ୱ ଗଣତାନ୍ତ୍ରିକ ରାଷ୍ଟ୍ର ରୂପେ ପରିଗଣିତ ହେବା ସହ ଲିଖିତ ସାମ୍ବିଧାନକ ବ୍ୟବସ୍ଥାର କାର୍ଯ୍ୟକାରୀ ହୋଇଥିଲା। ଏହି ଦିନକୁ ସମ୍ମାନ ଜଣାଇ ସାଧାରଣତନ୍ତ୍ର ଦିବସ ପାଳନ କରାଯାଏ ତା ସହ ଦେଶପ୍ରେମରେ ଉଦବୁଦ୍ଧ ହେବାକୁ ଆହ୍ୱାନ କରିଥିଲେ।




# ଜିଲ୍ଲା ସମନ୍ୱୟ କମିଟି ବୈଠକ

ବାରିପଦା, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧକ୍ଷତାରେ ସ୍ଥାନୀୟ ମହାତ୍ମାଗାନ୍ଧୀ ସମ୍ମିଳନୀ କକ୍ଷ ଠାରେ ସ୍ୱର୍ଶ କୁଷ୍ଠ ସଚେତନତା ଅଭିଯାନ ୨୦୨୫ର ସଫଳ କାର୍ଯ୍ୟକାରିତା ପାଇଁ ଜିଲ୍ଲା ସମନ୍ୱୟ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାତୀୟ କୁଷ୍ଠ ନିବାରଣ କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ଅଭିଯାନକୁ ଜାନୁଆରୀ ୩୦ ତାରିଖରେ ବିଶ୍ୱ କୁଷ୍ଠ ଦିବସ ଭାବେ ପାଳନ କରାଯିବ। ଏହି ବୈଠକରେ କୁଷ୍ଠରୋଗକୁ ହ୍ରାସ କରିବା ପାଇଁ ସଚେତନତା ସୃଷ୍ଟି କରିବା ଏବଂ କୁଷ୍ଠରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ପ୍ରତି ଭେଦଭାବକୁ ସମାପ୍ତ କରିବା ପାଇଁ ଜିଲ୍ଲାବ୍ୟାପୀ କୁଷ୍ଠରୋଗୀ ଚିହ୍ନଟ ଏବଂ ତାଙ୍କ ଚିକିତ୍ସା ସେବାକୁ ସୁଦୃଢ଼ କରିବା ନିମନ୍ତେ ବ୍ୟାପକ ରଣନୀତି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ ଶୂନ୍ୟ କୁଷ୍ଠ ଅଭିଯାନ ମାଧ୍ୟମରେ ଜିରୋ ସଂକ୍ରମଣ ଏବଂ ରୋଗ, ଶୂନ୍ୟ ଅକ୍ଷମତା ଓ ଶୂନ୍ୟ ଭେଦଭାବ ଲକ୍ଷ ନେଇ, କୁଷ୍ଠ ରୋଗର ନିରାକରଣ ଏବଂ ଚିକିତ୍ସା ବିଷୟରେ ନାଗରିକମାନଙ୍କୁ ଶିକ୍ଷା ଦେବା ପାଇଁ ବିଦ୍ୟାଳୟ ତଥା ସର୍ବସାଧାରଣ ସ୍ଥାନରେ ପ୍ରଶାସନ ପକ୍ଷରୁ ବାର୍ତ୍ତା ପ୍ରଚାର କରାଯିବ ଓ ଏହା ସହିତ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ (ଆଇଇସି) ଦ୍ୱାରା ଜନସାଧାରଣଙ୍କୁ ସଚେତନ କରାଯିବ। ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡା. ପ୍ରଭାତ କୁମାର ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ଡା. ଶାନ୍ତନୁ କୁମାର ଦାଶ, ଡା. ଅଭୟ କୁମାର ଦାସ ଓ ଡା. ମିତା ମିଶ୍ର ଅଭିଯାନ ପାଇଁ ପ୍ରସ୍ତୁତି ଓ କାର୍ଯ୍ୟକାରୀତା ସମ୍ବନ୍ଧରେ ଉପସ୍ଥାପନ ରଖିଥିଲେ। ଡିପିଏମ୍ ବିଶ୍ୱରଂଜନ ରାଉତଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲାପାଳ ଶ୍ରୀ ସୟ ଉପସ୍ଥିତ ଅଧିକାରୀଙ୍କୁ ସ୍ୱର୍ଶ କୁଷ୍ଠ ସଚେତନତା ପାଇଁ ଶପଥ ପାଠ କରାଇଥିଲେ। ପ୍ରକାଶ ଥାଉକି କେନ୍ଦ୍ରୀୟ କୁଷ୍ଠ ଡିଭିଜନ୍ ଦ୍ୱାରା ପ୍ରଣୀତ ଜାତୀୟ ନୀତି ଯୋଜନା ୨୦୨୩-୨୭ ଅନୁଯାୟୀ ୨୦୨୭ ସୁଦ୍ଧା କୁଷ୍ଠ ମୁକ୍ତ ଭାରତ ଗଠନ ଆଭିମୁଖ୍ୟ ରଖାଯାଇଛି।

# ମହେଶ୍ୱର ଉଚ୍ଚ ବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ



ରଘୁନାଥପୁର (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ରଘୁନାଥପୁର ବ୍ଲକ ଅଧିନସ୍ଥ ମହେଶ୍ୱର ଉଚ୍ଚ ବିଦ୍ୟାଳୟ ଗୁଆଳିପୁର ଠାରେ ୭୬ତମ ସାଧାରଣତନ୍ତ୍ର ଦିବସ ମହା ସମାରୋହରେ ପାଳିତ ହୋଇ ଯାଇଛି। ଏହି ଅବସରରେ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଛାତ୍ରଛାତ୍ରୀ ମାନେ ପ୍ରଭାତ ଫେରି ରେ ଗ୍ରାମ ପରିକ୍ରମା କରି ଗୁଆଳିପୁର ରେଲଷ୍ଟେସନ ପର୍ଯ୍ୟନ୍ତ ଯାଇ ସେଠାରୁ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଗୁଆଳିପୁର ସରପଞ୍ଚ ମନୋଜିନୀ ସାହୁ ଉପସ୍ଥିତ ଅତିଥି ମାନଙ୍କ ଗହଣରେ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ଉପସ୍ଥିତ ଛାତ୍ରଛାତ୍ରୀ ମାନେ ଜାତୀୟ ସଙ୍ଗୀତ ଗାନ କରିଥିଲେ। ପରେ ପରେ ଛାତ୍ରଛାତ୍ରୀ ମାନେ ସ୍କୁଲରେ ପହଞ୍ଚି ଥିଲେ, ସେଠାରେ ପ୍ରଧାନ ଶିକ୍ଷକ ପ୍ରତାପ କୁମାର ଜେନା ପତାକା ଉତ୍ତୋଳନ କରି ଏନସିସି ପିଲାଙ୍କ ଦ୍ୱାରା ଆୟୋଜିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଅତିଥି ଭାବେ ସ୍କୁଲ ପ୍ରତିଷ୍ଠାତାଙ୍କ ପୁତ୍ର ତଥା ବରିଷ୍ଠ ସମାଜସେବୀ ଜ୍ଞାନରଞ୍ଜନ ପଟ୍ଟନାୟଙ୍କ, ପୂର୍ବତନ ଏନ୍‌ସିସି ଶିକ୍ଷକ ରାଜକିଶୋର ସାହୁ, ଏସ୍‌ଏମ୍‌ସି ସଭାନେତ୍ରୀ ସୀମା ସ୍ୱାଇଁ, ଦିଲ୍ଲୀପ ବାରିକ ପ୍ରମୁଖ ଯୋଗଦେଇଥିଲେ, ଏହି ଅବସରରେ ସ୍କୁଲର ନୂତନ ପିଇଟି ଶିକ୍ଷକ ଭେନୁଗୋପାଳ ମିଶ୍ର, ପୁରାତନ ଛାତ୍ର ଧନଞ୍ଜୟ ମଲ୍ଲିକ, ଏନସିସି ଶିକ୍ଷକଙ୍କ ଅନୁପସ୍ଥିତିରେ ସ୍କୁଲର ଏନ୍‌ସିସି ଗ୍ରୁପକୁ ସଫଳ ପରିଚାଳନା ପାଇଁ ଶିକ୍ଷୟତ୍ରୀ ମୋନାଲିସା ପାଢ଼ୀ ପ୍ରମୁଖଙ୍କୁ ମୁଖ୍ୟ ଅତିଥି ଜ୍ଞାନରଞ୍ଜନ ପଟ୍ଟନାୟକ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରିତା ଦାଶ, ଅମୂଲ୍ୟ କୁମାର ନାୟକ, ଅମିଶା ସ୍ୱାଇଁ, ସୀମା କାନୁନଗୋ, ଲିପା ଚୌଧୁରୀ, ଦେବଯାନୀ ମହାପାତ୍ର, ଗୀତା ରାଉତ, ଭାରତୀ ନାୟକ, ପରେଶ୍ ମହାପାତ୍ର, ରାଜଲକ୍ଷ୍ମୀ ପାତ୍ର, ଜ୍ଞାନରଞ୍ଜନ ଖଟୁଆ ଓ ଗାୟତ୍ରୀ ମହାରଣା ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡ଼ା ଓ ପ୍ୟାରେଡରେ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଧାନ ଶିକ୍ଷକ ପୁରସ୍କାର ବିତରଣ କରିଥିଲେ, ପଞ୍ଚାୟତ ଓ ସ୍କୁଲ ତରଫରୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

# ନିପୁଣ ଓଡ଼ିଶା ମେଳା କାର୍ଯ୍ୟକ୍ରମ




ଏରସମା (ଭାସ୍କର ନ୍ୟୁଜ୍) : ଏରସମା ବ୍ଲକ ଶିକ୍ଷା ବିଭାଗ ଅଧିନ ବାଲିତୁଠ ଆଞ୍ଚଳିକ ସାଧନା କେନ୍ଦ୍ର ପକ୍ଷରୁ ୯ଟି ବିଦ୍ୟାଳୟରୁ ୧୭୦ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ନିପୁଣ ଓଡ଼ିଶା ମେଳା କାର୍ଯ୍ୟକ୍ରମ ବାଲିତୁଠ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ନିରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷ ବିକାଶ କୁମାର ପରିଡ଼ା, ମୁଖ୍ୟବକ୍ତା ଭାବରେ ଏବିଓ ଲାକେଟୋ ଅଲିଖାଁ, ସମ୍ମାନିତ ଅତିଥି ଭାବରେ ବାଲିତୁଠ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ବାମଦେଇପୁର ସମିତି ସଭ୍ୟ ବିକ୍ରମ ମହାପାତ୍ର ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ନିପୁଣ ଓଡିଶା ମେଳାକୁ ଉଦ୍‌ଘାଟନ କରିଥିଲେ। ସାକ୍ଷରତା, ସଂଖ୍ୟା ଜ୍ଞାନ, ସୃଜନଶୀଳତା ଓ ମତାମତ ଷ୍ଟଲ୍ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ନିଜର ନିପୁଣ ଦକ୍ଷତା ହେବାର ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ରବିନ୍ଦ୍ର କୁମାର ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲୀନା ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ/ ଶିକ୍ଷୟିତ୍ରୀ ଅନିତା ବେହେରା, କୁମୁଦ ରଞ୍ଜନ ମହାନ୍ତି, ସୁଶମା ସ୍ୱାଇଁ, ଦେବଜାନୀ ସ୍ୱାଇଁ ଓ ନୀରଞ୍ଜନ ବାରିକ ପ୍ରମୁଖଙ୍କ ସମେତ ୯ଟି ବିଦ୍ୟାଳୟର ୯ଜଣ ଶିକ୍ଷୟିତ୍ରୀଙ୍କ ସମେତ ବହୁ ଅବିଭାବକ ଯୋଗଦେଇ ନିପୁଣ ଓଡିଶା ମେଳାରେ ସହଯୋଗ କରିଥିଲେ। ସେହିପରି କପିଳ ଚରଣ ସରକାରୀ ଉଚ୍ଚ ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ୭ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୨୦ ଜଣ ଛାତ୍ର ଛାତ୍ରୀଙ୍କୁ ନେଇ ନିପୁଣ ଓଡିଆ ମେଳା କାର୍ଯ୍ୟକ୍ରମ ଦଶିପୁର ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ରାଜେନ୍ଦ୍ର କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୱାର୍ଡ ସଭ୍ୟ ବାବୁଲି ବସନ୍ତିଆ, କୈଳାସ ମହାପାତ୍ର, ରାଜେନ୍ଦ୍ର ପ୍ରଶାଦ ସ୍ୱାଇଁ, ଆରତୀ ନାୟକ, ପୁଷ୍ପଲତା ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ ସାକ୍ଷରତା, ସଂଖ୍ୟା ଜ୍ଞାନ, ସୃଜନଶୀଳତା ଓ ମତାମତ ଷ୍ଟଲ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କୁ ନିପୂଣ ଦକ୍ଷତା ହେବାର ସୂଚନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଅଭିଭାବକମାନେ ଉପସ୍ଥିତ ଥିବାବେଳେ, ପ୍ରଧାନ ଶିକ୍ଷୟିତ୍ରୀ ଚୌଧୁରୀ ନିବେଦିତା ଦାସ, ଶ୍ରୀନିବାସ ଜେନା,ମମତା ପଟ୍ଟାୟତ, ଭୁବନେଶ୍ୱରୀ ବିଶ୍ୱାଳ, ସନ୍ଧ୍ୟାରାଣୀ ସାହାଣୀ, କଳ୍ପନା ଜେନା, କଳ୍ପନା ସାମଲ, ସୁଜାତା ମହାପାତ୍ର ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ।

# ଜନଶୁଣାଣି ଅଭିଯୋଗ: ମନରେଗା ଫାଇଲ୍ ଗାଏବ୍

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍) - ଜନଶୁଣାଣୀରେ ଆସିଲା ମାଳମାଳ ଅଭିଯୋଗ। ଶହ ଶହ ମନରେଗା ଫାଇଲ ଗାଏବ ହୋଇଥିବା ଅଭିଯୋଗ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପରିସରରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତକର୍ମ ନିଯୁକ୍ତି ଯୋଜନା ଓ ପଞ୍ଚଦଶ ଅର୍ଥ କମିଶନ ଅନୁଦାନର ସାମାଜିକ ସମୀକ୍ଷା ବ୍ଲକସ୍ତରୀୟ ଜନଶୁଣାଣୀ ଶିବିର ଅସ୍ତରଙ୍ଗ ବ୍ଲକ ପରିସରରେ ଥିବା ସଭାଗୃହ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅତିଥି ଭାବେ ଉପଜିଲ୍ଲାପାଳ ରାଜକିଶୋର ଜେନା, ପଞ୍ଚାୟତ ସମିତି ଅଧକ୍ଷା ଆରତୀ ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ସୁଶ୍ରୀ ଶସ୍ମିତା ବେହେରା, ଉପାଧକ୍ଷ ଦୃଜୟ ମିଶ୍ର, ସାମାଜିକ ସମୀକ୍ଷକ ପ୍ରମୁଖ ଉପସ୍ଥିତ ଥିବା ବେଳେ ସଭାଗୃହ ମଧ୍ୟରେ ଆଲୋଚନାରେ ୪ଟି ପଞ୍ଚାୟତରେ ହୋଇଥିବା ସାମାଜିକ ସମୀକ୍ଷା ଉପରେ ଆଲୋଚନା କରିଥିଲେ। ଆଲୋଚନା ସମୟରେ କିଛି ପଞ୍ଚାୟତର ମନରେଗା ଫାଇଲ ଗାଏବ ହୋଇଥିବା ଜଣାପଡିଛି। ଉପସ୍ଥିତ ଅତିଥି ଉପଜିଲ୍ଲାପାଳ ରାଜକିଶୋର ଜେନା କହିବା ଅନୁଯାୟୀ ନଗର, ନୂଆଗଡ, ଶିଶୁ ଅନେକ ସ୍ଥାନରେ ସିଟିଜେନ ବୋର୍ଡ ଲାଗିନାହିଁ, କିଛି ଫାଇଲ ମିସିଙ୍ଗ ହୋଇଛି। କାର୍ଯ୍ୟରତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି, ଫାଇଲ ହସ୍ତଗତ କରିବାକୁ ନଚେତ କାରଣ ଦର୍ଶାଅ ନୋଟିସ ସହ ତତକାଳୀନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଫାଇଲ ଦାଖଲ କରିବାକୁ ଚିଠି କରାଯିବ। ଯାହା ଚର୍ଚ୍ଚା ପଞ୍ଚାୟତର ପିଇଓ, ଜିଆରଏସ ଏବଂ ଯନ୍ତ୍ରୀଙ୍କ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁଁ ଅଧିକାଂଶ ପଞ୍ଚାୟତରେ ହୋଇଥିବା କାମ ଗୁଡିକର ସଠିକ ସୂଚନା ମିଳିପାରୁନଥିଲା। କେଉଁଠି ସୂଚନା ଫଳକ ନାହିଁ ତ, ଆଉ କେଉଁଠି କେତୋଟି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି ତାର ମଧ କୌଣସି ସୂଚନା ଦେଇ ପାରି ନ ଥିଲେ ପଞ୍ଚାୟତ ଏହି ଅଧିକାରୀ। ଅନ୍ୟ ପଟେ ଜନଶୁଣାଣୀ ସଭା ଆରମ୍ଭରୁ ଠିଆ ହୋଇ ମୁଖ୍ୟ ଅତିଥିଙ୍କୁ ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି ଅଭିଯୋଗ କରିଥିଲେ ଜନଶୁଣାଣୀ ସମ୍ପର୍କରେ ଲୋକପ୍ରତିନିଧି ମାନଙ୍କୁ ସଠିକ ସମୟ ପୂର୍ବରୁ ଜଣାଯାଉନାହିଁ। ଯାହା ଫଳରେ ଜନଶୁଣାଣୀ ଶିବିରରେ ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ଝାଡ଼ଲିଙ୍ଗ ସରପଞ୍ଚ ବୃନ୍ଦାବନ ନାୟକ ସମେତ ୨ରୁ ୩ଜଣ ପଛରେ ପହଂଚି ଜନଶୁଣାଣୀରେ ସାମିଲ ହୋଇଥିଲେ। ଏ ନେଇ ଛୁରିଆନା ପଂଚାୟତ ସମିତି ସଭ୍ୟ ବିମ୍ବାଧର ବିଶ୍ୱାଳ କହିଛନ୍ତି ମନରେଗା ଜନଶୁଣାଣୀ ଶିବିର ହେବ ବୋଲି ବିଡ଼ିଓ ମହାଶୟା ଅବଗତ କରାଉନାହାନ୍ତି। ଜନଶୁଣାଣୀ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇନାହିଁ, ଫଳରେ ଅଭିଯୋଗକାରୀ ଆସିପାରିନଥିଲେ।ଏହାକୁ ନେଇ ଉପଜିଲ୍ଲାପାଳ ରାଜକିଶୋର ଜେନା କ୍ଷୋଭ ପ୍ରକାଶ କରିବା ସହିତ ଏହାର ପୁନରାବୃତ୍ତି ନ ହେବା ନେଇ ସତର୍କ କରାଇଥିଲେ। ଆଗାମୀଦିନରେ ହେବାକୁ ଥିବା ଜନଶୁଣାଣୀ ପୂର୍ବରୁ କର୍ମଶାଳା କରାଯିବ, ସମସ୍ତଙ୍କୁ ଅବଗତ କରାଯିବ ବୋଲି ଉପଜିଲ୍ଲାପାଳ ରାଜକିଶୋର ଜେନା ପରାମର୍ଶ ଦେଇଥିଲେ।

# ରାଶିଫଳ

**ବୁଧବାର, ୨୯ ଜାନୁଆରୀ ୨୦୨୫**



**ମେଷ:** ମାନସିକ ସ୍ତରରେ ଆପଣ ଦୁର୍ବଳ ଅନୁଭବ କରିବେ ଏବଂ ସ୍ୱାସ୍ଥ୍ୟ ମଧ ବିଚଳିତ ହୋଇପାରେ। ଅସନ୍ତୁଳିତ ଖାଦ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ତୁମର ଖାଦ୍ୟର ଯତ୍ନ ନିଅ। କାର୍ଯ୍ୟରେ ସଫଳତା ପାଇବାରେ ବିଳମ୍ବ ହୋଇପାରେ।



**ବୃଷ:** ଯଦିଓ କିଛି ଚ୍ୟାଲେଞ୍ଜ ଆସିବ, ତେବେ ଆପଣ ଖୁସିରେ ସେମାନଙ୍କୁ ସାମ୍ନା କରିବେ। ପ୍ରେମ ଦୃଷ୍ଟିରୁ ଆଜି ଏକ ଭଲ ଦିନ ହେବ ଏବଂ ଆପଣଙ୍କ ପ୍ରିୟଙ୍କ ସହିତ ରୋମାନ୍ସ ପାଇଁ ସୁଯୋଗ ମିଳିବ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସ୍ୱାଭାବିକ ହେବ।



**ମିଥୁନ:** ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ ପ୍ରାଧାନ୍ୟ ଦେବ ଏବଂ ତୁମେ ଚାକିରିରେ ଭଲ ଫଳାଫଳ ପାଇବ। ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ। ଆପଣଙ୍କ ଶଶୁରଘରର ଲୋକଙ୍କ ସହିତ ଏକ ବାର୍ତ୍ତାଳାପ ହେବ।



**କର୍କଟ:** ଦିନଟି ସୁବିଧାରେ ଅତିବାହିତ ହେବ ଏବଂ କେତେକ ଗୁପ୍ତ କାର୍ଯ୍ୟରେ ମଧ ଟଙ୍କା ଖର୍ଚ୍ଚ କରିବେ। ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ କୌଣସି ଅସୁବିଧା ହେବ ନାହିଁ, ତଥାପି ଆପଣ ନିଶ୍ଚିତ ଭାବରେ ଚିନ୍ତିତ ହେବେ। ଯେଉଁମାନେ ପ୍ରେମ ଜୀବନ ବିତାଉଛନ୍ତି ସେମାନଙ୍କୁ କିଛି ସମସ୍ୟାର ସାମ୍ନା କରିବାକୁ ପଡିବ।



**ସିଂହ:** ମାନସିକ ଟେନସନ ରହିପାରେ। ଯାହାକୁ ଏଡ଼ାଇବା ପାଇଁ ଆପଣଙ୍କୁ ଚେଷ୍ଟା କରିବାକୁ ପଡ଼ିବ। ଘରର ବରିଷ୍ଠମାନଙ୍କ ଆଶୀର୍ବାଦ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ଯେଉଁମାନେ ପ୍ରେମ ଜୀବନରେ ଅଛନ୍ତି ସେମାନଙ୍କ ପାଇଁ ଆଜି ଏକ ଭଲ ଦିନ ହେବ।



**କନ୍ୟା:** ଆର୍ଥିକ ବୋଝ ବୃଦ୍ଧି ପାଇବ, ପରିବାର ସଦସ୍ୟ ଆପଣଙ୍କୁ ସାହାଯ୍ୟ କରିବେ। ଜୀବନ ସାଥୀ କ୍ରୋଧିତ ହୋଇପାରେ। ଯେଉଁମାନେ ଏକ ପ୍ରେମ ଜୀବନ ବିତାଉଛନ୍ତି, ସେମାନଙ୍କ ପ୍ରିୟଙ୍କ ସହ କଥା ହୋଇ ସାକ୍ଷାତ କରି ବହୁତ ଖୁସି ହେବେ।



**ତୁଳା:** ଆପଣ ମାନସିକ ଚାପରୁ ମୁକ୍ତି ପାଇବେ। ଛାତ୍ରମାନେ ଅଧ୍ୟୟନରେ ଆଗ୍ରହ ପ୍ରକାଶ କରିବେ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସୁଖରେ ପରିପୂର୍ଣ୍ଣ ହେବ। ରୋମାନ୍ସ ବୃଦ୍ଧି ପାଇବ, ପ୍ରେମ ଜୀବନ ବିତାଉଥିବା ଲୋକମାନେ ମଧ ଆଜି ଭଲ ଫଳାଫଳ ପାଇବେ।



**ବିଛା:** ଆଜି ଆପଣଙ୍କ ପାଇଁ ଏକ ଅନୁକୂଳ ଦିନ ହେବ। ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ। କାର୍ଯ୍ୟରେ ସଫଳତା ମିଳିବ। ପାରିବାରିକ ଜୀବନ ଖୁସି ହେବ। ଜୀବନ ସାଥୀ ସହିତ ସମ୍ପର୍କ ଭଲ ହେବ। ଅଧ୍ୟୟନରେ ଅସୁବିଧା ହେବ। ତୁମେ ତୁମର ପ୍ରତିପକ୍ଷଙ୍କ ଉପରେ ବିଜୟୀ ହେବ।



**ଧନୁ:** ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ହେବ। ସେହିପରି ଭାଗ୍ୟ ମଧ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ। ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ। ଆପଣଙ୍କ ଶଶୁରଘରର ଲୋକଙ୍କ ସହିତ ଏକ ବାର୍ତ୍ତାଳାପ ହେବ। କାର୍ଯ୍ୟ ସଂପର୍କରେ ପରିସ୍ଥିତି ସ୍ୱାଭାବିକ ହେବ।



**ମକର:** ହୃଦୟ ଜଣେ ଚମତ୍କାର ବ୍ୟକ୍ତିଙ୍କୁ ଭେଟି ଖୁସି ହେବ କିମ୍ବା ସେମାନଙ୍କୁ ଫୋନରେ ଯୋଗାଯୋଗ କରାଯିବ। ଆପଣଙ୍କ ବ୍ୟବସାୟରେ ଲାଭ ହେବ। କାର୍ଯ୍ୟ ସହିତ ତୁମେ ଭଲ ଫଳାଫଳ ପାଇବ। ପ୍ରେମ ଜୀବନ ବିତାଉଥିବା ଲୋକଙ୍କୁ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ। ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ। ଆପଣ ଅନ୍ୟମାନଙ୍କ ସ୍ୱାର୍ଥ ବିଷୟରେ ଚିନ୍ତା କରିପାରିବେ।



**କୁମ୍ଭ:** ଆପଣ ମାନସିକ ଚାପରୁ ମୁକ୍ତି ପାଇବେ। ଆୟ ବୃଦ୍ଧି ପାଇବ। ଖର୍ଚ୍ଚ ହ୍ରାସ ପାଇବ। ଘର ଜୀବନ ସ୍ନେହପୂର୍ଣ୍ଣ ହେବ। ଭବିଷ୍ୟତ ବିଷୟରେ ତୁମେ ତୁମର ସାଥୀ ସହିତ ଏକ ବଡ ଯାତ୍ରା ଯୋଜନା କରିପାରିବ। କାର୍ଯ୍ୟ ସହିତ କଠିନ ପରିଶ୍ରମ କରିବାକୁ ଧ୍ୟାନ ଦେବାକୁ ପଡିବ।



**ମୀନ:** ଆଜି କେତେକ ସମସ୍ୟା ଆସିପାରେ। ଭାଗ୍ୟ ଉପରେ ନିର୍ଭର କର ନାହିଁ। କଠିନ ପରିଶ୍ରମ କର। ଆୟ ସ୍ୱାଭାବିକ ହେବ। ପରିବାରର ପରିବେଶ ମଧ ସକାରାତ୍ମକ ରହିବ। ସ୍ୱାସ୍ଥ୍ୟ ଭଲ ହେବ। ପ୍ରେମ ଜୀବନରେ କିଛି ସମସ୍ୟା ହୋଇପାରେ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ପ୍ରେମରେ ପରିପୂର୍ଣ୍ଣ ହେବ। ଆପଣଙ୍କ ପ୍ରିୟ କିଛି ବିଷୟରେ ଆପଣଙ୍କ ଉପରେ କ୍ରୋଧ ପ୍ରକାଶ କରିପାରନ୍ତି।



ଶ୍ରୀପତି ଆଚାର୍ଯ୍ୟ
ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



କୁଚିଣ୍ଡା (ଭାସ୍କର ନ୍ୟୁଜ୍): ଗୋକୁଳ ପାର୍ବତୀ ଗ୍ରାମ୍ୟ ମହାବିଦ୍ୟାଳୟ,କୁନ୍ତରାରେ ଆତ୍ମ ସୁରକ୍ଷା ତାଲିମ ଶିବିରର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ଖଗପତି ଅମାତ ଓ ପୂର୍ବତନ ଅଧ୍ୟକ୍ଷ ଦୁର୍ଯ୍ୟୋଧନ ମେହେର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆତ୍ମ ସୁରକ୍ଷା ତାଲିମ୍‌ର ଗୁରୁତ୍ୱ ବିଷୟରେ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ । ଛାତ୍ରୀମାନେ ନିଜେ ନିଜର ସୁରକ୍ଷା କରିବାକୁ ସକ୍ଷମ ହେବା ସହ ପ୍ରତ୍ୟେକ ସଶକ୍ତ ନାରୀ ଭାବେ ସୁସ୍ଥ ସମାଜ ଗଠନ କରିବାରେ ଅଂଶ ଗ୍ରହଣ କରି ପାରିବେ, ଏହାହିଁ ହେଉଛି ଏହି ଶିବିରର ମୂଳ ଉଦ୍ଦେଶ୍ୟ । ଦୀର୍ଘ ୮ ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ଶିବିରକୁ ଆତ୍ମ ସୁରକ୍ଷା ତାଲିମ୍ ପ୍ରଶିକ୍ଷଣ ଦାୟିତ୍ୱରେ ଥିବା ଅଧ୍ୟାପିକା ଦୀପିକା ବେହେରା ପରିଚାଳନା କରିଥିଲେ । ଅଞ୍ଜନା କିଷାନ ଓ ଉପାସି ନାଏକ ମାଷ୍ଟର ଟ୍ରେନର ରୂପେ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମର ଅନ୍ତିମରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ୧୮୦ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିବା ବେଳେ ଅନ୍ୟାନ୍ୟ ସମସ୍ତ ବିଭାଗର ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ ଓ ତାଲିମ୍ ଶିବିର ର ସହକାରୀ ଅଧ୍ୟାପିକା ବର୍ଷା ମୁଦୁଲି ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଡାକ୍ତରଙ୍କ ବିରୋଧରେ ଅଭିଯୋଗ କଲେ ଗ୍ରାମବାସୀ




କନ୍ଧମାଳ/ବାଲିଗୁଡ଼ା (ଭାସ୍କର ନ୍ୟୁଜ୍): କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ କ.ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅମିତ କୁମାର ବେହେରାଙ୍କ ବିରୋଧରେ ଗ୍ରାମବାସୀ ତଥା ବୁଦ୍ଧିଜୀବୀମାନେ ଅଭିଯୋଗ କରିଥିଲେ। ଡାକ୍ତର ବେହେରା ଅଧିକାଂଶ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁପସ୍ଥିତ ରହୁଛନ୍ତି । ଯେଉଁ ସମୟରେ ଉପସ୍ଥିତ ରହୁଛନ୍ତି ସେହି ସମୟରେ ରୋଗୀମାନଙ୍କୁ ଓ ରୋଗୀ ମାନଙ୍କ ସହ ଆସିଥିବା ବ୍ୟକ୍ତିଙ୍କୁ ଖରାପ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ରୋଗୀ କଲ୍ୟାଣ ସମିତି ବୈଠକରେ ରୋଗୀ କଲ୍ୟାଣ ସମିତି ସଭ୍ୟଙ୍କୁ ନ ଜଣାଇ ବୈଠକ କରିବା ଓ ନିର୍ବାଚିତ ପ୍ରତିନିଧି ମାନଙ୍କୁ ଖରାପ ବ୍ୟବହାର କରୁଥିବା ଅଭିଯୋଗ ନେଇ ଆଜି ଜିଲ୍ଲାପାଳଙ୍କୁ ଗ୍ରାମବାସୀ ଅଭିଯୋଗ କରିଛନ୍ତି। କ.ନୂଆଗାଁ ବ୍ଲକ ଅଧ୍ୟକ୍ଷା ସୁଲୋଚନା ଦଳବେହେରା,ବ୍ଲକ ସାଂସଦଙ୍କ ପ୍ରତିନିଧି ପଣ୍ଡିତ କୁମାର ବିଶିମାଝୀ, ଜିଲ୍ଲା ପରିଷଦ ସଭ୍ୟା ଅନିତା ମଲିକ,ରୋଗୀ କଲ୍ୟାଣ ସମିତିର ସଭ୍ୟ ପ୍ରଫୁଲ୍ଲ ଚନ୍ଦ୍ର ଦାସ , ବ୍ଲକ ଉପାଧ୍ୟକ୍ଷ ଧବଳେଶ୍ୱର ପାତ୍ର, ଲେଡିଙ୍ଗିଆ ପଞ୍ଚାୟତର ସରପଞ୍ଚ କୁନାଲ ପ୍ରଧାନ, କଞ୍ଚାମେଣ୍ଡି ସରପଞ୍ଚ ଗୁନୁଲତା ମଲିକଙ୍କ ସମେତ କ.ନୂଆଗାଁ ଗ୍ରାମବାସୀ ଅଭିଯୋଗ କରିଥିଲେ।

# ଅଭିଯୋଗ ଶୁଣାଣି ଶିବିର
## ୪୩ ଅଭିଯୋଗ ପଞ୍ଜୀକୃତ

ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ଗୌଡ଼ମାଲ ପଞ୍ଚାୟତ ସଭାଗୃହରେ ଆଜି ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନିଲ କୁମାର ଆଚାର୍ଯ୍ୟ ମୋଟ ୪୩ଟି ଅଭିଯୋଗ ଗ୍ରହଣ କରିଥିଲେ। ଅଭିଯୋଗ ପ୍ରକୋଷ୍ଠରେ ଗୌଡ଼ମାଲ ସରପଞ୍ଚ ରାଜକୁମାର ସାଏ, ସମିତି ସଭ୍ୟ ପୁଷ୍ପା ଖଡ଼ିଆ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରିୟଙ୍କା ସାହୁ, ସିଡ଼ିପିଓ ସଲମା ଟୁଡୁ, ନରେଗା ଅତିରିକ୍ତ ପ୍ରୋଗ୍ରାମ ଅଫିସର ନିବେଦିତା ପଣ୍ଡା, ବିଏସଏସଓ ସୌମ୍ୟରଞ୍ଜନ ଭୋଇ, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ପ୍ରତିଭା କେରକେଟା, ଗ୍ରାମୀଣ ଗୃହ ନିର୍ମାଣ ବିଭାଗ ବ୍ଲକ ପ୍ରୋଜେକ୍ଟ ସଂଯୋଜକ ଅଶ୍ୱିନୀ କୁମାର ମେହେର, ଅତିରିକ୍ତ ଉଦ୍ୟାନ ବିଭାଗ ଅଧିକାରୀ ନୂତନଶ୍ରୀ ପଟେଲ, ଉଠାଜଳସେଚନ କନିଷ୍ଠ ଯନ୍ତ୍ରୀ ଅରବିନ୍ଦ ଜେନା, କୃଷି ବିଭାଗର ସସ୍ମିତା ପଟେଲ, ଗ୍ରାମ୍ୟ ପରିମଳ ବିଭାଗ ବିଆରସି ପ୍ରଭାତ ନାୟକ, ସହକାରୀ ଯନ୍ତ୍ରୀ ଆରଡବ୍ଲୁଏସଏସ ସ୍ମିତାରାଣୀ ପଟେଲ, ଏବିଇଓ ଅଜୟ ପାଟଯୋଶୀ, ଭିଏଡବ୍ଲୁ ଭାବନା ନାୟକ, ସ୍ୱାସ୍ଥ୍ୟ ବିଭାଗର ଅରବିନ୍ଦ ଚାଣ୍ଡେଲ, ମୃତ୍ତିକା ସଂରକ୍ଷଣ ବିଭାଗର ଅଞ୍ଜୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



# କାମରେ ଆସୁନି ପିଣ୍ଡି, ରାସ୍ତା ଉପରେ ହାଟ ବସୁଛି

## ପ୍ରଶାସନ ଚୁପ୍



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲାର ନାରାୟଣପାଟଣା ବ୍ଲକ ସଦରରେ ସପ୍ତାହର ପ୍ରତ୍ୟେକ ରବିବାର ଦିନ ହାଟ ବସେ। ବ୍ଲକରେ ଥିବା ନଅଟି ପଞ୍ଚାୟତର ଲୋକେ ଏହି ହାଟ ଉପରେ ନିର୍ଭର କରନ୍ତି। ସପ୍ତାହ ଯାକର ସମସ୍ତ ଆବଶ୍ୟକୀୟ ଜିନିଷ କିଣି ନିଅନ୍ତି। ହେଲେ ହାଟ ବସୁଥିବା ସ୍ଥାନଟି କାହାରି ପାଇଁ ସୁରକ୍ଷିତ ନୁହେଁ। ରାସ୍ତା ଉପରେ ହାଟ ବସୁଥିବାରୁ ଯାନବାହାନ ଓ ଲୋକଙ୍କ ଚଳ ପ୍ରଚଳରେ ସମସ୍ୟା ଉପୁଜୁଛି। ବ୍ୟବସାୟୀମାନେ ଖୋଲାମେଲାରେ ବସିକି ବ୍ୟବସାୟ କରିବାକୁ ବାଧ ହେଉଛନ୍ତି। ଏହାକୁ ନେଇ ବିଭିନ୍ନ ଖବର କାଗଜରେ ଖବର ପ୍ରସାରିତ ହେବା ପରେ ବ୍ଲକ ପ୍ରଶାସନ ଚେତି ଉଠିଲା। ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ ଅନୁଦାନରେ ଦଶ ଲକ୍ଷ ଟଙ୍କା ବ୍ୟୟରେ ମାତ୍ର ଦୁଇଟି ପିଣ୍ଡି ଘର ତିଆରି କରି ବ୍ଲକ ପ୍ରଶାସନ ଚୁପ ବସିପଡିଛି।ବାକି ଟଙ୍କା ଗଲା କୁଆଡେ ବୋଲି ନାରାୟଣ ପାଟଣା ଅସିଷ୍ଟାଣ୍ଟ ଇଞ୍ଜିନିୟରଙ୍କୁ ଫୋନ ଯୋଗେ ପଚାରିବାରୁ ମୁଁ ଟିକେ ବ୍ୟସ୍ତରେ ଅଛି ପଛକୁ ଜଣାଇବି ବୋଲି କହି ଫୋନ କାଟିଦେଇଥିଲେ ହେଲେ ତାଙ୍କ ତରଫରୁ କୌଣସି ପ୍ରତିକ୍ରିୟା ମିଳି ପାରିନି। ବର୍ତ୍ତମାନ ତାହାବି କାମରେ ଆସୁନି। ଛ'ମାସ ତଳେ ନିର୍ମାଣ ସରିଥିବା ପିଣ୍ଡି ଚାରିପଟେ ବଣବୁଦା ପାଲଟି ଗଲାଣି ତଥାପି ତାହା ବ୍ୟବସାୟୀଙ୍କୁ ଦିଆ ଗଲାନି। ବର୍ତ୍ତମାନ ପୂର୍ବଭଳି ସେମିତି ସାପ୍ତାହିକ ହାଟ ରାସ୍ତା ଉପରେ ହିଁ ବସୁଛି। ଏଥିପ୍ରତି କଣ ଅବହେଳା ହେଉଛି, କଣ ପାଇଁ ବ୍ୟବସାୟୀ ଙ୍କୁ ଉକ୍ତ ପିଣ୍ଡି ଘର ଦିଆଯାଉନି,ଏହା ଭିତରେ କଣ ରହସ୍ୟ ଲୁଚି ରହିଛି ତାହା ଜିଲ୍ଲା ପ୍ରଶାସନ ଖୋଜି ବାହାର କରିବାକୁ ସାଧାରଣରେ ଦାବି ହୋଇଛି।

# ଦୁଇ ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ପାଟଣାଗଡ (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ ଗଞ୍ଜାଉଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଦମୟନ୍ତୀ ନାଏକ ଓ ବଞ୍ଜାରି ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ସବିତା ନାଏକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ମରୁଆଁ କ୍ଲଷ୍ଟର ପଣ୍ଡରିପାଣି ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ପାଡେଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲାଲମନ ଲୁହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବରେ ପଣ୍ଡରିପାଣି ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅନୁମଣି ନାଗ ଓ ବନକାବିଅଁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଦାସ ସଭାରେ ମଞ୍ଚ ପରିଚାଳନା କରିଥିବା ବେଳେ ଅନୁମଣି ନାଗ ଦୁର୍ଗା ଦେବୀଙ୍କ ଜଣାଣ ଗାନ କରିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ଲୁହା ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଦ୍ୱୟଙ୍କ ସୁସ୍ଥ ନିରାମୟ କାମନା କରିଥିଲେ । କ୍ଲଷ୍ଟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପକ୍ଷରୁ ଉପଢୌକନ, ମାନପତ୍ର ଦେଇ ଉଭୟ ଶିକ୍ଷୟିତ୍ରୀ ଦ୍ୱୟଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ। ଏହା ଦେଖି ଭାବବିହ୍ୱଳ ହୋଇ ପଡ଼ିଥିଲେ ଦୁଇ ଶିକ୍ଷୟିତ୍ରୀ। ଏହି ସମୟରେ କ୍ଲଷ୍ଟର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ଗଞ୍ଜାଉଡାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟଦେବ ସୁନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସିଆରସିସି ଶଶିଚନ୍ଦ୍ର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ମା' ମଝିଘରିଆଣି ମନ୍ଦିରର ହୁଣ୍ଡି ଗଣତି ଶେଷ



ରାୟଗଡା(ଭାସ୍କର ନ୍ୟୁଜ୍): ରାୟଗଡାର ଅଧିଷ୍ଠାତ୍ରୀ ଦେବୀ ମାଆ ମଝିଘରିଆଣି ମନ୍ଦିରର ୯ଟି ହୁଣ୍ଡିର ଗଣତି ଦୀର୍ଘ ୧୦ ଘଣ୍ଟାର ଗଣତି ପରେ ଶେଷ ହେଲା। ଗଣତି ଶେଷରେ ହୁଣ୍ଡିରୁ ନଗଦ ୯୪ ଲକ୍ଷ ୪୯ ହଜାର ୦୫୪ ଟଙ୍କା, ୯୩ ଗ୍ରାମ ୧ ମିଲିଗ୍ରାମ ସୁନା, ୨ କେଜି ୧୭୦ ଗ୍ରାମ ଓଜନର ରୁପା ସହ ୭ଟି ବିଦେଶୀ ମୁଦ୍ରା ମିଳିଛି । ସୋମବାର ସକାଳ ୧୦ ଟା ୩୦ ମିନିଟ ସମୟରୁ ଗଣତି ଆରମ୍ଭ ହୋଇଥିଲା । ଏହି ଗଣତିରେ ୨୦୦ ଜଣ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଥିଲେ । ସକାଳ ୧୦.୩୦ ମିନିଟରୁ ଗଣତି ଆରମ୍ଭ ହୋଇ ରାତ୍ରି ୯ଟା ପର୍ଯ୍ୟନ୍ତ ଚାଲିଥିଲା ।ରାୟଗଡ଼ା ଅଧିଷ୍ଠାତ୍ରୀ ମା ମଝିଘରିଆଣୀ ମନ୍ଦିର ଦାନ ହୁଣ୍ଡି ୬ ମାସ ପରେ ଖୋଲାଯାଇଥିଲା। ଦେବୋତ୍ତର ବିଭାଗ, ସ୍ଥାନୀୟ ତହସିଲଦାର, ଆରଆଇ, ମନ୍ଦିର ପରିଚାଳନା କମିଟିର ସଦସ୍ୟ ଓ ପୋଲିସଙ୍କ ତତ୍ତ୍ୱାବଧାନରେ ପୋଲିସର କଡା ସୁରକ୍ଷା ବଳୟ ମଧ୍ୟରେ ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା ଉପସ୍ଥିତି ରେ ୯ଟି ଦାନ ହୁଣ୍ଡି ସକାଳ ୧୦.୩୦ ମିନିଟ ସମୟରୁ ଖୋଲାଯାଇ ଗଣତି ଚାଲିଥିଲା । ହୁଣ୍ଡିରୁ ଦାନ ଅର୍ଥ ଗଣତି କର୍ଯ୍ୟରେ ବିଭିନ୍ନ ସଂଗଠନର ମହିଳା ଓ ପୁରୁଷ ସେଚ୍ଛାସେବୀ ସଦସ୍ୟ ଓ କିଛି ଛାତ୍ରଛାତ୍ରୀଙ୍କୁ ନିୟୋଜିତ କରାଯାଇଛି । ଏଥିରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଗଣତି ପକ୍ରିୟାରେ ନିୟୋଜିତ ହୋଇଥିଲେ । ଗଣତି କାର୍ଯ୍ୟରେ ନିୟୋଜିତ ହୋଇ ନିଜକୁ ଭାଗ୍ୟବାନ ମନେ କରିଛନ୍ତି ଗଣତିରେ ନିୟୋଜିତ ଏସଏଚ୍‌ଜି ମହିଳା ସଦସ୍ୟମାନେ । ଏହି ଅର୍ଥକୁ ୟୁନିୟନ ବ୍ୟାଙ୍କ ମୁଖ୍ୟ ଶାଖାରେ ଜମା କରାଯାଇଛି । ଏହି ଅର୍ଥରୁ ମିଳୁଥିବା ସୁଧରେ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତି ସହ ମନ୍ଦିରକୁ ଆସୁଥିବା ଭକ୍ତଙ୍କ ସୁବିଧା ପାଇଁ ଖର୍ଚ୍ଚ କରାଯିବ ବୋଲି କହିଛନ୍ତି ମନ୍ଦିର ପରିଚାଳନା କମିଟି ଟ୍ରଷ୍ଟି ।

# ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା କାଶୀନଗର ବ୍ଲକ ଅନ୍ତର୍ଗତ ଅଲଡା ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶ, ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା,ଡ଼.ଗୁଣନିଧି ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି ଏହି ମିଳିତ ଜନ ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ଅଲଡା ଗ୍ରାମ ପଞ୍ଚାୟତ ସମେତ ସାଇଲି , କିଡିଗାଁ ଓ ଗୋରିବନ୍ଧ ପଞ୍ଚାୟତର ସମୁଦାୟ ମୋଟ- ୪୬ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୧୬ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା- ୩୦ ଓ ୦୧ ଗୋଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି ।

# ରକ୍ତଦାନ ଶିବିର: ୫୩ ୟୁନିଟ୍ ରକ୍ତ ସଂଗ୍ରହ



ରାୟଗଡ(ଭାସ୍କର ନ୍ୟୁଜ୍): ଜିଲ୍ଲାରେ ସଡ଼କ ଦୁର୍ଘଟଣା ମାମଲା ହ୍ରାସ କରିବା ନିମନ୍ତେ ସଡ଼କ ସୁରକ୍ଷା ମାସ ଜାନୁଆରୀ ୧ତାରିଖ ଠାରୁ ଆରମ୍ଭ କରାଯାଇ ଆସନ୍ତା ଜାନୁଆରୀ ୩୧ତାରିଖ ଯାଏଁ ଜିଲ୍ଲାରେ ପାଳନ କରାଯାଉଛି । ଏହି ସମୟରେ ଜିଲ୍ଲାରେ ବ୍ୟାପକ କାର୍ଯ୍ୟକ୍ରମ ଓ ଜନସଚେତନତା ସୃଷ୍ଟି କରିବା ନିମନ୍ତେ ଆଞ୍ଚଳିକ ପରିବହନ ଅଧିକାରୀ ଶିବ ଶଙ୍କର ଚୌଧୁରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହେଉଛି । ଆଜି ଆଞ୍ଚଳିକ ପରିବହନ ବିଭାଗ ଓ ଡ. ଏପି ଯେ ଅବଦୁଲ କଲାମ ଫାଉଣ୍ଡସନ ଟ୍ରଷ୍ଟ ରାୟଗଡ଼ର ମିଳିତ ଆନୁକୂଲ୍ୟରେ ଆୟୋଜିତ ରକ୍ତଦାନ ଶିବିରକୁ ରାୟଗଡ଼ ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାଓ୍ୱାରୀ ସ୍ଥାନୀୟ ଅଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଉଦ୍‌ଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଡାକ୍ତର ଲାଲମୋହନ ରାଉତରାୟ, ଡ଼. ଗୌତମ ପଟ୍ଟନାୟକ, ମୋଟର ଗାଡ଼ି ନିରୀକ୍ଷକ ରାଜକୁମାର ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଆରଟିଓଙ୍କ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ,ଜିଲ୍ଲାର ବିଭିନ୍ନ ସଂଗଠନ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଆଜିର ଶିବିରରେ ମୋଟ ୫୩ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

# ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ

ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲା ଉମରକୋଟ ଠାରେ ଉପଖଣ୍ଡ ସ୍ତରୀୟ ୭୬ ତମ ସାଧାରଣତନ୍ତ୍ର ଦିବସ ଡିଏନକେ ମିନି ଷ୍ଟାଡିୟମ ଠାରେ ପାଳିତ ହୋଇ ଯାଇଛି ।ଏହି ଅବସରରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଉପଜିଲ୍ଲାପାଳ ପ୍ରକାଶ ମିଶ୍ର ଯୋଗ ଦେଇ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରିବା ସହ ବିଭିନ୍ନ ବିଦ୍ୟାଳୟ ଓ କଲେଜ,ପକ୍ଷରୁ ଆସିଥିବା ପରେଡ ଗ୍ରୁପଙ୍କ ଠାରୁ ଅଭିବାଦନ ଗ୍ରହଣ କରିଥିଲେ। ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ ପୌରପରିଷଦର ଅଧ୍ୟକ୍ଷା ରାଧା ଭତ୍ରା,ଉପାଧ୍ୟକ୍ଷ ସୁଧାଂଶୁ ଦାସ, ଓକିଲ ସଂଘର ସଭାପତି ଶ୍ରୀ ପ୍ରଶାନ୍ତ କୁମାର ସାହୁ ,ପୋଲିସ ବିଭାଗର ଏସଡିପିଓ । ଉମରକୋଟ




ତହସିଲଦାର ତଥା ସାଧାରଣତନ୍ତ୍ର ଦିବସ କମିଟିର ସଭାପତି ମେଘବାନ ବାଘଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା । ସେହିପରି ପ୍ୟାରେଡ଼ରେ ଉତ୍କର୍ଷତା ପ୍ରଦର୍ଶନ କରିଥିବା ଦଳମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅନ୍ୟପଟେ ଏହି କାର୍ଯ୍ୟକ୍ରମକୁ ସାଧାରଣତନ୍ତ୍ର ଦିବସ କମିଟିର ସଦସ୍ୟ ସଦାଶିବ ସୁକୁମାର ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ବ୍ରଜବନ୍ଧୁ କାଣ୍ଡି ଓ ଚନ୍ଦନା ମଲ୍ଲିକ,ନରେଶ ପଟନାୟକ,ରାମ ନାୟକ,ଟୁଲୁ ସାହୁ,ଦୁର୍ଗା ମଲିକ,ଶ୍ରୀନବାସ ପଟ୍ଟନାୟକ, କୃଷ୍ଣ ପ୍ରସାଦ ପଟ୍ଟନାୟକଙ୍କ ସହ ତହସିଲ କାର୍ଯ୍ୟାଳୟ ମୁଖ୍ୟ କିରାଣୀ ସୁଧାଂଶୁ ମିଶ୍ର, ରାଜସ୍ୱ ନିରୀକ୍ଷକ ରାଜେଶ ଦେଉରିଆ,ସୁପରଭାଇଜର ଅନୀଲ କୁମାର ଦାସ ଙ୍କ ସହ ରବୀନ୍ଦ୍ର କୁମାର ସାହୁ, ଅତିରିକ୍ତ ରାଜସ୍ୱ ନିକ୍ଷକ ମୁକ୍ତିକାନ୍ତ ଜେନା, ସୁନୀଲ କୁମାର ଜେନା ସହ ଅନ୍ୟମାନଙ୍କ ସହଯୋଗ କରିଥିଲେ।




ଖଡ଼ିଆଳ(ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲା ଖଡିଆଳ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଉପଖଣ୍ଡସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇ ଯାଇଅଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ମିଳିତ ପ୍ୟାରେଡର ଅଭିବାଦନ ଗ୍ରହଣ କରିଥିଲେ । ଉପଖଣ୍ଡବାସୀଙ୍କୁ ଉଦ୍‌ବୋଧନ ଦେଇ ଦେଶ ସ୍ୱାଧୀନତାରେ ଝାସ ଦେଇଥିବା ସଂଗ୍ରାମୀଙ୍କ ସ୍ମୃତି ଚାରଣ କରିଥିଲେ । ସଭାରେ ଅନ୍ୟତମ ଅତିଥି ଭାବରେ ଖଡିଆଳ ବିଡ଼ିଓ ତହସିଲଦାର ନରସିଂ ଗଡ଼ବା, ବ୍ଲକ୍ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ପୂର୍ବତନ ନଗରପାଳ ନିମାଇଁ ଚରଣ ତାଣ୍ଡି, ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ନିର୍ଦ୍ଦେଶକ ନବୀନ କୁମାର, ଥାନା ଅଧିକାରୀ ଦିଲୀପ ସାହୁଙ୍କ ସମେତ ବହୁ ଶିକ୍ଷାବିତ, ହାଇସ୍କୁଲ ପ୍ରଧାନ ଶିକ୍ଷକ, ସଚେତନ ନାଗରିକ, ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ । ଗୌରାଙ୍ଗ ସାହୁ ମଞ୍ଚ ପରିଚାଳନା କରିଥିଲେ। ସେହିପରି ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ମହାତ୍ମାଗାନ୍ଧୀ ଯୁକ୍ତ ଦୁଇ ଉଚ୍ଚ ବିଦ୍ୟାଳୟ, ପରୀକ୍ଷିତ ଟାଇଗର ଯୁକ୍ତ ଦୁଇ ଉଚ୍ଚ ବିଦ୍ୟାଳୟ, ଉପଖଣ୍ଡ ଚିକିତ୍ସାଳୟ, ମହମାୟା ପବ୍ଲିକ ସ୍କୁଲ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ମାରଓ୍ୱାଡି ଯୁବା ମଞ୍ଚ, ଖଡ଼ିଆଳ ବ୍ଲକ ବିଭିନ୍ନ ବିଦ୍ୟାଳୟ. ବିଭିନ୍ନ ସାହି, ଡ଼ ଆମ୍ବେଦକର ଛକ, ଖଡ଼ିଆଳ ଥାନା, ବ୍ଲକ, ତହସିଲ, ତଥା ବ୍ଲକର ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟଠାରେ ୭୬ ତମ ସ୍ୱାଧୀନତା ଦିବସ ପାଳନ ହୋଇଯାଇଛି । ଏହି ଅବସରରେ ସନ୍ଧ୍ୟାରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନାଚ ଗୀତର ଆୟୋଜନ କରାଯାଇଥିଲା।

କୁଚିଣ୍ଡା (ଭାସ୍କର ନ୍ୟୁଜ୍): ଚଳିତବର୍ଷ ଭିନ୍ନ ଢଙ୍ଗରେ ରାମବିଳାସ ପାଶୱାନଙ୍କ ଜନଶକ୍ତି ପାର୍ଟି କର୍ମକର୍ତ୍ତା ପାଳନ କରିଥିବା ଜଣାଯାଇଛି। କୁଚିଣ୍ଡା ଏନ୍‌ଏସି ୱାର୍ଡନଂ ୪ସ୍ଥିତ ପାଟି କାର୍ଯ୍ୟାଳୟରେ ୭୬ ତମ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ଉପସଭାପତି ଶରତ ଚନ୍ଦ୍ର ରଞ୍ଜନବିଡା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସମ୍ବଲପୁର ଜିଲ୍ଲା ସଭାପତି ବିଦ୍ୟାଧାର ଦଣ୍ଡପାଟ, ଜିଲ୍ଲା ଉପସଭାପତି ହରମୋହନ ପଟେଲ, ସହସମ୍ପାଦକ ଗଜେନ୍ଦ୍ର ବାଘ, ଏବଂ ବାମରା ବ୍ଲକ ସଭାପତି ଝସକେତନ କାନ୍ତା, କୁଚିଣ୍ଡା ବ୍ଲକ ସଭାପତି ଗୁରୁଚରନ ନାଏକ, ଜମନକିରା ବ୍ଲକ ସଭାପତି ରତ୍ନାକର ଦଣ୍ଡପାଟ ଏବଂ ସମସ୍ତ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବହୁ ମହିଳା ଓ ପୁରୁଷ ଯୋଗଦେଇଥିଲେ। ଏକ ମିଷ୍ଟାନ୍ନ ବଣ୍ଟନ ପର୍ବ ଅନୁଷ୍ଠିତ ହୋଇଥିଲା। ଶେଷରେ ପାର୍ଟି କର୍ମକର୍ତ୍ତାଙ୍କୁ ନେଇ ପାର୍ଟି ବୈଠକ ଶରତ ଚନ୍ଦ୍ର ରଣବିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପାର୍ଟି କର୍ମକର୍ତ୍ତା ତ୍ୟାଗ ମନୋବୃତ୍ତି ନେଇ ଗ୍ରାମାଞ୍ଚଳରେ ପାର୍ଟି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ରାଜ୍ୟ ଉପସଭାପତି ପରାମର୍ଶ ଦେଇଥିବା ସୂଚନା ମିଳିଛି।

କୁକୁଡାଖଣ୍ଡି(ଭାସ୍କର ନ୍ୟୁଜ୍): କୁକୁଡାଖଣ୍ଡି ବ୍ଲକ ପରିସରରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ଡଃ ପଲ୍ଲବୀ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦିଗପହଣ୍ଡି ବିଧାୟକ ଡଃ ସିଦ୍ଧାନ୍ତ ମହାପାତ୍ର ଯୋଗ ଦେଇ ପତାକା ଉତୋଳନ କରିବା ସହ ନିଜର ଉଦବୋଧନ ଦେଇଥିଲେ। ପରିଶେଷରେ ଛାତ୍ର ଛାତ୍ରୀମାନଙ୍କୁ ବିଧାୟକ ଚକୋଲେଟ୍ ସହ ବିସ୍କୁଟ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା, ସିଡିପିଓ କୁସୁମ ସାହୁ, ପୂର୍ବତନ ଜିଲ୍ଲା ସମବାୟ ସଭାପତି ସନାତନ ସଂଗ୍ରାମ ସିଂ, ବିଏସ୍‌ଏସ୍‌ଓ ମନୋଜ କୁମାର ପ୍ରଧାନ, ଫାୟାର ଅଫିସର ଅନ୍ତର୍ଯ୍ୟାମୀ ଖଣ୍ଡଗିରି, ବ୍ଲକ୍ ଓଏଲ୍‌ଏମ୍ ସଞ୍ଜୁ ସାହୁ, ବିପିସି ଶିବରାମ ପଣ୍ଡା, ସରପଞ୍ଚ ବନ୍ଦନା ସେଠୀ, ସମିତି ସଭ୍ୟ ଅଶୋକ ଦାସ, ପୂର୍ବତନ ସମିତି ସଭ୍ୟ ନରସିଂହ ସାହୁ, ଗୌରୀ ଶଙ୍କର ପାତ୍ର, ସାଗରିକା ବେହେରାଙ୍କ ସମେତ ଅଙ୍ଗନବାଡ଼ି ସୁପରଭାଇଜର, ଏମ୍.ବି.କେ, ସି.ଆ.ପି, ମିଶନ ଶକ୍ତି ବିଭାଗର ସମସ୍ତ କର୍ମଚାରୀ ଓ ବ୍ଲକ ପ୍ରଶାସନ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।



ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଠାରେ ୭୬ ତମ ସାଧାରଣ ତନ୍ତ୍ର ଦିବସ ମହା ଆଡମ୍ବ ସହକାରେ ପାଳିତ ହୋଇଯାଇଛି ।ଏଇ କ୍ଷେତ୍ରରେ ଲକ୍ଷ୍ମୀପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅଧ୍ୟକ୍ଷା ସୁଆଇ କୁଲେସିକା ପ୍ରଥମେ ଜାତିର ପିତା ମହାତ୍ମା ଗାନ୍ଧିଙ୍କ ପ୍ରତି ମୂର୍ତ୍ତି ଆଗରେ ଧୂପ ଦୀପ ଦେଇ ପୂଜାର୍ଚ୍ଚନା କରି ପୁଷ୍ପ ମାଲ୍ୟ ଅର୍ପଣ କଲା ପରେ ପତାକା ଉତ୍ତୋଳନ କରିଥିଲେ। ବିଡିଓ ଗୁରେଶ୍ୱର ଭୋଇ ପତାକା ଉତ୍ତୋଳନ ସମୟରେ ଉପସ୍ଥିତ ରହି ଗଣତନ୍ତ୍ର ବିଷୟରେ ବୁଝାଇଥିଲେ। ସାଙ୍ଗାନ୍ନା ହାଇସ୍କୁଲ ଓ ୟୁଏନ ରାଜୁ ବାଳିକା ବିଦ୍ୟାଳୟ ଠାରେ ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା, ଥାନାରେ ଆଇଆଇସି ସୁଜ୍ଞାନୀ ସାହୁ,ତହସିଲ କାର୍ଯ୍ୟାଳୟରେ ତହସିଲଦାର ନୈବେଦ୍ୟ ଭୋଇ,ଲକ୍ଷ୍ମୀପୁର ମହାବିଦ୍ୟାଳୟ ଠାରେ ଅଧ୍ୟକ୍ଷ ଗିରିଜା ଚୌଧୁରୀ ଓ ଶିଶୁ ମନ୍ଦିର ଠାରେ ସଭାପତି ଭି.ନାଗା ରାଜୁ ପତାକା ଉତ୍ତଳନ କରିଥିଲେ। ସେହିପରି ବ୍ଲକ ସଦରରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମାନେ ପ୍ୟାରେଡରେ ଆସି ବଜାର ମଝିରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଉପରେ ପୁଷ୍ପ ମାଲ୍ୟ ଅର୍ପଣ କରି ସେଠାରେ ଆୟୋଜିତ ପତାକା ଉତ୍ତୋଳନ କାର୍ଯ୍ୟରେ ଯୋଗ ଦେଇଥିଲେ। ବ୍ଲକରେ ଥିବା ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଆଗରେ ୭୬ ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପତାକା ଉତ୍ତୋଳନ କରାଯାଇଥିଲା।



ନୂଆପଡ଼ା(ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲାରେ ୭୬ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସ୍ଥାନୀୟ ପୋଲିସ ପଡ଼ିଆରେ ନୃତ୍ୟ ଗୀତଭରା ସାଂସ୍କୃତିକ ସନ୍ଧ୍ୟା ଭାରତୀୟମ୍ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଜିଲ୍ଲା ସଂସ୍କୃତି ବିଭାଗ ଆନୁକୁଲ୍ୟରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବରେ ସୂର୍ଯ୍ୟବଂଶୀ ସୂରଜ୍, ମାନ୍ୟବର ମନ୍ତ୍ରୀ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଯୋଗଦାନ କରିଥିଲେ । ସମ୍ମାନୀତ ଅତିଥି ଭାବରେ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ, ପୂର୍ବତନ ସାଂସଦ ବସନ୍ତ ପଣ୍ଡା, ଜିଲ୍ଲାପାଳ ମଧୁସୂଦନ ଦାଶ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଖରିଆର ବନଖଣ୍ଡ ଅଧିକାରୀ ଅଜିଜ ଖାନ,ଖରିଆର ରୋଡ ଏନ୍ ଏ ସି ଅଧ୍ୟକ୍ଷା ଡଃ ସୋନିଆ ଜୈନ୍ ପ୍ରମୁଖ ଯୋଗଦାନ କରିଥିଲେ। ଅତିଥି ମାନେ ଏଭଳି ଏକ ସାଂସ୍କୃତିକ ପର୍ବର ଆୟୋଜନ ପାଇଁ ସୁଯୋଗ ଦେଇ ଥିବାରୁ ମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ, ଭିକି ଟାଇଗର ଟିମ୍, ସରକାରୀ ଉଚ୍ଚ ବିଦ୍ୟାଳୟ ଆମାନାରା, ଆଇଟିଆଇ, ଖରିଆର ରୋଡ୍, ପିଏମ୍‌ଶ୍ରୀ ନବୋଦୟ ବିଦ୍ୟାଳୟ, ତରବୋଡ, ସରକାରୀ ବିଦ୍ୟାଳୟ ସାଇପଲା, ଆଇ ଟି ଆଇ ନୂଆପଡ଼ା ଏବଂ ସଂଗୀତ ସାଧନା, ଲୋଇସିଂହା ବିଭିନ୍ନ ଚିତ୍ତାକର୍ଷକ ନୃତ୍ୟ ଗୀତ ପରିବେଷଣ କରିଥିଲେ। ଭୁବନେଶ୍ୱରରୁ ଆସିଥିବା ସୁଶ୍ରୀ ବର୍ଣ୍ଣାଳି ହୋତା ଏବଂ ଟ୍ରୁପ୍ ବିଳମ୍ବିତ ରାତି ପର୍ଯ୍ୟନ୍ତ ନୃତ୍ୟ ସଙ୍ଗୀତରେ ଦର୍ଶକ ମାନଙ୍କୁ ବାନ୍ଧି ରଖିଥିଲେ। ମଧୁମିତା ମହାନ୍ତି ସୁନ୍ଦର ଭାବରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ବରିଷ୍ଠ ରାଜସ୍ୱ ସହାୟକ ବିଭୁଦତ୍ତ ମିଶ୍ର ସଭା ସଂଯୋଜନା କରିଥିଲେ । ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ମେହରା ସମାରୋହର ଆୟୋଜନ କରିଥିଲେ ।

# ସାଧାରଣତନ୍ତ୍ର ଦିବସ ଓ ସମ୍ବିଧାନ ସଂପର୍କରେ ବିସ୍ତୃତ ଆଲୋଚନା




କୋରୁକୋଣ୍ଡା (ଭାସ୍କର ନ୍ୟୁଜ୍): ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ଥିବା ସହୀଦ ଗୋପୀ ପୂଜାରୀ ଯୁବ ସାଂସ୍କୃତିକ ପରିଷଦ ପକ୍ଷରୁ ରବିବାର ସନ୍ଧ୍ୟାରେ କ୍ଲବ ପରିସରରେ ଏନଏସିର ନଗରପାଳ ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ମୁଖ୍ୟବକ୍ତା ଭାବେ ପଟେରୁ ଜଳସେଚନ ବିଭାଗର ସିସି ପୀତବାସ ସେଠୀ, ସ୍ୱତନ୍ତ୍ର ଅତିଥି ଭାବେ ବାଲିମେଳା ଜଳ ବିଦ୍ୟୁତ କେନ୍ଦ୍ରର ଏସଜିଏମ ଦିଲୀପ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଏନଏସି ନିର୍ବାହୀ ଅଧିକାରୀ ମୁନା, ଏମ ୟୁଜେ ସାମ୍ବାଦିକ ସଂଘର ଜିଲ୍ଲା ସଭାପତି ଦେବ ପ୍ରସାଦ ଦାସ, ଉତ୍କଳ ସାମ୍ବାଦିକ ସଂଘର ବ୍ଲକ ସଭାପତି ଶିବଦତ୍ତ ସାହୁ,ପ୍ରମୁଖ ଯୋଗଦେଇ ସାଧାରଣତନ୍ତ୍ର ଦିବସ ପାଳନ ଓ ଭାରତର ସମ୍ବିଧାନ ସମ୍ପର୍କିରେ ବିସ୍ତୃତ ଭାବେ ନିଜ ନିଜର ଅଭିଭାଷଣ ରଖିଥିଲେ। ଏହାପରେ ପରିଷଦର ସାଧାରଣ ସମ୍ପାଦକ ମନୋଜ ଖଣ୍ଡୁଆଳ କ୍ଲବର ବିବରଣୀ ପଠନ କରିଥିଲେ ।ଶିକ୍ଷା, କ୍ରୀଡା ଓ ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସଂଘର ସଭାପତି ତଥା ବରିଷ୍ଠ ଶିକ୍ଷକ ଶେଷଦେବ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗୋପୀ ପୂଜାରୀ କ୍ଲବର ସମସ୍ତ ସଦସ୍ୟମାନେ ଉପସ୍ଥିତ ରହି ସୁଚାରୁରୂପେ ପରିଚା ଳନା କରିଥିଲେ।



# ଯୁଧିଷ୍ଠିର ମିଶ୍ର ଆଇନ ମହାବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସ

ବଲାଙ୍ଗୀର(ଭାସ୍କର ନ୍ୟୁଜ୍): ସ୍ଥାନୀୟ ଯୁଧିଷ୍ଠିର ମିଶ୍ର ଆଇନ ମହାବିଦ୍ୟାଳୟ ଠାରେ ୭୬ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଆଇନ୍ ମହାବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜିବ କୁମାର ପ୍ରଧାନ ପତାକା ଉତ୍ତୋଳନ କରିଥିଲେ। ୧୯୫୦ ଜାନୁୟାରୀ ୨୬ ତାରିଖରେ ବ୍ରିଟିଶ ସାମ୍ବିଧାନିକ ବ୍ୟବସ୍ଥାର ଅପସାରଣ ହୋଇ ଭାରତ ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ ହେବା ସହ ଏକ ଲିଖିତ ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା। ତେଣୁ ଏହି ଦିନଟିକୁ ସାଧାରଣତନ୍ତ୍ର ଦିବସ ରୂପେ ପାଳନ କରାଯାଏ ବୋଲି ଅଧ୍ୟକ୍ଷ କହିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସହକାରୀ ପ୍ରଧ୍ୟାପକ ଚଣ୍ଡୀ ପ୍ରସାଦ ଖମାରୀ, ମନିନ୍ଦର ସିଂ ହଂସପାଲ, ବରିଷ୍ଠ କିରାଣୀ କୃଷ୍ଣ ଚନ୍ଦ୍ର ପଟେଲ, ଅନ୍ୟ କର୍ମଚାରୀ ସମେତ ଆଇନ ମହାବିଦ୍ୟାଳୟର ପ୍ରଥମ ବର୍ଷ, ଦ୍ୱିତୀୟ ବର୍ଷ ଏବଂ ତୃତୀୟ ବର୍ଷର ସମସ୍ତ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ।



ମାଲକାନଗିରି (ଭାସ୍କର ନ୍ୟୁଜ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି ପରିସରରେ ନୀତି ଆୟୋଗ ଦ୍ୱାରା ପୋଷ୍ୟ, ଜିଲ୍ଲାର ୧୦୦ ଟି ବିଦ୍ୟାଳୟର ୧୦୦ ଜଣ ଏଫ୍ ଏଲ ଏନ୍ ଗ୍ରେଡ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ନେଇ ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି । ଦୁଇଟି ପର୍ଯ୍ୟାୟରେ ୧୦୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଏହି ତାଲିମ ଗ୍ରହଣ କରିବେ । ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି ସୋମନାଥ ପ୍ରଧାନ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିବା ବେଳେ, ଜିଲ୍ଲା ଶିକ୍ଷାକାରୀ ବିଶ୍ୱନାଥ ସାହୁ ଓ ଅତିରିକ୍ତ ଜିଲ୍ଲାମଙ୍ଗଳ ଅଧିକାରୀ ସୁମନ୍ତ କୁମାର ମାଝୀ ଉପସ୍ଥିତ ଥିଲେ । ଅତିରିକ୍ତ ଜିଲ୍ଲାପାଳ ମହୋଦୟ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ଛାତ୍ରଛାତ୍ରୀମାନଙ୍କ ଶିକ୍ଷଣର ଅଗ୍ରଗତି କରିବା ପାଇଁ ଉପଦେଶ ଦେଇଥିଲେ । ଜିଲ୍ଲା ଶିକ୍ଷାକାରୀ ଭାଷା ଶିକ୍ଷଣର ବିଭିନ୍ନ ଉପାୟ ସଂପର୍କରେ ଆଲୋଚନା କରିଥିଲେ । ଏହି ତାଲିମରେ ପ୍ରଥମ ଦିନ ଭାଷା ଶିକ୍ଷଣ ଓ ଦ୍ୱିତୀୟ ଦିନ ଗଣିତ ଶିକ୍ଷଣ ସଂପର୍କରେ ତାଲିମ ଦିଆଯିବ । ଏହି ଅବସରରେ ପ୍ରଥମ ଥର ପାଇଁ ବିଦ୍ୟାଳୟ ମାନଙ୍କୁ ଯୋଗାଇଦେବାକୁ ଥିବା ୱାନ୍-ଟୁ-ୱାନ୍ ଉଦ୍‌ଘାଟନ ମଧ୍ୟ କରାଯାଇଥିଲା । ଏହି ତାଲିମରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଅଭିନୟ, ସଂଳାପ କଥନ, କବିତା ଲିଖନ, ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ, ଶିକ୍ଷଣ କାର୍ଯ୍ୟ ପ୍ରଦର୍ଶନ ଆଦି କାର୍ଯ୍ୟ କରିଥିଲେ । ସାଧନ କର୍ମୀରୂପେ ଶିକ୍ଷକ ପ୍ରମୋଦ କୁମାର ସେନାପତି, ସୁରେନ୍ଦ୍ର ସାହୁ, ଜମନ୍ତ ପୋଇ, ପ୍ରମୋଦ କୁମାର ବାରିକ, ରାମପ୍ରସାଦ ପାଢ଼ୀ, ପ୍ରମୋଦ ଦାସ, ଅଶୋକ ହାଲଦାର ଓ ରାମକୃଷ୍ଣ ପାଢ଼ୀ ଯୋଗ ଦେଇ ଶ୍ରେଣୀ ପରିଚାଳନା କରିଥିଲେ ।



### ଉପମୁଖ୍ୟମନ୍ତ୍ରୀଙ୍କ ସୂଚନା

# ବ୍ୟାଙ୍କ ଯାଆନ୍ତୁ ସୁଭଦ୍ରା ଆଶାୟୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସମସ୍ତଙ୍କୁ ମିଳିବ ସୁଭଦ୍ରା ସହାୟତା। ସୁଭଦ୍ରା ପାଇଁ ଆବେଦନ କରି କିସ୍ତି ଅପେକ୍ଷାରେ ଥିବା ମହିଳାମାନଙ୍କ ପାଇଁ ବଡ଼ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଏନପିସିଆଇ ଫେଲ୍ ଯୋଗୁ ସୁଭଦ୍ରା ଟଙ୍କା ପାଇନଥିବା ମହିଳାଙ୍କ ଲାଗି ସରକାର ବ୍ୟାଙ୍କଗୁଡ଼ିକ ସହ ମିଶି ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ଏଥିପାଇଁ ବ୍ୟାଙ୍କଗୁଡ଼ିକ ୨୯ ଓ ୩୦ ତାରିଖରେ ସ୍ୱତନ୍ତ୍ର ବ୍ୟବସ୍ଥା କରିବେ। ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ୩ଲକ୍ଷ ୩୧ ହଜାର ୧୮୮ଜଣ ଆବେଦନକାରୀଙ୍କ ଏନପିସିଆଇ ଫେଲ ହୋଇଛି। ଏମାନେ ପ୍ରକୃତ



ହିତାଧିକାରୀ। ଏନପିସିଆଇ କ୍ଲିଅର ହେଲେ ଚତୁର୍ଥ ପର୍ଯ୍ୟାୟରେ ସେମାନଙ୍କ ନିକଟକୁ ସହାୟତା ରାଶି ପଠାଯିବ। ଏ ନେଇ ସରକାର ବ୍ୟାଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ଯେଉଁମାନଙ୍କ ସୁଭଦ୍ରା ଆବେଦନରେ ଏନପିସିଆଇ ଫେଲଓ୍ୱର ହୋଇଛି, ସେମାନେ ବ୍ୟାଙ୍କକୁ ଯିବେ। ଏଥିପାଇଁ ବ୍ୟାଙ୍କ ପକ୍ଷରୁ କଲ୍ ସହ ମେସେଜ ଦିଆଯିବ। ବ୍ୟାଙ୍କକୁ ଯାଇ ଏନପିସିଆଇ ଆକ୍ଟିଭେଟ୍ କଲେ ଟଙ୍କା ଯିବ ବୋଲି କହିଛନ୍ତି ଶ୍ରୀମତୀ ପରିଡ଼ା। ଏବେ ବି ୧ଲକ୍ଷ ୫୫ ହଜାର ୧୫୮ଜଣ ଇ-କେଓ୍ୱାଇସି କରିନଥିବା ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଏବେସୁଦ୍ଧା ୧ କୋଟି ୭ଲକ୍ଷ ୨୩ ହଜାର ୨୯୪ଜଣ ସୁଭଦ୍ରା ସହାୟତା ପାଇବାପାଇଁ ପଞ୍ଜିକରଣ କରିଛନ୍ତି। ୮୦ଲକ୍ଷ ୨୯ହଜାର ୭୪୧ ମହିଳାଙ୍କୁ ଏହି ସହାୟତା ରାଶି ମିଳିସାରିଛି।

### ୧ରେ ଉପସ୍ଥାପନ ହେବ ସାଧାରଣ ବଜେଟ୍

# ବଦଳିପାରେ ଆୟକର ନିୟମ

ନୂଆଦିଲ୍ଲୀ : ଆଉ ମାତ୍ର ଦିନ କେଇଟା ବାକି। ଆସନ୍ତା ୧ ତାରିଖରେ ଉପସ୍ଥାପନ ହେବ ୨୦୨୫-୨୬ ଆର୍ଥିକ ବର୍ଷର ସାଧାରଣ ବଜେଟ୍। ସବୁ ବର୍ଗର ଲୋକଙ୍କୁ ଏହି ବଜେଟ୍ ସୁହାଇବ କି ନାହିଁ ତାକୁ ନେଇ ଅପେକ୍ଷା। କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ବଜେଟ୍ ପାଇଁ ବିଭିନ୍ନ ବର୍ଗର ଲୋକଙ୍କ ମତାମତ ଲୋଡାଯାଇଛି। ତେବେ ଏସବୁ ଭିତରେ ଆୟକର ନିୟମରେ ପରିବର୍ତ୍ତନ ଅଣାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏକ ନୂତନ ଆୟକର ବିଲ୍ ଆଗତ କରିବାର ସମ୍ଭାବନା ଦେଖାଦେଇଛି। ଏହାର ମୂଳଲକ୍ଷ୍ୟ ହେଉଛି ବର୍ତ୍ତମାନର ପ୍ରଚଳିତ ଆୟକର ଆଇନକୁ ସରଳ କରିବା। ଗତ ଜୁଲାଇ ବଜେଟ୍‌ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୬ ଦଶନ୍ଧିର ପୁରୁଣା ଆୟକର



ଆଇନ ୧୯୬୧କୁ ୬ ମାସ ମଧ୍ୟରେ ଏକ ବ୍ୟାପକ ସମୀକ୍ଷା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଏଥର କୃଷି ବଜେଟ୍‌ରେ କୃଷକଙ୍କୁ ସୁହାଇଲା ଭଳି ଯୋଜନା ଅଣାଯାଇପାରେ ବୋଲି ଅର୍ଥନୈତିକ ବିଶେଷଜ୍ଞ ଆକଳନ କରିଛନ୍ତି। ଆସନ୍ତା ଆର୍ଥିକ ବର୍ଷରେ ବଜେଟ୍‌ରେ କୃଷି କ୍ଷେତ୍ରପାଇଁ ବ୍ୟୟବରାଦରେ ୧୫% ବୃଦ୍ଧିର ସମ୍ଭାବନା ରହିଛି। କୃଷି କ୍ଷେତ୍ରକୁ ୧,୭୩,୦୦୦କୋଟି ମିଳିବାର ସମ୍ଭାବନା ଦେଖା ଦେଇଛି। ଗ୍ରାମୀଣ ଲୋକଙ୍କର କିଭଳି ଆୟ ବୃଦ୍ଧି ହେବ ଏବଂ କୃଷି କ୍ଷେତ୍ରରେ ସେମାନେ କିପରି ସଶକ୍ତ ହୋଇପାରିବେ ସେ ନେଇ କିଛି ବିଶେଷ ଘୋଷଣା ହେବାର ସମ୍ଭାବନା ରହିଛି। ଅତିରିକ୍ତ ପାଣ୍ଠି ମାଧ୍ୟମରେ ଉଚ୍ଚ ଅମଳକ୍ଷମ ବିହନ, ବିହନର ବିକାଶ, ଭଣ୍ଡାର କ୍ଷମତା ବୃଦ୍ଧି, ମଜବୁତ ଯୋଗାଣ ଭିତ୍ତିଭୂମି ଏବଂ ଡାଲିଜାତୀୟ ଶସ୍ୟ, ତୈଳବୀଜ, ପନିପରିବା ଓ ଦୁଗ୍ଧଜାତ ଉତ୍ପାଦଗୁଡ଼ିକର ଉତ୍ପାଦନ ବୃଦ୍ଧି ପାଇଁ କାର୍ଯ୍ୟ କରାଯିବା ନେଇ ବିଶେଷ ଯୋଜନା ପ୍ରଣୟନ କରାଯିବାର ସମ୍ଭାବନା ରହିଛି। ସେହିପରି ଦରଦାମ ନିୟନ୍ତ୍ରଣ ପାଇଁ ସରକାର ପଦକ୍ଷେପ ଘୋଷଣା କରିପାରନ୍ତି ବୋଲି ଆଶା କରାଯାଉଛି।

### କଳବଲ କଲା କୁହୁଡ଼ି

# ରାଜଧାନୀରେ ଦିଶିଲାନି ରାସ୍ତାଘାଟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କଳବଲ କଲା ଘନକୁହୁଡ଼ି। ଜନଜୀବନ ବେଶ୍ କିଛି ସମୟ ପାଇଁ ହୋଇପଡ଼ିଲା ଅସ୍ତବ୍ୟସ୍ତ । ଘନକୁହୁଡ଼ିର ମାତ୍ରା ଏତେ ଅଧିକ ଥିଲା ଯେ ଦଶପାଦ ଆଗକୁ କିଛି ବି ଦେଖାଯାଉ ନଥିଲା। ରାସ୍ତାଘାଟରେ ଗାଡ଼ି ମୋଟର ଚଳାଚଳ କରିବା ଏକପ୍ରକାର କଷ୍ଟକର ବ୍ୟାପାର ହୋଇପଡ଼ିଲା। ପ୍ରବଳ କୁହୁଡ଼ି ଯୋଗୁ ଦୁର୍ଘଟଣାର ଆଶଙ୍କା ଥିବାରୁ ଗାଡ଼ିର କଣ୍ଟା ୨୦ ଉପରକୁ ଉଠୁନଥିବା ଦେଖିବାକୁ ମିଳିଥିଲା । ମଙ୍ଗଳବାର ସକାଳୁ ରାଜଧାନୀ ଭୁବନେଶ୍ୱରରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ତେବେ ପୂର୍ବାହ୍ନ ୮ଟା ପରେ ସ୍ଥିତି ସାମାନ୍ୟ ସ୍ୱାଭାବିକ ହୋଇଥିଲା। ଗାଡ଼ିଗୁଡ଼ିକ ସାମ୍ନା ଲାଇଟ୍ ଜାଳି ଯିବାଆସିବା କରୁଥିବା ଦେଖିବାକୁ ମିଳିଥିଲା। କେବଳ ରାଜଧାନୀ ନୁହେଁ, ରାଜ୍ୟର ଅଧିକାଂଶ ଜିଲ୍ଲାରେ କୁହୁଡ଼ିର ପ୍ରଭାବ ଅନୁଭୂତ ହୋଇଥିଲା। ୨୯ ତାରିଖ ପାଇଁ କୁହୁଡ଼ି ନିମନ୍ତେ ୧୪ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଅନ୍ୟପକ୍ଷରେ ପଶ୍ଚିମାଝଡ଼ ଅପସାରଣ ପରେ ରାଜ୍ୟରେ ଉତ୍ତର-ପଶ୍ଚିମ ଦିଗରୁ ଥଣ୍ଡା ଶୁଷ୍କବାୟୁ ପ୍ରବାହ ବୃଦ୍ଧି ପାଇଛି। ଫଳରେ ଅଧିକାଂଶ ସ୍ଥାନରେ ରାତି ତାପମାତ୍ରା ୨ରୁ ୩ ଡିଗ୍ରୀ ଯାଏ ହ୍ରାସ ଘଟିଛି। ଉତ୍ତର-ପଶ୍ଚିମ ଓଡ଼ିଶାରେ ପାରଦ ତଳମୁହାଁ ହୋଇଛି। ଘୁ ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୬.୪ ଡିଗ୍ରୀ ରହିଥିବାବେଳେ ଶିମିଳିଗୁଡ଼ାରେ ୯.୧, ଫୁଲବାଣୀରେ ୯.୫, ସୁନ୍ଦରଗଡ଼ରେ ୯.୮ ରେକର୍ଡ କରାଯାଇଛି। ଆସନ୍ତା ଦୁଇଦିନ ଉପକୂଳ ଓଡ଼ିଶା ସମେତ ସଂଲଗ୍ନ ଜିଲ୍ଲାଗୁଡ଼ିକରେ ଘନକୁହୁଡ଼ିର ଆଶଙ୍କା ରହିଥିବାରୁ ଭୁବନେଶ୍ୱର ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

# ଶିକ୍ଷାବିତ ଡକ୍ଟର ସତ୍ୟାନନ୍ଦ ପଣ୍ଡାଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ମେଧାବୃତ୍ତି



ପାରାଦୀପ (ଭାସ୍କର ନ୍ୟୁଜ): ପାରାଦୀପ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ, ଲେଖକ, ସଂଗଠକ, ଏକାଧିକ ଶିକ୍ଷାନୁଷ୍ଠାନର ମାର୍ଗଦର୍ଶକ ସ୍ୱର୍ଗତ ଡକ୍ଟର ସତ୍ୟାନନ୍ଦ ପଣ୍ଡାଙ୍କ ସପ୍ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଡ. ସତ୍ୟାନନ୍ଦ ପଣ୍ଡା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପ୍ରତିଭାବାନ ୪ ଛାତ୍ରଛାତ୍ରୀଙ୍କୁ ସ୍କଲାରସିପ୍ ପ୍ରଦାନ କରାଯାଇଛି । ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ଝିମାଣୀ ଗ୍ରାମରେ ଡ. ପଣ୍ଡାଙ୍କ ଦ୍ୱାରା ସ୍ଥାପିତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜନତା ସ୍କୁଲର ଗତବର୍ଷ ମାଟ୍ରିକ୍ ପରିକ୍ଷାରେ ଟପ କରିଥିବା ଛାତ୍ର ରାମ କୁମାର ସ୍ୱାଇଁ ଓ ବାଳିକା ବିଭାଗରେ ପ୍ରଥମ ହୋଇଥିବା ମନସ୍ମିତା ତରାଇ ସମେତ ଡ. ପଣ୍ଡାଙ୍କ ପୃଷ୍ଠପୋଷକତାରେ ସ୍ଥାପିତ ଝିମାଣୀ ସ୍ଥିତ ନାରାୟଣ ବୀରବର ସାମନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ଦୁଇ ପରୀକ୍ଷାରେ କମର୍ସରେ ଟପର୍ ହୋଇଥିବା ସୀମରନ ଚୌଧୁରୀ ଓ ଯୁକ୍ତ ଦୁଇ କଳାରେ ଟପ କରିଥିବା ଇସପିତା ମହାପାତ୍ରଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଥିଲା ଇସପିତା ଏବେ ତିର୍ତ୍ତୋଲ କଲେଜରେ ବିଏ ପଢୁଥିବାବେଳେ ସୀମରନ କଟକ ଶୈଳବାଳା ମହିଳା ମହାବିଦ୍ୟାଳୟରେ ବି କମ୍ ପଢୁଛନ୍ତି। ସେହିପରି ରାମ ତିର୍ତ୍ତୋଲର ଉଲୋପସିସ୍ ହାୟର ସେକେଣ୍ଡାରୀ ସ୍କୁଲରେ ଏବେ ଯୁକ୍ତ ଦୁଇ ପଢୁଥିବାବେଳେ ମନସ୍ମିତା ଭୁବନେଶ୍ୱରର ନିଉଟନ ହାୟର ସେକେଣ୍ଡାରୀ କଲେଜରେ ଯୁକ୍ତ ଦୁଇ ପଢୁଛନ୍ତି। ନାରାୟଣ ବୀରବର ସାମନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରିନସିପାଲ ଡକ୍ଟର ବନପ୍ରଭା ପରିଡା, ଜନତା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ମାୟାଧର ଦାସ, ସ୍କୁଲର ବର୍ତ୍ତମାନର ପ୍ରଧାନ ଶିକ୍ଷକ ଜାନକୀ ବଲ୍ଲଭ ମହାନ୍ତି ଓ ଡକ୍ଟର ସତ୍ୟାନନ୍ଦ ପଣ୍ଡା ମେମୋରିଆଲ ଟ୍ରଷ୍ଟର ସଦସ୍ୟ ତଥା ଡକ୍ଟର ପଣ୍ଡାଙ୍କ ଭଣଜା ପ୍ରଭାସ ତ୍ରିପାଠୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ଚେକ୍ ପ୍ରଦାନ କରିଥିଲେ। ଉପକୂଳ ଓଡ଼ିଶାର ମତ୍ସ୍ୟଜୀବୀ ସମ୍ପ୍ରଦାୟ ଉପରେ ଗବେଷଣା କରି ନୃତତ୍ତ୍ୱ ବିଜ୍ଞାନରେ ଡକ୍ଟରେଟ ଡିଗ୍ରୀ ହାସଲ କରିଥିବା ଡାକ୍ତର ପଣ୍ଡା ରାଜ୍ୟର ପ୍ରଥମ ବ୍ୟକ୍ତି ଥିଲେ। ଏହି ଅବସରରେ ନାରାୟଣ ବୀରବର ସାମନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କମର୍ସ ଅଧ୍ୟାପକ ଡକ୍ଟର କିଶୋର ଚନ୍ଦ୍ର ଜେନା, ଜନତା ସ୍କୁଲର ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ, ଟ୍ରଷ୍ଟର ସଦସ୍ୟ ତଥା ଡକ୍ଟର ପଣ୍ଡାଙ୍କୁ ଭଣଜା ପୂର୍ବତନ ଶିକ୍ଷକ ନିମାଁଇ ଚରଣ ଚୌଧୁରୀ, ଓକିଲ ରଂଜନ ପଣ୍ଡା, ପ୍ରକାଶ ପଣ୍ଡା , ଉଭୟ ଅନୁଷ୍ଠାନର କର୍ମଚାରୀଙ୍କ ବ୍ୟତୀତ ଟ୍ରଷ୍ଟର ସଦସ୍ୟ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହି ଡ. ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବର୍ତ୍ତମାନ ସୁଦ୍ଧା ଏହି ଅଞ୍ଚଳର ୩୧ ମେଧାବୀ ଛାତ୍ରଛାତ୍ରୀଙ୍କୁ ଟ୍ରଷ୍ଟ ପକ୍ଷରୁ ମେଧାବୃତ୍ତି ପ୍ରଦାନ କରାଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଭାବରେ ନିଜ କ୍ୟାରିୟରକୁ ତ୍ୟାଗ କରି ନିଜ ଗାଁ ଓ ଏହାର ଆଖପାଖରେ ଅନେକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଓ ମାର୍ଗଦର୍ଶନ କରିବା ପାଇଁ ଡ. ପଣ୍ଡା ନିଜ ଜୀବନକୁ ସମାଜସେବାରେ ଉତ୍ସର୍ଗ କରିଥିଲେ । ସେ ପାରାଦୀପର ଶିଳ୍ପାଞ୍ଚଳରେ ବିସ୍ଥାପିତ କୃଷକ ସହ କାମ କରିବା ସହ ବିଭିନ୍ନ ସଂଗଠନ ସହ ଜଡ଼ିତ ଥିଲେ।

# ସାଇ କିଡସ୍ ପ୍ଲେ ସ୍କୁଲରେ ଗଣତନ୍ତ୍ର ଦିବସ ପାଳନ



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ରବି ଟକିଜ ସ୍ଥିତ ସାଇ କିଡସ୍ ପ୍ଲେ ସ୍କୁଲରେ ଗଣତନ୍ତ୍ର ଦିବସ ଉତ୍ସବ ଜନାଦୋଳନର ଆତ୍ମାର ଅଭିବ୍ୟକ୍ତି ସହ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଶିଶୁକଲ୍ୟାଣ ଆୟୋଗର ଅଧକ୍ଷା ଶ୍ରୀମତୀ ମନ୍ଦାକିନୀ କର ଯୋଗଦେଇ ଜାତୀୟ ପତାକା ଉ□ୋଳନ କରିଥିଲେ। ସେ ଛୋଟ ଛାତ୍ରଛାତ୍ରୀଙ୍କୁ ଦେଶଭକ୍ତି, ଜଣେ ସଚେତନ ନାଗରିକ ଭାବରେ ଉଦ୍ଭୂତ ହେବାର ପ୍ରେରଣା ଓ ଚାରିତ୍ରିକ ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଶିଶୁକଲ୍ୟାଣ ଆୟୋଗର ଅଧକ୍ଷା ଓ ବାଗମଶ୍ରୀ ଦାଶ ସମ୍ମାନିତ ଅତିଥି ହେଇ ସମାରୋହର ଗୌରବ ବଢ଼ାଇଥିଲେ। ଏହାସହ ଥିଲେ ସ୍ଥାନୀୟ କର୍ପୋରେଟର ନୃପେଶ ନାୟକ ଓ ଅତିରିକ୍ତ ଅଧକ୍ଷ ଶ୍ରୀ ଉପେନ୍ଦ୍ର କୁମାର ବିଶ୍ୱାଳ। ସେମାନଙ୍କ ସମ୍ପୃକ୍ତି ସହ ସେହି ଦିନଟିକୁ ଗଣତନ୍ତ୍ର ଦିବସର ଆତ୍ମା ଭାବେ ପ୍ରସ୍ତୁତ କରାଯାଇଥିଲା। ସ୍କୁଲ ପରିଚାଳନା ନିର୍ଦ୍ଦେଶକ ରବିନାରାୟଣ ମହାରାଣାଙ୍କ ସଂପୃକ୍ତିରେ ଏହି ଆନନ୍ଦମୟ ଦିବସ ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ନେଇ ସ୍କୁଲ ପରିସରରେ ବିଶେଷ କାର୍ଯ୍ୟକ୍ରମରେ ପିତାମାନଙ୍କ ପାଇଁ ଖେଳକୁ ଆୟୋଜନ କରାଯାଇଥିଲା। ପିତାମାନେ ଦୃଢ ସହଭାଗିତା ଦେଇ ବିଭିନ୍ନ କ୍ରୀଡାକୁ ରୋମାଁ□କ ଭାବେ ସଫଳ କରିଥିଲେ। ଆଜି ସେମାନଙ୍କୁ ସ୍କୁଲ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସ୍କୁଲର ଅଧକ୍ଷା ଶ୍ରୀମତୀ ସ୍ମୃତିସୁଧା ପଟ୍ଟନାୟକଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟ ସଫଳ ଭାବେ ସମ୍ପାଦିତ ହୋଇଥିଲା। ସେହି ସଫଳତାର ଭିତିରେ ଅଞ୍ଜଳି ଦାଶ, ରଶ୍ମିତା ସେନାପତି, ଦୀପ୍ତିଶିଖା ମହାନ୍ତି, ମଧୁସ୍ମିତା ମହାକୁଡ଼, ଲାଡିଲି ପଣ୍ଡା, ଜୋସ୍ନା ଆଚାର୍ଯ୍ୟ, ସୋମା ଗୋସ୍ୱାମୀ ଆଦି ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ।ଶେଷରେ ସ୍କୁଲର ଅଧକ୍ଷା ପୂର୍ଣ୍ଣିମା ତ୍ରିପାଠୀ ସମସ୍ତ ଅଭିଭାବକ, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଜଣାଇ ଅନୁଷ୍ଠାନର ଶୁଭ ସମାପନ କରିଥିଲେ।

AU SMALL FINANCE BANK

**Registered Office:** 19-A Dhuleshwar Garden, Jaipur, Rajasthan, India, 302001.
www.aubank.in

**LOAN AGAINST GOLD - AUCTION NOTICE ON "AS IS WHERE IS" BASIS**

The below mentioned borrower/s have been issued notices to pay their outstanding amounts towards the loan against gold facilities availed from AU Small Finance Bank Limited ("Bank"). Since the borrower/s has/have failed to repay his/their dues, we are constrained to conduct an auction of pledged gold items/articles on **05 FEB 2025 between 11:00 AM – 3:00 PM (Time)** at below mentioned branches according to the mode specified therein. In the case of deceased borrowers, all conditions will be applicable to legal heirs. Please note that in the event of failure of the above auction, the bank reserves its right to conduct another auction without prior intimation.

**E-Auction Branch Details (E-auction will be conducted by using Weblink - https://gold.samil.in)**

**BHADRAK** - 24660000907622 24660000951057 24660000959493 24660001174882 24660001369335 | **BHUBANESWAR** - 24660000944501 | **CUTTACK** - 24660000906414 24660000939971 24660000944111 24660000979774 | **CUTTACK - LINK ROAD** - 24660001712861 | **HINJILICUT** - 24660001704476 24660001704806 24660001775481 |

**Note:** The auction is subject to certain terms and conditions mentioned in the bid form, which is made available before the commencement of auction.

Sd/-
**Manager**
**AU Small Finance Bank Limited**

**AFFIDAVIT**

By virtue of an affidavit in the court of Executive Magistrate, Salipur, Dist-Cuttack on 23.12.2024, I Mahera Khatun, W/o- SK Riyajuddin, resident of At-Dahapada, Post- Kood, Ps- Salipur, Dist- Cuttack declares that Mahammed Modisir Husun is my minor son. I have changed his name from Mohammed Modisir Husun to SK Mudassir. Henceforth he shall be known as SK Mudussir for all purposes. This affidavit is to be produced before concerned authority for necessary action.

**Sd/-Mahera Khatun**

**AFFIDAVIT**

By virtue of an affidavit in the court of Executive Magistrate, Salipur, Dist-Cuttack on 23.12.2024, I Nasiruddin Khan, S/o-Rafiquddin Khan, resident of At- Dahapada, Post-Kood, PS- Salipur, Dist-Cuttack declares that Zisahan Khan is my minor son. I have changed his name from Zisahan Khan to Mohammed Zeeshan Khan. Henceforth, he shall be known as Mohammed Zeeshan Khan for all purposes. This affidavit is to be produced before concerned authority for necessary correction.

**Sd/-Nasiruddin Khan**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏୟାରଲିଫ୍ଟ ହୋଇ...

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ସାକ୍ଷାତ କରିବା ସହ ତାଙ୍କର ଆଶୁଆରୋଗ୍ୟ କାମନା କରିଥିଲେ। ବିଜେପିର ବରିଷ୍ଠ ନେତା ବିଶ୍ୱଭୂଷଣ ୨୦୧୯ରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ଭାବେ ନିଯୁକ୍ତି ପାଇଥିଲେ। ପରେ କେନ୍ଦ୍ର ସରକାର ତାଙ୍କୁ ଛତିଶଗଡ଼ ରାଜ୍ୟପାଳ ଭାବେ ବଦଳି କରିଥିଲେ। ସେ ୫ଥର ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହେବା ସହ ମନ୍ତ୍ରୀଭାବେ କାର୍ଯ୍ୟ ମଧ୍ୟ କରିଥିଲେ। ବିଭିନ୍ନ ମହଲରୁ ତାଙ୍କର ଆଶୁଆରୋଗ୍ୟ କାମନା କରାଯାଇଛି।

### ପ୍ରତି ଜିଲ୍ଲାରେ...

ପୁଞ୍ଜିନିବେଶ ପାଇଁ ବର୍ତ୍ତମାନ ପ୍ରକୃଷ୍ଟ ଅବସର । ଆଜିର ସମୟରେ ଓଡ଼ିଶାର ଜିଡ଼ିପି ଦେଶରେ ସର୍ବୋଚ୍ଚ ସ୍ତରରେ ରହିଛି । ଆଜି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏହି କାର୍ଯ୍ୟକ୍ରମକୁ ନେଇ ବହୁ ଉତ୍ସାହିତ ଥିଲେ । ଓଡ଼ିଶା ଉପରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ରହିଛି ଏବଂ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କର ଓଡ଼ିଶା ପ୍ରତି ସମର୍ଥନ ରହିଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୃଷ୍ଟିରେ ଓଡ଼ିଶା ହେଉଛି ସମ୍ଭାବନାର ରାଜ୍ୟ । ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି । ସେ ପୁଣି କହିଥିଲେ, ଓଡ଼ିଶାର ପ୍ରତି ଜିଲ୍ଲାରେ ଆମେ ଶିଳ୍ପ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖିଛୁ । ଏଥିପାଇଁ ଆମେ ଭିତ୍ତିଭୂମି ବିକାଶ କରୁଛୁ । ରାଜ୍ୟରେ ରେଳପଥ,ସଡ଼କପଥ ଓ ପୋର୍ଟ ସେକ୍ଟରର ବିକାଶ କରାଯାଉଛି । ଯଦ୍ୱାରା କି ଆଜି ମାଲକାନଗିରି ଭଳି ସୀମାନ୍ତ ଅଞ୍ଚଳରେ ମଧ୍ୟ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ହେବାକୁ ଯାଉଛି । ଏହା ସମ୍ପୃକ୍ତ ଅଞ୍ଚଳଗୁଡିକର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବା ସହିତ ଯୁବବର୍ଗଙ୍କୁ ବ୍ୟାପକ ନିଯୁକ୍ତି ପ୍ରଦାନ କରିବ । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଆମ ସରକାର ମାତ୍ର ସାତ ମାସର ସରକାର । କିନ୍ତୁ ଏହି ସାତ ମାସ ମଧ୍ୟରେ ଆମେ ଓଡ଼ିଶାରେ ଜାତୀୟ ସ୍ତରର ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜନ କରିଛୁ । ଆଜିର ଏହି ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ଉଦବୋଧନ ଉଦ୍ୟୋଗୀମାନଙ୍କୁ ଓଡ଼ିଶାରେ ଅଧିକରୁ ଅଧିକ ପୁଞ୍ଜିନିବେଶ ପାଇଁ ଉତ୍ସାହିତ କରିଛି । ଓଡ଼ିଶା ପ୍ରାକୃତିକ ସମ୍ପଳ ଓ ଖଣିଜ ସମ୍ପଦରେ ଭରପୂର । ଏସବୁର ସଠିକ ଉପଯୋଗରେ ଓଡ଼ିଶା ବିକଶିତ ଭାରତର ଗ୍ରୋଥ ଇଞ୍ଜିନ ହେବ ବୋଲି ମୋଦିଜୀ କହିଛନ୍ତି । ଆପଣ ମାନଙ୍କ ସହଯୋଗରେ ମୋଦିଜୀଙ୍କ ଏହି ଲକ୍ଷ୍ୟ ପୂରଣ ହେବ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସ୍ୱାଗତ ଅଭିଭାଷଣ ରଖି ଅଂଶଗ୍ରହଣକାରୀ ସମସ୍ତ କମ୍ପାନୀ ଗୁଡିକୁ ଓଡ଼ିଶାକୁ ସ୍ୱାଗତ କରି ଉଦ୍ୟୋଗ ସ୍ଥାପନ ନିମନ୍ତେ ସମସ୍ତ ସୁବିଧା ସୁଯୋଗ ସରକାରଙ୍କ ତରଫରୁ ଯୋଗାଇ ଦିଆଯିବ ବୋଲି କହିଥିଲେ । ସିଆଇଆଇର ମହାନିର୍ଦ୍ଦେଶକ ଚନ୍ଦ୍ରଜିତ ବାନାର୍ଜୀ ଅଧିବେଶନକୁ ସଂଚାଳନ କରିଥିବାବେଳେ, ପିଡବ୍ଲୁସିର ଅଧ୍ୟକ୍ଷ ସଂଜୀବ କ୍ରିଷନ, କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନିଜର ସୁଚିନ୍ତିତ ମତବ୍ୟକ୍ତ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଉପସ୍ଥିତ ଥିଲେ। ଶେଷରେ ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ କୁମାର ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

### ବିକାଶର ଶିଖର...

ସେତେବେଳେ ପୂର୍ବ ଭାରତର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ପୂର୍ବ ଭାରତରେ ଦେଶର ବଡ଼ ବଡ଼ ଇଣ୍ଡଷ୍ଟ୍ରିଆଲ ହବ୍ ରହିଥିଲା। ଓଡ଼ିଶା ଦକ୍ଷିଣ-ପୂର୍ବ ଏସିଆରେ ହେବାକୁ ଥିବା ଟ୍ରେଡ୍‌ର ପ୍ରମୁଖ କେନ୍ଦ୍ର ରହିଥିଲା। ଏହାର ପ୍ରାଚୀନ ବନ୍ଦର ଭାରତର ଗେଟ୍ ଓ୍ୱେ ଥିଲା। ପ୍ରଧାନମନ୍ତ୍ରୀ କହିଥିଲେ ଯେ ପୂର୍ବ ଭାରତରେ ବହୁ ବୃହତ୍ ଶିଳ୍ପକେନ୍ଦ୍ର, ବନ୍ଦର ଓ ବାଣିଜ୍ୟ କେନ୍ଦ୍ର ରହିଛି ଯେଉଁଥିରେ ଓଡ଼ିଶାର ଅବଦାନ ଉଲ୍ଲେଖନୀୟ। ସ୍ୱାଧୀନତା ପରଠାରୁ ଏହି ଅଞ୍ଚଳରେ ପୂର୍ବାପେକ୍ଷା ଅଧିକ ସୁଯୋଗ ସୃଷ୍ଟି ହୋଇଛି। ଉପସ୍ଥିତ ସମସ୍ତ ନିବେଶକଙ୍କୁ ଆମନ୍ତ୍ରଣ କରି ମୋଦୀ କହିଥିଲେ ଯେ ଓଡ଼ିଶାର ବିକାଶ ଯାତ୍ରାରେ ପୁଞ୍ଜିନିବେଶ କରିବା ପାଇଁ ଏହା ଉପଯୁକ୍ତ ସମୟ ଏବଂ ସେମାନଙ୍କ ନିବେଶ ସଫଳତାର ନୂତନ ଶିଖରରେ ପହଞ୍ଚାଇବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ମୋଦୀ କହିଥିଲେ, କୋଟି କୋଟି ଲୋକଙ୍କ ଆକାଂକ୍ଷାଦ୍ୱାରା ପରିଚାଳିତ ଭାରତ ଏକ ଅଭିବୃଦ୍ଧି ପଥରେ ଗତି କରୁଛି। ଏଆଇର ଦୁଇଟି ଅର୍ଥ ରହିଛି। ଗୋଟିଏ ହେଉଛି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ଅନ୍ୟଟି ହେଉଛି ଆସ୍‌ପିରେସନ ଅଫ ଇଣ୍ଡିଆ। ସେ କହିଥିଲେ, ଲୋକଙ୍କ ଚାହିଦା ପୂରଣ ହେଲେ ଆକାଂକ୍ଷା ବଢ଼େ। ଗତ ଦଶନ୍ଧି ଦେଶପାଇଁ ଲାଭଦାୟକ ହୋଇଛି ଏବଂ କୋଟି କୋଟି ଲୋକଙ୍କୁ ସଶକ୍ତ କରିଛି। ସେ କହିଥିଲେ ଯେ ଓଡ଼ିଶା ସ୍ୱତନ୍ତ୍ର ଅଟେ ଏବଂ ଏହା ନୂତନ ଭାରତର ମୌଳିକତାର ପ୍ରତୀକ। ଓଡ଼ିଶାରେ ଅଗଣିତ ସୁଯୋଗ ରହିଛି। ଗୁଜରାଟରେ ଓଡ଼ିଶାବାସୀଙ୍କ ଦକ୍ଷତା, କଠିନ ପରିଶ୍ରମ ଓ ସଚ୍ଚୋଟତା ଓଡ଼ିଶାରେ ନୂଆ ନୂଆ ସୁଯୋଗ ସୃଷ୍ଟି କରିବା ସହ ବିକାଶର ଅଭୂତପୂର୍ବ ଶୀର୍ଷ ଛୁଇଁବ ବୋଲି କହିଥିଲେ। ଖାଦ୍ୟ ପ୍ରକ୍ରିୟାକରଣ, ପେଟ୍ରୋ କେମିକାଲ୍ସ, ବନ୍ଦର ଭିତ୍ତିକ ବିକାଶ, ମତ୍ସ୍ୟଚାଷ, ସୂଚନା ପ୍ରଯୁକ୍ତିବିଦ୍ୟା, ଶିକ୍ଷା, ବୟନଶିଳ୍ପ, ପର୍ଯ୍ୟଟନ, ଖଣି, ଅକ୍ଷୟଶକ୍ତି କ୍ଷେତ୍ରରେ ଓଡ଼ିଶା ଭାରତର ଏକ ଅଗ୍ରଣୀ ରାଜ୍ୟଭାବେ ଉଭା ହୋଇଛି ବୋଲି ସେ କହିଥିଲେ। ପର୍ଯ୍ୟଟନର ଗୁରୁତ୍ୱପୂର୍ଣ୍ଣ ସମ୍ଭାବନା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଦିଲ୍ଲୀର ଭାରତମଣ୍ଡପମ୍ ଏବଂ ଯଶୋଭୂମି ଭଳି ସ୍ଥାନ ଏହି କ୍ଷେତ୍ର ପାଇଁ ଗୋଟିଏ ଗୋଟିଏ ହବ୍ ପାଲଟିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରେ ତାଙ୍କୁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ସମ୍ମିଳନୀରେ କନକ୍ଲେଭ ଷ୍ଟାର୍ଟଅପ୍ ଓଡ଼ିଶା, ସ୍କିଲଡ ଇନ୍ ଓଡ଼ିଶା ଏବଂ ମହିଳା ଉଦ୍ୟମିତା ଉପରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହାବ୍ୟତୀତ ସିଇଓ ରାଉଣ୍ଡଟେବୁଲ, ମହିଳା ନେତୃତ୍ୱ ରାଉଣ୍ଡ ଟେବୁଲ, ଏଡିଟର୍ସ ରାଉଣ୍ଡଟେବୁଲ ମଧ୍ୟ କରାଯିବାର ବ୍ୟବସ୍ଥା କରାଯାଇଛି। କନକ୍ଲେଭର ପ୍ରଥମ ଦିନରେ ୫ଟି ଅଧିବେଶନ ଅନୁଷ୍ଠିତ ହୋଇଥିବାବେଳେ ଦ୍ୱିତୀୟ ଦିନରେ ୧୦ଟି ଅଧିବେଶନ ଅନୁଷ୍ଠିତ ହେବ। ମଙ୍ଗଳବାର ଅପରାହ୍ନ ସୁଦ୍ଧା ୫୪ଟି ଏମଓୟୁ କରାଯାଇଛି। ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ଜୁଏଲ ଓରାମଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ରହିଥିଲେ।

**OFFICE OF THE KONARK N.A.C.**

KONARK N.A.C.
*e-mail: nackonark@gmail.com*
*Phone No.06758-236826*

C-1545

*Letter No.* ୧୫୩ */Date:* ୨୪.୦୧.୨୦୨୫

**ନିଲାମ ଇସ୍ତାହାର**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ପରିଷଦ ତରଫରୁ ଚଳିତ ମାଘମେଳା - ୨୦୨୫ ଅବସରରେ ତା.୦୩.୦୨.୨୦୨୫ରିଖ ଠାରୁ ତା.୦୪.୦୨.୨୦୨୫ରିଖ (ଦୁଇ ଦିନ) ପାଇଁ ଅସ୍ଥାୟୀ ଭାବେ ୩ଗୋଟି ସାଇକେଲ / ମୋଟର ସାଇକେଲ ଷ୍ଟାଣ୍ଡ ଫି ଆଦାୟ ଏବଂ ୨ଗୋଟି ମେଳା ପଡ଼ିଆ, ପାର୍କିଂ ଫି, ହୋର୍ଡ଼ିଂ ଫି ମହାସୁଲ ଆଦାୟ ନିମ୍ନଲିଖିତ ସ୍ଥାନ ମାନଙ୍କରୁ ଆଦାୟ ନିମନ୍ତେ ଖୋଲା ଟେଣ୍ଡର ଦ୍ୱାରା ଦିଆଯିବ । ଏଣୁ ଇଚ୍ଛୁକ ଥିବା ବ୍ୟକ୍ତି ଓ ଅନୁଷ୍ଠାନ ନିମ୍ନସ୍ୱାକ୍ଷରକାରୀଙ୍କ ଇଜିଲାସରେ ସରକାରୀ କାର୍ଯ୍ୟ ଦିବସରେ ତା.୨୬.୦୧.୨୦୨୫ରିଖ ଠାରୁ ତା.୩୧.୦୧.୨୦୨୫ରିଖ ଦିବା ୧୨ ଘଟିକା ମଧ୍ୟରେ ନିର୍ଦ୍ଧାରିତ ଫର୍ମ କାର୍ଯ୍ୟାଳୟରୁ ନେଇ ତା.୩୧.୦୧.୨୦୨୫ରିଖ ଦିବା ୨ ଘଟିକା ମଧ୍ୟରେ ଜଉମୁଦ ଟେଣ୍ଡର ବାକ୍ସରେ ପକାଇପାରିବେ । ଜଉମୁଦ ନିଲାମ ତା.୩୧.୦୧.୨୦୨୫ରିଖ ଅପରାହ୍ନ ୩ ଘଟିକା ସମୟରେ ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ ଖୋଲାଯିବ । ନିଲାମ ଇସ୍ତାହାରର ସବିଶେଷ ବିବରଣୀ, ନିଲାମ ସର୍ତ୍ତାବଳୀ ଟେଣ୍ଡର ଫର୍ମରେ ସୂଚୀତ କରାଯାଇଛି । ଏହା କାର୍ଯ୍ୟାଳୟରେ ବିନା ଫେରସ୍ତ ଦେୟଯୁକ୍ତ ଉପଲବ୍ଧ ଅଟେ ।

ନିଲାମର ନାମ :-

ସାଇକେଲ / ମୋଟର ସାଇକେଲ / ଭାରିଯାନ ଷ୍ଟାଣ୍ଡ : (ଆବଶ୍ୟକସ୍ଥଳେ ପୋଲିସ୍ ପ୍ରଶାସନଙ୍କ ପରାମର୍ଶକ୍ରମେ ନିଲାମ ସ୍ଥାନ ପରିବର୍ତ୍ତନ କରାଯାଇପାରେ)
(୧) ଚନ୍ଦ୍ରଭାଗା ସାଇକେଲ / ମୋଟର ସାଇକେଲ ଷ୍ଟାଣ୍ଡ, ଚନ୍ଦ୍ରଭାଗା ଲାଇଟ୍ ହାଉସ ପାଖ ରାସ୍ତା ପାର୍ଶ୍ୱ
(୨) କୋଣାର୍କ ସାଇକେଲ / ମୋଟର ସାଇକେଲ ଷ୍ଟାଣ୍ଡ, ହେଲିପ୍ୟାଡ୍ ନିକଟସ୍ଥ ଦୁର୍ଗାବାଡ଼ି ସମ୍ମୁଖ ରାସ୍ତା ପାର୍ଶ୍ୱ
(୩) ରାମଚଣ୍ଡୀ-ଚନ୍ଦ୍ରଭାଗା ଷ୍ଟାଣ୍ଡ ଯାହାକି କୋଣାର୍କର ପାଂଚ କିଲୋମିଟର ପୂର୍ବରୁ ପିକ୍‌ନିକ୍ ସ୍ପଟ୍ ନିକଟସ୍ଥ ବାମପଟ ରାସ୍ତା ପାର୍ଶ୍ୱ

ମେଳା ପଡ଼ିଆ :
(୪) ଚନ୍ଦ୍ରଭାଗା ମେଳା ପଡ଼ିଆ (ମହାସୁଲ ଆଦାୟ ନିମନ୍ତେ)
(୫) କୋଣାର୍କ - ନବଗ୍ରହ ମେଳା ପଡ଼ିଆ (ମହାସୁଲ ଆଦାୟ ନିମନ୍ତେ)
(୬) ପାର୍କିଂ ଫି ଯଥା ହାଲୁକା ଯାନ ଓ ଭାରି ଯାନ (ହେଲିପ୍ୟାଡ଼ ଓ କଲେଜ ପଡ଼ିଆ)
(୭) ହୋର୍ଡ଼ିଂ ଫି (କୋଣାର୍କ ଚନ୍ଦ୍ରଭାଗା ପାଇଁ)

ସ୍ୱା/-ନିର୍ବାହୀ ଅଧିକାରୀ
କୋଣାର୍କ ଅଧିସୂଚୀତ କ୍ଷେତ୍ର ପରିଷଦ

OIPR 13174/11/0009/2425

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, KALAHANDI.**
**'e' Procurement Notice**
**Bid Reference No. SE MID BPT-07/2024-25**
E-mail : eemikldbpt@gmail.com

A-980

Bid documents consisting name of Works, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the works: - | Civil construction work. |
| 2 | No of Work: - | 04 (Four) No. |
| 3 | Estimated cost: - | From Rs. 5.04 to 6.30 lakhs (Approximately) |
| 4 | Period of completion | 02 (Two) calendar months |
| 5 | Date and Time of availability of bid documents in the portal: - | From 28.01.2025 (11.00AM) to 06.02.2025 (5.00PM) |
| 6 | Last date / time of receipt of bids in the portal: - | Dt.06.02.2025 up to 5.00PM |
| 7 | Date of opening of Bid: - | Dt.07.02.2025 at 11.00AM onwards |
| 8 | Date of Transparent Lottery( If required) :- | Dt. 11.02.2025 at 11.00 A.M or Onwards |
| 9 | Name and address of the OIT: - | Superintending Engineer, Minor Irrigation Division, Kalahandi, Bhawanipatna. |

** Further details can be seen from the e-Procurement market place http://tendersodisha.gov.in

Sd/- Er Jagannath Mallik
Superintending Engineer
M.I.Division, Kalahandi
Bhawanipatna

OIPR 32035/11/0008/2425

**GOVERNEMENT OF ODISHA**
**DEPARTMENT OF WATER RESOURCES**
**Office of the Additional Chief Engineer,**
**Western Irrigation Circle, Bhawanipatna-766001**
E-Mail-ID-sewic2012@gmail.com

A-982

**NOTICE INVITING TENDER**
**e - Procurement Notice No. ADDLCE, WIC – 02/2024-25**
**PERCENTAGE RATE e-TENDER**

1. The Additional Chief Engineer, Western Irrigation Circle, Bhawanipatna, Dist-Kalahandi, Pin-766001, (Odisha) on behalf of governor of Odisha invites **"PERCENTAGE RATE Bids" IN DOUBLE COVER SYSTEM,** in electronic tendering system for the construction works detailed in the table below.

2.

| | |
|---|---|
| Package No | ADDLCE,WIC(KID)-01/2024-25 to ADDLCE,WIC(KID)-04/2024-25 |
| Types of Work | 04 (Four) Nos of Road works. |
| Approximate value of work | Varies from Rs.131.33 to Rs.244.77 Lakhs (Excluding GST) |
| Period of Completion | 11, (Eleven ) calendar Months. |
| Classification of Bidder | 'A' & 'B' Class Contractor only |
| Tender documents available on website. | Can be downloaded from Website (http://www.tendersodisha.gov.in) |
| Bid documents available Date and Time. | 30.01.2025 at11.00 Hrs |
| Bid clarification start date & Closing date. | 30.01.2025 to 07.02.2025 during office hours |
| On Line Bid submission closing date and time. | 13.02.2025 at17.00 Hrs |
| Date, Time and Venue of opening of Technical Bid **online.** | **14.02.2025 at 11.00 Hrs** office of the Addl. Chief Engineer, Western Irrigation Circle, Bhawanipatna. |
| Date / Time of Opening of Financial Bid | To be intimated after evaluation of Technical Bid. |

Further details can be seen from Govt. website. Any addendum / corrigendum / cancellation to the above notice will be published in the Govt. website www.tendersodisha.gov.in only.

Sd/-Additional Chief Engineer
Western Irrigation Circle
Bhawanipatna

OIPR 32178/11/0002/2425

**GOVERNMENT OF ODISHA**
**e-procurement Notice**
**OFFICE OF THE ADDITIONAL CHIEF ENGINEER, WESTERN IRRIGATION CIRCLE, BHAWANIPATNA**
**e-mail:sewic2012@gmail.com**
**Bid Identification No: NCB-01/DRIP-WICB/2024-25**

A-987

| | | |
|---|---|---|
| 1. | Bid Identification No. | NCB-01/DRIP-WICB/2024-25 |
| 2. | Name of work | Rehabilitation, Improvement & Basic Facilities of Saipala Dam in Nuapada District of Odisha under DRIP-II. |
| 3. | Approximate Value of work | Rs.172.23 Lakhs |
| 4 | Bid Security / EMD (INR) | Rs.1,72,230.00 |
| 4. | Bid Processing Fee (INR) | Rs.10,000.00 including GST each. |
| 5. | Period of completion | 11 (Eleven) calendar months including rainy season. |
| 6. | Date & time of Availability of Bid Document in the Portal | **30.01.2025 from 10.30AM (IST) to 28.02.2025 up to 3.00 PM (IST)** |
| 7. | Bid clarification date & time | 30.01.2025 at 11.00 AM (IST) to 07.02.2025 5.00 PM (During official working hour). |
| 8. | Pre Bid Meeting date, time & venue | 14.02.2025 at 11.30 AM (IST) O/o the Additional Chief Engineer, Western Irrigation Circle, Bhawanipatna |
| 9. | Last date/Time for receipt of Bid in the Portal | **28.02.2025 up to 3.00 PM (IST)** |
| 10. | Date, Time and Venue of opening of Technical bid in e-method | **28.02.2025 at 4.00 PM (IST)** O/o the Additional Chief Engineer, Western Irrigation Circle, Bhawanipatna. |
| 11. | Date/Time of Opening of Financial Bid | To be intimated after evaluation of Technical Bid |

**Further details can be seen from the government web site. https://www.tendersodisha.gov.in**

Sd/-Additional Chief Engineer
Western Irrigation Circle
Bhawanipatna

OIPR 32178/11/0004/2425



ମୁମ୍ବାଇ : ସୈଫ ଅଲ୍ଲୀ ଖାନଙ୍କ ଛୁରାମାଡ ଘଟଣାରେ ଗୋଟିଏ ପରେ ଗୋଟିଏ ଟ୍ୱିଷ୍ଟ ସାମ୍ନାକୁ ଆସୁଛି । ତଦନ୍ତରେ ପଶ୍ଚିମବଙ୍ଗର ଜଣେ ମହିଳାଙ୍କ ସଂମ୍ପୃକ୍ତି ଥିବା ଜଣାପଡିଛି । କିଏ ପ୍ରକୃତ ଆକ୍ରମଣକାରୀ କାହାର ରହିଛି ହାତ ତାହା ଜଣାପଡୁନାହିଁ । ସେପଟେ ଅଭିଯୁକ୍ତ ଶରିଫୁଲର ଫିଙ୍ଗରପ୍ରିଣ୍ଟସ କ୍ରାଇମ ସିନର ଚିହ୍ନ ସହ ମିଶୁ ନାହିଁ । ଏବେ ଜଣେ ମହିଳାଙ୍କ ସମ୍ପୃକ୍ତି ଥିବା ଟ୍ୱିଷ୍ଟ ଆସିଛି । ଯାହା ଚାଞ୍ଚଲ୍ୟ ଖେଳାଇ ଦେଇଛି । ପୋଲିସ ଉକ୍ତ ମହିଳାଙ୍କୁ ପଚରାଉଚରା କରୁଥିବା ଜଣାପଡିଛି । ରିପୋର୍ଟ ଅନୁଯାୟୀ, ସୈଫ୍ ଅଲ୍ଲୀ ଖାନ ମାମଲାରେ ଖୁକୁମନି ଶେଖ ନାମକ ଜଣେ ମହିଳାଙ୍କ ନାମ ଏବେ ସାମ୍ନାକୁ ଆସିଛି । ଯାହାଙ୍କ ସିମ୍ କାର୍ଡ ଅଭିଯୁକ୍ତ ଶରୀଫୁଲଠାରୁ ମିଳିଛି । ଶରୀଫୁଲ ଯେଉଁ ସିମ୍ କାର୍ଡ ବ୍ୟବହାର କରୁଥିଲା । ତାହା ଜଣେ ମହିଳାଙ୍କ ନାମରେ ରେଜିଷ୍ଟ୍ରର ଥିଲା । ଏହି ନମ୍ବରଟି ସେହି ନମ୍ବରରେ ଥିଲା ଯେଉଁ ନମ୍ବରରେ ଶରୀଫୁଲ ତାଙ୍କ ପରିବାରକୁ ତଥା ବାଂଲାଦେଶକୁ ଫୋନ କରୁଥିଲେ । ସେପଟେ ମହିଳାଙ୍କ ବୟାନ ରେକର୍ଡ କରାଯାଇଥିଲା ମହିଳା ଜଣକ ପଶ୍ଚିମବଙ୍ଗ ନଦିଆ ଜିଲ୍ଲାର ।

# କେଜରିୱାଲଙ୍କୁ ନିର୍ବାଚନ କମିଶନରଙ୍କ ନୋଟିସ



ନୂଆଦିଲ୍ଲୀ: ଦିଲ୍ଲୀ ନିର୍ବାଚନ ପ୍ରଚାର ସରଗରମ ହେଉଥିଲା ବେଳେ ସମସ୍ତ ପକ୍ଷ ପରସ୍ପର ବିରୋଧରେ ବୟାନବାଜି ଜାରି ରଖିଛନ୍ତି । ଏହାରି ମଧ୍ୟରେ ମଙ୍ଗଳବାର ଭାରତୀୟ ନିର୍ବାଚନ କମିଶନ ଆମ ଆଦମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜରିୱାଲଙ୍କୁ ଯମୁନା ନଦୀର ପାଣିରେ ହରିୟାଣା ବିଷ ମିଶୁଥିବା ବୟାନ ଉପରେ ପ୍ରମାଣ ମାଗିଛନ୍ତି । ବୁଧବାର ସନ୍ଧ୍ୟା ୮ ଟା ସୁଦ୍ଧା ଏହି ପ୍ରମାଣ ରଖିବାକୁ ସମୟ ଦେଇଛନ୍ତି । ଏହା ପୂର୍ବରୁ ନିର୍ବାଚନ କମିଶନ ହରିୟାଣା ସରକାରଙ୍କୁ ଏହି ଅଭିଯୋଗ ଉପରେ ଜାନୁଆରୀ ୨୮ ସୁଦ୍ଧା ତଥ୍ୟ ରଖିବାକୁ ନିର୍ଦ୍ଦେଶଦେଇଥିଲେ । କେଜ୍ରିୱାଲ ଏକ ନିର୍ବାଚନୀ ରାଲିରେ ଅଭିଯୋଗ ଲଗାଇଥିଲେ ଯେ, ହରିୟାଣାରୁ ଆସୁଥିବା କାରଖାନାର ପାଣି ଯମୁନା ନଦୀରେ ମିଶିବା କାରଣରୁ ଆମୋନିଆ ମାତ୍ରା ବୃଦ୍ଧି ପାଇଛି । କେଜରିୱାଲ ଜାନୁଆରୀ ୨୭ ତାରିଖରେ ଅଭିଯୋଗ କରିଥିଲେ, "ଲୋକମାନଙ୍କୁ ପାଣିରୁ ବଞ୍ଚିତ କରିବା ଠାରୁ ବଡ଼ ପାପ ଆଉ କିଛି ନୁହେଁ । ଭାଜପା ଏହାର ମଇଳା ରାଜନୀତି ପାଇଁ ଦିଲ୍ଲୀର ଲୋକମାନଙ୍କୁ ଶୋଷିଲା ରଖିବାକୁ ଚେଷ୍ଟା କରୁଛି । ସେମାନେ ହରିୟାଣାରୁ ପଠାଯାଉଥିବା ପାଣିରେ ବିଷ ମିଶ୍ରଣ କରୁଛନ୍ତି । ଏହି ଦୂଷିତ ପାଣି ଏତେ ବିଷାକ୍ତ ଯେ ଏହାକୁ ଦିଲ୍ଲୀରେ ଥିବା ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ଦ୍ୱାରା ବିଶୋଧନ କରାଯାଇପାରିବ ନାହିଁ । ଭାଜପା ଦିଲ୍ଲୀବାସୀଙ୍କ ଗଣହତ୍ୟା କରିବାକୁ ଚାହୁଁଛି । ଆମେ ଏହା ହେବାକୁ ଦେବୁ ନାହିଁ ।

# ମନ୍ଦିରରେ ଲାଗୁ ହେଲା ଡ୍ରେସ କୋଡ୍

ମୁମ୍ବାଇ: ମୁମ୍ବାଇର ପ୍ରସିଦ୍ଧ ସିଦ୍ଧିବିନାୟକ ମନ୍ଦିରକୁ ଲକ୍ଷ ଲକ୍ଷ ଭକ୍ତମାନେ ଆସିଥାନ୍ତି । ବର୍ତ୍ତମାନ ସମୟରେ ମନ୍ଦିର ପ୍ରଶାସନ ପକ୍ଷରୁ ଡ୍ରେସ କୋଡ୍ ଲାଗୁ କରାଯାଇଛି । ସାରା ଦେଶରୁ ଭକ୍ତମାନେ ସିଦ୍ଧିବିନାୟକ ମନ୍ଦିରକୁ ଭଗବାନ ଗଣେଶଙ୍କ ଦର୍ଶନ ପାଇଁ ଆସିଥାନ୍ତି । ଏଣିକି ଡ୍ରେସ କୋଡ୍ ଲାଗୁ ହେବାପରେ ଭକ୍ତମାନଙ୍କୁ ନିଜ ପୋଷାକ ଉପରେ ବିଶେଷ ଧ୍ୟାନଦେବାକୁ ପଡିବ । ଯେଉଁମାନେ ଡ୍ରେସ କୋଡ୍ ନିୟମ ପାଳନ କରିବେ କେବଳ ସେହିମାନେ ହିଁ ମନ୍ଦିର ଭିତରକୁ ପ୍ରବେଶ କରିପାରିବେ ବୋଲି ମନ୍ଦିର କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି । ସିଦ୍ଧିବିନାୟକ ମନ୍ଦିର ଟ୍ରଷ୍ଟ ତରଫରୁ ଏକ ଚିଠିରେ କୁହାଯାଇଛି ଯେ ଭକ୍ତମାନେ ଭାରତୀୟ ପରମ୍ପରା ଅନୁସାରେ ପୋଷାକ ପରିଧାନ କଲେ ହିଁ ମନ୍ଦିରକୁ ଯାଇ ଭଗବାନଙ୍କୁ ଦର୍ଶନ କରିପାରିବେ । ଯେଉଁ ଭକ୍ତମାନେ ଦର୍ଶନ କରିବାକୁ ଆସିବେ ସେମାନେ ସମ୍ପୂର୍ଣ୍ଣ ଶରୀର ଢାଙ୍କି ହେଲା ପରି ପୋଷାକ ପରିଧାନ କରିବା ବାଧ୍ୟତାମୂଳକ ଅଟେ । ଯଦି କେହି ଏହି ଡ୍ରେସ କୋଡ୍ ଉଲ୍ଲଂଘନ କରନ୍ତି ତେବେ ତାଙ୍କୁ ମନ୍ଦିର ଭିତରକୁ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ ।

# ଜେଲରୁ ବାହାରିଲେ ରାମ ରହିମ



ନୂଆଦିଲ୍ଲୀ: ଦୁଷ୍କର୍ମ ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇ ଜେଲ୍ ଦଣ୍ଡାଦେଶ ଭୋଗୁଥିବା ରାମ ରହିମଙ୍କୁ ମିଳିଛି ୨୦ ଦିନିଆ ପାରୋଲ୍ । ଆତ୍ମଘୋଷିତ ବାବା ରାମ ରହିମ ମଙ୍ଗଳବାର ଜେଲ୍‌ରୁ ମୁକ୍ତ ହୋଇଛନ୍ତି । ଗୁରମିତ ରାମ ରହିମଙ୍କୁ ଗୁପ୍ତ ଭାବରେ ଜେଲରୁ ମୁକ୍ତ କରାଯାଇଛି । ତେବେ ଏହାକୁ ମିଶାଇ ରାମ ରହିମ ଜେଲ୍‌ରୁ ୧୨ ଥର ବାହାରି ସାରିଲେଣି । ଏଥର ବାବା ବାଗପତର ବର୍ଣ୍ଣୱାରେ ରହିବେ ନାହିଁ ବରଂ ହରିଆଣାର ସିର୍ସାରେ ଅବସ୍ଥିତ ଡେରା ଆଶ୍ରମରେ ରହିବେ ।

# ପୁନେରେ ଜିବିଏସ୍ ଆକ୍ରାନ୍ତଙ୍କ ସଂଖ୍ୟା ଶହେ ଟପିଲା



ନୂଆଦିଲ୍ଲୀ : କରୋନା, ଏଚ୍‌ଏମ୍‌ପିଭି ପରେ ଭାରତରେ କାୟା ବିସ୍ତାର କରିଛି ଜିବିଏସ୍ । ଏଥିରେ ପୁନେ ସୋଲାପୁରର ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବାବେଳେ ଆକ୍ରାନ୍ତଙ୍କ ସଂଖ୍ୟା ଶହେ ଟପିଛି । ତେବେ ସଂକ୍ରମଣରୁ ରକ୍ଷା ପାଇବାକୁ କେତୋଟି ନିର୍ଦ୍ଦିଷ୍ଟ ଖାଦ୍ୟର ଦୂରେଇ ରହିବାକୁ ଡାକ୍ତରମାନେ ପରାମର୍ଶ ଦେଇଛନ୍ତି । ଏହି ରୋଗ ସଂକ୍ରାମକ ହୋଇନଥିବାରୁ ବ୍ୟାପିବାର ସମ୍ଭାବନା କମ୍ । ତଥାପି ଦୁଗ୍ଧ ଓ ଦୁଗ୍ଧଜାତ ଉତ୍ପାଦ ଯେପରି କ୍ଷୀର, ପନୀର, ଛେନା, ଭାତ ଖାଇବାକୁ ବାରଣ କରିଛନ୍ତି ଡାକ୍ତର । ଦିଲ୍ଲୀ ଏମ୍ସରେ କାମ କରୁଥିବା ଡାକ୍ତର ପ୍ରିୟଙ୍କା ଶେରାୱତ ଏକ ଭିଡିଓ ମାଧ୍ୟମରେ ଏଭଳି ପରାମର୍ଶ ଦେଇଛନ୍ତି । ସେହିପରି ନିଜ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢାଇବା ଉପରେ ସମସ୍ତ ଫୋକସ୍ କରିବା ଉଚିତ ବୋଲି କହିଛନ୍ତି ପ୍ରିୟଙ୍କା । କାମ୍ପିଲବାକ୍ଟର ଜେଜୁନି ନାମକ ଭାଇରସ ଦ୍ୱାରା ଏହି ସଂକ୍ରମଣ ଆରମ୍ଭ ହୋଇଥାଏ । ସାଧାରଣତଃ ଏହି ଭାଇରସ ଦ୍ୱାରା ପେଟ ଖରାପ ହୋଇଥାଏ । ପ୍ରଥମ ଥର ଜିବିଏସ୍ ଭାଇରସ ସଂକ୍ରମଣରେ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମାଇବା ସହ ସ୍ନାୟୁକୁ ଅଚଳ କରିବାକୁ ଚେଷ୍ଟା କରିଥାଏ । ମୁଖ୍ୟତଃ ଅଶୋଧିତ ଖାଦ୍ୟ ଓ ଜଳପାନ ଦ୍ୱାରା କାମ୍ପିଲୋବାକ୍ଟର ଜେଜୁନି ଭାଇରସ ଶରୀରକୁ ଆସିଥାଏ । ଭଲରେ ଫୁଟା ଯାଇନଥିବା କ୍ଷୀର ଓ କଞ୍ଚା କ୍ଷୀର ସେବନ ଦ୍ୱାରା ଭାଇରସର ସଂକ୍ରମଣ ଦେଖିବାକୁ ମିଳେ । ଏଥି ସହ ବାସନ ଭଲରେ ସଫା ନକରିବା, ଗୋଟିଏ କଟିଂ ବୋର୍ଡ ଦୀର୍ଘ ଦିନ ଧରି ବ୍ୟବହାର କରିବା ଦ୍ୱାରା ଏହି ଭାଇରସ ବ୍ୟାପିଥାଏ । ଜିବିଏସ୍‌ର ଆକ୍ରାନ୍ତ ବ୍ୟକ୍ତିଙ୍କ ଡାଇରିଆ, ପେଟ ଖରାପ ଓ ଦୁର୍ବଳ ଲାଗିବା ଭଳି ଲକ୍ଷଣ ଦେଖାଯାଇଥାଏ । ଦୃଷ୍ଟି ଶକ୍ତି କମିଯିବା ସହ ଖାଦ୍ୟ ଖାଇବାରେ ସମସ୍ୟା ହୋଇଥାଏ । ସିଡି ଚଢିବା ଓ ଚାଲିବାରେ କଷ୍ଟ ଅନୁଭବ ହୋଇଥାଏ । ରୋଗ ହେବାର ପ୍ରାୟ ୬ ସପ୍ତାହ ପୂର୍ବରୁ ଏହାର ଲକ୍ଷଣ ଦେଖାଯାଇଥାଏ । ଏବେ ସୁଦ୍ଧା କୌଣସି ମେଡିସିନ ମଧ୍ୟ ବାହାରିନି । ଯାହା ସମସ୍ତଙ୍କ ଚିନ୍ତା ବଢାଇଛି ।

# ଇସ୍ରୋର ୧୦୦ତମ ମିଶନ ପାଇଁ କାଉଣ୍ଟଡାଉନ୍ ଆରମ୍ଭ



ନୂଆଦିଲ୍ଲୀ: ଇତିହାସ ରଚିବା ଦିଗରେ ଅଗ୍ରସର ଭାରତୀୟ ମହାକାଶ ଅନୁସନ୍ଧାନ ସଂସ୍ଥା (ଇସ୍ରୋ) । ଇସ୍ରୋର ୧୦୦ତମ ଲଞ୍ଚର ୨୭ ଘଣ୍ଟା ପୂର୍ବରୁ କାଉଣ୍ଟଡାଉନ୍ ଆରମ୍ଭ ହୋଇଛି । ଏହି ଐତିହାସିକ ମିଶନରେ ଏକ ନଭିଗେସନ ସାଟେଲାଇଟକୁ ଜିଏସଏଲଭି ରକେଟ୍ ସାହାଯ୍ୟରେ ଉତକ୍ଷେପଣ କରାଯିବ । ଅନ୍ଧ୍ର ପ୍ରଦେଶର ଶ୍ରୀହରି କୋଟା ସତୀଶଧବନ କ୍ଷେପଣାସ୍ତ୍ର ଘାଟିକୁ ଏହାକୁ ଲଞ୍ଚ କରାଯିବ । ଇସ୍ରୋର ନୂଆ ଅଧ୍ୟକ୍ଷ ବି. ନାରାୟଣନ ଦାୟିତ୍ୱ ସମ୍ଭାଳିବା ପରେ ଏହା ତାଙ୍କର ପ୍ରଥମ ମିଶନ । ସୂଚନା, ଜାନୁଆରୀ ୨୯ ତାରିଖ ଅର୍ଥାତ୍ ମଙ୍ଗଳବାର ବିଳମ୍ବିତ ରାତି ୨.୫୩ ମିନିଟରେ ଶ୍ରୀହରି କୋଟାରୁ ଜିଏସଏଲଭି-ଏଫ-୧୫ରେ ୧୦୦ତମ ମିଶନ ଉତ୍ ?କ୍ଷେପଣ କରାଯିବ । ସ୍ୱଦେଶୀ ଜ୍ଞାନ କୌଶଳିରେ ତିଆରେ ଏହି ରକେଟ୍ ଏନବିଏସ୍-୦୨ ଉପଗ୍ରହକୁ ଜିଓସିଂକ୍ରୋନ୍ସ ଟ୍ରାନ୍ସଫର ଅର୍ବିଟକୁ ପଠାଇବ । ଲଞ୍ଚର ୨୭ ଘଣ୍ଟା ପୂର୍ବରୁ ଇସ୍ରୋ କାଉଣ୍ଟଡାଉନ ଆରମ୍ଭ ହୋଇଛି । ଏନବିଏସ-୦୨ ଉପଗ୍ରହ ଭାରତୀୟ ନାଭିଗେସନ ପ୍ରଣାଳୀର ଏହା ଅଂଶ । ଏହା ଦ୍ୱିତୀୟ ପିଢ଼ିର ଉପଗ୍ରହ, ଯିଏ ନାଭିଗେସନ ମ୍ୟାପ୍ ପାଇଁ କାର୍ଯ୍ୟ କରିବ । ଭାରତରେ ପ୍ରାୟ ୧୫ଶହ କି.ମି. ପର୍ଯ୍ୟନ୍ତ ଏହା ସଠିକ୍ ସ୍ଥିତି, ବେଗ ଏବଂ ସମୟ ସେବା ଦେବା ପାଇଁ ଏହାକୁ ଡିଜାଇନ୍ କରାଯାଇଛି ।

# ନିର୍ବାଚନୀ ଚାନ୍ଦା ଆଦାୟରେ ବିଜେପି ଆଗୁଆ



ନୂଆଦିଲ୍ଲୀ: ନିର୍ବାଚନୀ ଚାନ୍ଦା ଆଦାୟରେ ବିଜେପି ଆଗୁଆ ରହିଛି । ହେଲେ ଏଥର କଂଗ୍ରେସର ଚାନ୍ଦା ବି ସମସ୍ତଙ୍କୁ ଚମକାଇ ଦେଇଛି । ପୂର୍ବ ଅପେକ୍ଷା ରେକର୍ଡ ସଂଖ୍ୟକ ଏଥର କଂଗ୍ରେସକୁ ଚାନ୍ଦା ମିଳିଛି । ସୋମବାର ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ କିଛି ଏଭଳି ରିପୋର୍ଟ ପ୍ରକାଶ ପାଇଛି । ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟ କହୁଛି, ୨୦୨୨-୨୦୨୩ ବର୍ଷ ନିର୍ବାଚନ ପାଇଁ ବିଜେପିକୁ ସ୍ୱେଚ୍ଛାକୃତ ଦାନ ଭାବେ ୨,୧୨୦.୦୬ କୋଟି ମିଳିଥିବା ବେଳେ ୨୦୨୩-୨୦୨୪ ବର୍ଷକୁ ଏହା ବୃଦ୍ଧି ପାଇ ୩,୯୬୭.୧୪ କୋଟି ଟଙ୍କା ଛୁଇଁଛି । ଯାହା ପୂର୍ବାପେକ୍ଷା ୮୭ ପ୍ରତିଶତ ଅଧିକ । ବିଜେପିର ୨୦୨୩-୨୪ ବର୍ଷର ଅଡିଟ୍ ରିପୋର୍ଟରୁ ଏହି ସୂଚନା ସାମ୍ନାକୁ ଆସିଛି । ଏଥିସହିତ ଇଲୋକ୍ଟ୍ରାଲ ବଣ୍ଡ ପକ୍ଷରୁ ୧,୬୮୫.୬୨ କୋଟି ଟଙ୍କା ମିଳିଛି, ଯାହା ଏହା ସଂପୂର୍ଣ୍ଣ ଚାନ୍ଦାର ୪୩ ପ୍ରତିଶତ । ୨୦୨୨-୨୩ରେ ଇଲୋକ୍ଟ୍ରାଲ ବଣ୍ଡ ରୂପରେ ୧,୨୯୪.୧୪ ମିଳିଥିଲା, ଯାହା ପୁରା ଚାନ୍ଦାର ୬୧ ପ୍ରତିଶତ ଥିଲା । ଚାନ୍ଦା ବୃଦ୍ଧି ପାଇଥିଲେ ବି, ବିଜେପିର ମୋଟ ଅବଦାନରେ ନିର୍ବାଚନୀ ବଣ୍ଡର ଅଂଶ ଅଧାରୁ କମ୍ ତଳକୁ ଖସିଛି । ସେପଟେ କଂଗ୍ରେସର ନିର୍ବାଚନୀ ଚାନ୍ଦା ଏଥର ସମସ୍ତଙ୍କୁ ଚମକାଇ ଦେଇଛି । ନିର୍ବାଚନ ବର୍ଷରେ କଂଗ୍ରେସ ଦାନରେ ଉଲ୍ଲେଖନୀୟ ବୃଦ୍ଧି ପାଇଛି । ଏହାର ମୋଟ ଅବଦାନ ୩୨୦ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୨-୨୩ ବର୍ଷରେ ୨୬୮.୬୨ କୋଟି ଟଙ୍କା ଚାନ୍ଦା ମିଳିଥିବା ବେଳେ ୨୦୨୩-୨୪ ପାଇଁ ୧,୧୨୯ କୋଟି ଟଙ୍କା କେବଳ ଦାନରେ କମେଇଛି କଂଗ୍ରେସ । ଇଲୋକ୍ଟ୍ରାଲ ବଣ୍ଡ ରୂପରେ କଂଗ୍ରେସକୁ ମିଳିଥିଲା, ୧୭୧.୦୨, ଯାହା ପୂର୍ବ ବର୍ଷ ଅପେକ୍ଷା ୭୩ ପ୍ରତିଶତ ବୃଦ୍ଧି ପାଇଁ ୮୨୮.୩୬ କୋଟି ଟଙ୍କା ହୋଇଛି । ଏଥିସହିତ କଂଗ୍ରେସର ନିର୍ବାଚନୀ ଖର୍ଚ୍ଚ ମଧ୍ୟ ୨୦୨୨-୨୩ ଅନୁଯାୟୀ ଏଥର ବୃଦ୍ଧି ପାଇଛି । ୨୦୨୨-୨୩ ରେ ୧୯୨.୫୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ତାହା ବଅଦ୍ଧି ଚଳିତ ଥର ୬୧୯.୬୭ କୋଟି ଟଙ୍କା ହୋଇଛି । ୨୦୨୩-୨୪ ବର୍ଷ ପାଇଁ ବିଜେଡି ୨୯୭.୮ କୋଟି ଟଙ୍କା ଚାନ୍ଦା ପାଇଛି । ଯେହିପରି ଟିଏମସି ମଧ୍ୟ ଗତଥର ୩୩୩.୪୬ କୋଟି ଟଙ୍କା ଦାନ ପାଇଥିବା ବେଳେ ଏଥର ୬୪୬.୩୯କୁ ବୃଦ୍ଧି ହୋଇଛି ।

# ଦୀର୍ଘ ଦିନ ଧରି ଅନୁପସ୍ଥିତ ଥିବା ୨୭ଡାକ୍ତରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ



ରାୟପୁର: ଛତିଶଗଡ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ବଡଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଦୀର୍ଘଦିନ ଧରି ବିନା ସୂଚନାରେ ଅନୁପସ୍ଥିତ ଥିବା ୨୭ଡାକ୍ତରଙ୍କୁ ନିଲମ୍ବନ କରିଦିଆଯାଇଛି । ଏଥିସହ ୨୧ଡାକ୍ତରଙ୍କ ବିରୁଦ୍ଧରେ ବିଭାଗୀୟ ଯାଞ୍ଚ ପାଇଁ ମଧ୍ୟ ଆଦେଶ ଦିଆଯାଇଛି । ଏହି ଡାକ୍ତର ଓ ବିଶେଷଜ୍ଞମାନେ ନିଜ କର୍ତ୍ତବ୍ୟସ୍ଥଳରୁ ଦୀର୍ଘଦିନ ଧରି ଅନଧିକୃତ ଭାବେ ଅନୁପସ୍ଥିତ ରହିଥିଲେ । ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ମଧ୍ୟ ଜାରି କରାଯାଇଥିଲା । ଏହି ଡାକ୍ତରମାନଙ୍କ ମଧ୍ୟରୁ କେତେକ ଲଗାତର ୩ବର୍ଷ ଧରି କର୍ତ୍ତବ୍ୟସ୍ଥଳରେ ଅନୁପସ୍ଥିତ ରହିଥିଲେ । ଏମାନେ ସରକାରୀ ନିୟମର ଉଲ୍ଲଂଘନ କରିଥିବାରୁ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସେମାନଙ୍କ ଦ୍ୱାରା ଦିଆଯାଇଥିବା କାରଣ ଦର୍ଶାଅ ନୋଟିସର ବିଚାର କରାଯାଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ।

# ଗୁଳିମାଡ଼ରେ ୫ ଭାରତୀୟ ମତ୍ସ୍ୟଜୀବୀ ଆହତ



ନୂଆଦିଲ୍ଲୀ: ଶ୍ରୀଲଙ୍କା ନୌସେନାର ଗୁଳିମାଡ଼ରେ ୫ ଭାରତୀୟ ମତ୍ସ୍ୟଜୀବୀ ଆହତ ହୋଇଛନ୍ତି । ଡେଲଫ୍ଟ ଦ୍ୱୀପ ନିକଟରେ ମଙ୍ଗଳବାର ସକାଳେ ଏହି ଗୁଳିମାଡ଼ ହୋଇଥିଲା । ୫ ଆହତଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ସଂକଟାପନ୍ନ ଥିବା କୁହାଯାଉଛି । ଏହି ଘଟଣା ପରେ ଭାରତର ବିଦେଶ ମନ୍ତ୍ରଣାଳୟ କଡ଼ା ପ୍ରତିକ୍ରିୟ ହେଇଛି । ଏହି କାର୍ଯ୍ୟାନୁଷ୍ଠାନ ଉପରେ ଆନୁଷ୍ଠାନିକ ଆପତ୍ତି ଉଠାଇ ଶ୍ରୀଲଙ୍କାର କାର୍ଯ୍ୟକାରୀ ହାଇକମିଶନରଙ୍କୁ ତଲବ କରିଛି । ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ମଙ୍ଗଳବାର ସକାଳେ ଡେଲଫ୍ଟ ଦ୍ୱୀପ ନିକଟରେ ୧୩ ଜଣ ଭାରତୀୟ ମତ୍ସ୍ୟଜୀବୀଙ୍କୁ ଧରିବା ପାଇଁ ଶ୍ରୀଲଙ୍କା ନୌସେନା ଦ୍ୱାରା ଗୁଳିମାଡ଼ ଖବର ହସ୍ତଗତ ହୋଇଛି । ଏଭଳି ପଦକ୍ଷେପ ଅଗ୍ରହଣୀୟ । ଏମ୍ଇଏ କହିଛି, ମାଛ ଧରିବା ପାଇଁ ଯାଇଥିବା ଡଙ୍ଗାରେ ଥିବା ୧୩ ଭାରତୀୟ ମତ୍ସ୍ୟଜୀବୀଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ଜାଫନା ଟିଚିଂ ହସ୍ପିଟାଲରେ ଆହତଙ୍କ ଚିକିତ୍ସା ଚାଲିଛି । ଜାଫାନାରେ ଭାରତୀୟ ବାଣିଜ୍ୟ ଦୂତାବାସର ଅଧିକାରୀ ଆହତ ମତ୍ସ୍ୟଜୀବୀଙ୍କୁ ଭେଟି ଯଥାସମ୍ଭବ ସାହାଯ୍ୟ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ସୂଚନା ଅନୁସାରେ ମତ୍ସ୍ୟଜୀବୀମାନେ ପରୁଥି ଥୁରାଇ ନିକଟରେ ମାଛ ମାରୁଥିଲେ । ଏହି ସମୟରେ ଶ୍ରୀଲଙ୍କା ନୌସେନାର ପାଟ୍ରୋଲିଂ ବୋଟ୍ ଏମାନଙ୍କୁ ଘେରିଥିଲା । ମତ୍ସ୍ୟଜୀବୀମାନେ ଡଙ୍ଗାକୁ ତାମିଲନାଡୁ ଆଡ଼କୁ ନେବା ପାଇଁ ଉଦ୍ୟମ କରିବା ବେଳେ ନୌସେନା କଥିତ ରୂପେ ଗୁଳିମାଡ଼ କରିଥିଲା । ଶ୍ରୀଲଙ୍କା ନୌସେନା ସାମୁଦ୍ରିକ ସୀମା ପାର୍ କରିଥିବା ଅଭିଯୋଗରେ ମାଛମରା ଡଙ୍ଗା ଏବଂ ୧୩ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି । ଗିରଫ ମତ୍ସ୍ୟଜୀବୀଙ୍କୁ କାଙ୍କେସନ୍ତୁରଇ ପୋଲିସକୁ ହସ୍ତାନ୍ତର କରାଯାଇଛି ।

# ବାଣିଜ୍ୟ



ନୂଆଦିଲ୍ଲୀ: ୟୁରୋପର ଅନେକ ଦେଶରୁ ପପୁଲାର କୋଲ୍ଡ ଡ୍ରିଙ୍କ କମ୍ପାନୀ କୋକା-କୋଲା ନିଜର ଡ୍ରିଙ୍କ୍କୁ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛି । କାରଣ ଏହି ପାନୀୟଗୁଡ଼ିକରେ 'କ୍ଲୋରେଟ୍' ନାମକ ଏକ ରାସାୟନିକ ପଦାର୍ଥ ମାତ୍ରାଧିକ ପରିମାଣରେ ରହିଛି । ବେଲଜିୟମ, ଲକ୍ସେମବର୍ଗ ଏବଂ ନେଦରଲ୍ୟାଣ୍ଡରେ କୋଲ୍ଡ ଡ୍ରିଙ୍କ୍ସ ଗୁଡିକୁ ପ୍ରତ୍ୟାହାର କରାଯାଇଛି । ରିପୋର୍ଟ ଅନୁସାରେ, କୋକା-କୋଲା ପ୍ରତ୍ୟାହାର କରିଥିବା କୋଲ୍ଡ ଡ୍ରିଙ୍କ୍ସ ଗୁଡିକ ମଧ୍ୟରେ ରହିଛି କୋକ୍, ଫାଣ୍ଟା, ସ୍ପ୍ରାଇଟ୍, ଟ୍ରୋପିକୋ ଏବଂ ମିନିଟ୍ ମେଡ୍ ଭଳି ବ୍ରାଣ୍ଡ । ୱାଟର ଟ୍ରିଟମେଣ୍ଟ ଏବଂ ଖାଦ୍ୟ ପ୍ରକ୍ରିୟାକରଣରେ କ୍ଲୋରିନ୍-ଆଧାରିତ ଜୀବାଣୁନାଶକ ବ୍ୟବହାର କଲେ କ୍ଲୋରେଟ୍ ନାମକ ରାସାୟନିକ ପଦାର୍ଥ ସୃଷ୍ଟି ହୁଏ । ତେବେ ଏହି କ୍ଲୋରେଟ୍ ରାସାୟନିକ ପଦାର୍ଥର ଅତ୍ୟଧିକ ସଂସ୍ପର୍ଶରେ ଆସିବା ଦ୍ୱାରା ଶରୀରର ହରମୋନ ସନ୍ତୁଳନ ପ୍ରଭାବିତ ହୋଇଥାଏ । ଖାସକରି ଛୋଟ ପିଲାମାନଙ୍କଠାରେ ଏହା ଥାଇରଏଡ୍ ରୋଗ ସୃଷ୍ଟି କରିପାରେ । ଯଦି କୋଲ୍ଡ ଡ୍ରିଙ୍କ୍ସ ରେ କ୍ଲୋରେଟର ପରିମାଣ ଅଧିକ ହୋଇଯାଏ ତେବେ ଏହା ବାନ୍ତି, ଝାଡ଼ା ଏବଂ ରକ୍ତର ଅମ୍ଳଜାନ ଶୋଷଣ କରିବାର କ୍ଷମତା ହ୍ରାସ କରିଥାଏ । ୟୁକେ ଫୁଡ୍ ଷ୍ଟାଣ୍ଡାର୍ଡସ୍ ଏଜେନ୍ସିର ଆନ୍ ଗ୍ରେଭେଟ୍ କହିଛନ୍ତି ଯେ କୋକା କୋଲାର ମାମଲାର ତଦନ୍ତ ଚାଲିଛି ।

# ଓଡ଼ିଶାରେ ୭୦ ହଜାର କୋଟି ଟଙ୍କା ନିବେଶ କରିବ ଜେଏସ୍‌ପି



ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ଜିନ୍ଦଲ ଷ୍ଟିଲ୍ ଏଣ୍ଡ୍ ପାୱାର (ଜେଏସପି) ଆଗାମୀ ବର୍ଷରେ ଓଡ଼ିଶାରେ ଆହୁରି ୭୦,୦୦୦ କୋଟି ନିବେଶ କରିବାକୁ ଏକ ମହତ୍ୱାକାଂକ୍ଷୀ ଯୋଜନା ଘୋଷଣା କରିଛି । ଯାହା ରାଜ୍ୟର ଶିଳ୍ପ ଅଭିବୃଦ୍ଧି ଏବଂ ସାମୁଦାୟିକ ବିକାଶକୁ ଅଧିକ ସୁଦୃଢ଼ କରିବ । ଭୁବନେଶ୍ୱରରେ ଆୟୋଜିତ ଉତ୍କର୍ଷ ଓଡ଼ିଶା କନକ୍ଲେଭ୍ - ୨୦୨୫ କାର୍ଯ୍ୟକ୍ରମରେ ଯୋଗ ଦେଇ ଜିନ୍ଦଲ ଷ୍ଟିଲ ଏଣ୍ଡ୍ ପାୱାରର ଅଧ୍ୟକ୍ଷ ନବୀନ ଜିନ୍ଦଲ ମଙ୍ଗଳବାରଏହି ଘୋଷଣା କରିଛନ୍ତି । ଓଡ଼ିଶାବାସୀଙ୍କ ବିକାଶ ସହ ଓଡ଼ିଶାକୁ ଶିଳ୍ପକ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ଆମର ଲକ୍ଷ୍ୟ । ଏହି ଅତିରିକ୍ତ ୭୦,୦୦୦ କୋଟି ଟଙ୍କାର ପୁଞ୍ଜିନିବେଶ କେବଳ ଶିଳ୍ପ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ ନାହିଁ ବରଂ ଓଡ଼ିଶାର ହଜାର ହଜାର ପରିବାରର ଜୀବନଧାରଣର ମାନରେ ଉନ୍ନତି ଆଣିବ ଏବଂ ଭାରତକୁ ଅଧିକ ଆତ୍ମନିର୍ଭରଶୀଳ କରିବ ବୋଲି ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାରର ଅଧ୍ୟକ୍ଷ ନବୀନ ଜିନ୍ଦଲ କହିଛନ୍ତି । ଜେଏସପି ପୂର୍ବରୁ ଅନୁଗୁଳରେ ଇସ୍ପାତ ଉତ୍ପାଦନ ପାଇଁ ଭାରତର ପ୍ରଥମ କୋଲ ଗ୍ୟାସିଫିକେସନ୍ ପ୍ଲାଣ୍ଟ ପରିଚାଳନା କରୁଛି, ଯାହା ପରିବେଶ ଅନୁକୂଳ ହେବ ସହିତ ଆମଦାନୀ ହେଉଥିବା କୋକିଂ କୋଲ ଉପରେ ନିର୍ଭରଶୀଳତା କମ୍ କରିପାରିଛି । ଅନୁଗୁଳ ଇସ୍ପାତ କାରଖାନାର କ୍ଷମତା ଚଳିତ ବର୍ଷ ଦ୍ୱିଗୁଣିତ ହୋଇ ବାର୍ଷିକ ୬ ନିୟୁତ ଟନରୁ ବାର୍ଷିକ ୧୨ ନିୟୁତ ହେବ ଏବଂ ୨୦୩୦ ସୁଦ୍ଧା ଏହା ବାର୍ଷିକ ୨୫.୨ ନିୟୁତ ଟନରେ ପହଞ୍ଚିବ, ଯାହା ବିଶ୍ୱର ସର୍ବବୃହତ ଇସ୍ପାତ କାରଖାନା ହେବ । କାରଖାନା ବ୍ୟତୀତ ଜେଏସପି ଓଡ଼ିଶାର ସାମାଜିକ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ କରିଆସୁଛି । ଗତ ଏକ ଦଶନ୍ଧି ମଧ୍ୟରେ କମ୍ପାନୀ ସ୍ୱାସ୍ଥ୍ୟସେବା, ଶିକ୍ଷା, ଦକ୍ଷତା ବିକାଶ, ମହିଳା ସଶକ୍ତୀକରଣ, ଗ୍ରାମୀଣ ଜୀବିକା, କ୍ରୀଡ଼ା, କଳା ଏବଂ ସଂସ୍କୃତି କ୍ଷେତ୍ରରେ ବିଭିନ୍ନ ସାମାଜିକ ପଦକ୍ଷେପ ପାଇଁ ୯୦୦ କୋଟିରୁ ଅଧିକ ଟଙ୍କା ବିନିଯୋଗ କରିଛି । ଏହି କାର୍ଯ୍ୟକ୍ରମ ସାରା ରାଜ୍ୟରେ ବିଭିନ୍ନ ଲୋକମାନଙ୍କ ଜୀବନରେ ପରିବର୍ତ୍ତନ ଆଣିପାରିଛି ।

# ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍‌ରେ ଟାଟା ପାୱାର ପକ୍ଷରୁ ବଣ୍ଟନ ପ୍ରଯୁକ୍ତି ଓ ସବୁଜ ଶକ୍ତି ସମାଧାନ ପ୍ରଦର୍ଶିତ

ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ଦେଶର ସର୍ବବୃହତ୍ ସମନ୍ୱିତ ବିଦ୍ୟୁତ୍ କମ୍ପାନି ଟାଟା ପାୱାର ପକ୍ଷରୁ ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ୨୦୨୫ରେ ଓଡ଼ିଶାର ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ଏହାର ରୂପାନ୍ତରୀତ ଅବଦାନ ଉପରେ ଆଲୋକପାତ କରାଯାଇଛି । ବିଶ୍ୱର ଏକ ଅଗ୍ରଣୀ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଶିଳ୍ପ ହବ୍‌ରେ ପରିଣତ ହେବା ଲାଗି ରାଜ୍ୟର ରହିଥିବା ଅଭିଳାଷକୁ ୨୪ ଘଂଟିଆ ବିଦ୍ୟୁତ ଶକ୍ତି ଜରିଆରେ ସମର୍ଥନ କରିବା ଉପରେ ଏହି କାର୍ଯ୍ୟକ୍ରମ ଗୁରୁତ୍ୱାରୋପ କରୁଛି । ଓଡ଼ିଶାର ଚାରିଟି ଡିସ୍‌କମ୍ ଟିପିସିଓଡିଏଲ, ଟିପିଏନ୍‌ଓଡିଏଲ, ଟିପିଏସ୍‌ଓଡିଏଲ, ଟିପିଡବ୍ଲୁଓଡିଏଲ୍‌ର ଅପରେଟର ଭାବେ ଟାଟା ପାୱାର ଏହାର ୫୫୭ ଗ୍ରାହକ ସେବା କେନ୍ଦ୍ରର ଦୃଢ଼ ନେଟୱର୍କ ଜରିଆରେ ୯୬.୬ ଲକ୍ଷରୁ ଅଧିକ ଗ୍ରାହକଙ୍କୁ ସେବା ପ୍ରଦାନ କରୁଛି । କନ୍‌କ୍ଲେଭ୍‌ରେ କମ୍ପାନି ପକ୍ଷରୁ ସ୍ମାର୍ଟ ବିଦ୍ୟୁତ୍ ବିତରଣ ବ୍ୟବସ୍ଥାରେ ହୋଇଥିବା ଉନ୍ନତି ସମେତ ସ୍କାଡା ସହ ୭୦୦ରୁ ଅଧିକ ପ୍ରାଥମିକ ସବ୍‌ଷ୍ଟେସନ୍ (ପିଏସ୍‌ଏସ୍)ର ସମନ୍ୱୟକୁ ପ୍ରଦର୍ଶିତ କରାଯାଇଛି ଯାହା ପରିଚାଳନା ଦକ୍ଷତା ଓ ସେବା ଭରସାଯୋଗ୍ୟତାରେ ଉଲ୍ଲେଖନୀୟ ଉନ୍ନତି ଆଣିବ । ଓଡ଼ିଶାର ସ୍ଥାୟୀ ବିକାଶ ପ୍ରତି ପ୍ରତିବଦ୍ଧତାକୁ ଦୋହରାଇ ଟାଟା ପାୱାର ପକ୍ଷରୁ ସୋଲାର, ପବନ ଓ ଶକ୍ତି ସଂରକ୍ଷଣ ପ୍ରକଳ୍ପ ଜରିଆରେ ଅକ୍ଷୟ ଶକ୍ତିରେ ନେତୃତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଛି । କମ୍ପାନି ପକ୍ଷରୁ ପ୍ରଯୁକ୍ତି ଆଧାରିତ ସମାଧାନ ଜରିଆରେ ଗ୍ରାହକଙ୍କୁ ସଶକ୍ତ କରିବା ପାଇଁ ଦିଆଯାଉଥିବା ଧ୍ୟାନ ଉପରେ ଆଲୋକପାତ କରାଯାଇଛି । ଭୁବନେଶ୍ୱରରେ ଅନୁଷ୍ଠିତ ଏହି ଦୁଇଦିନିଆ ସମାରୋହରେ ବିଶ୍ୱର ଅଗ୍ରଣୀ ଲିଡର୍ ଓ ନିବେଶକମାନେ ଏକତ୍ରୀତ ହୋଇଛନ୍ତି । ଯାହା ଓଡ଼ିଶାର ଶିଳ୍ପ ଦୃଢ଼ତା ଓ ସୁଯୋଗ ଉପରେ ଆଲୋକପାତ କରୁଛି । ଟାଟା ପାୱାରର ଅଂଶଗ୍ରହଣ ରାଜ୍ୟର ଶିଳ୍ପ ଅଭିବୃଦ୍ଧି, ସ୍ୱଚ୍ଛ ଶକ୍ତି ଗ୍ରହଣୀୟତା ଓ ରାଜ୍ୟର ଦୀର୍ଘସ୍ଥାୟୀ ଭବିଷ୍ୟତ ପାଇଁ ଓଡ଼ିଶା ସରକାରଙ୍କ ସହିତ ସହଯୋଗିତା ପ୍ରତି କମ୍ପାନିର ରହିଥିବା ସମର୍ପଣକୁ ଦର୍ଶାଉଛି । କମ୍ପାନି ପକ୍ଷରୁ ରୁଫ୍‌ଟପ୍ ସୋଲାର (ଆରଟିଏସ୍), ଇଲେକ୍ଟ୍ରିକ୍ ଯାନ (ଇଭି), ଚାର୍ଜିଂ ଓ ହୋମ୍ ଅଟୋମେସନ୍‌ରେ ସମାଧାନଗୁଡ଼ିକୁ ମଧ୍ୟ ପ୍ରଦର୍ଶିତ କରାଯାଇଛି ।

# ଓଡ଼ିଶା ସରକାରଙ୍କ ସହ ବେଦାନ୍ତର ଏମ୍‌ଓୟୁ ସ୍ୱାକ୍ଷରିତ



ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ପ୍ରାକୃତିକ ସମ୍ପଦ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବିଶ୍ୱସ୍ତରରେ ଅଗ୍ରଣୀ ତଥା ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଓଡ଼ିଶାର ପ୍ରଗତିରେ ଅଂଶୀଦାର ଥିବା ବେଦାନ୍ତ ଲିମିଟେଡ୍ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟ ବିଶ୍ୱସ୍ତରୀୟ ନିବେଶ କନକ୍ଲେଭ ଉତ୍କର୍ଷ ଓଡ଼ିଶାର ପ୍ରଥମ ଦିନରେ ଆଜି ଓଡିଶା ସରକାରଙ୍କ ସହ ୧ ଲକ୍ଷ କୋଟି ଟଙ୍କାର ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି । ଉତ୍କର୍ଷ ଓଡ଼ିଶାର ଉଦ୍‌ଘାଟନୀ ଦିନରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବେଦାନ୍ତ ଲିମିଟେଡର ଅଧ୍ୟକ୍ଷ ଅନିଲ ଅଗ୍ରୱାଲଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ସମଗ୍ର ରାଜ୍ୟରେ ବିଶ୍ୱସ୍ତରୀୟ ଆଲୁମିନିୟମ ଉତ୍ପାଦନ କାରଖାନା ପ୍ରତିଷ୍ଠା ଓ ନିରନ୍ତର ବିକାଶକୁ ପ୍ରୋତ୍ସାହନ ଦେଇ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଏହି ପରିବର୍ତନକାରୀ ପ୍ରତିବଦ୍ଧତାର ଲକ୍ଷ୍ୟ । ଏହି ସହଭାଗିତା ମଧ୍ୟରେ ବାର୍ଷିକ ୩ ନିୟୁତ ଟନ୍ ଆଲୁମିନିୟମ ପ୍ଲାଣ୍ଟ୍ ଏବଂ ଆଲୁମିନିୟମ ପାର୍କର ବିକାଶ ଅନ୍ତର୍ଭୁକ୍ତ ରହିଛି ଯାହା ଆଲୁମିନିୟମ୍ ଉତ୍ପାଦର ଡାଉନଷ୍ଟ୍ରିମ୍ ଉତ୍ପାଦନକାରୀଙ୍କ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହେବାକୁ ଯାଉଛି । ବେଦାନ୍ତ ଲିମିଟେଡର ଅଧ୍ୟକ୍ଷ ଅନୀଲ ଅଗ୍ରୱାଲ କହିଛନ୍ତି ଯେ, 'ବେଦାନ୍ତର ଅଭିବୃଦ୍ଧି କାହାଣୀରେ ଓଡ଼ିଶା ସର୍ବଦା ଅବିଚ୍ଛେଦ୍ୟ ଅଙ୍ଗ ରହିଆସିଛି ଏବଂ ଏହାର ସମ୍ବଳ ଭାରତର ଉନ୍ନତିରେ ଏକ ଅବିସ୍ମରଣୀୟ ଭୂମିକା ଗ୍ରହଣ କରିଛି । ଏହି ବୁଝାମଣାପତ୍ର ରାଜ୍ୟରେ ବ୍ୟାପକ ଶିଳ୍ପାୟନ ଏବଂ ସାମାଜିକ-ଅର୍ଥନୈତିକ ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ ଏହାର ପ୍ରଗତି ପ୍ରତି ଆମର ପ୍ରତିବଦ୍ଧତାକୁ ଦୋହରାଇଛି । ବେଦାନ୍ତର ବର୍ତ୍ତମାନର ପୁଞ୍ଜିନିବେଶ ଯୋଗୁଁ ଲାଞ୍ଜିଗଡ଼ରେ ଏକ ବିଶ୍ୱସ୍ତରୀୟ ଆଲୁମିନା ବିଶୋଧନାଗାର ସହିତ ଝାରସୁଗୁଡ଼ାରେ ବିଶ୍ୱର ସର୍ବବୃହତ ଆଲୁମିନିୟମ ସ୍ମେଲଟର ସୃଷ୍ଟି ହୋଇଛି ଯାହା ଓଡ଼ିଶାକୁ ଭାରତର ଆଲୁମିନିୟମ ହବ୍‌ରେ ପରିଣତ କରିବାରେ ସହାୟକ ହୋଇଛି । ୨୦୩୦ ସୁଦ୍ଧା ଆଲୁମିନିୟମର ବିଶ୍ୱ ଚାହିଦା ଦ୍ୱିଗୁଣିତ ହେବ ବୋଲି ଆଶା କରାଯାଉଥିବା ବେଳେ ଏହି ବୁଝାମଣାପତ୍ର ଏକ ଶିଳ୍ପ ଓ ଅର୍ଥନୈତିକ ମହାଶକ୍ତି ଭାବରେ ଓଡ଼ିଶାର ସ୍ଥିତିକୁ ସୁଦୃଢ଼ କରିବ ଏବଂ ଓଡ଼ିଶାର ରୂପାନ୍ତର ଏବଂ ଭାରତର ଶିଳ୍ପ ବିକାଶରେ ଏକ ଉତ୍ପ୍ରେରକ ଭାବେ ବେଦାନ୍ତର ଭୂମିକାକୁ ଦୋହରାଇଛି ।

# ଆଇଓସିଏଲ୍‌ର ତୈଳ ପ୍ରକଳ୍ପ ପାଇଁ ଆଲୋଚନା



ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ଆଇଓସିଏଲ୍ ପକ୍ଷରୁ ମଙ୍ଗଳବାର ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମ ଏସିଆ ମହାଦେଶ ସର୍ବବୃହତ ତୈଳ ପ୍ରକଳ୍ପ ପାଇଁ ଆଇଓସିଏଲର ସମ୍ପାଦକ ସହ ଧର୍ମଶାଳାର ଡଙ୍କାରୀ ଠାରେ ହେବାକୁଥିବା ତୈଳ ପ୍ରକଳ୍ପ ପାଇଁ ଆଲୋଚନା ହୋଇଯାଇଛି । କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମରେ ସଫଳ ମଣ୍ଡିତ ହୋଇଥିବା ଜଣାପଡିଛି । ଏଥିପାଇଁ ଧର୍ମଶାଳା ବାସୀଙ୍କ ତରଫରୁ କୃତଜ୍ଞତା ଓ ଧନ୍ୟବାଦ ମଧ୍ୟ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମ ପାଇଁ ସମସ୍ତ ପ୍ରକାରର ଚୁକ୍ତିନାମା ମଧ୍ୟ ସ୍ୱାକ୍ଷରିତ ହୋଇଯାଇଥିବା ଆଇଓସିଏଲ୍‌ର ସଂପାଦକ ସୂଚନା ପ୍ରଦାନ କରିଛନ୍ତି ।

# ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭରେ ଟାଟାଷ୍ଟିଲ ପରିଚାଳନା ନିର୍ଦ୍ଦେଶକ

ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ଭୁବନେଶ୍ୱରରେ ଆୟୋଜିତ ଉତ୍କର୍ଷ ଓଡ଼ିଶା ୨୦୨୫ କନ୍‌କ୍ଲେଭ୍‌ର ଉଦଘାଟନୀ ସମାରୋହରେ ଯୋଗଦେଇଛନ୍ତି ଟାଟାଷ୍ଟିଲ ପରିଚାଳନା ନିର୍ଦ୍ଦେଶକ ଟି ଭି ନରେନ୍ଦ୍ରନ । ଟାଟା ଷ୍ଟିଲ୍ ପକ୍ଷରୁ ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ୨୦୨୫ରେ ଏକ ସ୍ୱତନ୍ତ୍ର ପାଭିଲିୟନ୍ ସ୍ଥାପନ କରାଯାଇଛି ଯେଉଁଠାରେ ନବସୃଜନ, ଦୀର୍ଘସ୍ଥାୟିତ୍ୱ ଓ ସାମାଜିକ-ଅର୍ଥନୈତିକ ବିକାଶ ଦିଗରେ ଏହାର ଉଦ୍ୟମଗୁଡ଼ିକୁ ପ୍ରଦର୍ଶିତ କରାଯାଇଛି । ଅତ୍ୟାଧୁନିକ ଉତ୍ପାଦନ କ୍ଷେତ୍ରରେ ଟାଟା ଷ୍ଟିଲର ଉପକ୍ରମ, ସବୁଜ ଶିଳ୍ପ ପାଇଁ ଗୋପାଳପୁର ଇଣ୍ଡଷ୍ଟ୍ରିଆଲ ପାର୍କରେ ଭିତ୍ତିଭୂମିର ବିକାଶ, ସୁବର୍ଣ୍ଣରେଖା ବନ୍ଦରର ବୈଶିଷ୍ଟ୍ୟ ଓ ବିସ୍ତାର ଯୋଜନା ଏବଂ 'ମେକ ଇନ ଇଣ୍ଡିଆ' ଲକ୍ଷ୍ୟ ସାଧନ ପାଇଁ କମ୍ପାନୀର ଅବଦାନ ନେଇ ପାଭିଲିୟନରେ ସୁନ୍ଦର ଭାବରେ ଦର୍ଶାଯାଇଛି ଓ ପାଭିଲିୟନରେ ଟାଟା କନ୍‌ସଲଟାନ୍ସି ସର୍ଭିସେସ (ଟିସିଏସ) ମଧ୍ୟ ଏହାର ଅଭିବୃଦ୍ଧି ଯାତ୍ରା ପ୍ରଦର୍ଶନ କରିଛି । ଟାଟା ଷ୍ଟିଲ୍‌ର ସିଇଓ ଓ ପରିଚାଳନା ନିର୍ଦ୍ଦେଶକ ଟି ଭି ନରେନ୍ଦ୍ରନ କହିଛନ୍ତି ଯେ, 'ଗତ ଦଶନ୍ଧିରେ ଟାଟା ଷ୍ଟିଲ୍ ପକ୍ଷରୁ ଓଡ଼ିଶାରେ ପାଖାପାଖି ୧୦ ବିଲିଅନ୍ ଡଲାର ପୁଞ୍ଜିନିବେଶ କରାଯାଇଛି । ଆମେ କେବଳ ଯେ ସମ୍ପୂର୍ଣ୍ଣ ମୂଳରୁ ଏକ ନୂଆ ଇସ୍ପାତ କାରଖାନା ତିଆରି କରିନାହୁଁ , ବରଂ ନୀଳାଚଳ ଇସ୍ପାତ ଓ ଭୂଷଣ ଷ୍ଟିଲ ପରି କାରଖାନା ଅଧିଗ୍ରହଣ ଓ ପୁନଃକାର୍ଯ୍ୟକ୍ଷମ କରିଛୁ ଓ ଏହା ରାଜ୍ୟରେ ଆମର ୧୧ ନିୟୁତ ଟନ ଉତ୍ପାଦନ କ୍ଷମତାକୁ ସହଯୋଗ କରିଛି । ଆଗାମୀ ଦଶକରେ ଆମେ ଆହୁରି ୧୦ ନିୟୁତ ଟନ ଯୋଡ଼ିବାକୁ ଆଶା ରଖୁଛୁ । ଓଡ଼ିଶାର ସମୃଦ୍ଧ ଭୌଗୋଳିକ ସ୍ଥିତି, ବିସ୍ତୀର୍ଣ୍ଣ ସମୁଦ୍ର ତଟ, ପ୍ରତିବଦ୍ଧ ଶ୍ରମଶକ୍ତି, ଏବଂ ସଦା ସହଯୋଗୀ ସରକାର ସମଗ୍ର ଭାରତରେ ଓଡ଼ିଶାକୁ ଟାଟା ଷ୍ଟିଲର ସର୍ବବୃହତ ନିବେଶସ୍ଥଳରେ ପରିଣତ କରିଛି ।'

# ଡାଲମିଆ ପକ୍ଷରୁ 'ପ୍ରତିଭା ସମ୍ମାନ ଆୱାର୍ଡ' ପ୍ରଦାନ



ନୂଆଦିଲ୍ଲୀ : ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ (ଡିସିବିଏଲ୍)ର ସିଏସ୍‌ଆର ଶାଖା ଡାଲମିଆ ଭାରତ ଫାଉଣ୍ଡେସନ (ଡିବିଏଫ) ଡାଲମିଆ ସିମେଣ୍ଟ-କପିଳାସ ସିମେଣ୍ଟ ୱର୍କସ୍ (କେସିଡବ୍ଲ୍ୟୁ)ର ପାରିପାର୍ଶ୍ୱିକ ଗ୍ରାମଗୁଡ଼ିକରୁ ୧୫ଜଣ ହାଇସ୍କୁଲ ଟପରଙ୍କୁ ସେମାନଙ୍କର ଉଲ୍ଲେଖନୀୟ ସଫଳତା ନିମନ୍ତେ ସ୍ୱୀକୃତି ଜଣାଇବା ପାଇଁ ତାହାର ବାର୍ଷିକ 'ପ୍ରତିଭା ସମ୍ମାନ ଆୱାର୍ଡ-୨୦୨୫' ଆୟୋଜିତ ହୋଇଯାଇଛି । ଚଳିତ ବର୍ଷର ପୁରସ୍କାର ବିଜେତାଙ୍କ ମଧ୍ୟରେ ଦଶଜଣ ବାଳିକା ଥିଲେ, ଯାହା ଗୋଷ୍ଠୀ ବିକାଶର ମୁଖ୍ୟ ପରିଚାୟକ ଭାବରେ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବା ଏବଂ ନାରୀ ଶିକ୍ଷାକୁ ଉତ୍ସାହ ପ୍ରଦାନ କରିବା ନିମନ୍ତେ ଫାଉଣ୍ଡେସନର ଦୃଷ୍ଟିବଦ୍ଧ ପ୍ରୟାସ ସମ୍ପର୍କରେ ଆଲୋକପାତ କରୁଛି । ଏହି ଅବସରରେ ପ୍ରକାଶ କରି ଶ୍ରୀ ପଙ୍କଜ ଗୁପ୍ତା, ୟୁନିଟ ହେଡ୍, ଡିସିବିଏଲ୍ କେସିଡବ୍ଲ୍ୟୁ କହିଥିଲେ, 'ଶିକ୍ଷା ହେଉଛି ପ୍ରଗତିର ମୂଳଦୁଆ, ଏବଂ ପ୍ରତିଭା ସମ୍ମାନ ଆୱାର୍ଡ ଜରିଆରେ ଆମେ ଏହି ଯୁବ ବ୍ୟକ୍ତିତ୍ୱମାନଙ୍କର ସଫଳତାକୁ କେବଳ ପାଳନ କରୁନାହୁଁ, ତାହାସହିତ ସେମାନଙ୍କ ମଜଭୁତପଣ ଏବଂ ଉତ୍କର୍ଷ ଦିଗରେ ପ୍ରତିବଦ୍ଧତାକୁ ମଧ୍ୟ ସମ୍ମାନ ଜଣାଉଛୁ । ଓମ୍‌କାରନାଥ ମହାନ୍ତି, ପୂର୍ବତନ କୁଳପତି, ବିଜୁ ପଟ୍ଟନାୟକ ୟୁନିଭରସିଟି ଅଫ ଟେକ୍ନୋଲୋଜି (ବିପିୟୁଟି)ଙ୍କ ଭଳି ବିଶିଷ୍ଟ ଅତିଥି ଏହି ପୁରସ୍କାର ପ୍ରଦାନ ସମାରୋହରେ ଉପସ୍ଥିତ ଥିଲେ ।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ଜ୍ୟୋତିପ୍ରଭା ସ୍ୱାଇଁ
୯୩, ଗଙ୍ଗନଗର, ଏକାମ୍ର ମାର୍ଗ, ଭୁବନେଶ୍ୱର
ଆବିର୍ଭାବ: ୧୦.୦୬.୧୯୭୬
ତିରୋଧାନ: ୧୯.୦୧.୨୦୨୫
ହେ ପୂଣ୍ୟାତ୍ମା!ଆପଣ ଆମମାନଙ୍କୁ ଦୁଃଖ ସାଗରରେ ଭସାଇ ଦେଇ ଆରପାରିକୁ ଚାଲିଗଲେ । ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ମାର୍ଗଦର୍ଶନରୁ ଏବେ ଆମେ ବଞ୍ଚିତ। ଅଶ୍ରୁସିକ୍ତ ନୟନରେ ଆପଣଙ୍କ ସ୍ମୃତିକୁ ସ୍ମରିବା ବ୍ୟତିରେକ ଅନ୍ୟ ଉପାୟ ନାହିଁ। ଈଶ୍ୱରଙ୍କ ଏ ଚରାଚର ସୃଷ୍ଟିରେ ଆପଣ ଯେଉଁଠି ଥିଲେ ବି ଆଲୋକ ବର୍ତ୍ତିକା ହୋଇ ଆମକୁ ଆଶୀର୍ବାଦ କରୁଥାନ୍ତୁ। ଆପଣଙ୍କ ଅମର ଆତ୍ମା ଚିର ଶାନ୍ତି ଲାଭ କରୁ। ଆଜି ଏକାଦଶାହ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ସ୍ୱାମୀ: ବିଶ୍ୱଜିତ, ଭାଇ: ଗୁଡୁ, ଭଉଣୀ: ମିଲି, ସିଲି, ଭିଣୋଇ: ବିଜୁ, ସମ୍ପିତ,ଚାନ୍ଦଲ, ପୁଟୁଲି, ହିମାଂଶୁ, ଚଲି, ସନ୍ତୋଷ, ଦିପୁ, ଲିପି ଇତ୍ୟାଦି



ସାଧାରଣତଃ ଆମେ ଜାଣିଛେ, ଆମେ ଖାଉଥିବା ଖାଦ୍ୟ ଆମେ ଶରୀରକୁ କିଛି ନା କିଛି ପୋଷକ ତତ୍ତ୍ୱ ଯୋଗାଇଥାନ୍ତି । କିନ୍ତୁ ଖାଦ୍ୟ ଭିତରେ କିଛି ଏମିତି ଖାଇବା ଅଛି, ଯାହା ଆପଣଙ୍କ ଶରୀରରେ ଥିବା ରକ୍ତର ପରିମାଣ ହ୍ରାସ କରିଦିଏ । ଶରୀରେ ଠିକ୍ ଭାବେ ଆଇରନ ଅବଶୋଷଣ ହୁଏ ନାହିଁ । ଆଉ ଶରୀରରେ ଆଇରନ ହେଉଛି, ସବୁଠୁ ଗୁରୁତ୍ୱପୂର୍ଣ୍ଣ ପୋଷକ ତତ୍ତ୍ୱ । ଯାହା ଶରୀରକୁ ଅମ୍ଳଜାନ ପହଞ୍ଚାଇବାରେ ସାହାର୍ଯ୍ୟ କରେ । ଏଭଳି ସ୍ଥିତିରେ ଆମେ ଆଜି ଆପଣଙ୍କୁ ଏମିତି କିଛି ଖାଇବା କହିବୁ, ଯାହାଠାରୁ ଆପଣ ଦୂରେଇ ରହିବା ଉଚିତ୍ । କାରଣ ଏହା ଶରୀରରୁ ରକ୍ତ ଶୋଷି ନେଇଥାଏ କହିଲେ ଅତ୍ୟକ୍ତି ହେବ ନାହିଁ । ଡ୍ୟେରୀ ପ୍ରଡକ୍ଟସ୍- ଡ୍ୟେରୀ ପ୍ରଡକ୍ଟସ୍ ଖାଇବା ଦ୍ୱାରା ଏହା ଆମ ଶରୀରରେ କ୍ୟାଲସିୟମର ପରିମାଣ ତ ବୃଦ୍ଧି କରିଥାଏ, ହେଲେ ଆଇରନ ଅବଶୋଷଣ ପାଇଁ ଏହାକୁ ଉପଯୁକ୍ତ ମଣାଯାଏ ନାହିଁ । ଡ୍ୟେରୀ ପ୍ରଡକ୍ଟରେ ଥିବା କ୍ୟାଲସିୟମ ଶରୀରରେ ଆଇରନ ଅବଶୋଷଣ କରିବାରେ ବାଧା ସୃଷ୍ଟି କରେ । ଏମିତିରେ ଆପଣମାନେ ଆଇରନ ଯୁକ୍ତ ଖାଦ୍ୟ ସହିତ ଡ୍ୟେରୀ ପ୍ରଡକ୍ଟସ୍ ଖାଇବା ଉଚିତ୍ ନୁହେଁ ।





**ମୌନୀ ଅମାବାସ୍ୟାରେ କରନ୍ତୁ ଏହି ଉପାୟ**

## ଦୂର ହେବ ପିତୃଦୋଷ, ମିଳିବ ଧନ...

*ମାଘ ମାସର ଅମାବାସ୍ୟାକୁ ମୌନୀ ଅମାବାସ୍ୟା ଭାବେ ପାଳନ କରାଯିବା ସହ ଏହି ବ୍ରତ ମଧ ପାଳନ କରାଯାଏ । ଚଳିତ ବର୍ଷ ୨୯ ଜାନୁଆରୀ ବୁଧବାର ଦିନ ମୌନୀ ଅମାବାସ୍ୟା ପାଳନ କରାଯିବ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ ମୌନୀ ଅମାବାସ୍ୟାରେ ରାହୁ-କେତୁ ଓ ପୂର୍ବପୁରୁଷଙ୍କୁ ଶାନ୍ତ କରିବା ପାଇଁ ଜୀବନରେ ଥିବା ସମସ୍ୟାକୁ ଦୂର କରିବା ପାଇଁ କିଛି ସହଜ ଉପାୟ ଆପଣାଇ ପାରିବେ ।*

### ରାହୁ-କେତୁ ଗ୍ରହଙ୍କ ପ୍ରଭାବରୁ ମୁକ୍ତି ପାଇବା ପାଇଁ..

■ ଏହି ଦିନ ପ୍ରଭୁ ଶିବଶଙ୍କରଙ୍କୁ ପୂଜାର୍ଚ୍ଚନା କରନ୍ତୁ । ଶିବଙ୍କ ନିକଟରେ ରୁଦ୍ରାକ୍ଷ ମାଳା ଅର୍ପଣ କରି ପୂଜା କରନ୍ତୁ । ଶିବଙ୍କ ସରଳ ମନ୍ତ୍ରକୁ ୧୦୮ ଥର ଜପ କରନ୍ତୁ । ଏହାପରେ ଏହି ମାଳାକୁ ନିଜ ପାଖରେ ରଖନ୍ତୁ କିମ୍ବା ଧାରଣ କରନ୍ତୁ । ଏପରି କରିବା ଦ୍ୱାରା ଜୀବନରେ ଥିବା ସମସ୍ତ ସମସ୍ୟା ଦୂର ହୋଇ ରାହୁ-କେତୁଙ୍କ ପ୍ରଭାବରୁ ମୁକ୍ତି ମିଳିଥାଏ । ଧନ ସମ୍ପତ୍ତି ଦ୍ୱିଗୁଣିତ ହୋଇଥାଏ ।

■ ପିତୃଦୋଷରୁ ମୁକ୍ତି ପାଇବା ପାଇଁ..

■ ଏହି ଦିନ ସ୍ନାନ କରି ରାଶି ମିଶ୍ରିତ ଜଳ ସୂର୍ଯ୍ୟଦେବଙ୍କୁ ଅର୍ପଣ କରନ୍ତୁ । ଭଗବାନ ବିଷ୍ଣୁଙ୍କ ସରଳ ମନ୍ତ୍ର ଜପ କରନ୍ତୁ । ଏହାପରେ ପୂର୍ବ ପୁରୁଷଙ୍କ ନିକଟରେ ସୁଖ-ଶାନ୍ତି ପାଇଁ ପ୍ରାର୍ଥନା କରନ୍ତୁ । ଅସହାୟଙ୍କୁ ଅନ୍ନ ଓ ବସ୍ତ୍ର ଦାନ କରନ୍ତୁ ।

■ ପୂର୍ବପୁରୁଷଙ୍କ କୃପାରୁ ଜୀବନରେ କଷ୍ଟ ଦୂର ହୋଇ ସୁଖସମୃଦ୍ଧି ବୃଦ୍ଧି ହୋଇଥାଏ। ସହଜରେ କାମରେ ସଫଳତା ମିଳିଥାଏ।



## ୭ରେ ରିଲିଜ ହେବ ଖୁସିଙ୍କ 'ଲଭ୍ ୟାପା'



ବଲିଉଡ୍‌ରେ ଏବେ ନବାଗତ ନାୟକନାୟିକାଙ୍କ ଭିଡ଼ ବଢୁଛି। ତା'ଭିତରେ ଅନେକ ଷ୍ଟାର୍‌କିଡ୍ ବି ଅଛନ୍ତି। ବୋନି କପୁର-ଶ୍ରୀଦେବୀଙ୍କ ଅଭିନେତ୍ରୀ କନ୍ୟା ଜାହ୍ନବୀ କପୁରଙ୍କ ପରେ ଏବେ ତାଙ୍କ ଭଉଣୀ ଖୁସି କପୁର ମଧ୍ୟ ବଡ଼ ପରଦାରେ ଡେବ୍ୟୁ କରିବେ। ଯଦିଓ ପୂର୍ବରୁ ଖୁସିଙ୍କ ଫିଲ୍ମ 'ଦି ଆର୍ଚିଜ୍' ୨୦୨୩ରେ ନେଟ୍‌ଫ୍ଲିକ୍ସରେ ପ୍ରଦର୍ଶିତ ହୋଇଛି; ଏବେ ତାଙ୍କର ଫିଲ୍ମ 'ଲଭ୍‌ୟାପା' ବକ୍ସ ଅଫିସ୍‌ରେ ରିଲିଜ୍ ହେବାକୁ ଯାଉଛି। ଫିଲ୍ମଟି ଫେବ୍ରୁଆରି ୭ରେ ହଲ୍‌ରେ ରିଲିଜ୍ ହେବ ବୋଲି ସୂଚନା ରହିଛି। ଏହି ଫିଲ୍ମରେ ସେ ସୁପରଷ୍ଟାର ଅମୀର ଖାଁଙ୍କ ପୁଅ ଜୁନେଦ ଖାଁଙ୍କ ବିପକ୍ଷରେ ନଜର ଆସିବେ। ୨୦୦୦ ନଭେମ୍ବର ୫ରେ ଜନ୍ମିତ ଖୁସିଙ୍କର ମୁମ୍ବାଇର ଇକୋଲ୍ ମୋଣ୍ଡିଏଲ୍ ୱାର୍ଲ୍ଡ ସ୍କୁଲ୍‌ରେ ପାଠପଢ଼ା ଆରମ୍ଭ ହୋଇଥିଲା। ଏହାପରେ ସେ ୨୦୧୯ରେ ନ୍ୟୁୟର୍କ ଫିଲ୍ମ ଏକାଡେମିରେ ବର୍ଷକିଆ ଅଭିନୟ ପାଠ୍ୟକ୍ରମ କରିଥିଲେ। ଯଦି ଆମେ ତାଙ୍କର ଅଭିନୟ ଯାତ୍ରାକୁ ପରଖିବା ତେବେ ଦେଖିବା, ସେ ୨୦୧୬ରେ ୟୁଟ୍ୟୁବ୍ ସର୍ଟଫିଲ୍ମ 'ଭସ୍ମ ହୋ: ପ୍ୟାର୍ କା ଟକ୍‌ରା'ର ଜରିଆରେ ଅଭିନୟରେ ପାଦ ରଖିଥିଲେ। ଏହାପରେ ସେ ଆଉ ଏକ ସର୍ଟଫିଲ୍ମ 'ସ୍ନିକ୍ ଅପ୍'ରେ ବି ନଜର ଆସିଥିଲେ। ୨୦୨୩ରେ ତାଙ୍କୁ 'ଦି ଆର୍ଚିଜ୍'ରେ ଦେଖିବାକୁ ମିଳିଥିବା ବେଳେ ଏବେ 'ଲଭ୍ ୟାପା'ରେ ବଡ଼ ପରଦାକୁ ଆସୁଛନ୍ତି ଖୁସି। ମା' ଶ୍ରୀଦେବୀଙ୍କ ପରି ଜଣେ ସଫଳ ଅଭିନେତ୍ରୀ ହେବାକୁ ଖୁସି ଛୋଟବେଳୁ ସ୍ୱପ୍ନ ଦେଖିଥିବା ବେଳେ ଏବେ ତାହା ସାକାର ହେବାକୁଯାଉଛି।

## ପାକିସ୍ତାନରେ ବିବାହ କରିବେ ରାଖି !



ବଲିଉଡର ଡ୍ରାମା କୁଇନ୍ ରାଖି ସାୱନ୍ତ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ସବୁବେଳେ ଚର୍ଚ୍ଚାରେ ଥାନ୍ତି। ସେ ଦୁଇଥର ବିବାହ କରିସାରିଛନ୍ତି। କିନ୍ତୁ ତାଙ୍କର ଦୁଇଟି ବିବାହ ଭାଙ୍ଗିଛି। ଏବେ ରାଖି ତୃତୀୟ ଥର ବିବାହ କରିବାକୁ ଚାହୁଁଛନ୍ତି। କିନ୍ତୁ ଏଥର ସେ ଭାରତରେ ନୁହେଁ ବରଂ ପାକିସ୍ତାନରେ ବିବାହ କରିବାକୁ ଚାହୁଁଛନ୍ତି। ରାଖି ପାକିସ୍ତାନରୁ ତାଙ୍କୁ ମିଳୁଥିବା ବିବାହ ପ୍ରସ୍ତାବ ବିଷୟରେ ଜଣାଇ ତୃତୀୟ ବିବାହ ବିଷୟରେ ଭାବିବି ବୋଲି କହିଛନ୍ତି। ତାଙ୍କ କହିବା ମୁତାବକ, 'ମୁଁ ପାକିସ୍ତାନରୁ ବହୁତ ବିବାହ ପ୍ରସ୍ତାବ ପାଉଛି। ଯେତେବେଳେ ମୁଁ ପାକିସ୍ତାନ ଯାଇଥିଲି, ସେମାନେ ଦେଖିଲେ ଯେ ମୋର ପୂର୍ବ ଦୁଇଟି ବିବାହରେ ମୋତେ କେତେ ହଇରାଣ କରାଯାଇଥିଲା। ମୁଁ ନିଶ୍ଚିତ ଭାବରେ ପାକିସ୍ତାନରେ ବିବାହ କରିବାକୁ ବିଚାର କରିବି। ଅନେକ ପାକିସ୍ତାନୀ ଏବଂ ଭାରତୀୟ ଦମ୍ପତି ବିବାହ କରି ଆମେରିକା ଏବଂ ଦୁବାଇରେ ବସବାସ କରିଛନ୍ତି ଏବଂ ଏକ ଭଲ ଜୀବନ ବିତାଉଛନ୍ତି। ଏହି ପ୍ରକାରର ବିବାହ ଦୁଇ ଦେଶ ମଧ୍ୟରେ ଶାନ୍ତି ଏବଂ ବୁଝାମଣାକୁ ପ୍ରୋତ୍ସାହିତ କରିବ। ଭାରତୀୟ ଏବଂ ପାକିସ୍ତାନୀମାନେ ପରସ୍ପର ବିନା କିଛି କରିପାରିବେ ନାହିଁ। ମୁଁ ପାକିସ୍ତାନୀ ଲୋକଙ୍କୁ ପସନ୍ଦ କରେ ଏବଂ ମୋର ସେଠାରେ ମଧ୍ୟ ପ୍ରଶଂସକ ଅଛନ୍ତି।' ସେ ଆହୁରି କହିଛନ୍ତି ଯେ, 'ମୋର ବିବାହ ପାକିସ୍ତାନରେ ହେବ। ବିବାହ ଭୋଜି ଭାରତରେ ହେବ ଏବଂ ଆମେ ହନିମୁନ ପାଇଁ ସ୍ୱିଜରଲ୍ୟାଣ୍ଡ କିମ୍ବା ନେଦରଲ୍ୟାଣ୍ଡ ଯିବୁ। ଏହା ପରେ ଆମେ ଦୁବାଇରେ ବସବାସ କରିବୁ।'

## ୩୨ ବର୍ଷରେ ପାଦ ଥାପିଲେ ଶେହନାଜ



ପଞ୍ଜାବର କ୍ୟାଟ୍ରିନା ଭାବେ ବେଶ ଜଣାଶୁଣା ଅଭିନେତ୍ରୀ ଶେହନାଜ୍ କୌର ଗିଲ୍ ୩୨ ବର୍ଷ ବୟସରେ ପାଦ ଥାପିଛନ୍ତି । ଏକ ବିଶେଷ ଢଙ୍ଗରେ ଅଭିନେତ୍ରୀ ଶେହନାଜଙ୍କୁ ଜନ୍ମଦିନରେ ଶୁଭେଚ୍ଛା ଜଣାଇଥିଲେ ଭାଇ ଶାହାବାଜ୍ । ଇନଷ୍ଟାଗ୍ରାମରେ ଶାହାବାଜ୍ ଏକ ଭିଡିଓ ସେୟାର କରିଛନ୍ତି । ଶାହାବାଜ୍ ଇନଷ୍ଟାଗ୍ରାମରେ ଭିଡିଓ ସେୟାର କରି କ୍ୟାପସନରେ ଲେଖିଛନ୍ତି, 'ଜନ୍ମଦିନର ଶୁଭେଚ୍ଛା ମୋ ଭଉଣୀ ଶେହନାଜ୍ ଗିଲ୍।' ସେୟାର ହୋଇଥିବା ଭିଡିଓରେ ଶେହନାଜ୍ କେକ୍ କାଟିଥିବାର ନଜର ଆସିଥିଲେ। ସେଠାରେ ଉପସ୍ଥିତ ଥିବା ସମସ୍ତେ ଶେହନାଜଙ୍କ ପାଇଁ 'ଶୁଭ ଜନ୍ମଦିନ'ର ଗୀତ ଗାଇଥିଲେ । ଗୋଲାପୀ ରଙ୍ଗର ପୋଷାକରେ ଶେହନାଜ ବେଶ୍ ଆକର୍ଷଣୀୟ ଦିଶୁଥିଲେ। ଆମେ ଆପଣଙ୍କୁ କହିରଖୁଛୁ ଯେ, ଅଭିନେତ୍ରୀ ଶେହନାଜ୍ ତାଙ୍କ ଜନ୍ମଦିନରେ ସକାଳୁ ସକାଳୁ ଗୁରୁଦ୍ୱାରରେ ପହଞ୍ଚିଥିଲେ । ଇନଷ୍ଟାଗ୍ରାମର ଷ୍ଟୋରିରେ ଗୁରୁଦ୍ୱାରର ଏକ ଭିଡିଓ ସେୟାର କରି ପ୍ରଶଂସକମାନଙ୍କୁ ସୂଚନା ଦେଇଥିଲେ । ଏଥିସହ ଶେହନାଜ୍ ତାଙ୍କ ଆଗାମୀ ଫିଲ୍ମ 'ଇକ କୁଡି'ର ପୋଷ୍ଟର ସେୟାର କରିଥିଲେ । ତାଙ୍କ ଫିଲ୍ମ 'ଇକ କୁଡି' ୧୩ ଜୁନରେ ରିଲିଜ ହେବ ବୋଲି ଅଭିନେତ୍ରୀ ଜଣାଇଥିଲେ । ଅମରଜିତ ସିଂ ସରୋନଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଇକ କୁଡି'ରେ ଶେହନାଜ୍ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ।






Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ମଞ୍ଜୁରୀରୋଡ଼ ଶଙ୍ଖୁଳା କଳ୍ପତରୁ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠାତା କଳ୍ପତରୁ ନାୟକଙ୍କୁ ବିଦ୍ୟାଳୟ ପରିସରରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପୂର୍ଣଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧୋତ୍ସବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜଗନ୍ନାଥ ପାତ୍ର ମୁଖ୍ୟବକ୍ତା, ଶେଣ୍ଡତୀରା ହାଇସ୍କୁଲ ପ୍ରଧାନଶିକ୍ଷକ ଅନନ୍ତ ଚରଣ ନାୟକ ମୁଖ୍ୟଅତିଥି, ନିଳୋକ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ଜେନା, ସମାଜସେବୀ ଦିବାକର ନାୟକ, ଶିକ୍ଷକ କୈଳାସ ଚନ୍ଦ୍ର ସାମଲ, ଆନନ୍ଦ ଚନ୍ଦ୍ର ପାଢୀ, ଶିକ୍ଷାସଂଯୋଜକ କୁସୁମଲତା ମହାପାତ୍ର ଓ ସଦାଶିବ ଦାସ ସମ୍ମାନି ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ପ୍ରତିଷ୍ଠାତାଙ୍କ ଆଦର୍ଶ ଓ କର୍ମନିଷ୍ଠା ସମ୍ପର୍କରେ ଆଲୋକପାତ କରିବା ସହ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଏହି ଅବସରରେ ଭଣ୍ଡାରିପୋଖରୀ ଏବିଇଓ ମଞ୍ଜୁଳା ନାୟକ ଓ ବନସ୍ତା ପ୍ରଧାନଶିକ୍ଷକ ଦେବେନ୍ଦ୍ର ଜେନାଙ୍କୁ ଶକୁନ୍ତଳା ନାୟକ ସ୍ମୃତିସମ୍ମାନରେ ସମ୍ମାନିତ କରାଯାଇଥିଲା। କଳ୍ପତରୁ ଉଚ୍ଚ ବିଦ୍ୟାଳୟ ପ୍ରମୋଦ ଦାସ ସ୍ୱାଗତ ଭାଷଣ ଓ ଶିକ୍ଷୟତ୍ରୀ କବିତା ମହାରଣା ଧନ୍ୟବାଦ ଦେଇଥିଲେ।

## ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ସାଧାରଣତନ୍ତ୍ର ଦିବସ ପାଳିତ

ତାଳଚେର, (ଭାସ୍କର ନ୍ୟୁଜ୍): ତାଳଚେର ବ୍ରାହ୍ମଣୀ ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୭୬ତମ ସାଧାରଣତନ୍ତ୍ର ଦିବସ ମହାଆଡ଼ମ୍ବର ସହକାରେ ପାଳନ ହୋଇଯାଇଛି। ଏଥିରେ ଡାକ୍ତର ଟୁନା ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତୋଳନ କରିବା ସହ ସମବେତ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ହେମନ୍ତ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଫଟୋରେ ପୁଷ୍ପମାଲ୍ୟା ଅର୍ପଣ ପୂର୍ବକ ଆଳତୀ ପ୍ରଦାନ କରାଯାଇ ଥିଲା। ଶାରିରୀକ ପ୍ରମୁଖ ଶ୍ରୀନିବାସ ଭୁକ୍ତା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସହପ୍ରଧାନ ଆଚାର୍ଯ୍ୟ ଦୁଃଖବନ୍ଧୁ ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶେଷରେ ଛାତ୍ରଛାତ୍ରୀ ମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

## ତିହିଡ଼ି ମହୋତ୍ସବ ପାଇଁ ୪ଧାମରୁ ଆସିଲା ମଶାଲ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ମହୋତ୍ସବ ମଙ୍ଗଳବାର ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସକାଳେ ବ୍ଲକ୍‌ର ୪ଧାମରୁ ମଶାଲ ଶୋଭାଯାତ୍ରା ଆସି ମହୋତ୍ସବ ସ୍ଥଳରେ ପହଞ୍ଚିଛି। ଗୁଆମାଳର କୁମାରେଶ୍ୱର, ପାଳିଆର ବିରଞ୍ଚି ନାରାୟଣ, ଈଶ୍ୱରପୁରର ମା’ ଦପାନାୟକାଣୀ, ନରେନ୍ଦ୍ରପୁରର ମା’ ପାଟଣ ମଙ୍ଗଳାଙ୍କ ପୀଠରୁ ମଶାଲ ଶୋଭାଯାତ୍ରା ବାହାରି ଥିଲା। ବ୍ଲକର ଉତ୍କଳମଣି ସେବା ସଂଘ, ଜୀବନ ଜ୍ୟୋତି ସଂଗଠନ, ଗୋପବନ୍ଧୁ ସେବା ସଂଗଠନ, ତିହିଡ଼ି ଯୁବମଞ୍ଚ, ଇଣ୍ଡିଆ ଓରିୟର ଏବଂ ଶ୍ୟାମା କ୍ଲବର କର୍ମକର୍ତ୍ତା ଓ ସଦସ୍ୟମାନେ ମଶାଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସମାଜସେବିକା ଅଭିଲିପ୍ସା ପାଢ଼ୀଙ୍କ ନେତୃତ୍ୱରେ ଶତାଧିକ ବାଳିକା ତିହିଡ଼ି ବଜାର ପରିକ୍ରମା କରି ମହୋତ୍ସବ ସ୍ଥଳରେ ପହଞ୍ଚି ଥିଲେ। ମହୋତ୍ସବ କମିଟି ସଭାପତି ସୋମନାଥ ପାଢ଼ୀ, ସମ୍ପାଦକ ଚନ୍ଦ୍ରକାନ୍ତ ମହାନ୍ତି ଓ ଅନ୍ୟ କର୍ମକର୍ତ୍ତାମାନେ ମଶାଲ ଶୋଭାଯାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# କାହ୍ନୁଚରଣ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



କୋରେଇ, (ଭାସ୍କର ନ୍ୟୁଜ୍): କୋରେଇ ସ୍ଥିତ କାହ୍ନୁଚରଣ ମହାବିଦ୍ୟାଳୟର ୩୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ ୨ କଲେଜର ଅଧ୍ୟକ୍ଷ ସ୍ମୃତିରଞ୍ଜନ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ କୋରେଇର ମାନ୍ୟବର ବିଧାୟକ ଆକାଶ ଦାସନାୟକ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ କୋରେଇ ବିଡ଼ିଓ ଅବନୀକାନ୍ତ ସାହୁ ଯୋଗ ଦେଇଥିଲେ। ପ୍ରାରମ୍ଭରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଛାତ୍ରଛାତ୍ରୀମାନେ ଜୀବନରେ ସଫଳ ହେବାକୁ ହେଲେ ପ୍ରଥମେ ଲକ୍ଷ୍ୟ ସ୍ଥିର କରିବା ଦରକାର, ଏହାସହ ବଡ଼ ସ୍ୱପ୍ନ ଦେଖିବାକୁ ସେ ଆହ୍ୱାନ ଦେଇଥିଲେ। ଭାରତ ରତ୍ନ ଅବଦୁଲ କାଲାମଙ୍କ ଉଦାହରଣ ଦେଇ ଜୀବନରେ ବଡ଼ ସ୍ୱପ୍ନ ଦେଖିଲେ ଆଗକୁ ଯିବା ସମ୍ଭବ ହେବ ବୋଲି ଦାସନାୟକ କହିଥିଲେ। ଆଗାମୀ ଦିନରେ କଲେଜରେ ଏକ ସମ୍ମିଳନୀ କକ୍ଷ, ଅସମ୍ପୂର୍ଣ୍ଣ ପ୍ରାଚୀରକୁ ଖୁବ୍‌ଶିଘ୍ର ଶେଷ କରିବା, ଖେଳ ପଡ଼ିଆ ଏବଂ ଗ୍ରନ୍ଥାଗାରର ଉନ୍ନତି ସାଙ୍ଗକୁ ବିଜ୍ଞାନ ଛାତ୍ରାଛାତ୍ରୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଶ୍ରେଣୀଗୃହ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ଭାବରେ ବିଡ଼ିଓ ଅବନୀକାନ୍ତ ସାହୁ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ବହୁ ଉପାଦେୟ ବକ୍ତବ୍ୟ ଦେବା ସହ ଆବଶ୍ୟକ ପଡ଼ିଲେ ସେ ମଧ୍ୟ ଜଣେ ସାମୟିକ ଶିକ୍ଷକ ଭାବରେ ଶିକ୍ଷାଦାନ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ସମ୍ମାନୀତ ଅତିଥି ଭାବେ ପ୍ରତିଷ୍ଠାତା ସଦସ୍ୟ ତଥା ପୂର୍ବତନ ସମ୍ପାଦକ ସଚ୍ଚିଦାନନ୍ଦ ରାଉତ କଲେଜ ନିର୍ମାଣ ସମୟର ଅନେକ ସ୍ମୃତି ତୋଳି ଧରିଥିଲେ। ଡିଗ୍ରୀ କଲେଜର ଅଧ୍ୟକ୍ଷ ଡ. ମୋହନ ଚରଣ ଖୁଣ୍ଟିଆ କଲେଜର ବିଭିନ୍ନ ସମସ୍ୟା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ପ୍ରାଧାପକ ରବୀନ୍ଦ୍ର କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧାପକ ବିରଞ୍ଚି ନାରାୟଣ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କଲେଜର ପ୍ରଥମ ବ୍ୟାଚ ଛାତ୍ରୀ ତଥା ଯୁକ୍ତ ୨ କଲେଜରେ ମୂଖ୍ୟ କିରାଣୀ ଭାବରେ କାର୍ଯ୍ୟରତା ବାସନ୍ତୀ ବେହେରାଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଉଭୟ ଯୁକ୍ତ ୨ ଏବଂ ଯୁକ୍ତ ୩ ରେ ଅନୁଷ୍ଠିତ କ୍ରୀଡ଼ା ଏବଂ ସାଂସ୍କୃତିକ ପ୍ରତିଯୋଗୀତାରେ କୃତକାର୍ଯ୍ୟ ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଅଧ୍ୟାପକ ସନ୍ୟାସୀ ପ୍ରସାଦ ବାରିକ ଧନ୍ୟବାଦ ପ୍ରଦାନ କରିଥିଲେ। ପରିଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଯୁକ୍ତ ୨ ଏବଂ ଯୁକ୍ତ ୩ ମହାବିଦ୍ୟାଳୟର ସମସ୍ତ ଅଧାପକ ଅଧାପିକା ଓ କର୍ମଚାରୀମାନେ ସହାୟତା କରିଥିଲେ।

# ମା’ ଉକୁଳେଇଙ୍କ ତ୍ରିବେଣୀ ବୁଡ଼




ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ଅଧିଷ୍ଠାତ୍ରି ଦେବୀ ମା’ ଉକୁଳେଇ। ପବିତ୍ର ତ୍ରିବେଣୀ ଅମାବାସ୍ୟା ଦିନ ମା’ ଉକୁଳେଇଙ୍କ ଜନ୍ମଉତ୍ସବ। କାହିଁ କେଉଁ ଆବାହନ କାଳରୁ ଅସ୍ତରଙ୍ଗ ନିକଟସ୍ଥ ଉକୁଳେଇ ଗ୍ରାମରେ ବିରାଜମାନ କରିଛନ୍ତି ମା’ ଉକୁଳେଇ ଠାକୁରାଣୀ। ମା’ଙ୍କ ଆଭିର୍ଭାବକୁ ନେଇ ରହିଛି କିମ୍ବଦନ୍ତି। ମା’ଙ୍କ ଝୁଣା ଧୂପ ଦ୍ୱାରା ଅନେକ ଦୁରାରୋଗ୍ୟ ରୋଗ ଭଲ ହୋଇଥାଏ, ଯାହାକି ରାଜ୍ୟର କୋଣ ଅନୁକୋଣରୁ ବର୍ଷ ତମାମ ଭକ୍ତଙ୍କ ସମାଗମ ମା’ଙ୍କ ନିକଟରେ ହୁଏ। ମା’ ଉକୁଳେଇଙ୍କ ଆବିର୍ଭାବ ତ୍ରିବେଣୀ ଅମାବାସ୍ୟା ଦିନ ହୋଇଥିବାରୁ ଏହି ଦିନ ମା’ଙ୍କ ଜନ୍ମଦିନ ରୂପେ ପ୍ରତିବର୍ଷ ପାଳନ କରାଯାଏ। ବର୍ଷର ଗୋଟିଏ ଦିନ ତ୍ରିବେଣୀ ଅମାବାସ୍ୟା ମା’ଙ୍କ ପ୍ରତିମା ବାହାରକୁ ଆସିଥାଏ। ଘଣ୍ଟଘଣ୍ଟା ବାଦ୍ୟରେ ମନ୍ଦିର ପରିକ୍ରମା କରାଯାଇ ମନ୍ଦିର ନିକଟରେ ଥିବା ସିଦ୍ଧ ପୁଷ୍କରିଣୀକୁ ଅଣାଯାଇ ସେଠାରେ ପୂଜାର୍ଚ୍ଚନା କରାଯାଇ ସେହି ପୁଷ୍କରିଣୀରେ ମା’ଙ୍କ ଚାପଖେଳ ହୋଇଥାଏ। ଚାପ ଖେଳିସାରି ମା’ ମନ୍ଦିରକୁ ପ୍ରବେଶ କରି ସାରିବା ପରେ ପୂର୍ବରୁ କଳସଧାରୀ ଅପେକ୍ଷା କରିଥିବା ଶ୍ରଦ୍ଧାଳୁମାନେ ସେହି ପୋଖରୀରେ ବୁଡ଼ ପକାଇ ମାନସିକ କଳସ ବୁଡାଇଥାନ୍ତି। ବିଶ୍ୱାସ ରହିଛି ସିଦ୍ଧ ପୁଷ୍କରିଣୀରେ ବୁଡ଼ ପକାଇଲେ ମାନସିକ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ତ୍ରିବେଣୀ ଆମାବାସ୍ୟା ଜନ୍ମ ଉତ୍ସବ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ଥିବା ବେଳେ ମନ୍ଦିର ପରିସରରେ ସୁସଜ୍ଜିତ ହୋଇଥିବା ବେଳେ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ସମସ୍ତ ବନ୍ଦୋବସ୍ତ ଶେଷ ପର୍ଯ୍ୟାୟରେ।

# ଜିଲ୍ଲାସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ




ଭଦ୍ରକ, (ଭାସ୍କର ନ୍ୟୁଜ୍): ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ରୀଡ଼ା ପ୍ରାନ୍ତରରେ ଆୟୋଜିତ ଏହି ଉତ୍ସବରେ ଜିଲ୍ଲାପାଳ ଯୋଗଦାନ କରି ଜାତୀୟ ପତାକା ଉତ୍ତୋଳନ କରି ସାଲ୍ୟୁଟ ଜଣାଇଥିଲେ। ପୁଷ୍ପ ସୁସଜ୍ଜିତ ଏକ ଖୋଲା ଗାଡ଼ିରେ ସମସ୍ତ ପ୍ୟାରେଡ଼ ଦଳଙ୍କୁ ପରିଦର୍ଶନ କରି ଦେଶାତ୍ମବୋଧକ ଉଦ୍‌ବୋଧନରେ ସମସ୍ତଙ୍କ ମନରେ ଜାତୀୟତାର ଭାବ ଭରିଦେଇଥିଲେ। ପ୍ୟାରେଡ୍‌ରେ ଅଂଶଗ୍ରହଣ କରିଥିବା ସମୁଦାୟ ୩୭ଗୋଟି ଦଳର ମାର୍ଚ୍ଚପାଷ୍ଟରେ ସେ ଅଭିବାଦନ ଗ୍ରହଣ କରିଥିଲେ। ପରେ ପରେ ରଙ୍ଗାରଙ୍ଗ ଦେଶାତ୍ମବୋଧ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଟାଇକୋଣ୍ଡ କ୍ରୀଡ଼ା ପ୍ରଦର୍ଶନ କରାଯାଇଥିଲା। ଏହି ଉତ୍ସବ ପାଳନ ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ, କ୍ୱିଜ, ସଙ୍ଗୀତ ଆଦି ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଚିତ୍ର ଶିଳ୍ପୀ ସ୍ନେହା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବ ପାଳନରେ ପଡ଼ିଆ କାର୍ଯ୍ୟକ୍ରମ ପରେ ମୁଖ୍ୟ ଅତିଥି ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ପହଞ୍ଚି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ରକ୍ତଦାନ ଶିବିର ପରିଦର୍ଶନ କରିବା ସହିତ ଜିଲ୍ଲାସ୍କୁଲ ଓ ଭଦ୍ରକ ବସ୍ ସିଣ୍ଡିକେଟ୍ ଆନୁକୂଲ୍ୟରେ ରୋଗୀମାନଙ୍କ ମଧ୍ୟରେ ଫଳ ଓ ବିସ୍କୁଟ୍ ବଣ୍ଟନ କରିଥିଲେ। ଦିବସ ଭିତ୍ତିକ ଅନ୍ତିମ କାର୍ଯ୍ୟକ୍ରମ ଭାବେ ସଂସ୍କୃତି ଭବନରେ ଋରୁ ଓ କାରୁକଳା ମହାବିଦ୍ୟାଳୟ, ଭଦ୍ରକ ଆନୁକୂଲ୍ୟରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀ ବୁଲି ଦେଖିଥିଲେ। ଆମେ ସମସ୍ତେ ଏକ ହେଲେ ଆମ ଦେଶର ଅଖଣ୍ଡତା ବଜାୟ ରହିବା ସହିତ ଉନ୍ନତି ସମ୍ଭବ ହେବ। ଆମେ ସମସ୍ତେ ଜାଣି ରଖିବା ଉଚିତ ଆମେ ସମସ୍ତେ ପ୍ରଥମେ ଭାରତୀୟ ପରେ ହିନ୍ଦୁ କି ମୁସଲିମ୍ ବା ଅନ୍ୟ ଧର୍ମର। ସମସ୍ୟା ସମାଧାନର ବାଟ ଖୋଜି ପାଇବା ଜୀବନର ଏକ କଳା। ସେ କଳାକୁ ହାସଲ କରିବା ସମସ୍ତଙ୍କର ଈପସିତ ଲକ୍ଷ୍ୟ ହେଲେ ପ୍ରଗତିରେ ଅନ୍ତରାୟ ରହିବନାହିଁ ବୋଲି ଭଦ୍ରକ ଜିଲ୍ଲାସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ।

## ମାଡ଼କାପଦରରେ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ

ଖଇରପୁଟ, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ ଅନ୍ତର୍ଗତ ମାଡ଼କାପଦର ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ନିପୁଣ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପିଲାଙ୍କ ଗଣିତ ଓ ଭାଷା, ସୃଜନଶୀଳତା ନେଇ ପ୍ରଦର୍ଶନୀ କରାଯାଇ ଥିଲା। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ୧୧ ଗୋଟି ବିଦ୍ୟାଳୟର ୧୧୦ ଛାତ୍ରଛାତ୍ରୀ ଏବଂ ପ୍ରାୟ ୧୦୦ ଅଭିଭାବକ ଭାଗ ନେଇଥିବା ବେଳେ ଭାଗ ନେଇଥିବା ସମସ୍ତ ଛାତ୍ରଛାତ୍ରୀ ଏବଂ ପ୍ରତ୍ୟେକ ସମର୍ପିତ ଶିକ୍ଷକଙ୍କୁ ମାନପତ୍ର ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମାଡ଼କାପାଦର ସିଆରସିସି ସୁଶାନ୍ତ ବେହେରା ପରିଚାଳନା କରିଥିବା ବେଳେ ମାଡ଼କାପାଦର ସରପଞ୍ଚ ଡମ୍ବୁରୁ ସୀସା ମୁଖ୍ୟ ଅତିଥିଭାବେ ଯୋଗଦେଇ ଦ୍ୱୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ ଏବଂ ପ୍ରଧାନ ଶିକ୍ଷକ ଭୋଜରାଜ ମେହେରଙ୍କ ସହ ମାଡ଼କାପଦର କ୍ଲଷ୍ଟରର ଶିକ୍ଷକଶିକ୍ଷୟତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କ ନିମନ୍ତେ ଭୋଜନ ବ୍ୟବସ୍ଥା ହେଇଥିଲା।

## ଆସିକାର ବିଭିନ୍ନସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ

ଆସିକା, (ଭାସ୍କର ନ୍ୟୁଜ୍): ଆସିକାର ବିଭିନ୍ନ ସ୍ଥାନରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଆସିକାର ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଦେଶପ୍ରେମ ଭାବନା ସହକାରେ ପାଳନ କରାଯାଇଛି ସାଧାରଣତନ୍ତ୍ର ଦିବସ। ବିଭିନ୍ନ ବିଦ୍ୟାଳୟରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ଆସିକା ଓକିଲ ସଂଘ, ଆସିକା ଜଳସେଚନ ବିଭାଗ, ଟ୍ରକ ମାଲିକ ସଂଘ, ବସମାଲିକ ସଂଘ, ବ୍ଲକ, ଏନଏସି, କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର, ଅଧ୍ୟକ୍ଷା ବିନେତା ସ୍ୱାଇଁ, ଯୁବ ନେତା ସତ୍ୟନାରାୟଣ ସ୍ୱାଇଁ, ସେହି ପରି ଆସିକା ଆଦର୍ଶ ପୋଲିସ ଥାନା, ବିଭିନ୍ନ ଶିଶୁ ମନ୍ଦିର ଓ ସରକାରୀ ସ୍କୁଲ କଲେଜ ଆଦି ସ୍ଥାନ ଗୁଡ଼ାକରେ ବେଶ ଧୂମଧାମରେ ପାଳିତ କରାଯାଇଛି। ଧରାକୋଟ ବ୍ଲକ ଡଉଗାଁ ପଞ୍ଚାୟତରେ ସରପଞ୍ଚ ମନୁ ପାତ୍ର, ବ୍ଲକ ସଭାପତି ସଞ୍ଜୟ କୁମାର ପାତ୍ର ଙ୍କ ନେତୃତ୍ୱରେ ବେଶ ଧୁମ ଧାମରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି।

## ଘରଚଟିଆ ସେବିକା ଦୀପାଙ୍କୁ ଦିଲ୍ଲୀ ନିମନ୍ତ୍ରିତ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ଦିଲ୍ଲୀରେ ଆୟୋଜିତ ୭୬ତମ ଗଣତନ୍ତ୍ର ଦିବସ ଉତ୍ସବରେ ଜଙ୍ଗଲ ଓ ବନ୍ୟଜୀବ ସୁରକ୍ଷା ସମ୍ପର୍କିତ ସେବକସେବିକାମାନଙ୍କୁ ବିଶେଷ ଅତିଥି ଭାବରେ ଯୋଗଦେବାକୁ ନିମନ୍ତ୍ରଣ କରାଥିଲା ବେଳେ ମାଲକାନଗିରି ଜିଲ୍ଲାରୁ ଘର ଚଟିଆ ସଂରକ୍ଷଣ ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ଦୀପାରାଣୀ ନାୟକଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଥିଲା। ଏହାର ଏକ ମାତ୍ର ଉଦ୍ଦେଶ୍ୟ ହେଲା ଜନସାଧାରଣଙ୍କ ମଧ୍ୟରେ ବନ୍ୟପ୍ରାଣୀ ସଂରକ୍ଷଣ ଦିଗରେ ଜାଗରଣ ସୃଷ୍ଟି କରିବା। ଓଡ଼ିଶା ରାଜ୍ୟ ସରକାରଙ୍କ ମାଲକାନଗିରି ବନଖଣ୍ଡରୁ ଦୀପା ରାଣୀ ନାୟକଙ୍କୁ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ନିମନ୍ତ୍ରିତ କରାଯାଇଥିଲା। ସେ ଦିଲ୍ଲୀରେ ହୋଇଥିବା ପ୍ୟାରେଡ଼ରେ ପ୍ରତ୍ୟକ୍ଷଦର୍ଶୀ ଭାବେ ଯୋଗ ଦେଇଥିଲେ। ଅନ୍ୟାନ୍ୟ ରାଜ୍ୟରୁ ମଧ୍ୟ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷ ଯୋଗଦେବା ସହିତ ଦିଲ୍ଲୀ ଚିଡ଼ିଆ ଖାନାରେ ଆୟୋଜିତ ସମ୍ମିଳନୀରେ ଯୋଗ ଦେଇଥିଲେ। ମାଲକାନଗିରି ଜିଲ୍ଲାରେ ଦୀପାରାଣୀ ନାୟକଙ୍କ ଘରଚଟିଆ ପୁନର୍ବାସ ଓ ଘର ଚଟିଆ ସଂରକ୍ଷଣରେ ତାଙ୍କ କାର୍ଯ୍ୟ ପ୍ରଶଂସନୀୟ। ସେ ୨୦୧୪ ମସିହାରୁ ମାଲକାନଗିରି ଜିଲ୍ଲାରେ ଘର ଚଟିଆ ପକ୍ଷୀ ସୁରକ୍ଷା ସମ୍ପର୍କିତ କାର୍ଯ୍ୟରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଦୀପା ରାଣୀ ନାୟକଙ୍କ ନାମ ସଞ୍ଜୟ କୁମାରଙ୍କ ଜାତୀୟ ଘର ଚଟିଆ ସଂରକ୍ଷକ ରଚିତ ପୁସ୍ତକ “ଆଓ ଗୌରେଆ”ରେ ସ୍ଥାନ ପାଇଛି। ସେ ପ୍ରକୃତି ବନ୍ଧୁ ସମ୍ମାନ-୨୦୨୩, ଚେଞ୍ଜ୍ ମେକର୍ସ ଆୱାର୍ଡ (ଆଇଡିଏଫ୍ ଓ ଆମ୍ବିସନ), ନିଷ୍ଠା ସମ୍ମାନ -୨୦୨୨ ଭଳି ବିଭିନ୍ନ ପୁରସ୍କାରରେ ମଧ୍ୟ ସମ୍ମାନିତ ହୋଇଛନ୍ତି। ବନ୍ୟପ୍ରାଣୀ ସୁରକ୍ଷା କ୍ଷେତ୍ରରେ ତାଙ୍କ ଅବଦାନ ସ୍ୱତନ୍ତ୍ର ଓ ପ୍ରଶଂସନୀୟ। ଆଶା କରାଯାଏ ଯୁବପିଢ଼ି ଏଥିରୁ ପ୍ରେରଣା ପାଇ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା କ୍ଷେତ୍ରରେ ଅଗ୍ରସର ହେବେ। ଆଜି ସେ ଦିଲ୍ଲୀରୁ ମାଲକାନଗିରି ଅଭିମୁଖେ ଫେରୁଥିବା ଜଣାପଡ଼ିଛି।

# କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ‘ଇତିହାସ’ ବିଭାଗରେ ଆଲୋଚନା ଚକ୍ର




କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଥିବା ଗାନ୍ଧୀ ଭବନରେ ଇତିହାସ ବିଭାଗ ମୁଖ୍ୟ ପ୍ରଫେସର ତୁଷାରକାନ୍ତି ଭୂୟାଁଙ୍କ ସଭାପତିତ୍ୱରେ ‘ଭାରତରେ ଜାତୀୟତା ବାଦୀ ଆନ୍ଦୋଳନର ଉତ୍ପତ୍ତି’ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମାନରେ ବିଷୟ ବିଶାରଦ ଭାବରେ ପ୍ରଫେସର ତପନ କୁମାର ପତି ଯୋଗଦେଇ କହିଥିଲେ ଯେ ଭାରତରେ ଜାତୀୟତାବାଦୀ ଆନ୍ଦୋଳନ ଉନବିଂଶ ଶତାବ୍ଦିର ଦ୍ୱିତୀୟାର୍ଦ୍ଧରେ ଆରମ୍ଭ ହୋଇଥିଲା। ବ୍ରିଟିଶ ଶାସନର ଶୋଷଣ, କୁଟିର ଶିଳ୍ପର ଅବକ୍ଷୟ, ସାମାଜିକ ବ୍ୟବସ୍ଥାରେ ହସ୍ତକ୍ଷେପ, ଗୋରା ଲୋକଙ୍କ ଉଗ୍ର ଜାତିଆଣଭାବ, ଭାରତୀୟ ବାଣିଜ୍ୟର ହ୍ରାସ, ସମ୍ବାଦପତ୍ରର କଣ୍ଠରୋଧ, ଧର୍ମବିଶ୍ୱାସକୁ ଆଘାତ ଦେବା ସହ ବିଦ୍ୟୁତ୍ ବିଲକୁ ବିରୋଧ, ପ୍ରଶାସନିକ ପରୀକ୍ଷା ବୟସକୁ ୨୧ରୁ ୧୯ବର୍ଷକୁ କମେଇବା ଓ ଭାରତୀୟଙ୍କୁ ନିକୃଷ୍ଟ ବିଚାର କରିବା ଇତ୍ୟାଦି ଭାରତୀୟଙ୍କ ଭିତରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଥିଲା। ଏହା ଜାତୀୟତା ବାଦୀ ଆନ୍ଦୋଳନକୁ କ୍ରିୟାଶୀଳ କରିଥିଲା। ଭାରତରେ ୧୮୩୫ରେ ଇଂରାଜୀ ଭାଷାର ପ୍ରଚଳନ ଓ ୧୮୩୭ରେ ଏହାକୁ ପ୍ରଶାସନରେ ପ୍ରୟୋଗ କରିବା ଭାରତୀୟ ମାନଙ୍କୁ ଏକଜୁଟ କରିବାରେ ପ୍ରକାରାନ୍ତରେ ସାହାଯ୍ୟ କରିଥିଲା। ଏହା ଅତ୍ମଘାତି ଥିଲା। ଆନ୍ଦୋଳନର ବିଭିନ୍ନ ଦିଗ ଉପରେ ବିଷୟ ବିଶେଷଜ୍ଞ ଆଲୋଚନା ରଖିଥିଲେ। ବିଭାଗର ଅନ୍ୟତମ ଅଧାପକ ଚିତ୍ତରଞ୍ଜନ ମଲ୍ଲ ବିଷୟ ଉପରେ ସଂକ୍ଷିପ୍ତ ଆଲୋଚନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମାନରେ ତିନି ଶ୍ରେଣୀର ପିଲାମାନେ ଅଂଶଗ୍ରହଣ କରିଥିଲେ। ସଭା ପ୍ରାରମ୍ଭରେ ବିଭାଗର ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ସମବେତ ସଙ୍ଗୀତ ପରିବେଷଣ କରଯାଇ ଥିଲା। ସଭାର ସଫଳତା ପାଇଁ ବିଭାଗୀୟ ମୁଖ୍ୟ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅଭିଯାନ



ପୁରୁଷୋତ୍ତମପୁର, (ଭାସ୍କର ନ୍ୟୁଜ୍): ପୁରୁଷୋତ୍ତମପୁର ସହର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଭିମୋଭାଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାମଜିକ ସୁରକ୍ଷା ଅଧିକାରୀ କାହ୍ନୁଁଚରଣ ସୋରେନ୍‌ଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ପିଙ୍କି ବେହେରା ମୁଖ୍ୟ ଅତିଥି ଭବେ ଯୋଗଦେଇଥିବା ବେଳେ, ଏନଏସି ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି, ସ୍ଥାନୀୟ ତହସିଲ ଦାର ବିନୋଦ ବେହେରା ମୁଖ୍ୟବକ୍ତା, ବ୍ରହ୍ମପୁର ସିଡିଏମଓ ଡାକ୍ତର ଗଦାଧର ପ୍ରଧାନ, ବରିଷ୍ଠ ବିଜେପି ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ପଣ୍ଡା, ସହକାରୀ ଯନ୍ତ୍ରୀ ସରୋଜ ସାବତ, ସିଡ଼ିପିଓ ଲଳିତା ମଲ୍ଲିକ ମଞ୍ଚରେ ଯୋଗ ଦେଇ ଉପସ୍ଥିତ ଥିବା ଭିନ୍ନକ୍ଷମ ବ୍ୟକ୍ତି, ବିଭିନ୍ନ ଯୋଜନାର ହିତାଧିକାରୀ ଓ ସାଧାରଣ ଜନତାଙ୍କୁ ମାନ୍ୟବର ଓଡ଼ିଶା ସରକାରଙ୍କ ଜନ କଲ୍ୟାଣ କାର୍ଯ୍ୟକ୍ରମ ଉପରେ ସଚେତନତା କରାଇ ଉତ୍ସାହିତ କରିଥିଲେ। ଏଥିରେ ବୟସ୍କ ବୃଦ୍ଧବୃଦ୍ଧା, ଭିନ୍ନକ୍ଷମ ପିଲାଠୁ ବୟସ୍କ ବ୍ୟକ୍ତିମାନେ ଶିବିରରେ ଯୋଗ ଦେଇ ନିଜନିଜର ଅଭିଯୋଗ ବାଢ଼ି ପଞ୍ଜିକରଣ କରିଥିଲେ। ଏଥିରେ ଏକ ଦିନରେ ୫୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଅଭିଯୋଗ ପଞ୍ଜିକରଣ କରିଥିବା ଦେଖିବାକୁ ମିଳିଥିଲା। ବିଡ଼ିଓଙ୍କ ବଦଳି ହୋଇଯାଇଥିବାରୁ ସ୍ଥାନୀୟ ତହସିଲଦାର ସମ୍ପୂର୍ଣ୍ଣ ଦାୟିତ୍ୱ ନେଇ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଟିକ୍‌ନିକ୍ ବୁଝାସୁଝା କରିଥିଲେ। ଭିନ୍ନକ୍ଷମ ବ୍ୟକ୍ତିଙ୍କ ନିକଟକୁ ଯାଇ ପ୍ରତିଟି କଥା ବୁଝୁଥିବା ଓ ଖୋଲାଯାଇଥିବା କେନ୍ଦ୍ର ପାଖକୁ ଯାଇ ହିତାଧିକାରୀଙ୍କ ଅଭିଯୋଗର ସମାଧାନ ପାଇଁ ପଦାଧିକାରୀଙ୍କୁ ନିର୍ଦ୍ଦେଶ ଦେଉଥିବା ଦେଖିବାକୁ ମିଳିଥିଲା। ଜନତାଙ୍କ ଗହଣରେ ରହି ଜନତାଙ୍କ ଗୁହାରି ଶୁଣିଥିବା ନେଇ ଜନସାଧାରଣଙ୍କ ପ୍ରଶଂସା ସାଉଣ୍ଟିଥିଲେ।

## ରାଇଗୋଡ଼ା ଠାରେ ରୋଷେଇ ପ୍ରତିଯୋଗିତା

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଅନ୍ତର୍ଗତ ରାଇଗୋଡ଼ା ଗ୍ରାମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଓ ଆଇଡ଼ିଆଲ୍ ଡେଭଲପମେଣ୍ଟ ଏଜେନ୍ସିର ମିଳିତ ସହଯୋଗରେ ଫସଲ ବିବିଧିକରଣ ଯୋଜନା ମାଧ୍ୟମରେ ଅଣଧାନ ଦ୍ୱାର ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ରାଇଗୋଡ଼ା ପଞ୍ଚାୟତର ୧୦ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ବିଭିନ୍ନ ପ୍ରକାର ଅଣଧାନ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନ ହୋଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଗ୍ରାମାଞ୍ଚଳର ଚାଷୀମାନଙ୍କୁ ଅଣଧାନ ଚାଷ ନିମନ୍ତେ ଉତ୍ସାହିତ କରିବା ସହିତ ଚାଷୀମାନେ ସ୍ୱାବଲମ୍ବୀ ହେବା ସହିତ ନିଜର ରୋଜଗାରକୁ ଦ୍ୱିଗୁଣିତ କରିବା। ଏହି କାର୍ଯ୍ୟକ୍ରମରେ ବାଂଶପାଳ ବ୍ଲକ୍ କୃଷି ଅଧିକାରିଣୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପଞ୍ଚାୟତର ସରପଞ୍ଚ ବିନତି ପ୍ରଧାନ, କ୍ଷେତ୍ର ପରିଦର୍ଶିକା ନମିତା ସାହୁ ଓ ଆଇଡିଆଲ୍ ଡେଭଲପମେଣ୍ଟ ଏଜେନ୍ସିର ସମ୍ପାଦକ ଚନ୍ଦ୍ରକାନ୍ତ ବରାଳ ଯୋଗଦେଇ ପ୍ରତିଯୋଗିତାରେ




ଭାଗ ନେଇଥିବା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ଚାଷୀମାନଙ୍କୁ ଉତ୍ସାହିତ କରିବା ସହିତ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।

## ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ



ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ଥାପିତ ବିଦ୍ୟାଳୟର ପ୍ରତିଷ୍ଠାତା ଚତୁର୍ଭୁଜ ପରିଜା ଏବଂ ସ୍ୱାଧୀନତା ସଂଗ୍ରାମୀ ଗୋପୀନାଥ ପରିଜା, ମହାତ୍ମା ଗାନ୍ଧି, ସୁଭାଷ ଚନ୍ଦ୍ର ବୋଷ, ଜୟୀ ରାଜଗୁରୁ, ଗୋପବନ୍ଧୁ ଦାସ ଓ ମଧୁସୂଦନ ଦାସ, ସଂପୁର ଗାଁ ମଧ୍ୟରେ ସ୍ଥାପିତ ସ୍ୱାଧୀନତା ସଂଗ୍ରାମୀ ବାବାଜୀ ଦାଶ ଏବଂ ପ୍ରସିଦ୍ଧ ଜ୍ୟୋତିର୍ବିଦ, କବି, ନାଟ୍ୟ କାର ତଥା ଚିକିତ୍ସକ ତାରେଶ୍ୱର ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ, ବୋଲଗଡ଼ ଭଏସ ମିଡ଼ିଆର ସଭାପତି ନିରଞ୍ଜନ ନାୟକ, ପ୍ରଭଞ୍ଜନ ସମେତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷାକର୍ମୀ, ସଂପୁର ଏବଂ ଖଙ୍ଗୁରିଆ ଯୁବଗୋଷ୍ଠୀ ସାଧାରଣତନ୍ତ୍ର ଦିବସ ଅବସରରେ ରବିବାର ଦିନ ମାଲ୍ୟାର୍ପଣ କରିଥିଲେ। ସଂପୁର ଗ୍ରାମର ସଫଳ କୃଷକ ସଦାନନ୍ଦ ଛୋଟରାୟ ଏବଂ ରବୀନ୍ଦ୍ର କୁମାର ଦେଓଙ୍କୁ ଦୁଇ ଯୁବଗୋଷ୍ଠୀ ବାଇକ ରାଲି କରିବା ସହ ସେ ସମ୍ବର୍ଦ୍ଧିତ କରିଥିଲେ। ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ, ହରିରାଜପୁର ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସବିତା ସୁବୁଦ୍ଧି ଓ ଗୋବିନ୍ଦପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ସେଠୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

ଓଡ଼ିଶା ଭାସ୍କର
ରାଜ୍ୟ ଖବର



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ କଳିଙ୍ଗ କଳାକାର ସଂଘ ପକ୍ଷରୁ ୭୬ତମ ସାଧାରଣତନ୍ତ୍ର ଦିବସ ମନ୍ଦଦୋରୀ କଲ୍ୟାଣ ମଣ୍ଡପ ପରିସର ମଧ୍ୟରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ତିହିଡ଼ି ଥାନା ଆଇଆଇସି ପ୍ରସନ୍ନ କୁମାର ନାୟକ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରି ଉଦ୍‌ବୋଧନ ଦେଇଥିଲେ। ଏଥିରେ ହାବିଲଦାର ନକୁଳ ସେନାପତି ଓ ବିଦ୍ୟାଧର ସୂତାରଙ୍କ ସମେତ ସଭାପତି କବି ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟଏ, ଉପଦେଷ୍ଟା କୁଳମଣି ସାବତ, ବସନ୍ତ କୁମାର ଦାସ, ପ୍ରଭାତ କୁମାର ରାଉଳ, ସୁରେନ୍ଦ୍ର ପ୍ରସାଦ ନାୟକ, ବାବୁରାମ ରାଉତ, ହେମନ୍ତ କୁମାର ସ୍ୱାଇଁ, ଗଣେଶ ଦାସ, ସନାତନ ସାହୁ, ଶଶିକାନ୍ତ ଜେନା, ରାମଚନ୍ଦ୍ର ଜେନା, ନୀଳାମ୍ବର ସେଠୀ, ଭୈରବ ଜେନା, ନିରଂଜନ ଦାସ, କ୍ଷୀରୋଦ ଜେନା, ରମାକାନ୍ତ ମଳିକ, ପ୍ରଫୁଲ୍ଲ କୁମାର ମହାନ୍ତି, ଅମର ସେଠୀ, ନାରାୟଣ ଚନ୍ଦ୍ର ମହାନ୍ତି, ଭକ୍ତହରି ସାହୁ, ଉପେନ୍ଦ୍ର ସାହୁ, ଦୈତାରୀ ସାହୁ, ଖଗେଶ୍ୱର ପୃଷ୍ଟି, ଇନ୍ଦ୍ରମଣି ଗାହାଣ ପ୍ରମୁଖଙ୍କ ସହିତ ସଂଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।



# ଭାରସାମ୍ୟ ହରାଇ ୨୦ଫୁଟ୍ ତଳକୁ ଖସିଲା ବସ୍



କଣିହାଁ, (ଭାସ୍କର ନ୍ୟୁଜ୍): ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ୍ ସମଲ ଥାନା ଅନ୍ତର୍ଗତ ଗହମ ସେବାଶ୍ରମ ନିକଟସ୍ଥ ରାଜପଥରେ ରବିବାର ଏକ ସଡ଼କ ଦୁର୍ଘଟଣା ହୋଇଛି। ଦୁର୍ଘଟଣାରେ ଦୁଇଜଣ ମୃତ, ଜଣେ ଗୁରୁତର ଓ ୨୮ଜଣ ଆହତ ହୋଇଛନ୍ତି। ପୋଲିସ୍ ସୂତ୍ରରୁ ପ୍ରକାଶ, ମୟୁରଭଞ୍ଜ ଜିଲ୍ଲା ବାରିପଦାରୁ ଏକ ସରକାରୀ ଯାତ୍ରୀ ବସ୍ ପାଲଲହଡ଼ା ଦେଇ ଅନୁଗୁଳ ଆସୁଥିବା ବେଳେ ଆପରାହ୍ଣ ୪ଟା ୨୦ ମିନିଟ୍‌ରେ ଗହମ ସେବାଶ୍ରମ ପାଖରେ ଭାରସାମ୍ୟ ହରାଇ ୨୦ଫୁଟ୍ ତଳକୁ ଖସିପଡ଼ିଥିଲା। ଖବର ପାଇ କଣିହାଁ ଅଗ୍ନିଶମ ବାହିନୀ, ସମଲ ପୋଲିସ୍ ଓ ସ୍ଥାନୀୟ ଲୋକ କ୍ରେନ୍ ସାହାଯ୍ୟରେ ବସକୁ ଉଠାଇ ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ଆହତ ଯାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ଗୋଡ଼ିବନ୍ଧ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ୯ଜଣଙ୍କୁ ଅନୁଗୁଳ ଜିଲ୍ଲା ମୁଖ୍ୟାଳୟକୁ ଏବଂ ୬ଜଣଙ୍କୁ ତାଳଚେର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତାଳଚେର ମେଡିକାଲ୍‌ରେ ୨ଜଣଙ୍କୁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ମୃତକ ମାନେ ହେଲେ ଝାରଖଣ୍ଡ ରାଜ୍ୟ ସିଂହଭୂମି ଜିଲ୍ଲା ପୋଟକା ଥାନା ଅଞ୍ଚଳର ରାଧାନାଥ ମୁଣ୍ଡା (୪୮) ଏବଂ ମୟୁରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଥାନା ପାନପଶି ଗ୍ରାମର ସମୀର ମହନ୍ତ(୧୮) ବୋଲି ପୋଲିସ୍ ସୂତ୍ରରୁ ପ୍ରକାଶ। ତାଳଚେରରେ ଚିକିତ୍ସିତ ହେଉଥିବା ୬ରୁ ୪ଜଣଙ୍କୁ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ଜଣାପଡ଼ିଛି। ଅନୁଗୁଳରେ ୧୩ଜଣ ଯାତ୍ରୀଙ୍କ ଚିକିତ୍ସା ଚାଲିଥିବା ବେଳେ ସେଥିମଧ୍ୟରୁ ଜଣେ ଗୁରୁତର ହୋଇଥିବା ପ୍ରକାଶ। ଆବଶ୍ୟକ ପଡିଲେ ଗୁରୁତର ଯାତ୍ରୀ ଜଣକୁ କଟକ ନତୁବା ଭୁବନେଶ୍ୱର ପଠାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି। ବସ୍‌ରେ ସୁରକ୍ଷିତ ଥିବା ଯାତ୍ରୀଙ୍କ କହିବା ମୁତାବକ ବସଟି ଦ୍ରୁତବେଗରେ ଆସୁଥିବା ବେଳେ କେନ୍ଦୁଝରରେ ଚାଳକ ବଦଳି ହୋଇ ଅନ୍ୟଜଣେ ଚାଳକ ବସ୍ ଚଳାଇଥିଲା ବୋଲି ଯାତ୍ରୀମାନେ ପ୍ରକାଶ କରିଛନ୍ତି। ଏଠି ପ୍ରଶ୍ନ ଉଠୁଛି ବାସ ର ଚାଳକ ମାଦକ ଦ୍ରବ୍ୟ ସେବନ କରିଥିଲା କି? ଗାଡ଼ିର କିଛି ଯାନ୍ତ୍ରୀକତ୍ରୁଟି ହେଲା କି? ନତୁବା ଗାଡ଼ି ଚାଳକଙ୍କର ଆଖି ଲାଗିଗଲା କି ...ଭଳି ନାନା ପ୍ରଶ୍ନ ସୃଷ୍ଟି ହୋଇଛି। ଯାହା ହେଉନା କାହିଁକି ପରିବହନ ବିଭାଗ, ପୋଲିସ୍ ମିଳିତ ସହଯୋଗରେ ତଦନ୍ତ ହେଲେ ସତ୍ୟତା ଜଣାପଡ଼ିବ ବୋଲି ଜିଲ୍ଲାପାଳ କହିଛନ୍ତି ଏବଂ ଏନେଇ ଜିଲ୍ଲାପାଳ ଉଭୟ ପରିବହନ ଓ ପୋଲିସ୍ ବିଭାଗକୁ ନିର୍ଦ୍ଦେଶ ଦେଇଥିବା ପ୍ରକାଶ କରିଛନ୍ତି।

# ଶ୍ରୀ ମା’ ବିଦ୍ୟାପୀଠରେ ନିପୁଣ ଓଡ଼ିଶା ମେଳା




କୁଜଙ୍ଗ, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ପାରାଦ୍ୱୀପ ଗଡ଼ ଗ୍ରାମ ପଞ୍ଚାୟତ ପାରାଦ୍ୱୀପ ଗଡ଼ରେ ଅବସ୍ଥିତ ଶ୍ରୀ ମା’ ସରକାରୀ ଉଚ୍ଚ ବିଦ୍ୟାଳୟରେ ‘ନିପୁଣ ଓଡ଼ିଶା ମେଳା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଇତିଶ୍ରୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁଜଙ୍ଗ ବ୍ଲକ୍ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପ୍ରତିମା ସୁତାର, ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ସମ୍ମାନିତ ଅତିଥି ଭାବେ କୁଜଙ୍ଗ ବ୍ଲକ୍ ଉପାଧ୍ୟକ୍ଷ ଜ୍ଞାନଜିତ ସ୍ୱାଇଁ, ନୂଆଗଡ଼ ପଞ୍ଚାୟତ ସରପଞ୍ଚ ଦେବେନ୍ଦ୍ର କୁମାର ରାଉତ, ବିଦ୍ୟାଳୟର ଶିକ୍ଷା କମିଟି ସଭାପତି ଜୀବନ ଧନ ବେହେରା ପ୍ରମୁଖ ଯୋଗଦେଇ ଛାତ୍ର ଛାତ୍ରୀଙ୍କୁ ଆଗକୁ ବଢ଼ିବା ପାଇଁ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଶିକ୍ଷାର ବିକାଶ ପାଇଁ ବ୍ୟାପକ ଅନୁଦାନ ପ୍ରଦାନ କରୁଛନ୍ତି। ତା’ର ସଠିକ ଉପଯୋଗ କଲେ ଓଡ଼ିଶା ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ହୋଇପାରିବ। ନିପୁଣ ଓଡ଼ିଶା ମେଳାରେ ଛାତ୍ରଛାତ୍ରୀମାନଙ୍କୁ ସାକ୍ଷରତା, ସଂଖ୍ୟା ଜ୍ଞାନ, ସୃଜନଶୀଳତା ଓ ମତାମତ ଷ୍ଟଲ ମାଧ୍ୟମରେ ନିଜର ନିପୁଣ ଦକ୍ଷତା ହେବାର ସୂଚନା ପ୍ରଦାନ କରାଯାଇଥିଲା। ସି.ଆର.ସି.ସି ସମିର କୁମାର ଓଝା ସଭା ସଞ୍ଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଭାତ ନଳିନୀ ବେହେରା, ମିନାର୍ଭା ସ୍ୱାଇଁ, ମିନାକ୍ଷୀ ପଣ୍ଡା, ବିଜୟଲକ୍ଷ୍ମୀ ସ୍ୱାଇଁ, ଦୀପିକା ସୋରେନ, ସମ୍ପଦ ମୁଦୁଲି, ସାଗରିକା ସ୍ୱାଇଁ, ରମାକାନ୍ତ ଖଣ୍ଡୁଆଳ ପ୍ରମୁଖ ଯୋଗଦେଇ ‘ନିପୁଣ ଓଡ଼ିଶା ମେଳା’ରେ ସହଯୋଗ କରିଥିଲେ।

# କୋରେଇ ପାଇଁ ଗୌରବ ଆଣିଲେ ରାଜେନ୍ଦ୍ର



କୋରେଇ, (ଭାସ୍କର ନ୍ୟୁଜ୍): ପ୍ରାକୃତିକ ଦୁର୍ବିପାକ ହେଉ କିମ୍ବା ଜରୁରୀକାଳୀନ ସେବା, ସବୁବେଳେ ଆଗରେ ଥାନ୍ତି ରାଜ୍ୟର ଅଗ୍ନିଶମ ବାହିନୀର କର୍ମଚାରୀ। କୋରେଇ ବ୍ଲକ ଅନ୍ତର୍ଗତ ଗୌରପୁର ଗ୍ରାମ ପଞ୍ଚାୟତ ଅଧିନସ୍ଥ ଜଇଁନ୍ତିରା ଗ୍ରାମର ନାରାୟଣ ଦେଓ ଓ ସୁନିଆ ଦେଓଙ୍କ ସୁପୁତ୍ର ରାଜେନ୍ଦ୍ର କୁମାର ଦେଓ କୋରେଇ ପାଇଁ ଗୌରବ ଅର୍ଜନ କରିଛନ୍ତି। ଓଡ଼ିଶା ଅଗ୍ନିଶମ ବାହିନୀରେ କାର୍ଯ୍ୟରତ ରାଜେନ୍ଦ୍ର ନିଜର ସାହସିକତା ପରାକାଷ୍ଠା ପାଇଁ ସାଧାରଣତନ୍ତ୍ର ଦିବସରେ ଭୁବନେଶ୍ୱର ସ୍ଥିତ ଅଗ୍ନିଶମ ବାହିନୀର ଡିଜି ତାଙ୍କୁ ପ୍ରଶଂସା ପତ୍ର ରୌପ୍ୟପଦକ ପ୍ରଦାନ କରିଥିଲେ। ସୂଚନା ଥାଉକି ମହାବାତ୍ୟାର ଆଶଙ୍କା ଆଣିଥିବା ଦାନା ବାତ୍ୟା ସମୟରେ ଭଦ୍ରକ ଜିଲ୍ଲା ଧାମନଗର ଅଗ୍ନିଶମ କାର୍ଯ୍ୟାଳୟରେ କାର୍ଯ୍ୟରତ ରାଜେନ୍ଦ୍ର ଓ ଅନ୍ୟ ସାଥିମାନେ ଏହି ଅଞ୍ଚଳରେ ଦାନାର ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ବନ୍ୟା ଜଳରେ ଫସି ରହିଥିବା ଅନେକ ନିରୀହ ଲୋକଙ୍କ ଜୀବନ ରାତ୍ର ଅନ୍ଧକାରରେ ନିଜ ଜୀବନକୁ ବାଜି ଲଗାଇ ସୁରକ୍ଷିତ ସ୍ଥାନରେ ଛାଡ଼ି ନିଜର କର୍ତ୍ତବ୍ୟ ପାଳନ କରିଥିଲେ। ଅଗ୍ନିଶମ ବାହିନୀର ସାହସିକତା ଓ ଦୃଢ଼ ଇଚ୍ଛା ଶକ୍ତି ପାଇଁ ଅନେକଙ୍କ ଜୀବନ ବଞ୍ଚି ଯାଇଥିଲା। ଏହି ସାହସିକତା ପାଇଁ ରାଜ୍ୟ ସରକାରଙ୍କ ଜିରୋ କାଜୁଆଲିଟିର ଯେଉଁ ଘୋଷଣା କରିଥିଲେ ଏଭଳି କାର୍ଯ୍ୟ ପାଇଁ ରାଜ୍ୟରେ ନୂତନ ସରକାର ମଧ ଅଗ୍ନିଶମ ବିଭାଗକୁ ପ୍ରଶଂସା କରିଥିଲେ। ଏଭଳି ଖବର କୋରେଇ ଅଞ୍ଚଳବାସୀ ଜାଣିବା ପରେ ଖୁସିର ଲହରୀ ଖେଳିଯାଇଛି। ଦେଓଙ୍କୁ ନିଜ ପରିବାର, ବନ୍ଧୁ ପରିଜନ, ଅଞ୍ଚଳ ବାସୀ କୋରେଇ ବିଧାୟକ ଆକାଶ ଦାସ ନାୟକ, କୋରେଇ ବିଡ଼ିଓ ଅବନିକାନ୍ତ ସାହୁ, ସମାଜସେବୀ ବନୋଜ ଜେନା, ଗୌରପୁର ସରପଞ୍ଚ ସତ୍ୟାନନ୍ଦ ମହାପାତ୍ର, କୋରେଇ ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ଦାସ, ବିଜେପି ନେତା ପ୍ରକାଶ ଧଳ, ବରିଷ୍ଠ ସାମ୍ବାଦିକ ଆଶୁତୋଷ ମହାନ୍ତି, ସାମ୍ବାଦିକ ପ୍ରମୋଦ ପାତ୍ର ପ୍ରମୁଖ ବ୍ୟକ୍ତି ଶୁଭେଚ୍ଛା ଜଣାଇଛନ୍ତି।

# ପ୍ରଶାସନର ସହାୟତା ଲୋଡ଼ିଲେ ଶ୍ରୀ ନବଗ୍ରହ ଠାକୁର ଟ୍ରଷ୍ଟବୋର୍ଡ଼ ମୁଖ୍ୟ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ୍ କୋହ୍ଲ ବଜାର ସ୍ଥିତ ସର୍ବପୁରାତ ଶ୍ରୀ ନବଗ୍ରହ ଠାକୁର ଟ୍ରଷ୍ଟୀ ଗଠନକୁ ନେଇ ସ୍ଥାନୀୟ କେତେକ ନ୍ୟସ୍ତ ସ୍ୱାର୍ଥ ଓ ନିଶାଗ୍ରସ୍ତ ବ୍ୟକ୍ତି ଜନସାଧାରଣଙ୍କୁ ବିଭ୍ରାନ୍ତି କରୁଛନ୍ତି। ଯାହାଫଳରେ ଟ୍ରଷ୍ଟୀ ବୋର୍ଡ଼ର ମୁଖ୍ୟ ପ୍ରଭାତ କୁମାର ରାଉଳ ପ୍ରଶାସନର ସହାୟତା ଲୋଡ଼ିଛନ୍ତି। କୋହ୍ଲ ବଜାର ସ୍ଥିତ ଶ୍ରୀନବଗ୍ରହ ଠାକୁର ମନ୍ଦିର ବହୁ ପୁରାତନ ମନ୍ଦିର ଭାବେ ସ୍ଥାନୀୟ ଅଞ୍ଚଳରେ ପରିଗଣିତ ହୋଇଛି। ପ୍ରତିବର୍ଷ ମାଘ ସପ୍ତମୀରେ ୩ଦିନ ବ୍ୟାପୀ ସାର୍ବଜନୀନ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥାଏ ଏବଂ ପ୍ରତି ଶନିବାର ସହିତ ବିଭିନ୍ନ ପର୍ବ ପର୍ବାଣୀରେ ପାଦୁକ ଭୋଗ କରାଯାଇ ଥାଏ। ଏହି ମନ୍ଦିରକୁ ପ୍ରତିଷ୍ଠା କରିଥିବା ମାର୍ଫତଦାରମାନେ ପରଲୋକ ଗମନ କରିଛନ୍ତି। ସେମାନଙ୍କ ଉତ୍ତରାଧିକାରୀମାନେ ଦୀର୍ଘବର୍ଷ ଧରି ନବଗ୍ରହ ଠାକୁରଙ୍କର ପୂଜାର୍ଚ୍ଚନା କରିଆସୁଛନ୍ତି। ଶ୍ରୀ ନବଗ୍ରହ ମନ୍ଦିରର କୌଣସି ଉନ୍ନତି ନହେବା ସ୍ଥଳେ ମନ୍ଦିରଟି ଭଗ୍ନ ଅବସ୍ଥାକୁ ଗତି କରିବାରେ ଲାଗିଛି। ମନ୍ଦିର ପୂଜା ଦାୟିତ୍ୱରେ ଥିବା ପୂଜକମାନେ ମନ୍ଦିରର ଉନ୍ନତି କରିବା ପରିବର୍ତ୍ତେ ଜଣେ ପୂଜକ ମନ୍ଦିର ପାଖରେ ବାସଗୃହ କରି ମନ୍ଦିର ପରିବେଶକୁ ନଷ୍ଟ କରୁଛନ୍ତି। ଯାହାଫଳରେ ହିନ୍ଦୁ ଧର୍ମର ବିଚ୍ୟୁତ ଘଟିବା ସହିତ ହିନ୍ଦୁମାନଙ୍କ ମନରେ ଆଘାତ ସୃଷ୍ଟି କରିଛି। ଏପରିକି ସେହି ପୂଜକ ଜଣକ ବ୍ୟବସାୟ କରି ଅଣହିନ୍ଦୁମାନଙ୍କୁ ମନ୍ଦିର ବେଢ଼ାରେ ଅବାଧ ପ୍ରବେଶ କରାଇବା ନେଇ ଜନସାଧାରଣଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ଶ୍ରୀ ନବଗ୍ରହ ଠାକୁର ମନ୍ଦିର ଏପରି ଅବହେଳିତ ହେବା ଖବର ପାଇ ସରକାରଙ୍କ ଦେବୋତ୍ତର ବିଭାଗ ପକ୍ଷରୁ ତଦନ୍ତ ପରିଦର୍ଶନ କରାଯାଇ ମନ୍ଦିରଟିକୁ ନିଜ ଅଧୀନକୁ ନେଇଛନ୍ତି। ପରେ ଦେବୋତ୍ତର ବିଭାଗ ଏକ ଟ୍ରଷ୍ଟ ଗଠନ କରି ଅନୁମୋଦନ କରିଅଛନ୍ତି। ସେହି ଟ୍ରଷ୍ଟବୋର୍ଡ଼ରେ ତହସିଲଦାରଙ୍କ ସମେତ ୯ଜଣ ସଦସ୍ୟ ରହିଛନ୍ତି। ସମସ୍ତ ସରକାରୀ ନିୟମ ଅନୁଯାୟୀ ଦେବୋତ୍ତର ବିଭାଗ ମନ୍ଦିରକୁ ତାଙ୍କ ଅଧୀନକୁ ନେବା ସହିତ ଟ୍ରଷ୍ଟବୋର୍ଡ଼ ମଧ ଗଠନ କରି ଅନୁମୋଦନ କରିଛନ୍ତି। ଏହି ଟ୍ରଷ୍ଟବୋର୍ଡ଼ କୌଣସି ଏନଜିଓ ନାମରେ ପଞ୍ଜୀକୃତ ହୋଇ ନାହିଁ। ସିଧାସଳଖ ଜନସାଧାରଣ ଏବଂ ଅଧାରୁ ଅଧିକ ମାର୍ଫତଦାରଙ୍କ ସ୍ୱୀକୃତି ଅନୁସାରେ ଦେବୋତ୍ତର ବିଭାଗ ନିଜ ଅଧୀନକୁ ନେଇଛି। ଏହି ମନ୍ଦିରଟି ଦେବୋତ୍ତର ବିଭାଗକୁ ଯିବା ପରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ଆନନ୍ଦ ଉଲ୍ଲାସ ପ୍ରକାଶ ପାଇଛି। ବହୁ ଜନସାଧାରଣ ଦେବୋତ୍ତର ବିଭାଗକୁ ଯିବା ନେଇ ଆନ୍ତରିକ ସମର୍ଥନ ଜଣାଉଛନ୍ତି। କେବଳ କେତେକ କୁଚକ୍ରି ଗୋଷ୍ଠୀ ଅସାଧୁ ମେଣ୍ଟ କରି ମନ୍ଦିରକୁ ନିଜ କରାୟତରେ ରଖିବା ପାଇଁ ବିଭ୍ରାନ୍ତକର ତଥ୍ୟ ଗଣମାଧ୍ୟମ ଜରିଆରେ ପ୍ରକାଶ କରଉଛନ୍ତି। ଯେଉଁ କେତେକ ନିର୍ଦ୍ଦିଷ୍ଟ ଗଣମାଧ୍ୟମ କୌଣସି ତଥ୍ୟ ଓ କାଗଜପତ୍ର ସମ୍ପର୍କରେ ନଜାଣି ନିର୍ଦ୍ଦିଷ୍ଟ କେତେକଙ୍କ ଅଭିଯୋଗ ମୂଳେ ଏପରି ବିଭ୍ରାନ୍ତକର ଖବର ପରିବେଷଣ କରିଛନ୍ତି ସେହି ନିର୍ଦ୍ଦିଷ୍ଟ ଖବରକାଗଜ ଉପରେ ଟ୍ରଷ୍ଟି ବୋର୍ଡ଼ର ସଦସ୍ୟମାନେ ଆଇନର ଆଶ୍ରୟ ନେବେ ବୋଲି ଜଣାପଡ଼ିଛି। ତୁରନ୍ତ ସରକାରୀ ଟ୍ରଷ୍ଟୀ ବୋର୍ଡ଼କୁ ଜିଲା ପ୍ରଶାସନ ଓ ପୁଲିସ ପ୍ରଶାସନ ସହାୟତା କରି ମନ୍ଦିରର ବିକାଶ କରିବାକୁ ଟ୍ରଷ୍ଟିବୋର୍ଡ଼ର ମୁଖ୍ୟ ପ୍ରଭାତ ରାଉଳ ନିବେଦନ କରିଛନ୍ତି।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ



ନନ୍ଦାହାଣ୍ଡି, (ଭାସ୍କର ନ୍ୟୁଜ୍): ଆଜି ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ପରିସରରେ ନନ୍ଦାହାଣ୍ଡି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହେଇଯାଇଛି। ଏଥିରେ ନନ୍ଦାହାଣ୍ଡି ବ୍ଲକର ୧୧ ଗୋଟି ପଞ୍ଚାୟତର ମୋଟ ୧୩୬ ଜଣ ପଞ୍ଜିକରଣ କରିଥିଲେ। ଏହି ଶିବିରରେ ଡ. ତୃପ୍ତି ରଞ୍ଜନ ଷଡ଼ଙ୍ଗୀ, ଡ. ଶିବ ପ୍ରସାଦ ସାହା, ଡ. ଅଭିଷେକ ଦାସ, ଡ. ଘନଶ୍ୟାମ ବେହେରା, ଡ. ନବଘନ ସେଠି, ଡ. ରାଜେଶ ଦାସ, ଡ. ବିଭୁଦତ୍ତ ସେଠି ଅସ୍ଥିଶଲ୍ୟ ଓ ବିକଳାଙ୍ଗ, ଚକ୍ଷୁ ନାସା ଓ ଗଳା ବିଶେଷଜ୍ଞ, ଚକ୍ଷୁ ବିଶେଷଜ୍ଞ, ମାନସିକ ରୋଗ ବିଶେଷଜ୍ଞ ସମେତ ଜିଲ୍ଲା ଭିନ୍ନକ୍ଷମ ସାମର୍ଥ୍ୟ କେନ୍ଦ୍ରରୁ ବିଭିନ୍ନ ବିଶେଷଜ୍ଞ ଉପସ୍ଥିତ ରହିଥିଲେ। ଆଜିର ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗ ଦେଇଥିବା ବେଳେ ଅନ୍ୟ ଅତିଥି ଭାବେ ନନ୍ଦାହାଣ୍ଡି ବ୍ଲକ ଅଧ୍ୟକ୍ଷା ରଶ୍ମିତା ମାଝୀ, ଉପାଧ୍ୟକ୍ଷ ସଦନ ଗୌଡ଼, ଜୋନ୍ ୧ ଜିଲ୍ଲା ପରିଷଦ ସଭ୍ୟ ଦିବ୍ୟଦାନ ସୁନା , ଜୋନ୍ ୨ ଜିଲ୍ଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ର, ସାଂସଦ ପ୍ରତିନିଧି ଜାନକୀ କାନ୍ତ ବିଷୋୟୀ, ସମସ୍ତ ସରପଞ୍ଚ ଓ ସମିତି ମେମ୍ବର ଉପସ୍ଥିତ ରହିଥିଲେ। ବ୍ଲକ୍‌ର ଏଇଇ ଗୋବିନ୍ଦ କହ୍ନର, ଜିପିଇଓ ଶଶାଙ୍କ ଶେଖର ନାୟକ, ବିଏସଏସଓ ପାର୍ଥ ଜିତ ମଣ୍ଡଳ, ମନୀଷା ରଥ, ସମସ୍ତ ଜିଆରଏସ, ସମସ୍ତ ଯୋଗାଣ ସହାୟକ, ସମସ୍ତ ବ୍ଲକ୍ କର୍ମଚାରୀଙ୍କ ସହଯୋଗ ରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ସମ୍ପାଦନା ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସହାୟକ ବିଚିତ୍ରାନନ୍ଦ ତ୍ରିପାଠୀ ସୁଚାରୁ ରୂପେ ପରିଚାଳନା କରିଥିଲେ।

# କେନ୍ଦୁଝରଗଡ଼ ଶିଶୁବାଟିକାରେ ଶିଶୁ




କେନ୍ଦୁଝର, (ଭାସ୍କର ନ୍ୟୁଜ୍): ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, କେନ୍ଦୁଝରଗଡ଼ର ଶିଶୁ ବାଟିକା ବିଭାଗର ଶିଶୁଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉଦ୍‌ଘାଟନୀ ସଭାରେ ବିଦ୍ୟାଳୟର ପରିଚାଳନା ସମିତିର ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶିଶୁର ସର୍ବାଙ୍ଗୀନ ବିକାଶରେ ଶିଶୁ ଶିବିର ଏକ ମୁଖ୍ୟ ଅଙ୍ଗ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଧାନଆଚାର୍ଯ୍ୟ ଅଲେଖ ମହାନ୍ତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାନ୍ତଃ ପର୍ଯ୍ୟାୟ ପ୍ରମୁଖ ଦୟାନିଧି ମହାନ୍ତ ଉପସ୍ଥିତ ଥିଲେ। ଏହି ଶିଶୁ ଶିବିରରେ ଶିଶୁମାନଙ୍କ ଦ୍ୱାରା ପ୍ରଶ୍ନମଞ୍ଚ,ସାମୂହିକ ସଂଗୀତ ପ୍ରତିଯୋଗିତା, ନୃତ୍ୟ ପ୍ରଦର୍ଶନ ହୋଇଥିଲା। ବିଭିନ୍ନ ସାମାଜିକ ବ୍ୟବସ୍ଥା, ପୂଜାଘର, ପରିବା ଦୋକାନ, ବହି ଦୋକାନ, ଥାନା, ଡାକଘର, ଡାକ୍ତରଖାନା, କମାରଶାଳ, ଆଦର୍ଶ ବିଦ୍ୟାଳୟ, ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା, କୃଷକ, ଦରଜୀ, ଖେଳନା ଦୋକାନ ଆଦିର ପ୍ରଦର୍ଶନ ଶିଶୁମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଶିଶୁବାଟିକା ପ୍ରମୁଖ ବିଜୟିନୀ ଦେବୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସୁଜାତ ମିଶ୍ର, ମନସ୍ୱିନୀ ଦାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଶୀତକାଳୀନ ଜାତୀୟ ସେବା ଶିବିର ଉଦ୍‌ଯାପିତ

ଧର୍ମଶାଳା, (ଭାସ୍କର ନ୍ୟୁଜ୍): ଧର୍ମଶାଳା ବ୍ଲକ କନ୍ତପଡ଼ାସ୍ଥିତ ମୁକୁନ୍ଦପାତ୍ର ଜୁନିୟର୍ କଲେଜ୍‌ର ଜାତୀୟ ସେବା ସ୍ୱତନ୍ତ୍ର ଶୀତକାଳୀନ ଶିବିର ୨୬ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିର ଗତ ୨୦ ତାରିଖ ଠାରୁ ୫୦ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଅନଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ କଲେଜ୍ ଅଧ୍ୟକ୍ଷ ହେମନ୍ତ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଜାତୀୟ ସେବା ଯୋଜନାର ସଂଯୋଜକ ସ୍ୱଦୀପ୍ତ କୁମାର ବିଶ୍ୱାଳ, ଜାତୀୟ ସେବା ଯୋଜନାର ସଫଳ ରୂପାୟନ ଉପରେ ମତବ୍ୟକ୍ତ କରିଥିଲେ। ଅତିଥି ଭାବେ ଅଧ୍ୟାପକ ଅରୁଣ କୁମାର ନାୟକ, ବିଭୂତି ଭୂଷର ମିଶ୍ର, ଅଧିବେଶନ କାର୍ଯ୍ୟକାରିତା ଉପରେ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଜାତୀୟ ସେବା ଯୋଜନାର ସଂଯୋଜକ ଅଧ୍ୟାପକ ଅଭିମନ୍ୟୁ ସାହୁ ୭ଦିନ ବ୍ୟାପୀ ଶିବିରକୁ ପରିଚାଳନା କରିଥିଲେ। ଅଧ୍ୟାପକ ରଞ୍ଜନ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।




# ଆଦର୍ଶ ବିଦ୍ୟାଳୟ ପରିଚାଳନା କମିଟି ବୈଠକ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସରିପୁର ନିକଟସ୍ଥ ଆଦର୍ଶ ବିଦ୍ୟାଳୟର ପରିଚାଳନା ଓ ଉନ୍ନୟନ କମିଟି ବୈଠକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ପରିଚାଳନା କମିଟି ଅଧ୍ୟକ୍ଷ ତଥା ଉପଜିଲ୍ଲାପାଳ ରାଜକିଶୋର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ସମସ୍ତ ସଦସ୍ୟ, ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗଦେଇ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ସେଗୁଡିକ ସମାଧାନ ଦିଗରେ ପଦକ୍ଷେପ ନେବା ପାଇଁ ପ୍ରସ୍ତାବ ଗୃହୀତ କରାଯାଇଥିଲା। ଏହି ବୈଠକରେ ବିଡ଼ିଓ ସୁଶ୍ରୀ ଶସ୍ମିତା ବେହେରା, ସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀ ଶଶୀଶେଖର ସେନାପତି, ସୁରେନ୍ଦ୍ରନାଥ ବିଦ୍ୟାପୀଠର ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ବେହେରା, ଶିକ୍ଷାବିତ୍ ପ୍ରମୋଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ ବିଦ୍ୟାଳୟର ସମସ୍ୟାଗୁଡିକ ମଧ୍ୟରେ ଖେଳ ପଡିଆର ଉର୍ନ୍ନତି କରଣ, ହଷ୍ଟେଲ ଖୁବ ଶୀଘ୍ର ଶେଷ କରିବା, ବିଦ୍ୟାଳୟ ଭିତ୍ତିଭୂମି ସୁଦୃଢ କରିବା, ଶିକ୍ଷକ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏ ସମସ୍ତ ବିଷୟ କିପରି ଯଥାଶୀଘ୍ର କାର୍ଯ୍ୟକାରୀ କରାଯିବ ସେଥିପାଇଁ ପ୍ରସ୍ତାବ ଗୃହୀତ କରାଯାଇଥିଲା। ଏହି ବୈଠକରେ ପରିଚାଳନା କମିଟି ଆବାହକ ତଥା ବିଦ୍ୟାଳୟ ର ଅଧକ୍ଷା ସଙ୍ଗୀତା ମଲ୍ଲିକଙ୍କ ସହ ଶିକ୍ଷକ ଶ୍ରୀକାନ୍ତ ସାହୁ, ମାନସ ରଞ୍ଜନ ସ୍ୱାଇଁ, ଶିକ୍ଷୟିତ୍ରୀ ମାମିନା ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପର୍ଯ୍ୟବେକ୍ଷକ ଦଳଙ୍କ ପରିଭ୍ରମଣ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମଙ୍ଗଳବାର ଦିନ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରୁ ତିନିଜଣିଆ ଆଞ୍ଚଳିକ ତଦନ୍ତ ବା ପର୍ଯ୍ୟବେକ୍ଷକ ଦଳ ସରକାରୀ ସ୍ନାତକ ମହାବିଦ୍ୟାଳୟ, ଚିତ୍ରକୋଣ୍ଡା ପରିଭ୍ରମଣରେ ଆସିଥିଲେ। ବିଶ୍ୱବିଦ୍ୟାଳୟର ସମନ୍ୱୟ ଅଧିକାରୀ ମହେଶ୍ୱର ଦୁରିଆଙ୍କ ନେତୃତ୍ୱରେ ଆସିଷ୍ଟାଣ୍ଟ ପ୍ରଫେସର କମଳ ଲୋଚନ ମଲ୍ଲିକ ଓ ଜ୍ଞାନ ରଞ୍ଜନ ମହାନ୍ତି ଏହି ପରିଭ୍ରମଣରେ ଆସି ମହାବିଦ୍ୟାଳୟର ବିଭିନ୍ନ ପ୍ରସଙ୍ଗରେ ତଦାରଖ କରି ଅଧକ୍ଷ ଡକ୍ଟର ଚିନ୍ମୟ କୁମାର ବେହେରାଙ୍କ ଠାରୁ ଅନେକ ଗୁରୁତ୍ୱ ପୂର୍ଣ୍ଣ ତଥ୍ୟ ସମୀକ୍ଷା କରିଥିଲେ। ମହାବିଦ୍ୟାଳୟର ଅନ୍ୟ ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀମାନଙ୍କ ସହ ମଧ ବିବିଧ ଆଲୋଚନା କରିଥିଲେ। ପରିଶେଷରେ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି ଉତ୍ତମ ଉପଦେଶ ଦେବା ସହ ପରୀକ୍ଷା ପରିଚାଳନା, ମହାବିଦ୍ୟାଳୟର ଆଗାମୀ ଭବିଷ୍ୟ ସମ୍ପର୍କରେ ନାନା କଥା ସୂଚିତ କରିଥିଲେ। ଚିତ୍ରକୋଣ୍ଡା ପରି ଅଳ୍ପ ଅଗ୍ରସର ଅଞ୍ଚଳରେ ଏହି ଡିଗ୍ରୀ କଲେଜର ସୁପରିଚାଳନାର ଦିଗଦର୍ଶନ ଦେବା ସହ କଲେଜ୍‌ର ପ୍ରତ୍ୟେକ ସଦସ୍ୟଙ୍କ ଭୂରି ଭୂରି ପ୍ରଶଂସା କରିଥିଲେ।

# ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣୀ ଶିବିର



ଭାପୁର, (ଭାସ୍କର ନ୍ୟୁଜ୍): ଭାପୁର ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ନୟାଗଡ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣୀ ଶିବିର ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୭୫ ଗୋଟି ସମସ୍ୟାର ଅଭିଯୋଗ ଆସିଥିଲା ଏବଂ ଜିଲ୍ଲାପାଳ ଉପସ୍ଥିତ ରହି ଅଭିଯୋଗକାରୀଙ୍କ ସମସ୍ୟା ବୁଝିଥିଲେ। ଅଭିଯୋଗ ମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ୬୦ ଗୋଟି, ଗ୍ରାମ୍ୟ ସମସ୍ୟା ୭, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡ ୮ ଗୋଟି ଓ ତତ୍କାଳ ସମାଧାନ ୩୫ ଗୋଟି ହୋଇଥିଲା। ଏହି କାର୍ଯ୍ୟକ୍ରମରେ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏସ୍.ସୁଶ୍ରୀ, ଭାରପ୍ରାପ୍ତ ଉପ-ଜିଲ୍ଲାପାଳ ପ୍ରଭାତୀ ପରିଡ଼ା, ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲିପ କୁମାର ବଳ, ସିଡିଓ କମ୍ ଇଓ-ଜିଲ୍ଲାପରିଷଦ ଲଗ୍ନଜିତ୍ ରାଉତ, ଅଭିଯୋଗ ଶୁଣାଣୀ ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ କୁମାର ବେହେରା, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ସୁଶାନ୍ତ କୁମାର ଦାସ, ଆରକ୍ଷୀ ଉପଖଣ୍ଡ ଅଧିକାରୀ ବିମଳ କୁମାର ବାରିକଙ୍କ ସମେତ ଜିଲ୍ଲା ସ୍ତରୀୟ ସମସ୍ତ ବିଭାଗୀୟ ପଦାଧିକାରୀ ଯୋଗ ଦେଇଥିବା ବେଳେ ଭାପୁର ବ୍ଲକ୍ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ବ୍ଲକ ଉନ୍ନୟନ ଅଧିକାରୀ ସାରଦା ପ୍ରସାଦ ପଣ୍ଡା, ତହସିଲ କାର୍ଯ୍ୟାଳୟରୁ ଅତିରିକ୍ତ ତହସିଲଦାର, ଫତେଗଡ଼ ଥାନା ଅଧିକାରୀ ପଞ୍ଚାନନ ପରିଡ଼ାଙ୍କ ସମେତ ବ୍ଲକର ସମସ୍ତ କାର୍ଯ୍ୟାଳୟରୁ ବିଭାଗୀୟ ଅଧିକାରୀ ମାନେ ଯୋଗଦେଇ ଜନ ସାଧାରଣଙ୍କ ସମସ୍ୟାର ସମାଧାନ କରିଥିଲେ।



ବାଲିଚନ୍ଦ୍ରପୁର (ଭାସ୍କର ନ୍ୟୁଜ): ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର ବଜାର ଅନ୍ତର୍ଗତ ଶ୍ୟାମସୁନ୍ଦର ବଜାରରେ ଥିବା ଲକ୍ଷ୍ମୀ ମଣ୍ଡପ ଠାରେ ବାଲିଚନ୍ଦ୍ରପୁର ଅଞ୍ଚଳର ବରିଷ୍ଠ ନାଗରିକ ମାନଙ୍କୁ ନେଇ ଏକ ବୈଠକ ହେବା ସହ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତିକ୍ରମେ ଅବସରପ୍ରାପ୍ତ ଅଧକ୍ଷ ରବୀନ୍ଦ୍ର କୁମାର ସାମଲଙ୍କୁ ସଭାପତି ରୂପେ ମନୋନୀତ କରାଯିବା ପରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମାନଭଞ୍ଜନ ରାଉତରାୟ, ଅବସରପ୍ରାପ୍ତ ଶିକ୍ଷକ ରତ୍ନାକର ପଣ୍ଡାଙ୍କୁ ଉପସଭାପତି, ବିଷ୍ଣୁ ଚରଣ ମୁଦୁଲିଙ୍କୁ ସମ୍ପାଦକ ଭାବେ ଓ ଶରତ ଚନ୍ଦ୍ର ଦାସଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। କାର୍ଯ୍ୟକାରୀ ସଦସ୍ୟ ଭାବେ ରବୀନ୍ଦ୍ରନାଥ ଶାନ୍ତି, ନେତ୍ରାନନ୍ଦ ସିଂହ, ଦୁଃଶାସନ ସାହୁ, ନଟବର ସାମଲ, ବିଧାନ ଚନ୍ଦ୍ର ସାମଲ, ଉପେନ୍ଦ୍ରନାଥ ସ୍ୱାଇଁ, ନାରାୟଣ ପ୍ରସାଦ ପରିଡ଼ା, ଗଦାଧର ଦାସ, ଶ୍ୟାମସୁନ୍ଦର ଦାସ, ଉପେନ୍ଦ୍ରନାଥ ସାମନ୍ତରାୟ, ନଟବର ଦାସ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରସନ୍ନ କୁମାର ପରିଡ଼ା, ନିରଞ୍ଜନ ଜେନା, ଭରତ ଚନ୍ଦ୍ର ଜେନା, ବିଳାସ ଚନ୍ଦ୍ର ବାରିକ, ଶିଶିର କୁମାର ବଳ, ଚନ୍ଦ୍ରଶେଖର ରାଉତ, ଧ୍ରୁବ ଚରଣ ସେଠୀ, ନୃସିଂହ ଚରଣ ବାରିକ ପ୍ରମୁଖ ବହୁ ସଦସ୍ୟ ଯୋଗଦେଇଥିଲେ। ପରିଶେଷରେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବରିଷ୍ଠ ନାଗରିକ ମାନଙ୍କୁ ପ୍ରଦୀପ୍ତ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

# ବେଆଇନ ଗଛ କଟା, ବନ୍ୟପ୍ରାଣୀଙ୍କ ଆଶ୍ରୟସ୍ଥଳ ପ୍ରଭାବିତ



କେନ୍ଦୁଝର (ଭାସ୍କର ନ୍ୟୁଜ): ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜ ଅନ୍ତର୍ଗତ ଶୁଆକାଟୀ ସେକ୍ସନ ତରମାକାନ୍ତ ବିଟ୍ର ଶାଗପଡା ଜଙ୍ଗଲରେ ବ୍ୟାପକ ବେଆଇନ ଜଙ୍ଗଲ କଟା ଚାଲିଛି। ବିଭିନ୍ନ କିସମର ଗଛକୁ କଟାଯାଇ ଟ୍ରାକ୍ଟରରେ ବାହାରକୁ ବେଧଡକ ଚାଲାଣ ହେଉଛି। ଉକ୍ତ ଜଙ୍ଗଲରେ ବନ୍ୟଜନ୍ତୁ ବସବାସ କରୁଥିଲେ ହେଁ ବନ ବିଭାଗ ପକ୍ଷରୁ ୯୮୫ ଆକାଶିଆ ଗଛ କାଟିବାକୁ ଶାଗପଡା ବନ ସୁରକ୍ଷା ସମିତିକୁ ଅନୁମତି ଦିଆଯାଇଛି। କିନ୍ତୁ ଗଛ କାଟିବା ସମୟରେ ବନ ବିଭାଗ କର୍ମଚାରୀ ଉପସ୍ଥିତ ରହୁନଥିବାରୁ ଧାର୍ଯ୍ୟଠାରୁ ବହୁ ଅଧିକ ଏବଂ ଅନ୍ୟାନ୍ୟ କିସମର ଗଛ କଟାଯାଉଥିବାରୁ ସ୍ଥାନୀୟ ଲୋକ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। କାଠ ମାଫିଆମାନେ ମେସିନରେ ଗଛ କାଟି ଚାଲାଣ କରୁଛନ୍ତି। ପ୍ରକାଶଯୋଗ୍ୟ ଯେ, ଏହି ଜଙ୍ଗଲରେ ହାତୀ, ଭାଲୁ, ହରିଣ, ବାରହା, ଝିଙ୍କ, ବଣ କୁକୁଡା ଆଦି ଜୀବଜନ୍ତୁଙ୍କ ଚଳପ୍ରଚଳ ରହୁଥିବାରୁ ଏହାର ସୁରକ୍ଷା କରିବାକୁ ପରିବେଶବିତ୍ମାନେ ଦାବି କରିଛନ୍ତି। ଶାଗପଡା ଜଙ୍ଗଲରେ ଆକାଶିଆ ଗଛ ଗୁଡିକ ସୁରକ୍ଷିତ ଥିବାବେଳେ ବନ ବିଭାଗ କିପରି ଏତେ ସଂଖ୍ୟାରେ ଗଛ କାଟିବାକୁ ଅନୁମତି ଦେଲେ ତାହା ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ଗତ ପ୍ରାୟ ୧ ବର୍ଷ ଧରି ବନ ବିଭାଗ ବିଭିନ୍ନ ଜଙ୍ଗଲ ଅଞ୍ଚଳରେ ୟୁକାଲିପଟାସ ଏବଂ ଆକାଶିଆ ଗଛ କାଟିବାକୁ ଅନୁମତି ଦେଉଛି। ଏହା ପଛରେ ସଂଖ୍ୟାଲଘୁ କାଠ ବ୍ୟବସାୟୀମାନଙ୍କର ହାତ ରହୁଛି। ବନ ସୁରକ୍ଷା ସମିତି ଗଛ କାଟିବାକୁ ଅନୁମତି ପାଇବା ପରେ ସେମାନେ ଜଙ୍ଗଲରେ ବେଆଇନ ପ୍ରବେଶ କରି ଅନୁମତି ଠାରୁ ଢେର ଅଧିକ ଗଛ କାଟି ନେଉଛନ୍ତି। ଏହାପଛରେ ବନ ବିଭାଗର କେତେକ ଅସାଧୁ ଅଧିକାରୀଙ୍କ ପ୍ରଚ୍ଛନ୍ନ ହାତ ଥିବାରୁ ତଳିଆ କର୍ମଚାରୀମାନେ ଏଭଳି ବେଆଇନ କାମକୁ ନେଇ ଚୁପ ରହୁଛନ୍ତି। ଏହିପରି ଭାବେ ଖୋଦ ବନ ବିଭାଗ ଯଦି ରକ୍ଷକ ହୋଇ ଭକ୍ଷକ ହେବ ତେବେ ଖୁବ କମ ଦିନରେ ସଂରକ୍ଷିତ ଜଙ୍ଗଲରେ ଥିବା ୟୁକାଲିପଟାସ ଏବଂ ଆକାଶିଆ ଗଛ ଲୋପ ପାଇବ। ଗ୍ରାମ୍ୟ ଜଙ୍ଗଲ ଏବଂ ସରକାରୀ ଜମିରେ ଥିବା ୟୁକାଲିପଟାସ ଏବଂ ଆକାଶିଆ ଗଛକୁ କାଠ ମାଫିଆ କାଟି ନେବା ପରେ ଏବେ ସେମାନଙ୍କର ଲୋଲୁପ ଦୃଷ୍ଟି ପଡିଛି ସଂରକ୍ଷିତ ଜଙ୍ଗଲରେ ଥିବା ଏହି ପ୍ରଜାତିର ଗଛ ଉପରେ। ବନବିଭାଗ ମଧ୍ୟ ଏହି କାର୍ଯ୍ୟକୁ ପ୍ରୋତ୍ସାହନ ଦେଇ ଅନୁମତି ପ୍ରଦାନ କରୁଛି। ବନବିଭାଗ ସଂରକ୍ଷିତ ଜଙ୍ଗଲ ଏବଂ ଖେସରା ଜଙ୍ଗଲରେ ଗଛ କାଟିବାକୁ ଅନୁମତି ପ୍ରଦାନ କରୁଥିବାରୁ ବନ ବିଭାଗ, ସଂଖ୍ୟାଲଘୁ କାଠ ମାଫିଆ, ବନ ସୁରକ୍ଷା ସମିତି ସଦସ୍ୟଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଥିବାରୁ ଏହି କାରବାର ଅବାଧରେ ଚାଲୁଥିବା ଗ୍ରାମବାସୀମାନେ ସନ୍ଦେହ କରୁଛନ୍ତି। ଜଙ୍ଗଲରେ ୟୁକାଲିପଟାସ ଗଛ କାଟିବାକୁ ଅନୁମତି ଦିଆଯାଉଥିବାରୁ ଜଙ୍ଗଲର ଘନତ୍ୱ କମୁଛି ଏବଂ ବନ୍ୟପ୍ରାଣୀ ଗାଁ ମୁହାଁ ହୋଇ ବ୍ୟାପକ କ୍ଷୟକ୍ଷତି କରୁଛନ୍ତି। ଜଙ୍ଗଲରେ ବନ ବିଭାଗ ଗଛ କାଟିବାକୁ ଅନୁମତି ଦେଉଥିବାରୁ ପରିବେଶ ଏବଂ ଜଳବାୟୁ ଉପରେ ଏହାର କୁପ୍ରଭାବ ପଡୁଛି।

# ଭେଙ୍କଟେଶ୍ୱର ସ୍କୁଲରେ ବିଜ୍ଞାନ ଓ ସାଂସ୍କୃତିକ ମେଳା

କୋଣାର୍କ (ଭାସ୍କର ନ୍ୟୁଜ): କୋଣାର୍କ ଭଗବତୀ ବିହାର ସ୍ଥିତ ଭେଙ୍କଟେଶ୍ୱର ଇଂରାଜୀ ମିଡିୟମ ସ୍କୁଲରେ ବିଜ୍ଞାନ ଓ ସାଂସ୍କୃତିକ ମେଳା ମହାସମାରୋହ ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଦେଶକ ମାନସ କୁମାର ମୁଦୁଲିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ କୋଣାର୍କ ଭଗବତୀ ମହାବିଦ୍ୟାଳୟର ଅଧକ୍ଷ ଅବତାର ମିଶ୍ର, ଉତ୍କଳ ଶିକ୍ଷା ବିକାଶ ପରିଷଦର ଅଧକ୍ଷ ମଙ୍ଗୁଳି ଚରଣ ମହାନ୍ତି, ସଂପାଦକ ସୁରେନ୍ଦ୍ର କୁମାର ଖୁଣ୍ଟିଆ, ଅଧ୍ୟାପକ କ୍ୟାପେଟେନ ବିନୟ ଭୂଷଣ ମହାନ୍ତି ଓ ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠାତା ଗୁଣନିଧି ମୁଦୁଲି ଓ ଭେଙ୍କଟେଶ୍ୱର ବିଦ୍ୟାଳୟର ଅଧକ୍ଷ ପ୍ରସାଦ ରଞ୍ଜନ ପାତ୍ର ପ୍ରମୁଖ ଯୋଗ ଦେଇ ସାମ୍ପ୍ରତିକ ସମୟରେ ବିଜ୍ଞାନର ଦୈନନ୍ଦିନ ଜୀବନରେ ବ୍ୟବହାର ଓ ଉପଯୋଗୀ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିବେକାନନ୍ଦ ଓ ଭେଙ୍କଟେଶ୍ୱର ସ୍କୁଲର ଶତାଧିକ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ୯୫ ଗୋଟି ବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ ଉନ୍ନତଧରଣ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା।

# ଜୀବିକା ମିଶନ ଇସି ସଂଘର ସାଧାରଣ ବୈଠକ



ମାଲକାନଗିରି (ଭାସ୍କର ନ୍ୟୁଜ): ନିଖିଳ ଓଡ଼ିଶା ଜିବୀକା ମିଶନ ଇସି ସଂଘ ମାଲକାନଗିରି ଜିଲ୍ଲା କମିଟିର ସାଧାରଣ ବୈଠକ ମାଲକାନଗିରି ମିଶନ ଶକ୍ତି ହଲ୍ ଠାରେ ଜିଲ୍ଲା ସଭାପତି ରୀନା କଓ୍ୱାସୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଜୀବିକା ମିଶନ ଓ ମିଶନ ଶକ୍ତିର ତୃଣମୂଳ ସ୍ତରରେ ଥିବା ସଦସ୍ୟଙ୍କ ରିଷ୍ଟରକଚରିଙ୍ଗ୍ ବନ୍ଦ କରି ସ୍ଥାୟୀ ନିଯୁକ୍ତି ଦେବା ଓ ଅନ୍ୟାନ୍ୟ ସମସ୍ୟା ସମାଧାନ ପାଇଁ ଆଗାମୀ ଫେବୃଆରୀ ୦୪ ତାରିଖ ଦିନ ମାଲକାନଗିରି ଜିଲ୍ଲାପାଳ ଅଫିସ୍ ଘେରାଉ କରି ଉପମୁଖ୍ୟ ମନ୍ତ୍ରୀ ତଥା ମିଶନ ଶକ୍ତି, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯିବ। ସରକାର ଘୋଷଣା କରିଥିଲେ ମିଶନ ଶକ୍ତି ବନ୍ଦ ହେବ ନାହିଁ ବରଂ ଅଧିକ ଶକ୍ତିଶାଳୀ କରାଯିବ, କିନ୍ତୁ ଗତ ଜାନୁଆରୀ ୦୮ ତାରିଖରେ ଓଡ଼ିଶା ଜିବୀକା ମିଶନର ମିଶନ ନିର୍ଦ୍ଦେଶକ ତଥା ସିଇଓ ଜିଲ୍ଲାପାଳ ମାନଙ୍କୁ ଜିପିଏଲ୍ଏଫ୍ ଓ ସିଏଲ୍ଏଫ୍ ମାନଙ୍କ ର ସଭାପତି ଓ ସମ୍ପାଦକ ରିଷ୍ଟ୍ରକଚରିଙ୍ଗ୍ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ତୀବ ବିରୋଧ କରିବା ପାଇଁ ରାଜ୍ୟ ବ୍ୟାପି ଆନ୍ଦୋଳନ ଜାରି ରହିଛି ଏବଂ ଏହି କ୍ରମରେ ଆସନ୍ତା ଫେବୃୟାରୀ ୦୪ ତାରିଖରେ ମାଲକାନଗିରି ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ବିଶାଳ ଗଣ ବିକ୍ଷୋଭ ପାଇଁ ସାଧାରଣ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ କୋରାପୁଟ ଜିଲ୍ଲା ନେତ୍ରୀ ସଂଧାରାଣୀ ମହାନ୍ତି, ଜୟନ୍ତୀ ପ୍ରଧାନ, ମିଥୁଳା ଶିଷା, ପୂର୍ଣ୍ଣିମା ସେଠୀ, ଏଆଇଟିୟୁସି ରାଜ୍ୟ କାର୍ଯ୍ୟକାରି କମିଟି ସଭ୍ୟ ପ୍ରମୋଦ କୁମାର ମହାନ୍ତି, ଏଆଇଟିୟୁସି ମାଲକାନଗିରି ଜିଲ୍ଲା ସଂଗଠକ ଦୁର୍ଗା ମହାନନ୍ଦିଆ ପ୍ରମୁଖ ଉପସ୍ଥିତ ଥିଲେ।

# ନିପୁଣ ଓଡ଼ିଶା ମେଳାରେ ଯୋଡିହେଲେ ଛାତ୍ରଛାତ୍ରୀ ଓ ଅଭିଭାବକ



କଣାସ (ଭାସ୍କର ନ୍ୟୁଜ): ନିପୁଣ ଓଡ଼ିଶା ମେଳା ରେ ପ୍ରଦର୍ଶିତ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନରେ ବ୍ୟବହୃତ ଶିକ୍ଷଣ ସାମଗ୍ରୀ ଓ ଶିକ୍ଷକମାନଙ୍କ ଦ୍ୱାରା ତାହାର ପିଲାମାନଙ୍କ ମନୋଲୋଭା ଉପସ୍ଥାପନ ପ୍ରାରମ୍ଭିକ ଶ୍ରେଣୀର ଛାତ୍ରଛାତ୍ରୀ ମାନଙ୍କ ଶିକ୍ଷଣକୁ ଆନନ୍ଦଦାୟୀ ଓ ଫଳପ୍ରଦ କରିପାରିବ ବୋଲି କଣାସ ବ୍ଲକ ଅନ୍ତର୍ଗତ ବାରଦା ବାଦଲପୁର ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାଧନ କେନ୍ଦ୍ରର ଗଡସାନପୁଟ ପ୍ରାଥମିକ ବିଦ୍ୟାଳୟ ଠାରେ ଆୟୋଜିତ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳାରେ ଉପସ୍ଥିତ ଅଭିଭାବକମାନେ ମତ ବ୍ୟକ୍ତ କରିଛନ୍ତି। ସାଧନ କେନ୍ଦ୍ର ସଂଯୋଜକ ଭୂପତି ଭୂଷଣ ତ୍ରିପାଠୀଙ୍କ ସଂଯୋଜନା ଓ ପ୍ରଧାନ ଶିକ୍ଷକ ନରସିଂହ ଗୁମାନସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନ ସଭାରେ ଅତିଥି ରୂପେ ଗଡବଡ଼ପୁଟ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରାଜଲକ୍ଷ୍ମୀ ମହାରଣା, ଲୋକ ପ୍ରତିନିଧି ମାଧବ ଡ଼ାବୁଲି, ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷା ସନ୍ଧ୍ୟାରଣି ସ୍ୱାଇଁ ପ୍ରମୁଖ ଯୋଗଦେଇ ଥିଲେ। ଏହି ମେଳାରେ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଶ୍ରେଣୀ ଯୁକ୍ତ ପ୍ରଥମରୁ ତୃତୀୟ ଶ୍ରେଣୀ ଛାତ୍ର ଛାତ୍ରୀ ମାନଙ୍କ ଭାଷା ଓ ଗଣିତରେ ଆବଶ୍ୟକୀୟ ପାରଦର୍ଶିତା ପାଇଁ ଶିକ୍ଷକ ମାନଙ୍କ ଦ୍ୱାରା ବ୍ୟବହୃତ ଶିକ୍ଷଣ ସାମଗ୍ରୀ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ସମ୍ମୁଖରେ ପ୍ରଦର୍ଶିତ କରାଯାଇଥିଲା। ଶିକ୍ଷକ ବିଭୂତି ଭୂଷଣ ପରିଡ଼ା, ପୀତବାସ ବରାଳ, କାମଦେବ ସେଠୀ, ଦୀନବନ୍ଧୁ ବରାଳ, ପ୍ରଦୀପ ଦାସ, ନବକୃଷ୍ଣ ଜେନା ଓ ଶିକ୍ଷୟତ୍ରୀ ପ୍ରଭାସିନୀ ଦାସ, ମମତା ସାହୁ, ଅନିତା ନାୟକ ପ୍ରମୁଖ ଶିକ୍ଷଣ ସାମଗ୍ରୀର ବ୍ୟବହାର ଦ୍ୱାରା ଶିକ୍ଷଣ କାର୍ଯ୍ୟ ସମ୍ପର୍କରେ ଅଭିଭାବକ ମାନଙ୍କୁ ବୁଝାଇଥିଲେ।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡାସ୍ଥିତ ମଦ୍ରାସା ଇସଲାମିଆ ମୋହିଉଦ୍ଦିନର ଶିକ୍ଷକ ସେକ ଗୟାସୁଦ୍ଦିନଙ୍କୁ ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଓଡିଶା ମଦ୍ରାସା ସଙ୍ଘର ସମ୍ପାଦକ ଅବଦୁଲ କାସିମ ବେଗ ମୁଖ୍ୟ ଅତିଥିରୂପେ ଯୋଗଦାନ କରି ଅବସର ଗ୍ରହଣ କରିଥିବା ଶିକ୍ଷକଙ୍କ ସମୟାନୁବର୍ତ୍ତିତା, କର୍ତ୍ତବ୍ୟନିଷ୍ଠା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ସିଆରସିସି ମହାମେଘ ବାହନ ସ୍ୱାଇଁ, ସେକ ଓ୍ୱାଜିଦ, ଆଇନଜୀବୀ ସେକ ଅଜିମୁଦ୍ଦିନ, ପ୍ରଧାନ ଶିକ୍ଷକ ମହମ୍ମଦ ଆଲିମ ଖାଁ ପ୍ରମୁଖ ଅତିଥିରୂପେ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ସଭାପତି ସେକ ଜଲାଲ ଉଦ୍ଦିନ ସଭାପତିତ୍ୱ କରିଥିଲେ।

# ଆଜିଠାରୁ ଢେଙ୍କାନାଳ ଜିଲ୍ଲାରେ ଧାନ କିଣିବେ ମିଲର



ଢେଙ୍କାନାଳ (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲାରେ ଧାନ କିଣାକୁ ନେଇ ମିଲର ଓ ମନ୍ତ୍ରୀଙ୍କ ମଧ୍ୟରେ ବିବାଦରୁ ଜିଲ୍ଲାରେ ଧାନ କିଣା ଠପ ହୋଇଯାଇଥିଲା। ଧାନ କିଣିବୁ ନାହିଁ ବୋଲି ମିଲରଙ୍କ ଧର୍ମଘଟ ଯୋଗୁଁ ଜିଲ୍ଲାରେ ଗତ ୨୪ ତାରିଖରୁ ଧାନ କିଣା ସମ୍ପୂର୍ଣ ବନ୍ଦ ରହିଥିଲା। ତେବେ ମିଲର ଓ ଜିଲ୍ଲା ପ୍ରଶାସନ ମଧ୍ୟରେ ବାରମ୍ବାର ଆଲୋଚନା ବିଫଳ ହେବା ନେଇ ଚାଷୀ ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିରହିଥିଲା। ଏପରିକି ଆଜି ସଦର ବ୍ଲକ ଅନ୍ତର୍ଗତ ବେଲଟିକିରି ସମବାୟ ସମିତି ଅଧୀନରେ ଆସୁଥିବା ପ୍ରାୟ ୭/୮ଟି ଗ୍ରାମର ଚାଷୀ ମାନେ ଚନ୍ଦ୍ରଶେଖର ଆଞ୍ଚଳିକ ବିକାଶ ପରିଷଦ ନେତୃତ୍ୱରେ ଆନ୍ଦୋଳନ ପାଇଁ ଧାନ ବସ୍ତା ଧରି ରାସ୍ତାକୁ ଓହ୍ଲାଇଥିଲେ। ଢେଙ୍କାନାଳ- ଗଁନ୍ଦିଆ ମୁଖ୍ୟ ରାସ୍ତା କାଇମାଟି ଠାରେ ରାସ୍ତା ଉପରେ ଧାନ ବସ୍ତା ରଖି ଶହ ଶହ ସଂଖ୍ୟାରେ ଚାଷୀ ରାସ୍ତାରେ ବସିରହି ଅବରୋଧ କରି ଥିଲେ। ସକାଳ ୯ଟା ସମୟରୁ ଏହି ରାସ୍ତା ଅବରୋଧ ଯୋଗୁଁ ଢେଙ୍କାନାଳରୁ କପିଳାଶ, ବିଶ୍ୱ ପ୍ରସିଦ୍ଧ ମହିମା ଧର୍ମପୀଠ ଜୋରନ୍ଦା, ଗଁନ୍ଦିଆ ଓ ଗଁନ୍ଦିଆ ଦେଇ ଭୁବନକୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଥିଲା। ଚାଷୀଙ୍କ ଆନ୍ଦୋଳନ ପରେ ଧାନ କିଣାକୁ ନେଇ ଢେଙ୍କାନାଳରେ ମିଲର ଓ ମନ୍ତ୍ରୀଙ୍କୁ ନେଇ ଲାଗି ରହିଥିବା ବିବାଦକୁ ଆଜି ଅପରାହ୍ଣରେ ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ବିଧାୟକ ବିଭୂତିଭୂଷଣ ପ୍ରଧାନ, ଶତୃଘ୍ନ ଜେନା ଓ ସୀମାରାଣୀ ନାୟକଙ୍କ ଉପସ୍ଥିତିରେ ସର୍କିଟ ହାଉସଠାରେ ଅନୁଷ୍ଠିତ ଜିଲାପାଳ ସୋମେଶ ଉପାଧ୍ୟାୟଙ୍କ ଉପସ୍ଥିତିରେ ଜିଲ୍ଲା ମିଲର ଆସୋସିଏସନ ସଂଘଙ୍କ ମଧ୍ୟରେ ମିଳିତ ବୈଠକ ପରେ ମିଲର ମାନେ ତାଙ୍କ ଧର୍ମଘଟରୁ ଓହରିଛନ୍ତି। ଫଳରେ ଗତ ୨୪ତାରିଖ ଠାରୁ ଢେଙ୍କାନାଳ ଜିଲ୍ଲାରେ ବନ୍ଦ ରହିଥିବା ଧାନ ମଣ୍ଡି ଆସନ୍ତାକାଲି ବୁଧବାର ଠାରୁ ପୁଣି ସ୍ୱାଭାବିକ ହେବ ବୋଲି ସୂଚନା ମିଳିଛି। ଜିଲ୍ଲାର ଚାଷୀ ମାନଙ୍କ ସ୍ୱାର୍ଥଦୃଷ୍ଟିରୁ ସମସ୍ତ ମତଭେଦ ଭୁଲି ଜିଲ୍ଲାପାଇଁ ସମସ୍ତେ ମିଶି କାମ କରିବା ପାଇଁ ବୈଠକରେ ସମସ୍ତେ ମତ ରଖିଥିଲେ।

# ବାପି ମହାନ୍ତିଙ୍କୁ 'ତାଳଚେର ଗର୍ବ ଗୌରବ' ସମ୍ମାନ

ତାଳଚେର (ଭାସ୍କର ନ୍ୟୁଜ): ଉପଖଣ୍ଡ ପ୍ରଶାସନ ତରଫରୁ ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ସମାଜସେବୀ ବାପି ମହାନ୍ତିଙ୍କୁ 'ତାଳଚେର ଗର୍ବ ଗୌରବ' ସମ୍ମାନରେ ସମ୍ମାନିତ କରାଯାଇଛି।



ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ଠାରେ ଆୟୋଜିତ ସମାରୋହ ଅବସରରେ ଉପଜିଲ୍ଲାପାଳ ସମୀର କୁମାର ଜେନା ଶ୍ରୀ ମହାନ୍ତିଙ୍କୁ 'ତାଳଚେର ଗର୍ବ ଗୌରବ ସମ୍ମାନ - ୨୦୨୫' ପୂର୍ବକ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଶ୍ରୀ ମହାନ୍ତି ଅନେକ ସାମାଜିକ ଅନୁଷ୍ଠାନ ସହ ଜଡ଼ିତ ରହିବାସହ ବହୁ ବର୍ଷ ଧରି ସମାଜସେବା କାର୍ଯ୍ୟ କରି ଆସୁଛନ୍ତି। ବିଶେଷ କରି ରୋଗୀ ସେବା, ଗରିବ ଲୋକଙ୍କ ସେବା, ରକ୍ତ ଦାନ ଆଦି କାର୍ଯ୍ୟରେ ନିଜକୁ ନିୟୋଜିତ କରି 'ମାନବ ସେବା ହିଁ ମାଧବ ସେବା' ଉକ୍ତିକୁ ସାର୍ଥକ କରିଛନ୍ତି। ଏହାକୁ ହୃଦବୋଧ କରି ତାଳଚେର ପ୍ରଶାସନ ତରଫରୁ ଶ୍ରୀ ମହାନ୍ତିଙ୍କୁ ଏଭଳି ସମ୍ମାନ ପ୍ରଦାନ କରାଯାଇଛି।

# ୟୁବି ହାଇସ୍କୁଲ ଏୟାର ଉଇଙ୍ଗ୍ର କୃତିତ୍ୱ

ଭଞ୍ଜନଗର (ଭାସ୍କର ନ୍ୟୁଜ): ଚଳିତ ବର୍ଷ ଖୁବ୍ ଜାକଜମକରେ ସ୍ଥାନୀୟ ଉପେନ୍ଦ୍ର ଭଞ୍ଜ ଷ୍ଟାଡିୟମ୍, ଭଞ୍ଜନଗର ଠାରେ ଅନୁଷ୍ଠିତ ହୋଇଯାଇଅଛି ଭଂଜନଗର ଉପଖଣ୍ଡସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ। ଏହି ଉତ୍ସବରେ ଭଞ୍ଜନଗର ଉପଜିଲ୍ଲାପାଳ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଉପଖଣ୍ଡ ସ୍ତରୀୟ ପରେଡ଼ର ଅଭିବାଦନ ଗ୍ରହଣ କରିଥିଲେ। ଉକ୍ତ ପ୍ୟାରେଡ଼ରେ ୟୁବି ହାଇସ୍କୁଲ ଆର୍ମୀ, ନାଭାଲ୍, ଏୟାର ଓ୍ୱିଙ୍ଗ, ଉପେନ୍ଦ୍ର ଭଞ୍ଜ ସ୍କାଉଟ୍, ଭଂଜନଗର କଲେଜ୍ ଆର୍ମୀ, ନାଭାଲ୍ ସମେତ ମୋଟ ୨୩ ଟି ଦଳ ଯୋଗଦେଇ ଥିଲେ। ପ୍ୟାରେଡ୍ ପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ଅତିଥି ଗଣ ପୁରସ୍କୃତ କରିଥିଲେ। ପରିଶେଷରେ ପ୍ୟାରେଡ୍ ର ପୁରସ୍କାର ବଣ୍ଟନ କରାଯାଇଥିଲା। ଏଥିରେ କଲେଜ୍ ଆର୍ମୀ,ନାଭାଲ୍ ସିନିଅର ଡିଭିଜନର ପୁରସ୍କାର ଜିତିଥିଲେ। ଜୁନିଅର ଚାମ୍ପିଅନ ହୋଇଥିଲେ ୟୁ. ବି. ହାଇସ୍କୁଲ ଏନ୍ ସି ସି ଏୟାର ଓ୍ୱିଙ୍ଗ୍, ନାଭାଲ୍ ଟ୍ରୁପ୍ ରନର୍ ହୋଇଥିଲେ ଏବଂ ଉପେନ୍ଦ୍ର ଭଞ୍ଜ ଗାଇଡ୍ ରନର୍ ଭାବରେ ପୁରସ୍କୃତ ହୋଇଛନ୍ତି।

# ସିଆରଏମ ପବ୍ଲିକ ସ୍କୁଲ୍ର ବାର୍ଷିକ ଉତ୍ସବ

କେନ୍ଦୁଝର (ଭାସ୍କର ନ୍ୟୁଜ): ଜ୍ଞାନର ପିପାସାକୁ ପରିବ୍ୟାପ୍ତ କରିବା ସହ ଜିଜ୍ଞାସାକୁ ବୃଦ୍ଧି କଲେ ସମାଜର କଲ୍ୟାଣ ସାଧିତ ହୋଇପାରିବ ବୋଲି କେନ୍ଦୁଝର ଜିଲ୍ଲାର ନରଣପୁର ଠାରେ ସିବିଏସଇ ପାଠ୍ୟକ୍ରମରେ ପରିଚାଳିତ ପ୍ରତିଷ୍ଠିତ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ ସିଆରଏମ ପବ୍ଲିକ ସ୍କୁଲର ଦଶମବାର୍ଷିକ ଉତ୍ସବରେ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ଉପସ୍ଥିତ ଅତିଥୀଙ୍କ ଉପସ୍ଥିତିରେ ପ୍ରଦ୍ୱୀପ ପ୍ରଜ୍ୱଳନ ପରେ ବିଦ୍ୟାଳୟର ଶିକ୍ଷକ ଜୟ ନାରାୟଣ ଶର୍ମା ଗଣେଶ ବନ୍ଦନା ପରିବେଷଣ କରିଥିଲେ। ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଧରଣୀଧର ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନର ସହକାରୀ ପ୍ରାଧ୍ୟାପକ ଡକ୍ଟର ପ୍ରକାଶ ଚନ୍ଦ୍ର ପାଲ ପିଲାଙ୍କୁ ନିଜର ମାତୃଭାଷାକୁ ଭଲ ପାଇବା ସହିତ ପିଲାଙ୍କ ଶିକ୍ଷା କ୍ଷେତ୍ରରେ ବାଧ ନକରି ଶିଶୁଙ୍କ ରୁଚି ପ୍ରତିଭାର ବିକାଶ ଦିଗରେ ସୁଯୋଗ ଦେବା ଉଚିତ। ପିଲାଙ୍କୁ ପୁସ୍ତକ କୀଟ ନକରି ସେମାନଙ୍କ ଭାବନାକୁ ଅଭିଭାବକ ମାନେ ପ୍ରେରଣା ପ୍ରଦାନ କରିବା ଉଚିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଆକାଶବାଣୀ କେନ୍ଦୁଝରର କାର୍ଯ୍ୟକ୍ରମ ନିଷ୍ପାଦିକା ଅନିତା ତିର୍କୀ ଯୋଗଦେଇ ବିଦ୍ୟାଳୟର ପାଠ୍ୟକ୍ରମ କେବଳ ଶିକ୍ଷାରେ ସୀମିତ ନ ରହି ଉତ୍ତମ ବ୍ୟକ୍ତିତ୍ୱ ଗଠନ କରିବା ଉପରେ ଜୋର ଦେବାର ଆବଶ୍ୟକତା ରହିଥିବା କହିଥିଲେ। ମୁଖ୍ୟ ବକ୍ତା ଭାବେ ଡକ୍ଟର ଧୀରେନ ମହାନ୍ତି ଯୋଗଦେଇ ପିଲାଙ୍କୁ ମାଆ, ମାଟି ଓ ମାତୃଭାଷାକୁ ଚିହ୍ନିବା ପାଇଁ କହିଥିଲେ। ସିଆରଏମ ପବ୍ଲିକ ସ୍କୁଲର ଅଧକ୍ଷା କୁମୁଦିନି ରାଉତ ବିଦ୍ୟାଳୟର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ବିଦ୍ୟାଳୟର ଉପାଧକ୍ଷା ରଶ୍ମିରେଖା ଦାସ ସଭା ପରିଚାଳନା କରିଥିବାବେଳେ ଛାତ୍ରଛାତ୍ରୀ ମାନେ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ପାନୀୟଜଳ ସଙ୍କଟ: ଗରା, ବାଲଟି ଧରି ରାସ୍ତାରୋକ



ଢେଙ୍କାନାଳ (ଭାସ୍କର ନ୍ୟୁଜ): ଗ୍ରୀଷ୍ମ ଆସିବା ପୂର୍ବରୁ ପାନୀୟଜଳ ସଙ୍କଟ। ଯାହାକୁ ନେଇ ଢେଙ୍କାନାଳ-କାମାକ୍ଷାନଗର ମୁଖ୍ୟ ରାସ୍ତାର ବିଜାଡିହ ଗାଁ ଛକରେ ଗରା, ବାଲଟି ଧରି ଗ୍ରାମର ମହିଳାମାନଙ୍କ ଆନ୍ଦୋଳନ ଦେଖିବାକୁ ମିଳିଛି। ବିଜାଡିହ ଗ୍ରାମ ଜୁଆଙ୍ଗ ସାହିର ଲୋକମାନେ ଗତ ଏକମାସ ହେବ ପାନୀୟଜଳ ସମସ୍ୟାକୁ ନେଇ ହନ୍ତସନ୍ତ ହେଉଥିବା ଅଭିଯୋଗ କରିଛନ୍ତି। ଯଦିଓ ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଣ ପାଇପ ବିଛା ହୋଇଛି। ତେବେ କିଛି ଅସାଧୁଙ୍କ ଯୋଗୁଁ ପାନୀୟ ଜଳ ଜୁଆଙ୍ଗ ସାହିକୁ ଯାଇ ପାରୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ପ୍ରାୟ ୩୦ ଗୋଟି ପରିବାର ପାନୀୟଜଳ ପାଇବାରୁ ବଂଚିତ ରହିଛନ୍ତି। ଏ ନେଇ ଘଟଣାସ୍ଥଳରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଯନ୍ତ୍ରୀ ପ୍ରହ୍ଲାଦ ନାଥ, କାମାକ୍ଷାନଗର ଥାନା ଅଧିକାରୀ ପହଂଚି ଲୋକଙ୍କୁ ବୁଝା ସୁଝା କରି ଗ୍ରାମକୁ ଜଳ ଯୋଗାଣର ପ୍ରତିଶୃତି ଦେବା ପରେ ମହିଳାମାନେ ରାସ୍ତାରୋକରୁ ଉଠିଯାଇଥିଲେ।

# ଏଲଆଇସି ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ

ବାଲୁଗାଁ (ଭାସ୍କର ନ୍ୟୁଜ): ବାଲୁଗାଁ ଭାରତୀୟ ଜୀବନ ବୀମା ନିଗମ ପକ୍ଷରୁ ୭୬ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଶାଖା ପରିଚାଳକ ଅନୟ କୁମାର ମହାନ୍ତି ପତାକା ଉତ୍ତୋଳନ କରିଥିବା ବେଳେ ସମସ୍ତ ସଦସ୍ୟଙ୍କ ଗହଣରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଏହି ଅବସରରେ ଶାଖା ପରିଚାଳକ ଶ୍ରୀ ମହାନ୍ତି, ମୋହିତି ପଟେଲଙ୍କ ନେତୃତ୍ୱରେ ବିଭିନ୍ନ ଦିଗରେ ସଫଳତା ହାସଲ କରିଥିବା ଅଭିକର୍ତାମାନଙ୍କୁ ପୁରସ୍କୃତ ପ୍ରଦାନ କରାଯାଇଥିଲା। ଶାଖାକୁ ସୁଦୃଢ କରିବା, ବ୍ୟବସାୟୀରେ ଯେପରି ଭୁବନେଶ୍ୱର ମଣ୍ଡଳ ଅଧୀନରେ ବାଲୁଗାଁ ଶାଖା ଏକ ନମ୍ବର ହୋଇପାରିବ ଶ୍ରୀ ମହାନ୍ତି ଅଭିକର୍ତ୍ତାମାନଙ୍କୁ ଗୁରୁ ମନ୍ତ୍ର ଦେଇଥିଲେ। ଚଳିତ ବର୍ଷ ଜନହିତକର କାର୍ଯ୍ୟକୁ ଗୁରୁତ୍ୱ, ନିରପେକ୍ଷ ଭାବେ ଗ୍ରାହକ ଓ ଅଭିକର୍ତ୍ତା ମାନଙ୍କୁ ସାହାର୍ଯ୍ୟ, ସହଯୋଗ ପାଇପାରିବେ ସେନେଇ ଶାଖା ସଦ୍ୟସମାନଙ୍କୁ ପରାମର୍ଶ ଦିଆ ଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବାଲୁଗାଁ ଅଞ୍ଚଳର କରାଟେ ପ୍ରତିଭା କ୍ରୀଷ୍ଟା ଶିକାରୀ,ଦିବ୍ୟାଙ୍ଗନା ସାମନ୍ତରାୟଙ୍କୁ ଶାଖା କର୍ଯ୍ୟାଳୟ ତରଫରୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଲିୟାଫି ସଂଘ ସଭାପତି ତ୍ରିଲୋଚନ ସାହୁ,ସମ୍ପାଦକ ରତିକାନ୍ତ ସାହୁଙ୍କ ସମେତ ଅକ୍ଷୟ କୁମାର ସାହୁ, ଶିବଶକ୍ତି ଶାସମଲ, ବିନୋଦ ରାଉତରାୟ ପ୍ରମୁଖ ଅଭିକର୍ତ୍ତା ଓ ସମସ୍ତ ଉର୍ଣ୍ଣୟନ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଆସ୍ତିକ କୁମାର ଦଳାଇ ଓ ପ୍ରଦୀପ ବଳବନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଳି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ

ଆଳି (ଭାସ୍କର ନ୍ୟୁଜ): ଆଳି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଦୁର୍ଯ୍ୟୋଧନ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ପ୍ରଫେସର ରଞ୍ଜିତ କୁମାର ପ୍ରଧାନ ଯୋଗଦେଇ ନିଜ ବକ୍ତବ୍ୟରେ କହିଥିଲେ ଯେ, ଅନୁଷ୍ଠାନର ଛାତ୍ରଛାତ୍ରୀ, ଅଧାପକ ଅଧାପିକା ଓ ପୁରାତନ ଛାତ୍ରଛାତ୍ରୀ ସମ ପରିମାଣର ମଜବୁତ ହେବେ ତାହେଲେ ମହା ବିଦ୍ୟାଳୟ ସେତିକି ମଜବୁତ ହେବ। ଛାତ୍ର ସଂସଦର ଉପଦେଷ୍ଟା ପ୍ରାଧ୍ୟାପକ ବିକ୍ରମ କୁମାର ବେହୁରା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅଧକ୍ଷ ଶ୍ରୀ ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମ ଶେଷ ଭାଗରେ ଛାତ୍ରଛାତ୍ରୀ ମାନଙ୍କ ପକ୍ଷରୁ ଗୀତ, ନାଚ ପ୍ରତିଯୋଗିତା ସହିତ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିବା ବେଳେ ମହା ବିଦ୍ୟାଳୟର ଅଧାପକ, ଅଧାପିକା ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ।

# ବାରୁଦ କାରଖାନା ନିର୍ମାଣକୁ ବିରୋଧ




ଭଞ୍ଜନଗର (ଭାସ୍କର ନ୍ୟୁଜ): ଜଗନ୍ନାଥପ୍ରସାଦ ବ୍ଲକ କୁଡୁତାଇ ପଞ୍ଚାୟତ ଘାଟିପଲ୍ଲୀ ଗ୍ରାମରେ ୧୮୬.୯୮୮ ଏକର ଜମିରେ ସିଡିଇଟି ପକ୍ଷରୁ ବିସ୍ଫୋରକ କାରଖାନା ନିର୍ମାଣ ହେବ। ଏଥିପାଇଁ ଘାଟିପଲ୍ଲୀ ଓ ଲଣ୍ଡେଇହିଲ୍ ଅଞ୍ଚଳରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଭୁବନେଶ୍ୱର ଏକ ଅନୁଷ୍ଠାନ, ଏହାର ସର୍ବେକ୍ଷଣ ଦାୟିତ୍ୱ ନେଇଛି। ବିଭିନ୍ନ ସମୟରେ ସ୍ଥାନୀୟ ଲୋକଙ୍କ ନଥିପତ୍ର ନେବା ସହ ଲୋକଙ୍କୁ ଡ଼ରାଇ ଧମକାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସେହି କାରଣରୁ ମଙ୍ଗଳବାର ଦିନ ଘାଟପଲ୍ଲୀ ଠାରେ, ଭୂମି ସୁରକ୍ଷା ସମିତି ପକ୍ଷରୁ ଏକ ବଡଧରଣର ବୈଠକ ଅନୁଷ୍ଠିତ ହୋଇଯାଇଛି। କୌଣସି ପ୍ରକାରେ ବିସ୍ଫୋରକ ବାରୁଦ କାରଖାନା ନିର୍ମାଣ କରିବାକୁ ଦିଆଯିବ ନାହିଁ ବୋଲି ସ୍ଥାନୀୟ ଅଞ୍ଚଳବାସୀ ନାରାବାଜି କରିଥିଲେ। ଏହାକୁ ବିରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ସ୍ଥାନରେ ଅଞ୍ଚଳର ଲୋକମାନେ ମାଣ୍ଡିଆ ମୁଗ, କାଜୁ ଆଦି ଚାଷ କରି ଜୀବିକା ନିର୍ବାହ କରୁଥିବା ବେଳେ ଏଠାରେ ବାରୁଦ କାରଖାନାକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ। ଏହି କାର୍ଯ୍ୟକ୍ରମରେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ଅବସରପ୍ରାପ୍ତ କୃଷି ବିଜ୍ଞାନୀ ଉଷାରାଣୀ ଆଚାର୍ଯ୍ୟ, ବିଶ୍ୱେଶର ସାହୁ, କୁଡୁତାଇ ସରପଞ୍ଚ ପ୍ରତିନିଧି ଦେବରାଜ ଗୌଡ, ସମିତିସଭ୍ୟ ରବିନ୍ଦ୍ର କୁମାର ଦେଶଭି, ପ୍ରତାପୁର ସରପଞ୍ଚ ପ୍ରତିନିଧି ପପୁଗୈଡ, ଝାଡଭୂମି ପୂର୍ବତନ ସରପଞ୍ଚ ଟୁନା ମାଝି, କୁଡୁତାଇ ପୂର୍ବତନ ସରପଞ୍ଚ ଲକ୍ଷ୍ମୀକାନ୍ତ ସାମନ୍ତରାୟ, ସମିତିସଭ୍ୟ ପ୍ରଶନ୍ନ ନାୟକ, ସମାଜସେବୀ ପ୍ରଦିପ କୁମାର ନାୟକ, ସମାଜସେବୀ ଭାବନା ନାୟକ, ଘାଟିପଲ୍ଲୀ ଓ୍ୱାର୍ଡସଭ୍ୟ ରୋହିତ ନାୟକ ଏବଂ ଅବସରପ୍ରାପ୍ତ ଅଧାପକ ଖଡାଳ ସ୍ୱାଇଁଙ୍କ ସମେତ ଗ୍ରାମବାସୀ ପ୍ରମୁଖ ଯୋଗ ଦେଇଥିଲେ।

# ଅବଦୁଲ କରିମ ଖାନ୍ ମେମୋରିଆଲ ଫୁଟବଲ୍, ଫାଇନାଲରେ ଚାନ୍ଦ କ୍ଲବ



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): ଜାତୀୟ ସ୍ତରୀୟ ପଞ୍ଚମ ଅବଦୁଲ କରିମ ଖାନ ମେମୋରିଆଲ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଫକିରାବାଦ ଲକି ସ୍ପୋଟିଂ କ୍ଲବ ଆନୁକୂଲ୍ୟରେ କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ଖେଳପଡିଆରେ କ୍ଲବର ସଭାପତି ମହମ୍ମଦ ସଲିମ ଖାନ୍ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପ୍ରଥମ ସେମିଫାଇନାଲ ମ୍ୟାଚକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କୃଷ୍ଣଚନ୍ଦ୍ର ପଣ୍ଡା ଏବଂ ଟାଉନ ଥାନା ଅଧିକାରୀ ଦିଲ୍ଲିପ କୁମାର ସାହୁ ଯୋଗଦେଇଥିଲେ। ଗ୍ରୁପ୍- ଏର ପ୍ରଥମ ସେମିଫାଇନାଲ ମ୍ୟାଚରେ କେନ୍ଦ୍ରାପଡାର ଚାନ୍ଦ କ୍ଲବ କଟକର ଓଡିଶା ପୋଲିସ ଦଳକୁ ୧-୦ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍କୁ ରେଫରୀ ଭାବେ ପ୍ରଦୀପ୍ତ କୁମାର ମହାନ୍ତି, ମହମ୍ମଦ ସାକଲିନ, ସୁକାନ୍ତ ସିଂ ଓ ମହମ୍ମଦ ମୋକିମ ପ୍ରମୁଖ ପରିଚାଳନା କରିଥିଲେ। ବୁଧବାର ଅନୁଷ୍ଠିତ ହେବାକୁ ଥିବା ତୃତୀୟ ଲିଗମ୍ୟାଚ୍ରେ ଦିଲ୍ଲୀର ସ୍କ୍ୱାର୍ଡ ଦଳ କଟକର ମଙ୍ଗଳା କ୍ଲବକୁ ଭେଟିବ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ବୋଲଗଡ଼ (ଭାସ୍କର ନ୍ୟୁଜ): ନିଆରା ଢଙ୍ଗରେ ବୋଲଗଡ଼ ଗେଡିଆପଲ୍ଲୀରେ ପାଳିତ ହୋଇଛି ୭୬ତମ ସାଧାରଣତନ୍ତ୍ର ଦିବସ। ଭିନ୍ନ ଭିନ୍ନ ବେଶରେ ରାସ୍ତାରେ ନାଚିନାଚି ଗୀତ ଗାଇଗାଇ ଉତ୍ସବ ମନାଇଛନ୍ତି ଛାତ୍ରଛାତ୍ରୀ। ସାରା ଦେଶରେ ୭୬ତମ ସାଧାରଣତନ୍ତ୍ର ଦିବସ ବେଶ ଧୂମଧାମରେ ପାଳିତ ହେଉଥିବା ବେଳେ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ଗେଡିଆପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଏହି ସାଧାରଣତନ୍ତ୍ର ଦିବସକୁ ବେଶ ନିଆରା ଢଙ୍ଗରେ ପାଳନ କରିଛନ୍ତି। ଛାତ୍ରଛାତ୍ରୀମାନେ ବୀରପୁରୁଷ ମାନଙ୍କ ବେଶ ସହିତ ଭାରତମାତା ଏବଂ ଓଡିଶୀ ଇତ୍ୟାଦି ବେସଭୂଷରେ ସଜ୍ଜିତ ହୋଇଥିଲେ। ଦେଶାତ୍ମବୋଧକ ଗୀତର ତାଳେ ତାଳେ ନୃତ୍ୟ ପ୍ରଦର୍ଶନ କରି ଗେଡିଆପଲ୍ଲି ପଞ୍ଚାୟତର ବିଭିନ୍ନ ସାହି ସହିତ ବଜାର ଏବଂ ରାଜ ରାସ୍ତାରେ ପରିଭ୍ରମଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଏପରି ନୃତ୍ୟଗିତ ପ୍ରଦର୍ଶନ ଦେଖିବା ପାଇଁ ସାହି ରାସ୍ତା ଆଦିରେ ଜନସାଧାରଣ ମଧ୍ୟ ବେଶ ଉତ୍ସାହିତ ହୋଇଥିଲେ। ଛାତ୍ରଛାତ୍ରୀଙ୍କ ଏପରି ନିଆରା ଉଦ୍ୟମ ନେଇ ସ୍ଥାନୀୟ ଅଞ୍ଚଳରେ ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ର ଛାତ୍ରୀଙ୍କୁ ବେଶ ପ୍ରଶଂସା ମିଳିଛି।

## ରାସ୍ତା କାମ ନିମ୍ନମାନର, ତଦନ୍ତ ଦାବି



ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଗ୍ରାମପଞ୍ଚାୟତ କେନ୍ଦିଲୋସ୍ଥିତ ବାବା ତାରକଚନ୍ଦ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ତିଆରି କରାଯାଇଥିବା ରାସ୍ତା ଅତ୍ୟନ୍ତ ନିମ୍ନମାନର ହୋଇଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ ଦାବି ହୋଇଛି। ବାବା ତାରକଚନ୍ଦ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରକୁ ଗମନା ଗମନ କରିବା ନିମନ୍ତେ କୌଣସି ରାସ୍ତା ନଥିଲା। ବର୍ଷାଦିନେ ଛାତ୍ର ଛାତ୍ରୀମାନେ ପାଣିକାଦୁଅରେ ସରସର ହୋଇ ବିଦ୍ୟାଳୟକୁ ବହୁ କଷ୍ଟରେ ଯାଆସ କରୁଥିଲେ। ଏସମ୍ପର୍କରେ ରାଜ୍ୟର ପ୍ରମୁଖ ଗଣ ମାଧମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତରଫରୁ ରାସ୍ତା ନିର୍ମାଣ ନିମନ୍ତେ ଦେଢଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ନିଶ୍ଚିନ୍ତକୋଇଲି ବ୍ଲକର ବିଭାଗୀୟ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲା। ମାତ୍ର ବିଭାଗୀୟ ଯନ୍ତ୍ରୀ ଠାକୁର ଖାଇ ଖଟୁଲି ଖାଇବା ନୀତିରେ ଏହି ରାସ୍ତା ନିର୍ମାଣ କରିଥିବାର ଅଭିଯୋଗ ହୋଇଛି। ଏପରିକି ଅଟକଳ ଅନୁଯାୟୀ ରାସ୍ତା ନିର୍ମାଣ କରାଯାଇ ନଥିବାର ଅଭିଯୋଗ ହୋଇଛି। ରାସ୍ତା ନିର୍ମାଣରେ ମେଟାଲ ଓ ମୋରମ ବ୍ୟବହାର କରାଯାଇଥିଲେ ମଧ୍ୟ ଏହାକୁ ରୋଲିଂ କରାଯାଇନଥିବାର ଅଭିଯୋଗ ହୋଇଛି। ଫଳରେ ରାସ୍ତା ନିର୍ମାଣର ମାତ୍ର ଅଳ୍ପ ଦିନ ପରେ ରାସ୍ତାରୁ ମେଟାଲ ଓ ମୋରମ ବାହାରି ପଡିଥିବାର ଅଭିଯୋଗ ହୋଇଛି। ରାସ୍ତାର ବିଭିନ୍ନ ସ୍ଥାନରେ ବଡବଡ ଗାତ ସୃଷ୍ଟି ହୋଇଛି। ଫଳରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ବିଦ୍ୟାଳୟ ପରିସରକୁ ଯିବା ନିମନ୍ତେ ନାହିଁ ନଥିବାର ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି। ଏପରିକି ଏହି ରାସ୍ତା ନିର୍ମାଣ ନିମନ୍ତେ କେଉଁ ଯୋଜନାରେ କେତେଟଙ୍କା ମଞ୍ଜୁର ହୋଇଛି ସେ ସମ୍ପର୍କରେ କୌଣସି ସୂଚନା ଫଳକ ଦିଆନଯାଇ ଲୋକଙ୍କୁ ଅନ୍ଧାରଘେରରେ ରଖାଯାଇଥିବାର ଅଭିଯୋଗ ହୋଇଛି। ଅପରପକ୍ଷରେ ବିଭାଗୀୟ ଯନ୍ତ୍ରୀ ନାମକୁ ମାତ୍ର କାର୍ଯ୍ୟ କରି ସରକାରୀ ରାଜକୋଷରୁ ଲକ୍ଷାଧିକ ଟଙ୍କା ଲୁଟି ନେବା ନିମନ୍ତେ ମସୁଧା ଚଳାଇଥିବାର ଲୋକେ ଅଭିଯୋଗ କରିଛନ୍ତି। ତେବେ ଏହି ରାସ୍ତା ନିର୍ମାଣରେ ହୋଇଥିବା ଅନିୟମିତତାର ଉଚ୍ଚ ସ୍ତରୀୟ ତଦନ୍ତ କରାଯିବା ନିମନ୍ତେ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ମହାକୁମ୍ଭ ଅଭିମୁଖେ 'ପୁରୀ ସେଣ୍ଟ ଜନ୍' ଆମ୍ବୁଲାନ୍ସ



ପୁରୀ (ଭାସ୍କର ନ୍ୟୁଜ): ଆସ୍ଥା ବିଶ୍ୱାସର ମହାସଂଗମ ପ୍ରୟାଗରାଜରେ ମହାକୁମ୍ଭରେ ସମାଗମ ହେଉଛି କୋଟି କୋଟି ଭକ୍ତ। ଅନେକ ପ୍ରତିକୂଳ ପରିସ୍ଥିତିରେ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଯୋଗଦେବା ପାଇଁ ଭାରତବର୍ଷ ଓ ବିଶ୍ୱର କୋଣ ଅନୁକୋଣ ଆସି ମା' ଗଙ୍ଗା ପୂଜନ ଓ ଗଙ୍ଗା ସ୍ନାନ କରୁଛନ୍ତି। ଯାହାକୁ ଲକ୍ଷ୍ୟକରି ଉତ୍ତର ପ୍ରଦେଶ ରେଡକ୍ରସ ସୋସାଇଟିର ନିବେଦନ କ୍ରମେ ଓଡିଶା ସେଣ୍ଟଜୋନ ଆମ୍ବୁଲାନ୍ସ ପକ୍ଷରୁ କୋଟି କୋଟି ଭକ୍ତଙ୍କୁ ସେବା ଦେବା ପାଇଁ ପୁରୀ ଜିଲ୍ଲା ସେଣ୍ଟ ଜନ୍ ଆମ୍ବୁଲାନ୍ସର ଯୁଗ୍ମ ସଂପାଦକ ମଧୁସୂଦନ ମିଶ୍ରଙ୍କ ନେତୃତ୍ୱରେ ଏକ ଏଗାର ଜଣିଆ ସ୍ୱେଚ୍ଛାସେବୀ ଦଳ ଆଜି ପ୍ରୟାଗରାଜ୍ର ମହାକୁମ୍ଭ ଅଭିମୁଖେ ପୁରୀ ରୁ ଯାତ୍ରା ଆରମ୍ଭ କରିଛନ୍ତି। ସେବା-ସମର୍ପଣ ସହ,ଏହି ଦଳ ଭକ୍ତମାନଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇଦେବେ। ସ୍ୱାସ୍ଥ୍ୟ ସେବା ସହ ସ୍ୱଚ୍ଛ ଭାରତବର୍ଷ ଓ ତମାଖୁ ମୁକ୍ତ ବିଶେଷକରି ଶ୍ରୀଜଗନ୍ନାଥ ସଂସ୍କୃତି ଓ ଓଡ଼ିଶାର ମହାନୀୟତା ନେଇ ଉତ୍ତରପ୍ରଦେଶରେ ସଚେତନତା ସୃଷ୍ଟି କରିବେ। ଏଥିପାଇଁ ଅନୁଷ୍ଠିତ ପ୍ରସ୍ତୁତି ସଭାରେ ଯୁଗ୍ମ ସଂପାଦକ ମଧୁସୂଦନ ମିଶ୍ର, ଜଗନ୍ନାଥ ଧାମର କମାଣ୍ଡର ଲାଲା ଅନନ୍ତ ସିଂଙ୍କ ସମେତ ଉପଦେଷ୍ଟା ଡକ୍ଟର ବଦ୍ରି ମିଶ୍ର ଓ ଚକ୍ରଧର ମହାପାତ୍ରଙ୍କ ସମେତ କ୍ୟାଡେଟ ନିରଞ୍ଜନ ମହାପାତ୍ର, ଅଜୟ କୁମାର ପ୍ରଧାନ, ଡାକ୍ତର ପବିତ୍ର ପ୍ରଧାନ, ରମାକାନ୍ତ ଜେନା, ଜି ବାପି, ଚିନ୍ତାମଣି ପାଢୀ, ପ୍ରଣବ ମହାପାତ୍ର, ଗଣେଶ ମାଲିଆ, ରଞ୍ଜନ ଅଗ୍ରୱାଲ ଉପସ୍ଥିତ ଥିଲେ । ଏହାସହ ଭୁବନେଶ୍ୱରରୁ ଦୁଇଜଣ କ୍ୟାଡେଟ ଗଣେଶ ବାରିକ ଓ ସନ୍ତୋଷ ବେହେରା ପ୍ରମୁଖ ସ୍ୱାସ୍ଥ୍ୟ ଶିବିରରେ ସେବା ଯୋଗାଇବେ। ଏହି ଟିମ ୭ଦିନ ପ୍ରୟାଗରାଜରେ ସ୍ୱାସ୍ଥ୍ୟ ଶିବିରରେ ୨୪ଘଣ୍ଟିଆ ସେବା ଯୋଗାଇବ। ସରସ୍ୱତୀ ପୂଜା ଦିନ ସାହି ସାନ୍ନ ବା ଅମୃତ ସାନ୍ନରେ ମଧ୍ୟ ସେବା ଯୋଗାଇବ। ଆମ୍ବୁଲାନ୍ସ ଟିମ ବଦ୍ଧ ପରିକର ଓଡିଶାର ଗର୍ବ ଗୌରବ ଟେକ ରଖିବ ଉତ୍ତର ପ୍ରଦେଶର ପ୍ରୟାଗରାଜରେ ସେବା ଯୋଗାଇ।

## ରାଖାଲଗୋପ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାରିପଦା (ଭାସ୍କର ନ୍ୟୁଜ): ରାଖାଲଗୋପ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୁତି ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ବସା ଯୋଗ ଦେଇଥିଲେ। ଶିକ୍ଷକ ଅଜିତ ମହାନ୍ତି ସ୍ୱାଗତ ଭାଷଣଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଗିତିକୃଷ୍ଣା ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଖେଳ ଶିକ୍ଷକ କ୍ଷିରୋଦ ବେହେରା ଏବଂ ଶିକ୍ଷୟିତ୍ରୀ ସଂନ୍ଧ୍ୟାରାଣୀ ବେରା ଏବଂ କନିଷ୍ଠ ସହାୟକ ସିତାଂଶୁ ପାତ୍ର ପୁରସ୍କାର ବିତରଣରେ ସହାୟକ କରିଥିଲେ।

## ନବ କିଶୋର ଦାସଙ୍କ ଶ୍ରାଦ୍ଧବାର୍ଷିକୀରେ କମ୍ବଳ ବଣ୍ଟନ

ବ୍ରଜରାଜନଗର (ଭାସ୍କର ନ୍ୟୁଜ): ପୂର୍ବତନ ସ୍ୱାସ୍ଥ ମନ୍ତ୍ରୀ ସ୍ୱର୍ଗତଃ ନବ କିଶୋର ଦାସଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ପାଳନ ଉପଲକ୍ଷେ ନବ ଦାସ ଫାଉଣ୍ଡସନର ପ୍ରତିଷ୍ଠାତା ବିଶାଳ ଦାଶଙ୍କ ଉଦ୍ୟମରେ ରାଜପୁର କଟାପାଲିରେ ଥିବା ମିଶନଆଶା ଲୋକ ୨ ମାନସିକ ବିକାର ଗ୍ରସ୍ତ ପୁରୁଷ ମାନଙ୍କୁ କମ୍ବଳ ଓ ଫଳ ବଣ୍ଟନ କରାଯାଇଛି । ବଣ୍ଟନ ସମୟରେ ସ୍ଥାନୀୟ ରାଜପୁର ସମିତି ସଭ୍ୟା ସୁସ୍ମିତା ତନ୍ତୀ, ଝରଣା ସାଗର, ଝାରସୁଗୁଡା ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ରୋଜାଲିନ ପଟେଲ, ବିଜେଡି ଯୁବ ନେତା ହେମିନ ଦେଓ, ସମାଜସେବୀ ପରାଧୀନ ତନ୍ତୀ, ସ୍ୱାଗତ ଚୌଧୀରି, ହରି କଟା, ଗଣେଷ ଚନ୍ଦ୍ର ବଳିୟାର ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

## ସାମ୍ବାଦିକ ପିତାଙ୍କ ଏକାଦଶାହରେ ଯୋଗଦେଲେ ପୂର୍ବତନ ମନ୍ତ୍ରୀ



ଭୁବନ (ଭାସ୍କର ନ୍ୟୁଜ): ଭୁବନ ସାମ୍ବାଦିକ ସଂଘ ସଭାପତି ମଧୁପ ରଞ୍ଜନ ନନ୍ଦଙ୍କ ପିତା ସ୍ୱର୍ଗତ ମହେଶ୍ୱର ନନ୍ଦଙ୍କ ଏକାଦଶାହରେ ପୂର୍ବତନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼େଇ (ଡାନି) ଯୋଗଦେଇ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ଭୁବନ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଗୋବର୍ଦ୍ଧନ ପୀଠ, ଆଦିତ୍ୟ ବାହିନୀ ସଚିବ ପଣ୍ଡିତ ମାତୃ ପ୍ରସାଦ ମିଶ୍ର, ରାଜ୍ୟ ସାମ୍ବାଦିକ ସଂଘ (ଏସୟୁଜେ) ସଭାପତି କୈଳାସ ଚନ୍ଦ୍ର ନାୟକ, ସୁକିନ୍ଦା ପ୍ରେସ କ୍ଲବ ସଭାପତି ବିଶ୍ୱଜିତ୍ ନାୟକ, ସଦସ୍ୟ କୈଳାସ ଚନ୍ଦ୍ର ନାୟକ, ଅସିତ୍ ମହାନ୍ତ, ଲମ୍ବୋଦର ଦଳ ବେହେରା, କାମାକ୍ଷା ନଗର ଉପଖଣ୍ଡ ସଭାପତି ଶୁଭମୟ ନନ୍ଦ, ପ୍ରକାଶ କୁମାର ପାତ୍ର, ଚିତ୍ତରଂଜନ ଦ୍ୱିବେଦୀ, ଭୁବନ ସାମ୍ବାଦିକ ସଂଘ ସଂପାଦକ ସୁଶାନ୍ତ କୁମାର ପୋଥାଳ, ଉପଦେଷ୍ଟା ଦିଲ୍ଲିପ କୁମାର ଦାସ, ସଦସ୍ୟ ଦେବାନନ୍ଦ ସାହୁ, ରବିନ ଦାସ ବରିଷ୍ଠ ସାମ୍ବାଦିକ ଶଶୀମୌଳି ରଥ, ପ୍ରଦୀପ ଦାସ ପ୍ରମୁଖ ଯୋଗଦେଇ ଦିବଙ୍ଗତ ମହେଶ୍ୱର ନନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରି ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ ଓ ଶୋକାକୁଳ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ବାଲୁଗାଁ (ଭାସ୍କର ନ୍ୟୁଜ): ମଙ୍ଗଳବାର ଅପରାହ୍ନରେ ବାଣପୁର ପୋଲିସ ଏବଂ ଖୋର୍ଦ୍ଧା ଏମଭିଆଇଙ୍କ ମିଳିତ ଆନୁକୂଲ୍ୟରେ ଏକ ସଡକ ନିରାପତ୍ତା ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ବାଣପୁର ଗୋଦାବରୀଶ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ପୋଲିସ ଅଧିକାରୀ, ଆରଟିଓ, ଏବଂ ଏମଭିଆଇ ଅଧିକାରୀ ମାନେ ଏଥିରେ ସାମିଲ ହୋଇଥିଲେ। ସଚେତନତା ରାଲି ମହାବିଦ୍ୟାଳୟରୁ ବାହାରି ବାଣପୁର ବଜାର ଅଞ୍ଚଳ ଦେଇ ବାଣପୁର ଥାନାରେ ସମାପ୍ତ ହୋଇଥିଲା। ଛାତ୍ରଛାତ୍ରୀ ମାନେ ସଡକ ନିରାପତ୍ତା ସମ୍ପର୍କୀୟ ବିଭିନ୍ନ ପ୍ଲାକାର୍ଡ ଧରିବା ସହ ସ୍ଲୋଗାନ ଦେଇ ସାଧାରଣ ଲୋକଙ୍କୁ ସଚେତନ କରିଥିଲେ। ମୁଖ୍ୟତଃ ମଦ ପିଇ ଗାଡି ନ ଚଳାଇବା, ହେଲମେଟ ପିନ୍ଧିବା, ଚାରିଚକିଆ ଯାନରେ ସିଟବେଲ୍ଟ ବାନ୍ଧିବା ଏବଂ ଦ୍ରୁତ ଗତିରେ ଗାଡି ନ ଚଲାଇବାକୁ ସଚେତନ କରାଯାଇଥିଲା। ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ବାଣପୁର ଥାନା ଅଧିକାରୀ ରମେଶ କୁମାର ଦେବତାଙ୍କ ସହ ଏସଆଇ ପ୍ରଦୀପ୍ତ ସ୍ୱାଇଁ, ସୁକାନ୍ତ ଦଳାଇ, ଏଏସଆଇ ସଞ୍ଜୟ କୁମାର ପାତ୍ର ଯୋଗ ଦେଇଥିବା ବେଳେ ସନତ କୁମାର ଜେନା, ଆରଟିଓ ଅଧିକାରୀ ଭୁବନେଶ୍ୱର ୨, ସସ୍ମିତା ବେହେରା ଏମଭିଆଇ ଭୁବନେଶ୍ୱର ୨, ଅରବିନ୍ଦ ନାୟକ, ଅତିରିକ୍ତ ଆରଟିଓ ଅଧିକାରୀ, ଖୋର୍ଦ୍ଧା, ହରେକୃଷ୍ଣ ମହାପାତ୍ର ଖୋର୍ଦ୍ଧା ଟ୍ରାଫିକ ଇନ୍ସପେକ୍ଟର, ଟ୍ରାଫିକ ସବ ଇନ୍ସପେକ୍ଟର ସ୍ମୃତିରେଖା ଜେନା ଯୋଗ ଦେଇଥିଲେ ।

## କିଡ୍ନୀ ଆକ୍ରାନ୍ତ ବ୍ୟକ୍ତିଙ୍କ ପରଲୋକ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ସରପଡା ଗ୍ରାମ ପଞ୍ଚାୟତ ସାଧୁପୁର ଗ୍ରାମରେ କିଡନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଛନ୍ତି। ସାଧୁପୁର ଗ୍ରାମର ତ୍ରିଲୋଚନ ବାରିକ(୫୫) ଗତ କିଛି ଦିନ ହେଲା କିଡନୀ ଜନିତ ରୋଗରେ ଆକ୍ରାନ୍ତ ହୋଇଥିଲେ। ତାଙ୍କୁ ଜଗତପୁର ଠାରେ ଥିବା ଏକ ଘରୋଇ ହସପିଟାଲରେ ଭର୍ତ୍ତି କରାଯାଇଥିଲା। ଗତକାଲି ରାତ୍ରରେ ତାଙ୍କର ପରଲୋକ ହୋଇଯାଇଛି। ତାଙ୍କର ପୁତ୍ର ରଣଜିତ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସରପଞ୍ଚ ବିବେକାନନ୍ଦ ଆଚାର୍ଯ୍ୟ, ରାଜେନ୍ଦ୍ର କୁମାର ମହାନ୍ତି, ଯୁବନେତା ଦିବାକର ସ୍ୱାଇଁ, ବିଜେଡି ଯୁବନେତା ପ୍ରମୋଦ କୁମାର ସ୍ୱାଇଁ, ତପନ କୁମାର ଦାଶ, ଚିତ୍ତରଞ୍ଜନ ଦାଶ, ବିରବର ସ୍ୱାଇଁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଗଭୀର ଶୋକବ୍ୟକ୍ତ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ରାସ୍ତାରେ ଜଗିଛି ହାତୀ ଧନଜୀବନ ଅସୁରକ୍ଷିତ

ଢେଙ୍କାନାଳ (ଭାସ୍କର ନ୍ୟୁଜ): ଢେଙ୍କାନାଳ ବନାଞ୍ଚଳ ହାତୀ ପ୍ରବଣ ଅଞ୍ଚଳ ଭାବେ ପରିଗଣିତ ଥିଲେ ମଧ୍ୟ ବନ ବିଭାଗର ଦାୟିତ୍ୱ ହିନତା ଯୋଗୁଁ ବିଭିନ୍ନ ସମୟରେ ହାତୀ ଆକ୍ରମଣରେ ଧନଜୀବନ ଅସୁରକ୍ଷିତ ହୋଇପଡିଛି । ଏପରିକି ଘନ କୁହୁଡି ଯୋଗୁଁ ହାତୀ ରାସ୍ତା ଉପରେ ଠିଆ ହୋଇ ରହିବା ଓ ଆକ୍ରମଣ କରିବା ଘଟଣାକୁ ନେଇ ସାତମାଇଲଠାରେ ରାସ୍ତାରୋକ ହୋଇଛି । ସୂଚନା ଅନୁଯାୟୀ ଆଜି ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ବନାଞ୍ଚଳ ପଞ୍ଚପଡା ସାତମାଇଲ ରାସ୍ତାରେ ହାତୀ ଆକ୍ରମଣରୁ ଅଳ୍ପକେ ବର୍ତିଯାଇଛନ୍ତି ଦୁଇ ଯୁବକ। ଘନକୁହୁଡି କାରଣରୁ ରାସ୍ତାଟି ଦୃଶ୍ୟମାନ ହେଉନଥିବାରୁ ହାତୀ ଆକ୍ରମଣର ଶିକାର ହୋଇଥିଲେ ଉକ୍ତ ଦୁଇ ଯୁବକ। ଜୀବନ ବଂଚାଇ ଯୁବକ ଦ୍ୱୟ ଘଟଣା ସ୍ଥଳରୁ ଦୌଡି ପଳାଇବାକୁ ସକ୍ଷମ ହୋଇଥିଲେ ମଧ୍ୟ ସେମାନଙ୍କର ଦୁଇଟି ବାଇକକୁ ଉକ୍ତ ହାତୀ ଦଳି ଚକଟି ଦେଇଥିବା ଦେଖିବାକୁ ମିଳିଛି । ହାତୀ ଆକ୍ରମଣ ଯୋଗୁଁ ଘଟଣାସ୍ଥଳରେ ଚାପା ଉତେଜନା ଦେଖାଦେଇଛି।ରାସ୍ତାରେ ପ୍ରତ୍ୟେକ ଦିନ ହଜାର ହଜାର ଲୋକ ଯାତାୟାତ କରୁଥିବାବେଳେ ବନବିଭାଗ ପକ୍ଷରୁ ସଚେତନତା, ପାଟ୍ରୋଲିଙ୍ଗ କିମ୍ବା ସୋଲାର ସିଷ୍ଟମ କରାଯାଉନଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଉଥିଲେ ମଧ୍ୟ ବନବିଭାଗ ପକ୍ଷରୁ ସହଯୋଗ ମିଳୁନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ।

## ନିଳାଦ୍ରୀନଗର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଲିମେଳା (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ନୀଳାଦ୍ରୀନଗର ସଦର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଯୋଗ ଦେଇଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ କୋରୁକୋଣ୍ଡା ବିଧାୟକ ପ୍ରତିନିଧି ବିନାୟକ ପାତ୍ର, ବାଲିମେଳା ବିଧାୟକ ପ୍ରତିନିଧି ଇସାକ୍ ଖୋସଲା, ବିଦ୍ୟାଳୟ ପ୍ରତିନିଧି ମୁକ୍ତା ମାଡକାମୀ, ବାଲିମେଳା ସରକାରୀ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷୟତ୍ରୀ ସୁଶିଳା ହିଆଲ, ଏମଭି-୨୭ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଜୟ କୁମାର ନାୟକ, ବିଦ୍ୟାଳୟ ପ୍ରଧାନଶିକ୍ଷକ ଯଦୁମଣି ପ୍ରଧାନ, ବାଲିମେଳା ମହାବିଦ୍ୟାଳୟ ଅଧ୍ୟାପକ ଦେବାଶିଷ ସ୍ୱାଇଁ, ସାମ୍ବାଦିକ ସୁଧାଂଶୁ ଶେଖର ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ବିଧାୟକ ଶ୍ରୀ ଖିଲ ପିଲାମାନଙ୍କୁ ନିଜ ନିଜ ଜୀବନର ସଠିକ ଲକ୍ଷ ବାଛିବାକୁ ପରାମର୍ଶ ଦେଇଥିଲେ। ପ୍ରଧାନଶିକ୍ଷକ ଶ୍ରୀ ପ୍ରଧାନ ସ୍କୁଲର ଅତିରିକ୍ତ ଶ୍ରେଣୀ ଗୃହ ଆବଶ୍ୟକତା ସହ ଅନ୍ୟ ସମସ୍ୟା ଗୁଡିକ ବିଧାୟକଙ୍କୁ ଜଣାଇଥିଲେ। ବିଧାୟକ ତୁରନ୍ତ ଉକ୍ତ ସମସ୍ୟା ଗୁଡିକର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ଲକ୍ଷ୍ମୀ ନାରାୟଣ ଦାସ ମଞ୍ଚ ପରିଚାଳନା କରିଥିବା ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ୧୯୯୮ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

କାକଟପୁର (ଭାସ୍କର ନ୍ୟୁଜ): ପୁରୀଜିଲ୍ଲା କାକଟପୁର ବ୍ଲକ ଅନ୍ତର୍ଗତ ପାଟସୁନ୍ଦର ପୁର ଉନ୍ନୀତ ପ୍ରାଥମିକ ବିଦ୍ୟାଳୟର ୧୯୯୮ ମସିହା ସପ୍ତମ ଶ୍ରେଣୀ ଛାତ୍ରଛାତ୍ରୀ ମାନଙ୍କର ବନ୍ଧୁମିଳନ ଉତ୍ସବ ସ୍ଥାନୀୟ କୁଆମଚଣ୍ଡୀ ପୀଠରେ ପାଳିତ ହୋଇଯାଇଛି । ସୁଶାନ୍ତ କୁମାର ମହାନ୍ତିଙ୍କ ପରିଚାଳନାରେ ଆୟୋଜିତ ଉତ୍ସବରେ ପ୍ରଥମେ ଦିବ୍ୟଂଗତ ଛାତ୍ର ମାନଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପବିନ, ପ୍ରଦୀପ, ସୁରେଶ, ସରୋଜ, ଅଭିମନ୍ୟୁ, ଚଗଲା, କେଦାର, ପ୍ରମୋଦ, ଜ୍ୟୋତି, ପିଙ୍କି, ଟିକି, ଗୀତା, ଅନୁରାଧା ପ୍ରମୁଖ ତିରିଶରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

## ସ୍ୱତନ୍ତ୍ର ଜାତୀୟ ସେବା ଶିବିର ଉଦ୍ଯାପିତ

ବୋଲଗଡ଼ (ଭାସ୍କର ନ୍ୟୁଜ): ବୋଲଗଡ ଶିକ୍ଷା ବ୍ଲକ ଅନ୍ତର୍ଗତ ଦେଉଳି ସ୍ଥିତ ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ ଓ ରାଜ୍ୟ ସରକାରଙ୍କ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଆର୍ଥିକ ସହାୟତାରେ ଦୀର୍ଘ ୭ଦିନ ଧରି ଚାଲିଥିବା ସ୍ୱତନ୍ତ୍ର ଜାତୀୟ ସେବା ଶିବିର ଉଦଯାପିତ ହୋଇଯାଇଛି । ଅଧ୍ୟାପକ ଡକ୍ଟର ବିଶ୍ୱ ମୋହନ ଜେନାଙ୍କ ସଂଯୋଜନାରେ ସ୍ୱତନ୍ତ୍ର ଜାତୀୟ ସେବା ଯୋଜନା ମାଧ୍ୟମରେ ୫୦ ଜଣ ଶିବିରାର୍ଥୀ ମାନେ ବିଭିନ୍ନ ଦିବସରେ ପରିମଳ ଓ ପରିବେଶ ସୁରକ୍ଷା, ଚକ୍ଷୁ ଚିକିତ୍ସା ଶିବିର ଏଡ଼ସ ସଚେତନତା ମ୍ୟାଲେରିଆ ନିରାକାରଣ ସଚେତନତା, ନୂତନ ବୃକ୍ଷ ରୋପଣ, ନାରୀ ଶିକ୍ଷାର ବିକାଶ ଓ ଯୌତୁକ ନିରାକରଣ ସମ୍ପର୍କରେ ଶିବିରାର୍ଥୀମାନେ ବଜାର ଓ ଗ୍ରାମ ପରିକ୍ରମା କରି ଲୋକମାନଙ୍କୁ ସଚେତନତା କରାଇଥିଲେ । ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଡକ୍ଟର କୁମାର ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ତଥା ଶିକ୍ଷାବିତ୍ ଭାଗିରଥି ସାହୁ, ମୁଖ୍ୟ ବକ୍ତାଭାବେ ଖୋର୍ଦ୍ଧା ଜିଲ୍ଲା ସଂଯୋଜକ ରଘୁନାଥ ମଣ୍ଡଳ ଓ ସମ୍ମାନିତ ଅତିଥିଭାବେ ରାମଚନ୍ଦ୍ର ଜେନା, ଭଗବାନ ଜେନା, ପ୍ରତାପ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଶିବିରାର୍ଥୀ ମାନଙ୍କର ଜନ କଲ୍ୟାଣ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ । ଉଦଯାପନ ସଭାରେ ୫୦ଜଣ ଶିବିରାର୍ଥୀ ମାନଙ୍କୁ ସମସ୍ତ ନିମନ୍ତ୍ରିତ ଅତିଥିମାନେ ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ସ୍ୱତନ୍ତ୍ର ଜାତୀୟ ସେବା ଶିବିରର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ତ୍ରିଲୋଚନ ସାହୁ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ସଭାପତି ଡକ୍ଟର ତପନ କୁମାର ଜେନା ସ୍ୱାଗତ ଭାଷଣ ଦେଇ ମାନବ ସେବା ହିଁ ମାଧବ ସେବା ବୋଲି ଶିବିରାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ ।

## ବିଧାୟିକାଙ୍କ ଦ୍ୱାରା ନୂତନ ଶ୍ରେଣୀଗୃହର ଶିଳାନ୍ୟାସ

ଢେଙ୍କାନାଳ (ଭାସ୍କର ନ୍ୟୁଜ): ହିନ୍ଦୋଳ ବିଡିଓ କଲ୍ୟାଣ ସୌରଭ ଦାସଙ୍କ ତତ୍ତ୍ୱାବଧାନରେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକଙ୍କ କରକମଳରେ ୫ଟି ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀଗୃହର ଶିଳାନ୍ୟାସ କରାଯାଇଛି। ହିନ୍ଦୋଳ ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ୫ଟି ବିଦ୍ୟାଳୟରେ ଶ୍ରେଣୀଗୃହ ଅଭାବଥିବା ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ରାଜ୍ୟ ସରକାର ଅନୁଦାନ ପ୍ରଦାନ କରିଛନ୍ତି। ଆନୁଷ୍ଠାନିକ ଭାବେ ଏହାର ଶିଳାନ୍ୟାସ କରାଯାଇଛି। ଆଗାମୀ ଦେଢ଼ମାସ ମଧ୍ୟରେ ଏହା ସମ୍ପୂର୍ଣ୍ଣ କରାଯିବ ବୋଲି ହିନ୍ଦୋଳ ବିଡିଓ ସୂଚନା ଦେଇଥିବାବେଳେ ଆଗାମୀ ଦିନରେ ଶ୍ରେଣୀଗୃହ ଅଭାବ ରହିଥିବା ବିଦ୍ୟାଳୟରେ ଏହା ପର୍ଯ୍ୟାୟ କ୍ରମେ ପୂରଣ କରାଯିବ ବୋଲି ବିଧାୟିକା ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ସସ୍ମିତାରାଣୀ ନାୟକ, ଉପାଧକ୍ଷା ବରୁଣ କୁମାର ସର, ସାସଂଦଙ୍କ ପ୍ରତିନିଧି ଶୁଶାନ୍ତ କୁମାର ପତି, ଜିଲ୍ଲା ପରିଷଦ ସଭ୍ୟା ମମତାଞ୍ଜଳୀ ବେହେରାଙ୍କ ସମେତ ଅନେକ ବିଜେପି କର୍ମୀ ଉପସ୍ଥିତ ରହିଥିଲେ।

## ପଦ୍ମଶ୍ରୀ ଇଲିଆନା, ନୃତ୍ୟଗୁରୁ ଚପଳା ଓ ମନ୍ମଥ ସମ୍ମାନିତ

ପୁରୀ (ଭାସ୍କର ନ୍ୟୁଜ): ଉତ୍କଳୀୟ ସଂସ୍କୃତି ତଥା ଶ୍ରୀଜଗନ୍ନାଥ ସଂସ୍କୃତିକୁ ଜାତୀୟ ସ୍ତରରେ ପହଞ୍ଚାଇଥିବା ରୂପା ଆଣ୍ଡ ଟ୍ରୁପର ରୌପ୍ୟ ଜୟନ୍ତୀ ବର୍ଷ ପାଳନର ଦ୍ୱିତୀୟ ସଂଧ୍ୟାରେ ନୃତ୍ୟଗୁରୁ ପଦ୍ମଶ୍ରୀ ଇଲିଆନା ସିତାରିଷ୍ଟିଙ୍କୁ ଶ୍ରୀଦୟଣା ସମ୍ମାନ, ଲୋକନୃତ୍ୟର ବିଶିଷ୍ଟ ଗବେଷକ ମନ୍ମଥ ଶତପଥୀଙ୍କୁ ଶ୍ରୀଅଳକାପନ୍ତି ସମ୍ମାନ, ବରିଷ୍ଠ ନୃତ୍ୟଗୁରୁ ଚପଳା ମିଶ୍ରଙ୍କୁ ଶ୍ରୀଗୁଣ୍ଡିଚା ସମ୍ମାନ ଓ ନୃତ୍ୟଶିଳ୍ପୀ ରଶ୍ମୀ ରଞ୍ଜନ ନାୟକଙ୍କୁ ଗୁରୁ ପୁଷ୍ପଲତା ସ୍ମରଣେ ଶ୍ରୀକୌସ୍ତୁଭ ସମ୍ମାନରେ ସମ୍ମାନିତ କରାଯାଇଛି ।



ସଭାପତି ଲକ୍ଷ୍ମୀଧର ପୂଜାପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସେବାୟତ ମଧୁସୂଦନ ସିଂହାରୀ, ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଓ ଚଳଚ୍ଚିତ୍ର କାହାଣୀକାର ଶ୍ୟାମାପ୍ରସାଦ ମିଶ୍ର, ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ପ୍ରସନ୍ନ ମିଶ୍ର, ଗବେଷକ ତଥା ପ୍ରାବନ୍ଧିକ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ବରିଷ୍ଠ ସମାଜସେବୀ ଚକ୍ରଧର ମହାପାତ୍ର, ଓଡ଼ିଶା ସଂଗୀତ ଏକାଡେମୀର ବଦ୍ରି ମିଶ୍ର, ଶ୍ରୀମନ୍ଦିରର ବିଶିଷ୍ଟ ସେବାୟତ ଇନ୍ଦ୍ରିତ ପ୍ରତିହାରୀ ଅତିଥି ଭାବେ ଯୋଗଦେଇଥିବା ବେଳେ, ରୂପା ଆଣ୍ଡ ଟ୍ରୁପର କାଞ୍ଚି ଅଭିଯାନ, ବଡ଼ ଜାମବାଣି ନୃତ୍ୟ ପ୍ରତିଷ୍ଠାନ ପକ୍ଷରୁ ଛଉନୃତ୍ୟ, ସ୍ୱୟଂ ଶ୍ରୀ ନୃତ୍ୟ ଅନୁଷ୍ଠାନର ଓଡ଼ିଶୀ ନୃତ୍ୟ, ଇଲିଆନା ସିତାରିଷ୍ଟଙ୍କ ନୃତ୍ୟଦଳର ଶିଳ୍ପୀମାନେ ଚମତ୍କାର ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ ପରେ ରୂପା ଆଣ୍ଡ ଟ୍ରୁପର କନିଷ୍ଠ ଦଳର ଦହି ଆଣିଛି ନୃତ୍ୟ ପ୍ରଦର୍ଶନ ହୋଇଥିଲା। ରୂପଲତା ମହାନ୍ତି,ମଧୁସୂଦନ ମିଶ୍ର ଓ ଶ୍ୟାମପ୍ରକାଶ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଗୁରୁ କରୁଣାକର ଦାସଙ୍କୁ ଶ୍ରଦ୍ଧାଞ୍ଜଳି



କରଞ୍ଜିଆ (ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ସ୍ଥିତ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ବିଶିଷ୍ଟ ତବଲା ଗୁରୁ ସ୍ୱର୍ଗତ କରୁଣାକର ଦାସଙ୍କ ପରଲୋକରେ ସହରରେ ଶୋକର ଛାୟା ଖେଳିଯାଇଛି। ସହରର ବରିଷ୍ଠ ତଥା ବିଶିଷ୍ଟ କଳାକାର ତଥା କଳାପ୍ରେମୀ ଏବଂ ବହୁସଂଖ୍ୟକ ଜନସାଧାରଣ ତାଙ୍କ ବାସଭବନରେ ଉପସ୍ଥିତ ହୋଇ ପାର୍ଥିବ ଶରୀରକୁ ଶେଷ ଦର୍ଶନ କରିବା ସହ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏ ପରିପ୍ରେକ୍ଷୀରେ କରଞ୍ଜିଆର ଅଗ୍ରଣୀ ନୃତ୍ୟାନୁଷ୍ଠାନ ନୃତ୍ୟଶ୍ରୀ ପକ୍ଷରୁ ପ୍ରତିଷ୍ଠାତା ସମୀର ଓତାଙ୍କ ପୌରହିତ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ସଭାରେ ଅନୁଷ୍ଠାନର ଶିକ୍ଷାର୍ଥୀ ତଥା କୁନି କୁନି କଳାକାର ମାନେ ଏବଂ ଅଭିଭାବକ ଉପସ୍ଥିତ ରହି ଦୁଇ ମିନିଟ ନିରବ ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସଦସ୍ୟ ସ୍ୱପ୍ନାରାଣୀ ଓତା, ଅଭିଭାବକ ଦେବାଶିଷ ମହାନ୍ତ, ତନୁଶ୍ରୀ ମହାନ୍ତ, ମୋହନ ନାଏକ, ସଞ୍ଜୟ ମହାନ୍ତ ପ୍ରମୁଖ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଜରିପାଲ ତଳେ ବିତୁଛି ବିସ୍ଥାପିତଙ୍କ ଜୀବନ



ଜଗତସିଂହପୁର (ଭାସ୍କର ନ୍ୟୁଜ): ଜଗତସିଂହପୁର ତହସିଲ ଅନ୍ତର୍ଗତ ଆଳିପିଙ୍ଗଳ ପଞ୍ଚାୟତ ୩ ନମ୍ବର ୱାର୍ଡ ବାଲିଘାଇ ବସ୍ତିରେ ତିରିଶି ବର୍ଷରୁ ଉର୍ଦ୍ଧ ହେବ ଷୋହଳରୁ ଉର୍ଦ୍ଧ ଦଳିତ ଭୂମିହୀନ ପରିବାର ବସବାସ କରୁଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଦଳିତ ପରିବାରଙ୍କୁ ଥଇଥାନ କରାଯିବା ସହିତ ଭୂମିପଟା ପ୍ରଦାନ କରାଯିବା ପରେ ଦଳିତ ପରିବାର ନିଜସ୍ୱ ଉପାର୍ଜିତ ଅର୍ଥରେ ବୃହତ ଅଟାଳିକା ନିର୍ମାଣ କରିଥିଲେ । ହେଲେ ଜିଲ୍ଲା ପ୍ରଶାସନ ଜାନୁଆରୀ ମାସ ପ୍ରଥମ ସପ୍ତାହରେ ହଠାତ ରାତି ଅନ୍ଧରେ ସମସ୍ତ ଦଳିତ ପରିବାରଙ୍କୁ ତହସିଲଦାରଙ୍କ ଉପସ୍ଥିତିରେ ପୋଲିସ ସହାୟତାରେ ବଳ ପୂର୍ବକ ବିସ୍ଥାପିତ କରି ଘର ଭାଙ୍ଗି ଦେଇଥିଲା । ରାତି ଅଧରେ ବିସ୍ଥାପିତ ଦଳିତ ପରିବାର ଉପାୟ ଶୂନ୍ୟ ହୋଇ ପିଲାଛୁଆଙ୍କୁ ନେଇ ବାଲିଘାଇ ଦଣ୍ଡାରେ ଜରି ପାଲ ତଳେ ଆଶ୍ରୟ ନେଇଥିଲେ । ତହସିଲଦାର ୩ ଦିନ ଭିତରେ ବିସ୍ଥାପିତଙ୍କ ସମସ୍ୟା ସମାଧାନ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ହେଲେ ତାହା ପ୍ରତାରଣାରେ ପରିଣତ ହୋଇଥିଲା । ଦୀର୍ଘ ଏକ ମାସ ହେବ ଷୋହଳ ଦଳିତ ପରିବାରର ଦୁଇଶହରୁ ଉର୍ଦ୍ଧ ଆବାଳ ବୃଦ୍ଧ ବନିତା ପ୍ରବଳ ଖରା, ବର୍ଷା,ଶୀତ, କାକରକୁ ଭୁକ୍ଷେପ ନକରି ଦଣ୍ଡାରେ ଜରି ପାଲ ତଳେ ଆଶ୍ରୟ ନେଇଛନ୍ତି । ଜିଲ୍ଲା ପ୍ରଶାସନ ଓ ନିର୍ବାଚିତ ଲୋକ ପ୍ରତିନିଧି ମାନେ ବିସ୍ଥାପିତ ଦଳିତ ପରିବାରକୁ ଥଇଥାନ କରିବାକୁ ପ୍ରତିଶୃତି ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ କରିନାହାନ୍ତି ବରଂ ଦଳିତ ପରିବାରକୁ ପ୍ରତାରଣା କରିଛନ୍ତି । ଏଥିନେଇ ଦଳିତ ପରିବାରଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି । ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଦଳିତ ପରିବାର ଦାବି କରିଛନ୍ତି ।

## ଜିଲ୍ଲାପାଳଙ୍କୁ ଭେଟିଲେ ରାଜା ଶିବେନ୍ଦ୍ର ନାରାୟଣ



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): ଜବର ଦଖଲରେ ରହିଛି କନିକା ରାଜାଙ୍କ ଜମି। କେତେକ ଦୁର୍ବୃତ୍ତ ରାଜାଙ୍କ ସମ୍ପତ୍ତିକୁ ଜବରଦଖଲ କରିଛନ୍ତି। ଏହି ଜବରଦଖଲକୁ ରାଜାଙ୍କ ପରିବାର ବିରୋଧ କଲେ ସେମାନଙ୍କୁ ମରଣାନ୍ତକ ଆକ୍ରମଣର ଧମକ ଦିଆଯାଉଛି। ଏନେଇ ଥାନାରେ ଅଭିଯୋଗ କଲେ ପୋଲିସ ଅଭିଯୁକ୍ତମାନଙ୍କ ସପକ୍ଷରେ କଥା କହୁଛି। ତେଣୁ ବାଧ୍ୟ ହୋଇ ଜିଲ୍ଲାପାଳଙ୍କୁ ଭେଟି ଏହି ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି କନିକାରାଜ ଚାରିଟେବୁଲ ଟ୍ରଷ୍ଟର ଟ୍ରଷ୍ଟି ତଥା କନିକାରାଜା ଶିବେନ୍ଦ୍ର ନାରାୟଣ ଭଞ୍ଜଦେବ। ଶ୍ରୀ ଭଞ୍ଜଦେବ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି ଯେ କେତେକ ଦୁର୍ବୃତ୍ତ ରାଜକନିକା ବ୍ଲକର ଈଶ୍ୱରପୁର ମୌଜାର ଟଣେଇପଦା ଗ୍ରାମର ରାଜ ଚାରିଟେବୁଲ ଟ୍ରଷ୍ଟର ୭ଟି ପ୍ଲଟରେ ରହିଥିବା ଜମିକୁ ଜବରଦଖଲ କରିଛନ୍ତି। ରାଜାଙ୍କ ମ୍ୟାନେଜର ଲମ୍ବୋଦର ରାଉତ ଜଣେ ଅମିନଙ୍କ ଦ୍ୱାରା ମାପଚୁପ କରୁଥିବା ବେଳେ ଜବରଦଖଲକାରୀଙ୍କ ପକ୍ଷରୁ ଆକ୍ରମଣ କରାଯାଇଛି। ଏହି ଘଟଣାରେ ରାଜକନିକା ଥାନା ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ କନିକା ରାଜା ଶିବେନ୍ଦ୍ର ନାରାୟଣ ଭଞ୍ଜଦେବ ଜିଲ୍ଲାପାଳଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।



ନବରଙ୍ଗପୁର (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲ୍ଲାପାଳ ନବିନ ଚନ୍ଦ୍ର ନାୟକ,ଜିଲ୍ଲା ଯୋଗାଣ ଅଧିକାରୀ ଅଜୟ ମଲିକ ଏବଂ ଅନ୍ୟ ନୋଡାଲ ଅଧିକାରୀମାନେ ବିଭିନ୍ନ ବ୍ଲକ୍ ଦାୟିତ୍ୱରେ ରହି ଜିଲ୍ଲାର ୧୦ ଗୋଟି ବ୍ଲକ ରେ ଧାନ ସଂଗ୍ରହ ଯେଭଳି ଶୃଙ୍ଖଳିତ ଭାବେ କରାଯିବ ତାହା ତଦାରଖ କରୁଛନ୍ତି। ମଣ୍ଡିରେ ସମସ୍ତ ଆନୁସାଙ୍ଗିକ ବ୍ୟବସ୍ଥା, ଧାନ ସଂଗ୍ରହଣ ଓ ଉଚିତ୍ ଦେୟରେ ଯେଭଳି ଚାଷୀ ମାନଙ୍କ କୌଣସି ଅସୁବିଧା ନ ହେବ ତାହା ଦେଖିବାକୁ ଜିଲ୍ଲାପାଳ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ଖରିଫ ଋତୁରେ ଲକ୍ଷ୍ୟ ଧାର୍ଯ୍ୟ ୨୩,୨୮,୪୪୭.୭୬ କ୍ୱିଣ୍ଟାଲରୁ ବର୍ତ୍ତମାନ ପର୍ଯ୍ୟନ୍ତ ପଂଜିକୃତ ୩୩,୧୩୪ ଜଣ ଚାଷୀଙ୍କ ଠାରୁ ୧୦୩ ଟି ଧାନ ସଂଗ୍ରହଣ କେନ୍ଦ୍ରରେ ୧୭୦୭୭୯୦.୯୪ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଯାଇଛି। ଚାଷୀଙ୍କ ୩୦୧୦୫ ଟି ଆକାଉଣ୍ଟକୁ ବର୍ତ୍ତମାନ ପର୍ଯ୍ୟନ୍ତ ୩୪୬ କୋଟି ୭୮ ଲକ୍ଷ ୪୩ ହଜାର ୭୯୧ଟଙ୍କା ଜମା ହୋଇଛି। ଜିଲ୍ଲାରେ ଧାନ ବିକ୍ରୟ ପାଇଁ ପଂଜିକୃତ ଚାଷୀଙ୍କ ସଂଖ୍ୟା ୪୨,୪୧୧ ଅଟେ। ଏହି ଧାନ ସଂଗ୍ରହ କାର୍ଯ୍ୟକୁ ଗୁରୁତ୍ୱ ଦେଇ ଜିଲ୍ଲା ପ୍ରଶାସନିକ ଅଧିକାରୀ ବିଭିନ୍ନ ମଣ୍ଡି ଗସ୍ତ କରି ତଦାରଖ କରୁଛନ୍ତି। ଗତ କାଲି ଚନ୍ଦାହାଣ୍ଡି ବ୍ଲକ ରେ ଜନ ଶୁଣାଣୀ କାର୍ଯ୍ୟ ପରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର, ସି ଡି ଓ, ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ ମିଶ୍ର ଚିଲଗାଁ ମଣ୍ଡି ଗସ୍ତ କରି ଧାନ ସଂଗ୍ରହଣ କାର୍ଯ୍ୟକୁ ତଦାରଖ କରିଥିଲେ।

## ୨୯ରୁ ବୈଷ୍ଣୋ ଦେବୀ ମନ୍ଦିରର ପୂଜାର୍ଚ୍ଚନା




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ନୟାଗଡ଼ ଜିଲ୍ଲାର ଦୁର୍ଗମ ପାହାଡ଼ରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରଠାରୁ ୧୦୨ କିଲୋମିଟର ଦୂର ଜମ୍ମୁ-କଶ୍ମୀରର ମାତା ବୈଷ୍ଣୋ ଦେବୀ ମନ୍ଦିର ଭଳି ମା' ବୈଷ୍ଣୋ ଦେବୀଙ୍କ ଭବ୍ୟ ମନ୍ଦିର ନିର୍ମାଣ କରାଯାଇଛି। ପୁରୀ ଜଗନ୍ନାଥ ମନ୍ଦିରର ପୂଜକ ଜାନୁଆରୀ ୨୯ରୁ ୫ ଦିନ ଧରି ପୂଜାର୍ଚ୍ଚନା କରିବେ। ମା' ବୈଷ୍ଣୋ ଦେବୀ ଧାମ ଭଳି ଏଠାରେ ଗୁମ୍ଫା ଭିତରକୁ ପ୍ରବେଶ କରି ଭକ୍ତମାନେ ମା'ଙ୍କ ଦର୍ଶନ ପାଇବେ। ଏହି ଗୁମ୍ଫାର ଲମ୍ବ ୧୮୦ ଫୁଟ । ୫୦ ଏକର ପାହାଡ଼ିଆ ଅଞ୍ଚଳରେ ନିର୍ମିତ ମା'ଙ୍କ ଏହି ଭବ୍ୟ ମନ୍ଦିର ନିର୍ମାଣ ପାଇଁ ୪ ବର୍ଷ ସମୟ ଲାଗିଥିଲା। ଶ୍ରୀମାତା ବୈଷ୍ଣୋ ଦେବୀ ଚାରିଟେବଲ ଟ୍ରଷ୍ଟ ବୈଷ୍ଣୋ ଧାମ ଓଡ଼ିଶା ଦ୍ୱାରା ନିର୍ମିତ ଏହି ମନ୍ଦିର ପଛର କାହାଣୀ ମଧ୍ୟ ଅତ୍ୟନ୍ତ ଆକର୍ଷଣୀୟ । ମାତା ବୈଷ୍ଣବଙ୍କ ଭକ୍ତ ଅଜାତି ରାଉତ ଗଣମାଧ୍ୟମକୁ କହିଛନ୍ତି ଯେ ତାଙ୍କ ପତ୍ନୀ ମମତା ରାଉତ ୪ ବର୍ଷ ତଳେ ହଠାତ୍ ମା'ଙ୍କ ଠାରୁ ଏଠାରେ ମନ୍ଦିର ନିର୍ମାଣ ପାଇଁ ନିର୍ଦ୍ଦେଶ ପାଇଥିଲେ। ଏହାପରେ ଆମେ ମା'ଙ୍କ ବାସସ୍ଥାନ ପାଇଁ ଜମି ଖୋଜିବା ଆରମ୍ଭ କରିଥିଲୁ। ମା'ଙ୍କ କୃପାରୁ ଜମି ମିଳିଲା। ଜମି ମିଳିବା ପରେ ଏହା ଶ୍ରୀ ମାତା ବୈଷ୍ଣୋ ଦେବୀ ଚାରିଟେବଲ୍ ଟ୍ରଷ୍ଟ ବୈଷ୍ଣୋ ଧାମ, ଓଡ଼ିଶା ନାମରେ ପଞ୍ଜୀକୃତ ହୋଇଥିଲା, ଯାହାର ମୁଖ୍ୟ ଟ୍ରଷ୍ଟି ହେଉଛନ୍ତି କାଜଲ ଓ ସଚିନ ରାଉତ। ଶ୍ରୀ ରାଉତ କହିଛନ୍ତି ଯେ ଯେତେବେଳେ ଲୋକମାନେ ମାତା ବୈଷ୍ଣୋ ଦେବୀଙ୍କ ଆଦେଶ ବିଷୟରେ ଜାଣିବାକୁ ପାଇଲେ, ଲୋକମାନେ ଆପେ ଆପେ ମୋ ସହିତ ଯୋଗ ଦେଲେ ଏବଂ ଲୋକଙ୍କ ସହଯୋଗରେ ଆଜି ମା'ଙ୍କ ଏହି ଭବ୍ୟ ମନ୍ଦିର ପ୍ରସ୍ତୁତ ହୋଇଛି। ମାତାର ଏହି ପୀଠରେ ଜମ୍ମୁ-କଶ୍ମୀର ବୈଷ୍ଣୋ ଧାମ ଭଳି ମା'ଙ୍କ ମନ୍ଦିର, ଗଣେଶ ମନ୍ଦିର, ଭୈରବ ମନ୍ଦିର, ହନୁମାନଜୀ ମନ୍ଦିର ଓ ଆରତୀ ମଣ୍ଡପ ନିର୍ମାଣ କରାଯାଇଛି। ନୟାଗଡ଼ରୁ ଶରଣକୁଳ ରୋଡ୍ ପର୍ଯ୍ୟନ୍ତ ୬ କି.ମି. ସୋଳପଟା ଛକ ଓ ପରେ ଏଠାରୁ ୬ କିଲୋମିଟର ଦୂରକୁ ଯିବା ପରେ। ଜାମୁକୋଣ ପର୍ବତରେ ଅବସ୍ଥିତ । ୬୦ ଫୁଟ ଉଚ୍ଚର ଏହି ଜାମୁକୋଣ ପର୍ବତ ଶିଖର ରେ ମା' ବୈଷ୍ଣୋ ଧାମ, ନୟାଗଡ଼ ଠାରେ ଗଠନ କରାଯାଇଛି। ପର୍ବତରେ ୧୮୦ ଫୁଟ ଲମ୍ବ ଓ ୭ ଫୁଟ ଉଚ୍ଚର ସୁଡ଼ଙ୍ଗ ନିର୍ମାଣ କରାଯାଇଛି, ଯାହା ମାଧ୍ୟମରେ ଭକ୍ତମାନେ ମା'ଙ୍କୁ ପ୍ରବେଶ କରି ଦର୍ଶନ କରିପାରିବେ। ଜାନୁଆରି ୨୯ରୁ ୫ ଦିନ ଧରି ପୂଜାର୍ଚ୍ଚନା ଓ ଫେବ୍ରୁଆରି ୨ ତାରିଖ ଅପରାହ୍ନ ୩ଟାରୁ ମା' ଭକ୍ତଙ୍କୁ ଦର୍ଶନ ଦେବେ। ନୟାଗଡ଼ ଜିଲ୍ଲା ମା'ଙ୍କ ଭବ୍ୟ ପୀଠ ନିର୍ମାଣ ହୋଇଥିବାରୁ ଏଠାକାର ଲୋକେ ଏହାକୁ ମା'ଙ୍କ ଆଶୀର୍ବାଦ ଭାବେ ବିବେଚନା କରୁଛନ୍ତି। ମା'ଙ୍କ ଆଶୀର୍ବାଦ ଓ କୃପା ଯୋଗୁଁ ଆଜି ଏଠାରେ ମା'ଙ୍କ ବାସଭବନ ନିର୍ମାଣ ହେଉଛି ବୋଲି ଲୋକେ କହୁଛନ୍ତି।

## ଜିଆଇଇଟି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ କ୍ରୀଡା କ୍ଷେତ୍ରରେ ସଫଳତା

ଗୁଣୁପୁର (ଭାସ୍କର ନ୍ୟୁଜ୍) : ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ କ୍ରୀଡା କ୍ଷେତ୍ରରେ ସଫଳତା ଅର୍ଜନ କରିଛନ୍ତି ।୨ଟି ପ୍ରତିଯୋଗିତାରେ ଚମ୍ପିୟାନ ଓ ୪ଟି ପ୍ରତିଯଗିତାରେ ରନର୍ସ ଅପ୍ ଅର୍ଜନ କରିଛନ୍ତି। ଚଳିତ ମାସ ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ଏନ ଆଇ ଟି ରାଉରକେଲା ଠାରେ କ୍ରୀଡା ଉତ୍ସବ 'ଭ୍ରୀଧି- ୨୦୨୫'ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗୀତାରେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ କ୍ରିକେଟ, ଭଲିବଲ, ବାସ୍କେଟ ବଲ୍, ଫୁଟବଲ, ବ୍ୟାଟ ମିଣ୍ଟେନ, ଟେବଲ ଟେନିସ ଓ ଖୋ -ଖୋ (ପୁରୁଷ ଓ ମହିଳା) ପ୍ରଭୃତି ପ୍ରତିଯୋଗୀତାରେ ସର୍ବ ମୋଟ ୯ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ କ୍ରିକେଟ ଓ ବାସ୍କେଟ ବଲରେ ଚାମ୍ପିଅନ ହୋଇଥିବା ବେଳେ ଭଲିବଲ, ଟେବୁଲ ଟେନିସ ଓ ଖୋ -ଖୋ (ପୁରୁଷ ଓ ମହିଳା) ପ୍ରଭୃତି ଖେଳରେ ରନର୍ସ ହୋଇଥିଲେ। ବିଶ୍ୱବିଦ୍ୟାଳୟର ଦଳ ଗୁଡ଼ିକର ମ୍ୟାନେଜର ଭାବେ ପ୍ରଫେସର୍ ପ୍ରକାଶ ରଞ୍ଜନ ସାହୁ, ଆଦିତ୍ୟ ମହାଙ୍କୁଲ ଓ ଅଧ୍ୟାପିକା ଝରଣା ମହାରଣା ଯୋଗଦେଇ ଥିଲେ। ଏହି ବିଜେତାଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲ। ଏହି ଦଳ ଗୁଡ଼ିକୁ ବିଶ୍ୱବିଦ୍ୟାଳୟର ସଭାପତି ଡ ସତ୍ୟ ପ୍ରକାଶ ପଣ୍ଡା,ଉପ-ସଭାପତି ଡ ଚନ୍ଦ୍ରଧ୍ୱଜ ପଣ୍ଡା, ମହା ନିର୍ଦ୍ଦେଶକ ଡ ଜଗଦୀଶ ପଣ୍ଡା, ରେଜିଷ୍ଟ୍ରାର ଡ ଏନ ଭି ଜଗନାଧା ରାଓ, କ୍ରୀଡା ଅଧିକାରୀ ରବୀନ୍ଦ୍ର କୁମାର ପଣ୍ଡା, କ୍ରୀଡା ବିଭାଗର ଆବାହକ ଡ.ଆଶିଷ ତିୱାରୀ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।



### ଯାଦବ ମାଝୀ ସ୍ମାରକୀ ଅନ୍ତଃରାଜ୍ୟ କ୍ରିକେଟ ପ୍ରତିଯୋଗିତା

## ସଂଗ୍ରାମ ଏକାଦଶ ଆରସିସି ଚାମ୍ପିଅନ୍



ଚନ୍ଦାହାଣ୍ଡି (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଦଣ୍ଡାମୁଣ୍ଡା ଗଦାଧର ଷ୍ଟାଡିୟମ ଠାରେ ପଲ୍ଲିଶ୍ରୀ ଯୁବକ ସଙ୍ଘ ଆନୁକୂଲ୍ୟରେ ପାନାବେଡ଼ା ମାଟିର ବରପୁତ୍ର ତଥା ପୂର୍ବତନ ଶିଳ୍ପରାଷ୍ଟ୍ର ମନ୍ତ୍ରୀ ସ୍ୱର୍ଗତ ଯାଦବ ମାଝୀଙ୍କ ସ୍ମୃତି ଉଦେଶ୍ୟରେ ଆୟୋଜିତ ଅନ୍ତଃରାଜ୍ୟ କ୍ରିକେଟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ସଂଗ୍ରାମ ଏକାଦଶ(ଆରସିସି) ବିଜୟ ହୋଇ ଚମ୍ପିୟାନ ହୋଇଛି। ଆଜିର ଫାଇନାଲ ମ୍ୟାଚ ସଂଗ୍ରାମ ଏକାଦଶ ବନାମ ରୋହନ ଏକାଦଶ ମଧ୍ୟରେ ଖେଳାଯାଇଥିଲା। ୨୦ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚରେ ରୋହନ ଏକାଦଶ ପ୍ରଥମେ ବ୍ୟାଟିଙ୍ଗ ଅମନ କଶ୍ୟପଙ୍କ ୩୯ ରନ ବଲରେ ୧୧୭ ରନ ସଂଗ୍ରହ କରିଥିଲେ। ୧୧୮ ରନର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିବା ସଂଗ୍ରାମ ଏକାଦଶ ଟିକେନଙ୍କ ବିସ୍ଫୋରକ ୬୨ ରନ ସହାୟତାରେ ୧୧.୩ ଓଭୋରରେ ବିଜୟ ଲକ୍ଷ୍ୟ ପୂରଣ କରି ଚମ୍ପିୟାନ ହୋଇଛି। ପଲ୍ଲିଶ୍ରୀ ଯୁବକ ସଂଘର ସଭାପତି ତଥା ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ସଙ୍ଘର ବରିଷ୍ଠ ସଦସ୍ୟ ସଂଗ୍ରାମ କେଶରୀ ସାହୁଙ୍କ ପରିଚାଳନାରେ ଆୟୋଜିତ ପୁରଷ୍କାର ବିତରଣି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ସ୍ୱତନ୍ତ୍ର ଅତିଥିଭାବେ ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ ଯୋଗ ଦେଇ ସ୍ୱର୍ଗତ ଯାଦବ ମାଝୀଙ୍କ ସ୍ମୃତି ଚାରଣ କରିବା ସହ ତାଙ୍କ ରାଜନୈତିକ ଜୀବନ ଉପରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥିଭାବେ ବରିଷ୍ଠ ବିଜେଡି ନେତା ପ୍ରମୋଦ କୁମାର ପାଢୀ, ଝରୀଗାଁ ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମାଝୀ, ଚନ୍ଦାହାଣ୍ଡି ବ୍ଲକ ଅଧ୍ୟକ୍ଷା ସୁମିତ୍ରା ପୁଜାରୀ , ଜିଲ୍ଲା ପରିଷଦ ସଭ୍ୟା କେତକୀମଲ୍ଲୀ ଗୌଡ ଓ ବର୍ଷାରାଣୀ ପଟେଲ, ବ୍ଲକ ଉପାଧକ୍ଷ ବାସୁଦେବ ଗୌଡ଼, ସରପଞ୍ଚ ଦୁଲ୍ଲବ ପୂଜାରୀ,ସମିତି ସଭ୍ୟା ଭାନୁମତି ମାଝୀ, ସମାଜସେବୀ ଗୌରହରି ନାୟକ, ପ୍ରଶାନ୍ତ ପାରି, ହର ପୂଜାରୀ,ମହମ୍ମଦ ହନିଫ, ଭବେଶ ଗଇଁତା, ସମିତି ସଭ୍ୟା ଗୌରୀ ନେଙ୍ଗୀ, କ୍ଷୀର ଦେଇ ଚଣ୍ଡି, ପ୍ରଦୀପ ପତି, ଟିକଚନ ମାଝୀ, ସଞ୍ଜୟ ଗୁପ୍ତା, ଚୈତନ୍ୟ ଗଣ୍ଡ, ପୁରୁଷୋତ୍ତମ ପାରି, ମହମ୍ମଦ ୟୁନୁସ, କିଶୋର ଖମାରୀ, ନୀଳମଣି ଗୌଡ଼, ଝୁମୁକଲାଲ ସାହୁ ପ୍ରମୁଖ ଯୋଗଦେଇଥିଲେ । ବିଜେତା ସଂଗ୍ରାମ ଏକାଦଶକୁ ୬୫ ହଜାର ଟଙ୍କା ସହ ଟ୍ରଫି ଏବଂ ଉପ ବିଜେତା ରୋହନ ଏକାଦଶକୁ ୪୫ ହଜାର ଟଙ୍କା ସହ ଟ୍ରଫି ଅତିଥି ମାନେ ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚରେ ବୋଲିଂରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ସୁନୀଲ କୁମାରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଚଳିତ ସିରିଜରେ ସର୍ବାଧିକ ରନ ଓ ୱାଇକେଟ ଅକ୍ତିଆର କରିଥିବା କୋରାପୁଟ ଦଳର ଗୁମାନଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ବେଷ୍ଟ ଫିଲ୍ଡର ଦୀପକ , ବେଷ୍ଟ ବୋଲର ଆକାଶ, ବେଷ୍ଟ କିପର ଗଣେଶଙ୍କୁ ପରୁଷ୍କୃତ କରାଯାଇଥିଲା । ଆଜିର ମ୍ୟାଚରେ ଧନଞ୍ଜୟ ମେହେର ଏବଂ ପବିତ୍ର ନାୟକ ଅମ୍ପାୟର , ବିନୟ ସାହୁ, ଭୀମରାଜ ତାଣ୍ଡି, ସୁନୀଲ ସେନାପତି, ଧନଞ୍ଜୟ ମଲ୍ଲିକ ଧାରାବିବରଣୀ ପ୍ରଦାନ କରିଥିଲେ । ରାକେଶ, ମାନସ ସ୍କୋରର , ଦେବ ଷ୍ଟଡିଓ ୟୁଟ୍ୟୁବ ଚେନାଲ ମାଧ୍ୟମରେ ସମସ୍ତ ଖେଳର ସିଧା ପ୍ରସାରଣ କରାଯାଇଥିଲା । ନରେନ୍ଦ୍ର ମାଝୀ, ନଳିନୀ ମାଝୀ, ଶିଶିର ମାଝୀ, ମାୟାଧର ମାଝୀ, ପରମେଶ୍ୱର ମାଝୀ, ଜୟସିଂ ନାୟକ, ବଳରାମ ପଟ୍ଟନାୟକ, ସିମାଞ୍ଚଳ ଗଣ୍ଡା,ବିକ୍ରମ କେଶରୀ ସାମଲ, ବସନ୍ତ ବିଷୋୟୀ, ସୌରୀରଞ୍ଜନ ସାହୁ, ରତ୍ନାକର ସାହୁ,ଜଗଦିଶ ରାଉତ ,ପ୍ରତାପ ଗୌଡ଼, ଧବଳେଶ୍ୱର ପଟ୍ଟନାୟକ, ଧନେଶ୍ୱର ସେଠି, ଗୁପ୍ତେଶ୍ୱର ମାଝୀ, ଦିଲ୍ଲୀପ ନାୟକ, କନ୍ଦର୍ପ, ତପୁନ, ରାଜେନ୍ଦ୍ର, ପ୍ରକାଶ ପ୍ରମୁଖଙ୍କ ସହ ସମସ୍ତ ପଲ୍ଲିଶ୍ରୀ ଯୁବକ ସଙ୍ଘର ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ। କୋଡିଏ ହଜାରରୁ ଉର୍ଦ୍ଧ୍ୱ ଦର୍ଶକ ଫାଇନାଲ ମ୍ୟାଚ ଉପଭୋଗ କରିଥିବା ବେଳେ ଶାନ୍ତିଶୃଙ୍ଖଳା ସହ ତଥା ସଫଳତାର ସହ ରୌପ୍ୟ ଜୟନ୍ତୀ ବର୍ଷ ପାଳନ ସହ ଏହି ପ୍ରତିଯୋଗିତାଟି ସମାପନ ହୋଇଛି।

## କନ୍ତୋର ଶିଙ୍ଗମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ବଛିପୁର ଚାମ୍ପିଅନ୍



କୋରେଇ (ଭାସ୍କର ନ୍ୟୁଜ୍): କୋରେଇ ବ୍ଲକ ଅନ୍ତର୍ଗତ କନ୍ତୋର ଗ୍ରାମରେ ସାିଙ୍ଗମ କ୍ରିକେଟ୍ କ୍ଲବର ବାର୍ଷିକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେଇଯାଇଛି। ଏହି ମ୍ୟାଚରେ ମୁଖ୍ୟ ଅତିଥି ଭାବେ ନେମ ଆଣ୍ଡ ଫେମ୍ ଅଧକ୍ଷ ତଥା ସମାଜ ସେବୀ ବନୋଜ କୁମାର ଜେନା ଯୋଗ ଦେବା ସହ ସମ୍ମାନୀତ ଅତିଥି ଭାବେ ଯଯାତୀ କେଶରୀ ସାହୁ, ଚିନ୍ତାମଣି ରାଉତ, ବ୍ରଜକିଶୋର ଖଟୁଆ, କୁନି ଭୂୟାଁ ଆନୁଷ୍ଠାନିକ ଭାବେ ଯୋଗ ଦେଇଥିଲେ।ଆଜିର ମ୍ୟାଚରେ ପ୍ରଥମେ ବଛିପୁର ନିର୍ଦ୍ଧାରିତ ୮ ଓଭର ରେ ୧୨୦ ରନ୍ ସଂଗ୍ରହ କରିଥିବା ବେଳେ ରାଉତରାପୂର୍ ମାତ୍ର ୧୦୯ ରନ୍ ସଂଗ୍ରହ କରିପାରିଥିଲା ଯାହା ଫଳରେ ବଛିପୁର ବିଜୟ ଲାଭ କରିଥିଲା। ବିଜୟୀ ଟିମ୍‌କୁ ପୁରସ୍କାର ରାଶି ୫୦୦୦ ଶହ ଟ୍ରଫି ଓ ପରାଜୟ ଟିମ୍‌କୁ ୩୦୦୦ ଶହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ କୋରେଇ ଅଞ୍ଚଳର ସାମ୍ବାଦିକ ଆଶୁତୋଷ ମହାନ୍ତି, ପବିତ୍ର ରାଉତରାୟ, ମଳୟ ମଲ୍ଲିକ, ପ୍ରମୋଦ କୁମାର ପାତ୍ର, ପ୍ରହଲ୍ଲାଦ ଦେଓ ଙ୍କୁ ସମ୍ମାନ ପତ୍ର, ଉତ୍ତରୀୟ, ପୁଷ୍ପ ଗୁଚ୍ଛ ଦେଇ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ଖେଳକୁ ପରିଚାଳକ ମୁଖ୍ୟ ସୁରେନ୍ଦ୍ର ବରାଳ, ପୁପୁନ ଦାଶ, ଶିବ ଜେନା, ଜିନ୍ମୟ ଜେନା, ପହଲା ଜେନା, ଆମ୍ପୟାର ଅନନ୍ତ ଜେନା, ବିଜୟ କୁମାର ନାୟକ, ତପ ରାଉତ, ଅଜିତ ବାଇ, ଲକ୍ଷ୍ମୀକାନ୍ତ ଜେନା, ଆଡ଼ଭାଇଜର ସେବାଶିଷ ପଣ୍ଡା ପ୍ରମୁଖ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

### ରାଜ୍ୟସ୍ତରୀୟ ଶାରଳା କପ୍

## ଭାଲିଆବାଡ଼ି ସ୍ପୋର୍ଟ୍ସ ଖୋର୍ଦ୍ଧା ସେମିଫାଇନାଲରେ




ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପଛ ପଡିଆ ନରେନ୍ଦ୍ର ଷ୍ଟାଡିୟମ ରେ ପୂର୍ଣ୍ଣାନନ୍ଦ ସ୍ମାରକୀ କ୍ରିକେଟ ଓ ୩୨ତମ ଶାରଳା କପ୍ ତୃତୀୟ କ୍ୱାଟର ଫାଇନାଲ ମ୍ୟାଚରେ ପରସ୍ପରକୁ ଭେଟିଥିଲେ ଭାଲିଆବାଡ଼ି ସ୍ପୋର୍ଟ୍ସ ଖୋର୍ଦ୍ଧା ବନାମ ବଳଦେବଜୀଉ ସାଲେପୁର । ପ୍ରଥମେ ଟସ ଜିତି ବଳଦେବଜୀଉ ସାଲେପୁର ନିର୍ଧାରିତ ଓଭର ପୂର୍ବରୁ ସମସ୍ତ ଉଇକେଟ ହରାଇ ୯୨ରନ ସଂଗ୍ରହ କରିଥିଲେ।ଦଳ ପକ୍ଷରୁ ନୃସିଂହ ମହାକୁଡ଼ ୧୬ଟି ବଲ ଖେଳି ୨୪ରନ ସଂଗ୍ରହ କରିଥିବା ବେଳେ ସେଥିରେ ୪ଟି ଚୌକା ରହିଛି।ଏହାର ଜବାବରେ ଭାଲିଆବାଡ଼ି ସ୍ପୋର୍ଟ୍ସ ଖୋର୍ଦ୍ଧା ୯୩ରନର ବିଜୟ ଲକ୍ଷ୍ୟକୁ ପିଛା କରି ନିର୍ଦ୍ଧାରିତ ଓଭର ପୂର୍ବରୁ ଅଥବା ୧୨ଓଭର ରେ ୪ଉଇକେଟ ହରାଇ ୯୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା, ଦଳ ପକ୍ଷରୁ ନିର୍ବିଶଙ୍କର ବାରିକି ୪୦ବଲରେ ୬୫ରନ କରିଥିଲେ ସେଥିରେ ୫ଟି ଚୌକା ଓ ୪ଟି ଛକା ରହିଛି।ଅତିଥି ମାନଙ୍କ ଦ୍ୱାରା ଖୋର୍ଦ୍ଧା ଭାଲିଆବାଡ଼ି ସ୍ପୋର୍ଟ୍ସ ର ନିର୍ବିଶଙ୍କର ବାରିକିଙ୍କୁ ମ୍ୟାନଅଫ ଦି ମ୍ୟାଚ ପୁରସ୍କୃତ ହୋଇଥିଲେ। ଖେଳ ପରିଚାଳନାରେ ମାଷ୍ଟର ସନ୍ତୋଷ ଓ ମାଷ୍ଟର ଡୋକମ । ପ୍ରକାଶ ଚନ୍ଦ୍ର ବେହେରା, ରାକେଶ ମହାନ୍ତି, ମଣ୍ଟୁ ଭୋଳ ଖେଳ ଧାରାବିବରଣୀ ପ୍ରଦାନ କରିଥିଲେ। କ୍ରୀଡ଼ା ସମ୍ପାଦକ ମିଥୁନ ବେହେରା, ମିଡ଼ିଆ ସେଲ ସମ୍ପାଦକ ପ୍ରକାଶ ନାୟକ ପ୍ରମୁଖ ଉପସ୍ଥିତ ଥିବା ବେଳେ ଶାରଳା କ୍ଲବ ସମସ୍ତ ସଦସ୍ୟ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଶେଷ କ୍ୱାଟର ଫାଇନାଲ ମ୍ୟାଚ ବୁଧବାର ଦିନ ଢେଙ୍କାନାଳ କ୍ରିକେଟ କ୍ଲବ ଢେଙ୍କାନାଳ ବନାମ ପତିତ ପାବନ ସ୍ପୋଟିଂ କ୍ଲବ ଅତ୍ରି ଖୋର୍ଦ୍ଧା ମଧ୍ୟରେ ମ୍ୟାଚ ହେବ ବୋଲି ଶାରଳା ସ୍ପୋଟିଂ କ୍ଲବ ସଭାପତି ଯୁଗଳ କିଶୋର ମହାନ୍ତି ସୂଚନା ଦେଇଛନ୍ତି।

## ପଟିଆରେ ଖୋଲିଲା ରୋଜ୍ ଟ୍ରାନ୍ସଫରମେସନ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପଟିଆ ସ୍ଥିତ ଇନଫୋସିସ୍ ଏଭରେ ରୋଜ୍ ଟ୍ରାନ୍ସଫରମେସନ ଉଦଘାଟିତ ହୋଇଯାଇଛି। ଅତିଥି ଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବିଧାୟକ ତଥା ଅଭିନେତା ଆକାଶ ଦାସନାୟକ ଓ ଅଭିନେତ୍ରୀ ଅନୁ ଚୌଧୁରୀ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଏହି ଅବସରରେ ସଂସ୍ଥାର ପ୍ରତିଷ୍ଠାତା ତଥା କସ୍ମେଟୋଲୋଜିଷ୍ଟ ଡାଃ ରୋଜାଲିନ୍ ପରିଡା କହିଛନ୍ତି ଯେ ବର୍ତ୍ତମାନ ସମୟରେ ଆମେ ଯେଉଁ ଜଙ୍କ୍ ଫୁଡ୍ ହେଉ ଅବା ରସାୟନିକ ପଦାର୍ଥ ମିଶା ଖାଦ୍ୟ ଖାଉଛୁ ତାହାର କୁ ପ୍ରଭାବ ଆମ ଶରୀର ଉପରେ ପଡୁଛି। ୨୦ରୁ ୨୫ ବର୍ଷ ବୟସରେ ଯୁବପିଢୀମାନଙ୍କ ଚର୍ମ ଓ କେଶରେ ପରିବର୍ତ୍ତନ ଆସୁଛି। ସେମାନଙ୍କ ସମସ୍ୟାର ସମାଧାନ କରିବ ରୋଜ୍ ଟ୍ରାନ୍ସଫରମେସନ। ଆମେ ବିଜ୍ଞାନ ଓ ପ୍ରକୃତିକୁ ମିଶ୍ରଣ କରି ପ୍ରାକୃତିକ ପଦ୍ଧତିରେ ସମାଧାନ କରିବୁ। ଏହା ହେଉଛି ଏକ ଡିଟକ୍ସ ଏବଂ କୃପା କେନ୍ଦ୍ର ଯେଉଁଠାରେ ଆମେ ସମସ୍ତ ଡିଟକ୍ସ ଏବଂ ୱେଲନେସ କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ ପାଇଁ, ଯେପରିକି ଇନଫ୍ରାରେଡ ସୌନା, ମଡ୍ ଥେରାପି, ଭିକି ସାୱାର ଲିମ୍ଫାଟିକ୍ ମସାଜ୍, ଶରୀର ଡିଟକ୍ସ ପ୍ରୋଗ୍ରାମ୍, ସ୍ଲିମିଂ କାର୍ଯ୍ୟକ୍ରମ, ଚର୍ମ ଚିକିତ୍ସା, କେଶ ଚିକିତ୍ସା, ସମସ୍ତ ପ୍ରାକୃତିକ ଉପାୟ ଏବଂ ପ୍ରାକୃତିକ ଉତ୍ପାଦ ଅନ୍ତର୍ଭୁକ୍ତ ରହିଛି। ଆମେ ଆମର ଗ୍ରାହକ ମାନଙ୍କୁ ସର୍ବୋତ୍ତମ ଫଳାଫଳ ଦେବା ପାଇଁ ପ୍ରାଚୀନ ଜ୍ଞାନ ସହିତ ମର୍ଡନ୍ ବିଜ୍ଞାନକୁ ଅନ୍ତର୍ଭୁକ୍ତ କରୁଛୁ। ସମସ୍ତେ ଏହି ସେବାର ଲାଭ ଉଠାଇବାକୁ ଡାଃ ରୋଜାଲିନ୍ ଅନୁରୋଧ କରିଛନ୍ତି।



## ବାର୍ଷିକ ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଯାପିତ



କରଞ୍ଜିଆ (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ୍ ଚାନ୍ଦୁ ସାହି ନିଝୁମ କ୍ଲବ୍‌ର ୪୫ତମ ବାର୍ଷିକ ଫୁଟବଲ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏହି ଉଦଯାପନୀ ଦିବସରେ ରନିତ ଏକାଦଶ ଏଫ୍‌ସି ବନାମ ଏଆର ବ୍ରୋଦର୍ସ ଜାମୁତି ମଧ୍ୟରେ ଏକ ସଂଘର୍ଷ ପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଖେଳ ଶେଷ ସୁଦ୍ଧା ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ ଦେଇ ଖେଳକୁ ଅମିମାଂଶ ରଖିଥିଲେ। ଫଳରେ କମିଟି ଟ୍ରାଏ ବ୍ରେକର ଆଶ୍ରୟ ନେଇଥିଲା। ଯେଉଥିରେ ରନିତ ଏକାଦଶ ଏଫ୍ ସି ୫/୪ ଗୋଲ ବ୍ୟବଧାନରେ ବିଜୟ ହୋଇ ଚଳିତ ବର୍ଷ ଚମ୍ପିୟାନ ହେଇଛି। ଚଳିତ ବର୍ଷ ଦର୍ଶକଙ୍କୁ ବାନ୍ଧି ରଖିବାକୁ ମହିଳା ଫୁଟ ବଲ ଓ ୪୦+ ଖେଳ ଆୟଜନ ହୋଇଥଲା। ମହିଳା ଫୁଟବଲରେ ସ୍ପୋର୍ଟସ ହଷ୍ଟେଲ ଭୁବନେଶ୍ୱର ବନାମ ତାରିଣୀ ଏକାଡେମୀ କେନ୍ଦୁଝର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହା କେବଳ ମନୋରଞ୍ଜନର ଖେଳ ଥିଲା। ୪୦+ ରେ ମୟୂରଭଂଜ ଏକ୍ସପ୍ରେସ ବନାମ କୋବ୍ରା ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କୋବ୍ରା ଏକାଦଶ ଚମ୍ପିୟାନ ହୋଇଥିଲା। ପରେ କ୍ଲବ ସଭାପତୀ ପପୁ ନାଏକଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ରୂପେ କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବୁରୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନାରୀ ନେତ୍ରୀ ପୁଷ୍ପାଞ୍ଜଳି ସିଦୁ, କେରକେରା ପଂଚାୟତର ସମିତିସଭ୍ୟ ଯୁଆଲ ମୁଣ୍ଡା, ପୂର୍ବତନ ସରପଞ୍ଚ ଭଗବାନ ସୟ, ସମାଜ ସେବି ଡି ବି ବାହାଦୁର, ବିଜେପି ନେତା କୃପାସିନ୍ଧୁ ମହାନ୍ତ, ମହେଶ୍ୱର ସାହା, ଆଶିଷ ମହାନ୍ତ ପ୍ରମୁଖ ଯୋଗଦେଇ ବିଜେତା ଓ ଉପ ବିଜେତା ଦଳଙ୍କୁ ପୁରସ୍କାର ନଗଦ ଅର୍ଥ ରାଶି ସହିତ ଟ୍ରଫି ପ୍ରଦାନ କରିଥିଲେ। ପ୍ରତିଯୋଗୀତାରେ ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିମ ବେଙ୍ଗଲର ମୋଟ ୨୨ ଗୋଟି ଟିମ୍ ଭାଗ ନେଇଥିଲେ। ଏଥିରେ ରେଫରି ଭାବେ ଉତ୍କଳ ମଣି ବେହେରା, ଚକ୍ରଧର ଚାତାର ବିନୟ ମହାକୁଡ ଓ ସୁନିଲ ଶୁଣ୍ଡି କାର୍ଯ୍ୟ ତୁଲାଇଥିଲେ। ଏହି ପ୍ରତିଯୋଗିତାରେ ତୃତୀୟ ଦଳ ଝାଟିଆଳି ଓ ଚତୁର୍ଥ ଦଳ ଜଟ। କଳା ଦଳକୁ ମଧ କ୍ଲବ ପକ୍ଷରୁ ପୁରସ୍କୃତ କରଯାଇଥିଲା। ଖେଳକୁ କ୍ଲବ ସଭପତି ପପୁ ନାଏକଙ୍କ ସହିତ ସଂପାଦକ ଲେଲିନ ନାଏକ, ପ୍ରଦୀପ ମହାକୁଡ, ଦୁଷ୍ମନ୍ତ ନାଏକ, ଟିକାୟତ ନାଏକ ଓ କ୍ଲବର ଅନ୍ୟ ସଭ୍ୟ ସଭ୍ୟା ମାନେ ପରିଚାଳନା କରିଥିଲେ।

## ମା' ରାମଚଣ୍ଡି କ୍ରିକେଟ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଘାଟିତ




ବୋଲଗଡ (ଭାସ୍କର ନ୍ୟୁଜ୍) : ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକ ଧଳାପଥର ପଞ୍ଚାୟତ ଅଧିନସ୍ଥ କୋଦୁଅବେରେଣି ଖେଳ ପଡିଆରେ ତ୍ରୟୋଦଶ ରାଜ୍ୟ ସ୍ତରୀୟ ମା ରାମଚଣ୍ଡି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ରବିବାର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିବା ବେଳେ ଆଇଆରସି, ଭୁବନେଶ୍ୱର ଓ ଇଗଲ କ୍ଲବ୍ ,ମେଣ୍ଢାଶାଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁବନେଶ୍ୱର ଦଳ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ମେଣ୍ଢାଶାଳ ଦଳ ସାଗର ବେହେରା ଙ୍କ ୪୩ ବଲରେ ଅପରାଜିତ ୭୧ ରନ ଓ ଗିରିଶ ନାୟକଙ୍କ ୩୧ ବଲରେ ୫୯ ରନ ସହାୟତାରେ ନିର୍ଦ୍ଧାରିତ ୨୦ ଓଭର ଖେଳି ୫ ଉଇକେଟ ହରାଇ ୨୧୬ ରନ କରିଥିଲା।ଏହାର ଜବାବରେ ଭୁବନେଶ୍ୱର ଦଳ ୧୮ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୭୧ ରନ କରି ପରାଜୟ ବରଣ କରିଥିଲେ। ଦଳ ପକ୍ଷରୁ ସୁବ୍ରତ ମହାନ୍ତି ୨୬ ବଲରେ ୬୨ ରନ ଓ ସଞ୍ଜୟ ସାହୁ ୧୧ ବଲରେ ୨୩ ରନ କରିଥିଲେ। ଏହି ମ୍ୟାଚରେ ସାଗର ବେହେରା ଅଲରାଉଣ୍ଡ ସାଫଲ୍ୟ ପାଇଁ ମ୍ୟାନ୍ ଅଫ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ସେହିପରି ସୋମବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ କାଇପଦର କ୍ରିକେଟ କ୍ଲବ ଓ ଭାଲିଆବାଡି କ୍ରିକେଟ କ୍ଲବ୍ ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ଭାଲିଆବାଡି ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିରବିଶଙ୍କର ବାରିକଙ୍କ ୩୦ ବଲରେ ୬୦ ରନ ଓ ଗୌତମ ସ୍ୱାଇଁଙ୍କ ୧୪ ବଲ ରେ ୩୬ ରନ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୩୭ ରନ କରିଥିଲା। ଏହା ଜବାବରେ କାଇପଦର୍ ଟିମ୍ ସୁଶାନ୍ତ ସାମନ୍ତରାୟ ୪୦ ବଲରେ ୫୧ ରନ ଓ ସୁରେନ୍ଦ୍ର ଚଂପତିଙ୍କ ୧୯ ବଲରେ ୪୫ରନ ସହାୟତା ରେ ନିର୍ଦ୍ଧାରିତ ୨୦ ଓଭର ଖେଳି ୯ ଉଇକେଟ ବିନିମୟରେ ୧୭୧ ରନ କରି ପରାସ୍ତ ହୋଇଥିଲା।ଏହି ମ୍ୟାଚଟିରେ ସି ଏସ କାନୁନଗୋ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

## ମା' ମଙ୍ଗଳା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଯାପିତ: ନାତିଡି ଟିମ୍ ଚାମ୍ପିଅନ୍



ପରଜଙ୍ଗ (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ପିତିରି ପଞ୍ଚାୟତ ଓଡ଼ିସିଙ୍ଗା ଗ୍ରାମ ଖେଳ ପଡିଆରେ ମା' ମଙ୍ଗଳା କ୍ରିକେଟ କ୍ଲବ ଆନୁକୁଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ୧୬ଟି ଦଳକୁ ନେଇ ଆୟୋଜକ ପକ୍ଷରୁ ଟୁର୍ଣ୍ଣାମେଣ୍ଟ ପରିଚାଳିତ ହୋଇଥିବା ବେଳେ ଫାଇନାଲକୁ ଥର୍ମାଲ ଜଗନ୍ନାଥପୁର କ୍ରିକେଟ କ୍ଲବ୍ ଓ ତାଳଚେର ନାତିଡି କ୍ରିକେଟ କ୍ଲବ୍ ପ୍ରବେଶ କରିଥିଲେ । ୩ ପର୍ଯ୍ୟାୟ ବିଶିଷ୍ଟ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ପ୍ରଥମ ମ୍ୟାଚ ୧୦ ଓଭର ବିଶିଷ୍ଟ ଖେଳ ପରିଚାଳନା ହୋଇଥିଲା। ନାତିଡି ଟିମ୍ ପ୍ରଥମେ ବ୍ୟାଟିଂ କରି ୫ ୱିକେଟ ହରାଇ ୯୩ ରନ ସଂଗ୍ରହ କରିଥିବା ବେଳେ ଜଗନ୍ନାଥପୁର ଟିମ୍ ଆବଶ୍ୟକ ରନ ସଂଗ୍ରହ କରିନେଇ ବିଜୟୀ ହୋଇଥିଲେ। ଦ୍ୱିତୀୟ ମ୍ୟାଚ ୮ ଓଭର ବିଶିଷ୍ଟ ଖେଳ ହୋଇଥିଲା। ଏହି ମ୍ୟାଚରେ ନାତିଡି ଟିମ୍ ଟସ୍ ଜିତି ଜଗନ୍ନାଥପୁର ଟିମକୁ ପ୍ରଥମେ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ଜଗନ୍ନାଥପୁର ଟିମ୍ ୭ ୱିକେଟ ହରାଇ ୬୮ ରନ ସଂଗ୍ରହ କରିଥିବା ବେଳେ ଜବାବରେ ନାତିଡି ଟିମ୍ ୫ ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲେ। ଅନ୍ତିମ ତଥା ତୃତୀୟ ମ୍ୟାଚ ୪ ଓଭର ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଗନ୍ନାଥପୁର ଟିମ୍ ଟସ୍ ଜିତି ନାତିଡି ଟିମକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ନାତିଡି ଟିମ୍ ୪ ୱିକେଟ ହରାଇ ୫୬ ରନ୍ ସଂଗ୍ରହ କରିଥିବା ବେଳେ ଜବାବରେ ଜଗନ୍ନାଥପୁର ଟିମ୍ ଏଥିରେ ପରାଜୟ ବରଣ କରିଥିଲେ। ଯାହା ଫଳରେ ନାତିଡି ଟିମ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲେ। ଉଦଯାପନୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପରଜଙ୍ଗ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତ୍ରିଲୋଚନ ଭୂତିଆ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ପିତିରି ପଞ୍ଚାୟତ ସରପଞ୍ଚ ଅଶୋକ ବର୍ମା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ବସନ୍ତ ରାଉତ, ଶିଲୁ ମହାରଣା ଓ ମନୋରଞ୍ଜନ ଜେନା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ରନର୍ସ ଦଳକୁ ଶ୍ରୀ ଭୂତିଆ ଓ ଶ୍ରୀ ବର୍ମା ଟ୍ରଫି ପ୍ରଦାନ କରିଥିବା ବେଳେ, ଚାମ୍ପିଅନ ଦଳକୁ ମୁଖ୍ୟ ଅତିଥି ଶ୍ରୀମତୀ ଦଳବେହେରା ଟ୍ରଫି ପ୍ରଦାନ କରିଥିଲେ। ପିଣ୍ଟୁ ସ୍ୱାଇଁ ଓ ହେମନ୍ତ ବେହେରା ଖେଳ ପରିଚାଳନା କରିଥିଲେ। ସ୍କୋରର ବର୍ଷ୍ଣି ଓ ସରୋଜ, ଧାରାବିବରଣୀ ସୁନୀଲ ଓ ସୁଧାକର ଦାୟିତ୍ୱ ନିର୍ବାହ କରିଥିଲେ । ମ୍ୟାନ ଅଫ ଦି ମ୍ୟାଚ୍ ଓ ବେଷ୍ଟ ବୋଲର ନାତିଡି ସପକ୍ଷରେ ଯାଇଥିବା ବେଳେ ବେଷ୍ଟ ବ୍ୟାଟସ୍ ମ୍ୟାନ ଜଗନ୍ନାଥପୁର ଟିମ୍ ସପକ୍ଷରେ ଯାଇଥିଲା। ଆୟୋଜକ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।



କରଞ୍ଜିଆ (ଭାସ୍କର ନ୍ୟୁଜ୍): କରଞ୍ଜିଆରେ ଉପଖଣ୍ଡସ୍ତରୀୟ ୭୬ ତମ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପାଞ୍ଚପିଢ଼ ଉପଜିଲ୍ଲାପାଳ ଶ୍ରୀଯୁକ୍ତ ପ୍ରେମାଂଶୁ ଚାନ୍ଦ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରି ଜାତି ଉଦ୍ଦେଶ୍ୟ ରେ ଅଭିଭାଷଣ ରଖିଥିଲେ । ଦିବସ ପାଳନ ଅବ୍ୟବହିତ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ମୋଟ ୪୮ ଜଣ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଜାତୀୟ ଦିବସ ପାଳନ କମିଟି ଦ୍ୱାରା ପ୍ରଦତ୍ତ ପ୍ରମାଣ ପତ୍ର ଓ ପ୍ରଯୋଜକଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରିଥିଲେ । ପରେଡ ପ୍ରତିଯୋଗିତାରେ ବରିଷ୍ଠ ବର୍ଗରେ ପ୍ରଥମ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର , କରଞ୍ଜିଆ ଦ୍ୱିତୀୟ ଶିମିଳିପାଳ ଇଂରାଜୀ ମିଡୀୟମ ବିଦ୍ୟାଳୟ, କରଞ୍ଜିଆ, ତୃତୀୟ ଶୋଭାନିୟ ଶିକ୍ଷାଶ୍ରମ କରଞ୍ଜିଆ, ପୁରସ୍କାର ପାଇଥିବାବେଳେ କନିଷ୍ଠ ସ୍ତରରେ ପ୍ରଥମ ଡି ଏମ ପବ୍ଲିକ୍ ସ୍କୁଲ, କରଞ୍ଜିଆ ଦ୍ୱିତୀୟ ବ୍ରାଇଟ ଏଞ୍ଜେଲ୍ ପବ୍ଲିକ୍ ସ୍କୁଲ ଓ ତୃତୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାମନ୍ଦିର, କରଞ୍ଜିଆ କୃତକାର୍ଯ୍ୟ ହୋଇ ମୁଖ୍ୟଅତିଥିଙ୍କ ଠାରୁ ପୁରସ୍କୃତ ହୋଇଥିଲେ । ଏହି ଅବସରରେ ବିଶେଷ କ୍ଷେତ୍ର ରେ ପାରଦର୍ଶିତା ହୋଇଥିବ। ଲକ୍ଷ୍ମୀପ୍ରିୟା ମହାନ୍ତ,ଓମ୍ପ୍ରିତ କୁମାର ଦାସ ଓ ଦେବାଙ୍କ ସ୍ୱାଇଁ ଙ୍କୁ ସମ୍ମାନିତ କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ପୋଲିସ ଅଧିକାରୀ ସୁବ୍ରତ କୁମାର ଙ୍କ ସହିତ ଡେପୁଟି କଲେକ୍ଟର ସସ୍ମିତା ଜେନା ତହସିଲଦାର ବିଦ୍ୟାଧର ପତି, ବିଡିଓ ପ୍ରଦ୍ୟୁମ୍ନ କୁମାର ନାୟକ, ଯଶିପୁର ତହସିଲଦାର ଶର୍ମିଷ୍ଠା ସାହୁ, ଉପକାରାଗାର ଅଧୀକ୍ଷକ ପ୍ରଦୀପ୍ତ ମହାଳିକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିବା ବେଳେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଭାରପ୍ରାପ୍ତ ଅଧିକାରୀ ତଥା ସହକାରୀ ଜିଲ୍ଲାପାଳ ନିହାର ରଞ୍ଜନ ସେଠି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସୂଚନା କେନ୍ଦ୍ର ଓ ପାଠାଗାରର ଗ୍ରନ୍ଥାଗାରିକ ଅରୁଣ କୁମାର ପାଣିଗ୍ରାହୀ ଓ ଶ୍ରୀହରି ଦାସ ସହଯୋଗ କରିଥିଲେ ।



# ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ଭଞ୍ଜନଗରର ଯୁବ ଉଦ୍ୟୋଗୀ ଶକ୍ତି ସମ୍ପଦ




ଭଞ୍ଜନଗର(ଭାସ୍କର ନ୍ୟୁଜ୍): ଭଞ୍ଜନଗରର ଯୁବ ଉଦ୍ୟୋଗୀ ଶକ୍ତିସମ୍ପଦ ଦାସ । ତାଙ୍କ ଉଦ୍ୟୋଗ ଇ.ଭି (ଇଲୋକ୍ଟ୍ରନିକ୍ ଭେଇକେଲ୍) ଗ୍ୟାରେଜ ପ୍ରାଇଭେଟ୍ ଲିମିଟେଡ, ଓଡ଼ିଶା ସରକାରଙ୍କ ଷ୍ଟାର୍ଟ ଅପ୍ ଓଡ଼ିଶା ପକ୍ଷରୁ ୨୮ ଓ ୨୯ ତାରିଖରେ ଭୁବନେଶ୍ୱର ଜନତା ମଇଦାନରେ ଅନଷ୍ଠିତ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା ୨୦୨୫ ରେ ନିବେଶ ଆଣିବାକୁ ମନୋନୀତ ହୋଇଛି । ୨୬ ଟି କମ୍ପାନୀ ମଧ୍ୟରେ ତାଙ୍କର ଉଦ୍ୟୋଗ ସ୍ଥାନପାଇଛି । ଏହି କାର୍ଯ୍ୟକ୍ରମରେ ୧୨ଟି ରାଷ୍ଟ୍ରରୁ ଆସିବାକୁ ଥିବା, ନିବେଶକମାନେ ସାମିଲ ହେବେ । ଆସନ୍ତା ଦିନରେ ଦୁଇଚକିଆ ଏବଂ ଚାରି ଚକିଆଯାନ ର ଚାହିଦା ବୃଦ୍ଧି ପାଇବା ଲକ୍ଷ୍ୟ କରାଯାଉଛି । ସେହି ଦୃଷ୍ଟିରୁ, ଭଂଜନଗରର ଯୁବ ଉଦ୍ୟୋଗୀ ଶ୍ରୀ ଦାସଙ୍କ ପାଇଁ ସୃଷ୍ଟି ହୋଇଥିବା ଏଭଳି ସୁଯୋଗକୁ ନେଇ, ଇଲେକ୍ଟ୍ରିକ୍ ଭେଇକିଲ୍ ଉପରେ ରୁଚି ରଖିଥିବା ଗ୍ରାହକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । ତେବେ ରାଜ୍ୟ ସରକାରଙ୍କ ଷ୍ଟାର୍ଟ ଅପ୍ ଓଡ଼ିଶା ଦ୍ୱାରା ନିବେଶ ଆଣିବାକୁ ମନୋନୀତ ଉଦ୍ୟୋଗ ମଧ୍ୟରେ ସ୍ଥାନ ପାଇବାରୁ ନିଜେ ମଧ୍ୟ ଖୁସି ପ୍ରକାଶ କରିଛନ୍ତି, ଯୁବ ଉଦ୍ୟୋଗୀ ଶ୍ରୀ ଦାସ ।

# ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ



ରଘୁନାଥପୁର (ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ ଅଞ୍ଚଳରେ ୭୬ ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ରଘୁନାଥପୁର ପଞ୍ଚାୟତ ସମିତି ପକ୍ଷରୁ ଆୟୋଜିତ ଉତ୍ସବରେ ଅଧକ୍ଷା ଲକ୍ଷ୍ମୀ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତଳନ କରିଥିଲେ। ଏଥିରେ ବିଡିଓ ବିରଞ୍ଚି ନାରାୟଣ ବେହେରା, ଅତିରିକ୍ତ ବିଡିଓ ଜ୍ଞାନଦା ନାୟକ, ସେକ୍ସନ ଅଫିସର ବିଜୟ କୁମାର ମଲ୍ଲିକ, ଭବେଶ ବେହେରା,ଦୁଷ୍ମନ୍ତ ସାହୁ, ଜଗନ୍ନାଥପୁର ସମିତି ସଭ୍ୟା ପ୍ରମିଳା ବେହେରା, ଛବିରାଣି ମହାପାତ୍ର, ଯୋଗ ଦେଇଥିଲେ। ଏହି ଉତ୍ସବରେ ଜଗନ୍ନାଥପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀ ଓ ଗୁରୁଜୀ ଗୁରୁମା ମାନେ ଉପସ୍ଥିତ ରହି ଜାତୀୟ ସଙ୍ଗୀତ ଗାନ କରିଥିଲେ। ରଘୁନାଥପୁର ଗ୍ରାମନ୍ୟାୟଳୟରେ ନ୍ୟାୟଧିଶ ତ୍ୱନୀ ରଥ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ତହସିଲ କାର୍ଯ୍ୟାଳୟରେ ତହସିଲ ଦାର ଅଭିପ୍ସା ପଟ୍ଟନାୟକ,ସବ୍ ରେଜିଷ୍ଟର କାର୍ଯ୍ୟାଳୟରେ ଅଧିକାରୀ ତପନ କୁମାର ପରିଡା, ଥାନା କାର୍ଯ୍ୟାଳୟରେ ଅଧିକାରି ସୁଶାନ୍ତ କୁମାର ସେଠୀ, ସ୍ୱାସ୍ଥ୍ୟ କେନ୍ଦ୍ରରେ ସୁପରିଟେଣ୍ଡ ଡାକ୍ତର ସୁକାନ୍ତ କୁମାର ଦଳାଇ, ପଶୁଚିକିତ୍ସା କେନ୍ଦ୍ରରେ ଡାକ୍ତର ଚିନ୍ମୟ କୁମାର ସାହୁ, ଜଳଯୋଗାଣ କାର୍ଯ୍ୟାଳୟରେ ଉପନିର୍ବାହୀ ଯନ୍ତ୍ରୀ ରବିନ୍ଦ୍ର କୁମାର ସେଠୀ, ଗ୍ରାମ ଉନ୍ନୟନ ବିଭାଗରେ ଯନ୍ତ୍ରୀ ଖଗେଶ୍ୱର ବେହେରା, ଜଇପୁର ଓ ମାଣପୁର ପୂର୍ତ୍ତବିଭାଗ ସେକ୍ସନ କାର୍ଯ୍ୟାଳୟରେ ଯନ୍ତ୍ରୀ ବେଦବ୍ୟାସ ସ୍ୱାଇଁ ଓ ବିନୟ କୁମାର ସାହୁ,ଶିକ୍ଷା ମଣ୍ଡଳ କାର୍ଯ୍ୟାଳୟରେ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ସ୍ୱାଇଁ, ଶିଶୁବିକାଶ କାର୍ଯ୍ୟାଳୟରେ ସିଡିପିଓ ତୃପ୍ତିଲତା ମହାନ୍ତୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ବିଭିନ୍ନ ସ୍କୁଲ, କଲେଜ,ପଞ୍ଚାୟତ କାର୍ଯ୍ୟାଳୟ, ସରକାରୀ ବେସରକାରୀ ଓ ବ୍ୟାଙ୍କ କାର୍ଯ୍ୟାଳୟ, ବ୍ୟବସାୟ ପ୍ରତିଷ୍ଠାନରେ ୭୬ତମ ସାଧାରଣ ତନ୍ତ୍ର ଦିବସ ପାଳିତ ହୋଇଯାଇଛି।ଏହି ଅବସରରେ ରଘୁନାଥପୁର ବିଜେପି ପକ୍ଷରୁ ମଣ୍ଡଳ ସଭାପତି ସୋରାଜ ସାମଲଙ୍କ ନେତୃତ୍ୱରେ ଏକ ତିରଙ୍ଗା ଶୋଭାଯାତ୍ରା କରାଯାଇଥିଲା।

# ନୋଡାଲ ବିଦ୍ୟାପୀଠରେ ବାର୍ଷିକୋତ୍ସବ




ପରଜଙ୍ଗ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମହେଶ୍ୱର ସୁବାହୁସିଂହ ନୋଡାଲ ବିଦ୍ୟାପୀଠର ବାର୍ଷିକୋତ୍ସବ ଶନିବାର ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସସ୍ମିତା ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଉକ୍ତ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ମୋ ସ୍କୁଲ ଅଭିଯାନର ସଭାପତି ନାରାୟଣ ବିନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ, ବ୍ଲକ ଅତିରିକ୍ତ ଗୋଷ୍ଠି ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମୀ ବେହେରା ,ରମେଶ ଚନ୍ଦ୍ର ପରିଡା ଓ ଅନ୍ୟତମ କାର୍ଯ୍ୟରତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ବିକ୍ରମସିଂହ , ଗଣମାଧ୍ୟମ ପ୍ରତିନିଧି ନିର୍ମଳ ଗଡ଼ନାୟକ ଓ ଶିକ୍ଷା କମିଟି ସଭାପତି ଅନ୍ତର୍ଯ୍ୟାମୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟ ପକ୍ଷରୁ ହୋଇଥିବା ବାର୍ଷିକ କ୍ରୀଡ଼ା ଓ ବାର୍ଷିକ ଉତ୍ସବର ଉପାଦେୟତା ଉପରେ ମୁଖ୍ୟ ଅତିଥି ଶ୍ରୀ ବିନାୟକ ବକ୍ତବ୍ୟ ରଖିଥିବା ବେଳେ ଖେଳ ଓ ଖେଳାଳୀ ସମ୍ବନ୍ଧୀୟ ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟ ବକ୍ତା ଶ୍ରୀ ସାହୁ ମାର୍ଗଦର୍ଶନ ଦେଇଥିଲେ । ବାର୍ଷିକ କ୍ରୀଡ଼ାରେ ଅଂଶ ଗ୍ରହଣ କରିଥିବା କୃତି ପ୍ରତିଯୋଗୀମାନଙ୍କୁ ମଞ୍ଚାସୀନ ଅତିଥି ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟର ଖେଳ ଶିକ୍ଷକ ଅକ୍ଷୟ କୁମାର ବର୍ମା ଓ ସହଯୋଗୀ ଶିକ୍ଷକ ଦିଲ୍ଲୀପ କୁମାର ମହାପାତ୍ର, ରୁପେଶ୍ ଖଟୁଆ ଓ ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସୂଚାରୁ ରୂପେ ଖେଳ ପରିଚାଳନା କରିଥିବା ବେଳେ ବାର୍ଷିକ ଉତ୍ସବର ଶିକ୍ଷକ ଶ୍ରୀକର ସାହୁ ଅତିଥି ପରିଚୟ ଦେଇ ମଞ୍ଚ ସଞ୍ଚାଳନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ନନ୍ଦ ଧନ୍ୟବାଦ ଅର୍ପଣ କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ଉପସ୍ଥିତ ରହି ବାର୍ଷିକ ଉତ୍ସବକୁ ସହଯୋଗ କରିଥିଲେ ।

# ଟାର୍ଗେଟ ନଥିବାରୁ ମଣ୍ଡିରେ ପଡ଼ିଛି ହଜାର ହଜାର ଧାନବସ୍ତା

- ଟୋକନ୍ ଲାପ୍ସ, ଚିନ୍ତାରେ ଚାଷୀ
- କଟନି ଛଟନିକୁ ନେଇ ବଢୁଛି ଅସନ୍ତୋଷ
- ସମସ୍ୟା ଯୋଗୁଁ ଦଲାଲ କରୁଛି ଚାଲାଣ
- ବିଭାଗୀୟ ତଥ୍ୟକୁ ନେଇ ଉଠିଛି ପ୍ରଶ୍ନ




ରାଇଘର (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ଧାନ କିଣାରେ ନାନା ସମସ୍ୟା ସୃଷ୍ଟି ହୋଇଛି । ମଣ୍ଡି ଆରମ୍ଭରୁ ଏଫଏକ୍ୟୁ ମାନର ଧାନ କିଣା ପରବର୍ତ୍ତୀ ସମୟରେ କଟନି ଛଟନି ସମସ୍ୟା ଦେଖାଯିବା ପରେ ଟାର୍ଗେଟ ଅଭାବରୁ ଧାନ ନ ଉଠିବା ସମସ୍ୟା ଦେଖା ଦେଇଥିଲା। ତେବେ ଜିଲ୍ଲା ଯୋଗାଣ ଅଧିକାରୀ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀ ସ୍ଥିତି ଅନୁଧ୍ୟାନ ପରେ ଟାର୍ଗେଟ ବୃଦ୍ଧି କରାଯାଇଥିଲା। କିନ୍ତୁ ଦ୍ୱିତୀୟ ଥର ସମାନ ପରିସ୍ଥିତି ଦେଖାଦେଇଛି । ବର୍ତ୍ତମାନ ସମୟରେ ଲ୍ୟାମ୍ପସ ଓ ଦୁଇ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ମୋଟ ୬ ଗୋଟି ମଣ୍ଡିରେ ୫୦ ହଜାରରୁ ଊର୍ଦ୍ଧ୍ୱ ଧାନ ବସ୍ତା ପଡି ରହିଥିବା ବେଳେ ୧୮ ଜଣ ଚାଷୀଙ୍କ ଟୋକନ୍ ହୋଇଥିବା ଲ୍ୟାମ୍ପସ୍ ତଥ୍ୟରୁ ଜଣାପଡିଛି । ଅନ୍ୟପଟେ ଯୋଗାଣ ବିଭାଗ ତଥ୍ୟକୁ ନେଇ ଉଠିଛି ପ୍ରଶ୍ନ । ତେବେ ପରିସ୍ଥିତିକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି । ସବିଶେଷ ଖବରରୁ ପ୍ରକାଶଯେ, ରାଇଘର ବ୍ଲକର ମହଣ୍ଡ,ଗୋନା,ରାଇଘର,ଯୋଡ଼ିଙ୍ଗା ଓ ହାଟଭରଣ୍ଡି ମୋଟ ପାଞ୍ଚଗୋଟି ମଣ୍ଡି କେନ୍ଦ୍ର ରହିଥିବାବେଳେ ବ୍ଲକର ୨୬ ଗୋଟି ପଞ୍ଚାୟତର ଚାଷୀ ଏଠାରେ ଧାନ ବିକ୍ରୟ କରିବେ । ଜାନୁଆରୀ ୨୬ ତାରିଖ ରିପୋର୍ଟ ଅନୁଯାୟୀ ରାଇଘର ମଣ୍ଡିରେ ଉଭୟ ଲ୍ୟାମ୍ପସ ଓ ଏସଏଚଜି ଗ୍ରୁପ ପରିଚାଳିତ ମଣ୍ଡିରେ ୧୦୪ ଜଣ ଚାଷୀଙ୍କ ୧୪ ହଜାର ୭ ଶହ ୪୫ ବସ୍ତା ଧାନ ପଡି ରହିଥିବା ବେଳେ ଯୋଡ଼ିଙ୍ଗା ମଣ୍ଡିରେ ୫୩ ଜଣ ଚାଷୀଙ୍କ ୧୪ ହଜାର ୧୯ ବସ୍ତା ଧାନ, ଗୋନା ମଣ୍ଡିରେ ୪୯ ଜଣ ଚାଷୀଙ୍କ ୭ ହଜାର ୨ ଶହ ୮୯ ବସ୍ତା ଧାନ, ହାଟଭରଣ୍ଡି ମଣ୍ଡିରେ ୭୯ ଜଣ ଚାଷୀଙ୍କ ୧୦ ହଜାର ୬୫ ବସ୍ତା ଧାନ ପଡି ରହିଛି । ମହଣ୍ଡ ମଣ୍ଡିରେ ୬୨ ଜଣ ଚାଷୀଙ୍କ ୮ ହଜାର ୩ ଶହ ୨୬ ବସ୍ତା ଧାନ ମୋଟ ୩୪୭ ଜଣ ଚାଷୀଙ୍କ ୫୪ ହଜାର ୪ ଶହ ୪୪ ବସ୍ତା ଧାନ ମଣ୍ଡି କେନ୍ଦ୍ର ଠାରେ ଖୋଲା ମେଲାରେ ପଡି ରହିଛି ବୋଲି ଲ୍ୟାମ୍ପ ଏମ୍ଡି ପ୍ରକାଶ କରିଛନ୍ତି । ଏତଦ୍ ବ୍ୟତୀତ ଟାର୍ଗେଟ ନ ଥିବା ଯୋଗୁଁ ବର୍ତ୍ତମାନ୍ ସୁଦ୍ଧା ୧୮ ଜଣ ଚାଷୀଙ୍କ ଟୋକନ୍ ଲ୍ୟାପ୍ସ୍ ହୋଇ ଥିବା ଜଣାପଡିଛି ଫଳରେ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଧାନ ନ ଉଠିବା ଯୋଗୁଁ ରାଇଘର ବ୍ଲକରେ ସ୍ଥିତି ସଂଗିନ ହୋଇ ପଡିଛି। ମଣ୍ଡି ଧାନ ନ ଉଠିବା ସମସ୍ୟା ଭିତରେ କଟନି ଛଟନି ସମସ୍ୟା ଚାଷୀଙ୍କୁ ଶୋଷଣ କରୁଛି । ଫଳରେ ଧାନ ଚୋରା ଚାଲାଣ ଜୋରଦାର ବୃଦ୍ଧି ପାଇଛି । ଧାନ କିଣା ନହୋଇ ଖୋଲାରେ ପଡି ରହିବା ଯୋଗୁଁ ଓଜନ ହ୍ରାସ ମଧ୍ୟ ଘଟୁଛି। ଫଳରେ ନାନା ସମସ୍ୟା ଦେଖା ଦେଇଛି । ପ୍ରତିଦିନ ଦଲାଲ ସକ୍ରିୟ ହୋଇ ଖୁଲମଖୁଲା ଚାଲାଣ କରୁଥିବାବେଳେ ସୀମାନ୍ତ ରାଇଘର ବ୍ଲକରେ ପ୍ରଶାସନ ପକ୍ଷରୁ ଗୋଟିଏ ମଧ୍ୟ ଗାଡି ଜବତ କରାଯାଇ ନାହିଁ । ଏଥିରୁ ସ୍ୱଷ୍ଟ ପ୍ରମାଣିତ ଯେ ଦଲାଲ ସହ ମଧୁଚନ୍ଦ୍ରିକା ସ୍ଥାପନ କରାଯାଇ ଚୋରାଚାଲାଣ କରାଯାଉଅଛି । ଉଭୟ ରାଜ୍ୟରେ ଧାନ ୩୧ ଶହ ଟଙ୍କା ରହିଥିବା ବେଳେ କିଛି ଦଲାଲ ମିଳିତ ହୋଇ ଷଡ଼ଯନ୍ତ୍ର କରି ଚୋରା ଚାଲାଣ କରୁଥିବା ଚର୍ଚ୍ଚା ଜୋର ଧରିଛି । ଏ ସମ୍ପର୍କରେ ରାଇଘର ଯୋଗାଣ ଅଧିକାରୀ ଦେବଧର ଧୁରୁଆଙ୍କୁ ପଚାରିବାରୁ ତଥ୍ୟ ଅନୁଯାୟୀ ବର୍ତ୍ତମାନ୍ ସୁଦ୍ଧା ୧ ଲକ୍ଷ ୬୦ ହଜାର ୨୫୦ କ୍ୟୁଣ୍ଟାଲ୍ ଟାର୍ଗେଟ ଆସିଥିବା ବେଳେ ୧ ଲକ୍ଷ ୪୩ ହଜାର ୫ ଶହ ୭୮ କ୍ୟୁଣ୍ଟାଲ୍ କିଣା ସରିଥିବା ପ୍ରକାଶ କରିଛନ୍ତି । ତେବେ ଲ୍ୟାମ୍ପସ୍ ଦେଇଥିବା ଚାଷୀଙ୍କ ଟୋକେନ ଲାପ୍ସ ଘଟଣା ଉପରେ ତଦନ୍ତ କରିବି ବୋଲି ପ୍ରକାଶ କରିଛନ୍ତି । ତେବେ ସରକାରୀ ତଥ୍ୟ ଅନୁସାରେ ବିଭାଗ ହାତରେ ଟାର୍ଗେଟ ରହିଥିବାବେଳେ ମଣ୍ଡି ଗୁଡିକରେ ପଡ଼ିଥିବା ୫୦ ହଜାର ଧାନ ବସ୍ତା ଚର୍ଚ୍ଚାର ବିଷୟ ପାଲଟିଛି । ବିଭାଗ ସୂତ୍ର କହୁଛି ୧୬ ହଜାର ୬୭୨ କ୍ୟୁଣ୍ଟାଲ୍ ଧାନ କିଣିବାର କ୍ଷମତା ରହିଛି କିନ୍ତୁ ଏଠାରେ କିଛି ମଣ୍ଡି ଚିତ୍ର ଭିନ୍ନ କହୁଛି। ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି । ଦୁଇ ବିଭାଗର ତଥ୍ୟ ଭିତରେ କିନ୍ତୁ ଚାଷୀ ମହଲରେ ଅସନ୍ତୋଷ ସହ ଆନ୍ଦୋଳନ ଦାନା ବାନ୍ଧିଲାଣି ।

# 'ସାଙ୍ଗ ପାଇଁ ଦିନଟିଏ' କାର୍ଯ୍ୟକ୍ରମ



ବ୍ୟାସନଗର(ଭାସ୍କର ନ୍ୟୁଜ୍): ଆଜି ସ୍ଥାନୀୟ ବ୍ୟାସସରୋବର ଠାରେ ଏନସି ହାଇସ୍କୁଲ ୧୯୯୨ ବ୍ୟାଚର ' ସାଙ୍ଗ ପାଇଁ ଦିନ ଟିଏ ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ମୁଖ୍ୟ ଅତିଥିଭାବେ ଓଲିଉଡ କଳାକାର ଅନନ୍ତ ନାରାୟଣ ମିଶ୍ର ଯୋଗ ଦେଇ ବନ୍ଧୁର ମହତ୍ତ୍ୱ ଏବଂ ଜୀବନରେ ଏହାର ଜରୁରୀ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଜ୍ଞାନରଞ୍ଜନ ରାଉତ ଅତିଥି ପରିଚୟ ପ୍ରଦାନ କରିବା ପରେ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପତାକା ଉତ୍ତୋଳନ ଏବଂ ଦିବଙ୍ଗତ ସାଙ୍ଗ ରାମଚନ୍ଦ୍ର ନାୟକ (ଧୁଳିଆ) ଓ ରମେଶ ଚନ୍ଦ୍ର ଦାସଙ୍କ ଆତ୍ମାର ସଦଗତି କାମନା କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ କଳ୍ପତରୁ ସାହୁ, ଜ୍ଞାନରଞ୍ଜନ ପ୍ରିୟଦର୍ଶନ, ପ୍ରିୟବ୍ରତ ମହାପାତ୍ର, ସୁଶାନ୍ତ କୁମାର ନାୟକ, ବିବେକାନନ୍ଦ ରାଉତ, ପ୍ରଭାକର ଦାସ, ଜିତେନ୍ଦ୍ର ରାଉତ, ମିହିର ରଂଜନ ବିଶ୍ୱାଳ,ପ୍ରତାପ ନାୟକ, ଛତ୍ରପତି ବିଶ୍ୱାଳ, ଉମାକାନ୍ତ ସ୍ୱାଇଁ,ପ୍ରଭାତ କୁମାର ବଳ,ଦୀପକ ଦାସ, ପ୍ରଶାନ୍ତ ନାୟକ, କୈଳାସ ଚନ୍ଦ୍ର ସାହୁ,ଉଦୟ ରାଉତ, ଶରତ ମଲ୍ଲ,ଶୈଳେନ୍ଦ୍ର ସ୍ୱାଇଁ, ବିଭୁପ୍ରସାଦ ସାମଲ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଅଶୋକ କୁମାର ପତି ଧନ୍ୟବାଦ ଅର୍ପଣ କରିଥିଲେ।

# ଜାତୀୟ ବାଳିକା ଦିବସ ପାଳିତ

ଗୁଣୁପୁର(ଭାସ୍କର ନ୍ୟୁଜ୍): ଗୁଣପୁର ବ୍ଲକ ରେଗଡା ପଞ୍ଚାୟତ ଅନ୍ତର୍ଗତ ନରସିଂହମୁଣ୍ଡା ଗ୍ରାମରେ ଶୁକ୍ରବାର ଦିନ ଜି ଆଇ ଟି ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ୟୁନିଟ୍ - ୨( ମହିଳା ) ପକ୍ଷରୁ ପୋଷ୍ୟ ଗ୍ରାମରେ ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍କୁଲ ଅଫ ନର୍ସିଂ ର ଅଧ୍ୟକ୍ଷ କେ ଜୟଶ୍ରୀ ଯୋଗ ଦେଇ ଗ୍ରାମର ଶିଶୁ ବାଳିକା ମାନଙ୍କୁ ଭବିଷ୍ୟତ ରେ ଉତ୍ତମ ନାଗରିକ ହେବା ସହ ସମାଜ ସେବା କରିବା ପାଇଁ ପ୍ରବର୍ତ୍ତାଇ ଥିଲେ। ଜାତୀୟ ସେବା ଯୋଜନାର ଅଧିକାରୀ ପ୍ରଫେସର ଘନିଷ୍ଠା ପୃଷ୍ଟି , ସଦସ୍ୟା ଡ. ନିର୍ମଳା ପଟେଲ, ନିହାରିକା ପଟେଲ, ଯାଇ ଜ୍ୟୋତି ପ୍ରମୁଖ ଯୋଗ ଦେଇ ଶିଶୁ ମାନଙ୍କୁ ବିଭିନ୍ନ ସାଂସ୍କୃତିକ ଓ ପ୍ରତିଯୋଗୀତା ମାଧ୍ୟମରେ ଉତ୍ସାହିତ କରିଥିଲେ।

# ସିର୍ଲୋ ହାଇସ୍କୁଲ ୧୯୮୬ ବ୍ୟାଚର ବନ୍ଧୁମିଳନ



ରଘୁନାଥପୁର (ଭାସ୍କର ନ୍ୟୁଜ୍): ରଘୁନାଥପୁର ସ୍ଥାନୀୟ ସିର୍ଲୋ ନବଗ୍ରାମ ହାଇସ୍କୁଲର ୧୯୮୬ ମସିହା ବନ୍ଧୁମିଳନ ଉତ୍ସବ ରବିବାର ସ୍ଥାନୀୟ ଲକ୍ଷ୍ମୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ହୋଇ ଏକ ଭାବବିହ୍ୱଳ ପରିବେଶରେ ସ୍କୁଲ ଜୀବନର ସ୍ମୃତିକୁ ସାଉଁଟିଥିଲେ।ଏହି କାର୍ଯ୍ୟକ୍ରମରେ ବିପଦ ସମୟରେ ପରସ୍ପରକୁ ସାହାଯ୍ୟ କରିବେ। ବିପଦର ବନ୍ଧୁ ହିଁ ପ୍ରକୃତ ବନ୍ଧୁବୋଲି ମତପ୍ରକାଶ ପାଇବା ସହ ସାମାଜିକ କାର୍ଯ୍ୟକ୍ରମ ମାଧ୍ୟମରେ ପରିବେଶ ସୁରକ୍ଷା ନିମନ୍ତେ ବୃକ୍ଷରୋପଣ କରିବାପାଇଁ ସମସ୍ତେ ମତ ରଖିଥିଲେ।ଶେଷରେ ସମସ୍ତ ଏକତ୍ରିତ ହୋଇ ପ୍ରସାଦ ସେବନ କରିଥିଲେ।

# ଗଜପତିରୁ ନାସିକ-ଶିରିଡ଼ି ଅଭିମୁଖେ ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ତୀର୍ଥଯାତ୍ରାର ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ, ପାରଳାଖେମୁଣ୍ଡି ରୁପେଶ ପାଣିଗ୍ରାହୀ, ସଭାପତି, ଜିଲ୍ଲାପରିଷଦ, ଗଜପତି ଜି. ତିରୁପତି ରାଓ, ଅଧ୍ୟକ୍ଷା, ପାରଳା ପୌରପରିଷଦ ନିର୍ମଳା ସେଠୀ ଏବଂ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ଉପସ୍ଥିତିରେ ସିରିଡ଼ି-ନାସିକ ଅଭିମୁଖେ ଯାତ୍ରା କରିବାକୁ ଥିବା ଗଜପତିରୁ ୭୨ ଜଣ ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ଦୁଇଟି ବସ୍‌କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରାଯାଇଛି। ସୂଚନା ପ୍ରକାରେ ଏହି ତୀର୍ଥ ଯାତ୍ରା କାର୍ଯ୍ୟକ୍ରମ ଚଳିତ ମାସ ୨୮-୦୧-୨୦୨୫ ରିଖରେ ବ୍ରହ୍ମପୁରରୁ ଆରମ୍ଭ ହୋଇ ୦୨-୦୨-୨୦୨୫ ରେ ଶେଷ ହେବ। ଏଥିପାଇଁ ରାଜ୍ୟ ତୀର୍ଥ ଯାତ୍ରୀ ଚିହ୍ନଟ ପ୍ରକ୍ରିୟା ଶେଷ କରିଛି ଏବଂ ସେମାନେ ହିଁ ଏହିଯାତ୍ରାରେ ସାମିଲ ହେବେ ଓ ଉକ୍ତ ଯାତ୍ରୀମାନେ ପର୍ଯ୍ୟଟନ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ଅନ୍‌ଲାଇନ୍ ପ୍ରକ୍ରିୟା ମାଧ୍ୟମରେ ଆବେଦନ କରିଥିଲେ। ସେଥିମଧ୍ୟରୁ ୭୨ ଜଣ ଯାତ୍ରୀଙ୍କୁ ର୍ୟାଣ୍ଡୋମାଇଜେସନ ପ୍ରକ୍ରିୟା ମାଧ୍ୟମରେ ରାଜ୍ୟ ଚିହ୍ନଟ କରିଛି। ସେଥି ମଧ୍ୟରେ ଗୋଷାଣି ବ୍ଲକରୁ ୧୫ ଜଣ, କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦରୁ ୬ ଜଣ, ଗୁମ୍ମା ବ୍ଲକରୁ ୧୪ ଜଣ, ମୋହନା ବ୍ଲକରୁ ୪ ଜଣ, କାଶିନଗର ବ୍ଲକରୁ ୪ ଜଣ, ରାୟଗଡ଼ ବ୍ଲକରୁ ୬ ଜଣ, ନୂଆଗଡ଼ ବ୍ଲକରୁ ଜଣେ ଏବଂ ପାରଳାଖେମୁଣ୍ଡି ମ୍ୟୁନିସିପାଲିଟିରୁ ୨୨ ଜଣ ତୀର୍ଥଯାତ୍ରୀ ଚିହ୍ନଟ ହୋଇଛନ୍ତି।

# ସାଧାରଣତନ୍ତ୍ର ଦିବସ ପାଳିତ



ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ବ୍ରଜରାଜନଗର ମୁଖ୍ୟ ପ୍ରବେଶ ପଥ ଗାନ୍ଧିଛକଠାରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମଣିରାମ ସିଂ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଅନୁପ ସାଏ, ଝସକେତନ ସାହୁ, ପ୍ରଦୀପ ଜୈସୱାଲ, କୁଳମଣି ବାରିକ, ଟଙ୍କଧର ସାହୁ, ମନୋଜ ପ୍ରଧାନ, ବୁଦ୍ଧେଶ୍ୱର ରାଉତ, ଅଶୋକ ପ୍ରଧାନ, ରଘୁମଣି ବାରିକ, ମନୋଜ ମେହେର ଉପସ୍ଥିତ ଥିଲେ। ବ୍ରଜରାଜନଗର ପୌର କାର୍ଯ୍ୟାଳୟରେ ପୌରାଧକ୍ଷା ଯାଜ୍ଞସେନୀ ଓରାମ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଉପନଗରପାଳ କୃଷ୍ଣ ଗୋପାଳ ସିତାନି, ପୌର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣୀ ସ୍ୱାଇଁ ଉପସ୍ଥିତ ଥିଲେ। ବ୍ରଜରାଜନଗର କଲେଜରେ ଅଧକ୍ଷ ପ୍ରଫେସର ସମୀର ରଞ୍ଜନ ନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ଟନେଲ ରୋଡ଼ ସ୍ଥିତ ବୀର ସୁରେନ୍ଦ୍ର ସାଏ ଛକରେ ପୌର ପରିଷଦ ଉପନଗରପାଳ ଗୋପାଳ ସିତାନୀ ଏବଂ ବରିଷ୍ଠ ନାଗରିକ ରବୀନ୍ଦ୍ର ଦୀକ୍ଷିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ବ୍ଲାକ ଡାଇମଣ୍ଡ ପବ୍ଲିକ ସ୍କୁଲ ଓ ଆଇଟିଆଇରେ ନିର୍ଦ୍ଦେଶକ ଅବିନାଶ ସିଂହ, ଶିକ୍ଷାନିକେତନରେ ଅଧ୍ୟକ୍ଷ ବିରେନ୍ଦ୍ର ମିଶ୍ର, ବ୍ରଜରାଜ ନଗର ଥାନାରେ ଆଇଆଇସି ଧବଳେଶ୍ୱର ସାହୁ, ଓରିଏଣ୍ଟ ଥାନାରେ ଆଇଆଇସି ରୋଜାଲିନ ପଟେଲ, ତେଲେନପାଲି ରାମଚଣ୍ଡୀ କ୍ଲବରେ ଶିକ୍ଷାବିତ ପ୍ରାଣଶଙ୍କର ମହାପାତ୍ର ପତାକା ଉତ୍ତୋଳନ କରିଥିଲେ। ରାଜପୁର ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ସରସ୍ୱତୀ ନାଏକ, ଗୌଡ଼ମାଲ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ରାଜକୁମାର ସାଏ, ଲୋଇସିଂହ ପଂଚାୟତ କାର୍ଯ୍ୟାଳୟରେ ସରପଞ୍ଚ ସନାତନ ରୋହିଦାସ, ଚାନ୍ଦିନୀମାଲ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର, କୁଦୋପାଲି ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ କଲ୍ୟାଣି ଦୀକ୍ଷିତ ପତାକା ଉତ୍ତୋଳନ କରିଥିଲେ। ସମଲେଶ୍ୱରୀ କୋଇଲା ଖଣି ଠାରେ ନିରୁପମା କମ୍ପାନୀରେ ଆତିଶ ଓଝା, ରାମଚନ୍ଦ୍ର କର ପତାକା ଉତ୍ତୋଳନ କରିଥିଲେ । ଏହା ସହିତ ସହରରେ ଥିବା ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ ଓ ବିଭିନ୍ନ କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ




ରଗଡି (ଭାସ୍କର ନ୍ୟୁଜ୍): କୋରେଇର ବିଭିନ୍ନ ସରକାରୀ ତଥା ବେସରକାରୀ ଶିକ୍ଷାନୁଷ୍ଠାନ, କ୍ଲବ, ସାମାଜିକ ଅନୁଷ୍ଠାନ ପକ୍ଷରୁ ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି । ରଗଡି ସ୍ଥିତ ଯାଜପୁର ରୋଡ ଉପକାରାଗାର ଓ ଜିଲ୍ଲା ବହୁମୁଖୀ ବୈଷୟିକ ଶିକ୍ଷାନୁଷ୍ଠାନ, ତଳଗଡ଼ ପଞ୍ଚାୟତ ନଗୁଆଁ ଠାରେ ଥିବା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଓ କେନ୍ଦ୍ରୀୟ ବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି । ବ୍ରାହ୍ମଣୀ ଦେବୀ ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ଶର୍ମିଷ୍ଠା ମଲ୍ଲିକ,ଅଶୋକ ଦାସ ଉଚ୍ଚ ବିଦ୍ୟାପୀଠରେ ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ବଳ, ଆଖଣ୍ଡଳମଣି ଉଚ୍ଚ ବିଦ୍ୟାପୀଠରେ ପ୍ରଧାନ ଶିକ୍ଷକ ଅଭୟ କୁମାର ମହାପାତ୍ର, ପଛିକୋଟ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ବେହେରା ଓ ପଞ୍ଚାୟତ ହାଇସ୍କୁଲ ମୁଲୁସରଗଡାରେ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ସାହୁ, ଉପୁଲାଇ ସରକାରୀ ଉପ୍ରା ସ୍କୁଲ ରେ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ରାଉତ ରାୟ, ଖମିଗାଁ ସ୍କୁଲ ରେ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ରାଉତ ଓ କୋରାବନ୍ଧୀ ସରକାରୀ ଉପ୍ରା ସ୍କୁଲରେ ପ୍ରଧାନ ଶିକ୍ଷକ କାହ୍ନୁ ଚରଣ ସେଠୀ ଓ ହିଙ୍ଗୁଳା ସରକାରୀ ଉପ୍ରା ସ୍କୁଲରେ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ନାୟକ ପତାକା ଉତ୍ତୋଳନ କରିଥିଲେ ।ସେହିପରି ତଳଗଡ଼ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ସନ୍ତୋଷ କୁମାର ସ୍ୱାଇଁ, ଅନ୍ଧାରୀ ପଞ୍ଚାୟତରେ ସରପଞ୍ଚ ରାଜେନ୍ଦ୍ର କୁମାର ରାଉତ ରାୟ ଓ ପାଟରଙ୍ଗା ପଞ୍ଚାୟତ ସରପଞ୍ଚ ରଞ୍ଜନ କୁମାର ଦାସ, ତଳଗଡ଼ ପ୍ୟାକ୍ସ ରେ ସଭାପତି ପ୍ରମୋଦ କୁମାର ଆଇଚ ଓ କନ୍ତୋରରେ ସଭାପତି ହିମାଂଶୁ ଶେଖର ବରାଳ ପତାକା ଉତ୍ତୋଳନ କରିଥିଲେ । ତୁଳତି ପଞ୍ଚାୟତ ପିମ୍ପଲ ମା' ବୁଢ଼ୀ ଜାଗୁଲାଇ ଯୁବକ ସଂଘ ଓ ନୂଆଗଡ ଠାରେ ଥିବା କଳିଙ୍ଗନଗର ମହାବୀର ଅଟୋଓନର୍ସ ଆସୋସିଏସନ ପକ୍ଷରୁ ଆୟୋଜିତ ସାଧାରଣତନ୍ତ୍ର ଦିବସ ରେ ମୁଖ୍ୟ ଅତିଥି ବରିଷ୍ଠ ସାମ୍ବାଦିକ ପବିତ୍ର ମୋହନ ରାଉତ ରାୟ ପତାକା ଉତ୍ତୋଳନ କରିଥିବା ବେଳେ ଏହାର ସଭାପତି ବାବୁଲାଲ ଗୁରୁ, ଶ୍ୟାମସୁନ୍ଦର ନାୟକ, ବିଭୂତି ଭୂଷଣ ବଳିୟାର ସିଂ, ଶିକ୍ଷାବିତ ବିଶ୍ୱନାଥ ଗୁରୁ, ରମେଶ ଭୂୟାଁ, ପ୍ରତାପ ଦାସ ଓ ସ୍ନେହ ରଞ୍ଜନ ଦାସ ଙ୍କ ସମେତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।ନୂଆଗଡ ଗୋଲେଇ ଛକ ରେ ଥିବା ବ୍ରାହ୍ମଣୀ ଦେବୀ ସମ୍ବାଦ ସାହିତ୍ୟ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି । କୋରେଇ କିଲ୍ଲା ପଡିଆରେ କଂଗ୍ରେସ ପକ୍ଷରୁବ୍ଲକ ସଭାପତି ଅକ୍ଷୟ କୁମାର ଜେନାଙ୍କ ସଂଚାଳନାରେ ଆୟୋଜିତ ଉତ୍ସବରେ ବରିଷ୍ଠ କଂଗ୍ରେସ ନେତା ହରେକୃଷ୍ଣ ସାହୁ ପତାକା ଉତ୍ତୋଳନ କରିଥିଲେ । ବିଜେଡି ଓ ବିଜେପି କାର୍ଯ୍ୟାଳୟ ତଥା କୋରେଇ ବ୍ଲକ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି ।



ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ବିଭିନ୍ନ ବିଦ୍ୟାଳୟରେ ପରିଚାଳିତ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଚୌଦ୍ୱାର ସ୍ଥିତ କଳିଙ୍ଗ ନୋଡ଼ାଲ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ୍ ଶିକ୍ଷା ଅଧିକାରିଣୀ କୁନ୍ତଳା କୁମାରୀ ଖଟୁଆ, ସିଆରସିସି ରାଜେଶ କୁମାର ନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ଜେନା ପମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର ସ୍ଥିତ ନାବାଳକ ନିଶାମୁକ୍ତି କେନ୍ଦ୍ର ପରିବର୍ତ୍ତନର ଅନ୍ତେବାସୀ ତଥା ସ୍ଥାନୀୟ ଜନ୍ମେଜୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ନାବାଳକ ଚନ୍ଦନ ହେମ୍ବ୍ରମ କୃତିତ୍ୱ ଅର୍ଜନ କରି ପ୍ରଶଂସିତ ହୋଇଛନ୍ତି । ଚନ୍ଦନ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମରେ ବିଦ୍ୟାଳୟ ସ୍ତରରୁ ଚୟନ ହୋଇଥିବା ବେଳେ ତାଙ୍କର ଏହି କୃତିତ୍ୱ ପାଇଁ ପରିବର୍ତ୍ତନ କେନ୍ଦ୍ରର କେୟାର ଟେକର ବଦ୍ରି ନାରାୟଣ ଅଧିକାରୀ, ସୁବ୍ରତ ଖଟୁଆ ଓ କେନ୍ଦ୍ର ଦାୟିତ୍ୱରେ ଥିବା ପ୍ରିୟଙ୍କା ଦାସଙ୍କୁ ପରିବର୍ତ୍ତନ କିଶୋର ନିଶାମୁକ୍ତି ଓ ପୁର୍ନବାସ କେନ୍ଦ୍ରର ବରିଷ୍ଠ ଉପଦେଷ୍ଟା ସୁକାନ୍ତ କୁମାର ମହାନ୍ତି, କଟକ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଧକ୍ଷା ମନ୍ଦାକିନୀ ଜେମା, ଲୋରା ମିତ୍ରା ରଥ ଓ ଉଦ୍ଧାର ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଭାରତୀ ଦାସ ପ୍ରମୁଖ ଚନ୍ଦନର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# ମୁଖ୍ୟ ରାସ୍ତାରେ ବିବାହ ରୋଷଣୀ ଯୋଗୁଁ ସୃଷ୍ଟି ହେଉଛି ଟ୍ରାଫିକ୍ ସମସ୍ୟା




ନିମାପଡା (ଭାସ୍କର ନ୍ୟୁଜ): ନିମାପଡା ଅଞ୍ଚଳରେ କଟକଣା ମାନୁନାହାଁନ୍ତି ଶୋଭାଯାତ୍ରାକାରୀ । ରାସ୍ତାରେ ବହୁ ଜୋରରେ ଡିଜେ ସାଉଣ୍ଡ ବାଜୁଥିବା ବେଳେ ମୁଖ୍ୟ ରାସ୍ତାରେ ବାଣ ଫୁଟୁଛି ବିବାହ ରୋଷଣୀରେ, ଯାହାଦ୍ୱାରା ଝିଲିମିଲ ଆଲୋକକୁ ବାରୁଦ ଦୁର୍ଗନ୍ଧରେ ଲୋକମାନେ ଅତିଷ୍ଠ ହୋଇପଡିଛନ୍ତି । ସହର ଭିତରେ ଏପରି ଚାଲିଥିବା ବେଳେ ଶାନ୍ତିଭଙ୍ଗ ହେଉଛି । ହୃଦଘାତ ରୋଗୀଙ୍କ ପାଇଁ ଏହି ଡିଜେ ସାଉଣ୍ଡ ଓ ବାରୁଦର ଧୂଆଁ ବିପଦ ସାଜିଛି । ବଡବଜାରରେ ମଧ ଘଣ୍ଟା ଘଣ୍ଟା ଧରି ବିବାହ ରୋଷଣୀ ଚାଲିଥିବାରୁ ଜରୁରିକାଳୀନ ଆମ୍ବୁଲାନ୍ସ ସେବା ଅଟକି ରହୁଛି । ପୋଲିସ୍ ଶୋଭାଯାତ୍ରାକାରୀଙ୍କୁ ବାରଣ କଲେ ମଧ ପୋଲିସ୍‌ର ନିର୍ଦ୍ଦେଶକୁ ମାନୁନାହାଁନ୍ତି ଶୋଭାଯାତ୍ରାକାରୀ । ଯାହାକୁ ନେଇ ବେଳକୁ ବେଳ ତୀବ୍ର ଅସନ୍ତୋଷ ବଢିଚାଲିଥିବା ବେଳେ ପିପିଲି ନିମାପଡା ମୁଖ୍ୟ ରାସ୍ତାରେ ଗାଡି ଅଟକି ରହୁଛି । ପର୍ଯ୍ୟଟକମାନେ ଯାତାୟାତ କରିନପାରି ଘଣ୍ଟା ଘଣ୍ଟା ଧରି ଅଟକି ରହୁଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡାରେ ଡିଜେ ସାଉଣ୍ଡ ଓ ବାଣ ଉପରେ କଟକଣା ଲାଗିଥିବା ବେଳେ ଏହି କଟକଣାକୁ ମାନୁନାହାଁନ୍ତି ଲୋକେ । ଯାହାଦ୍ୱାରା ମୁଖ୍ୟ ରାସ୍ତାରେ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ୍ ସମସ୍ୟା ଉପୁଜିଛି । ଜୋରରେ ସାଉଣ୍ଡ କରି ଡିଜେ ବାଜୁଥିବା ବେଳେ ବାଣ ମଧ ମୁଖ୍ୟ ରାସ୍ତାରେ ଫୁଟାଯାଉଛି । ବିବାହ ମଣ୍ଡପ ମାଲିକମାନେ ମଧ ମୁଖ୍ୟ ରାସ୍ତା କଡରେ ମଣ୍ଡପ କରିଥିବାରୁ ମୁଖ୍ୟ ରାସ୍ତାରେ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମଣ୍ଡପ ସମ୍ମୁଖ ରାସ୍ତା ଉପରେ ଚାରିଚକିଆ ଯାନଠାରୁ ଆରମ୍ଭକରି ଦୁଇଚକିଆ ଯାନ ରଖାଯାଉଥିବାରୁ ଲୋକମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି ।

**ଡିଜେ ସାଉଣ୍ଡ୍ ଓ ବାଣରେ ଅତିଷ୍ଠ ଜନସାଧାରଣ**

ଡିଜେ ସାଉଣ୍ଡ ଗାଡି ଉପରେ ଅଶ୍ଳୀଳ ନୃତ୍ୟ ପରିବେଶକୁ ନଷ୍ଟ କରୁଛି । ପୋଲିସ୍ ବାରମ୍ବାର ବାରଣ କଲେ ମଧ ବିବାହ ରୋଷଣୀ କରୁଥିବା ବ୍ୟକ୍ତିମାନେ ପୋଲିସ୍‌ର କଟକଣାକୁ ମାନୁନାହାଁନ୍ତି । କଣ ପାଇଁ ବିବାହ ରୋଷଣୀ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଆଇନଗତ ପଦକ୍ଷେପ ନିଆଯାଉନାହିଁ ବୋଲି ଜନସାଧାରଣ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି ।

# ସଟ୍‌ସର୍କିଟ୍‌ରୁ ଜଳିଗଲା ଆକ୍ସିସ୍ ବ୍ୟାଙ୍କ ଏଟିଏମ୍: ଲକ୍ଷାଧିକ ଟଙ୍କା ଭସ୍ମ



ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ମଙ୍ଗଳବାର ସକାଳେ ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ବଜାରରେ ଥିବା ଆକସିସି ବ୍ୟାଙ୍କର ଏଟିଏମରେ ବିଦ୍ୟୁତ ସଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଛି । ଏଥିରେ ଲକ୍ଷାଧିକ ଟଙ୍କା ମୂଲ୍ୟର ସାମଗ୍ରୀ ଭସ୍ମୀଭୂତ ହୋଇଯାଇଥିବା ଜଣାଯାଇଛି । ଦୀର୍ଘ ଦିନ ହେଲା ଅସୁରେଶ୍ୱର ବଜାରରେ ଆକ୍ସିସ୍ ବ୍ୟାଙ୍କର ଏକ ଏଟିଏମ ରହିଥିଲା । ଏହି ଏଟିଏମରୁ ସ୍ଥାନୀୟ ଅଞ୍ଚଳର ଲୋକେ ଜରୁରି ପରିସ୍ଥିତିରେ ଟଙ୍କା ଉଠାଣ କରି ଆସୁଥିଲେ । ସକାଳେ ଆକସ୍ମିକ ଭାବେ ଏହି ଏଟିଏମ୍‌ରେ ନିଆଁ ଜଳୁଥିବା ଦେଖିବାକୁ ମିଳିଥିଲା । ସ୍ଥାନୀୟ ଲେକେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ । ସ୍ଥାନୀୟ ଲୋକେ ନିଶ୍ଚିନ୍ତକୋଇଲି ଦମକଳ ବାହିନୀକୁ ଖବର ଦେଇଥିଲେ । ଦମକଳ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ତେବେ ଏହି ଅଗ୍ନିକାଣ୍ଡରେ କେହି ମୃତାହତ ହୋଇନଥିଲା ବେଳେ ୨ଟି ଏସସି, ଏଟିଏମ୍ ମେସିନ ସମ୍ପୂର୍ଣ୍ଣ ପୋଡି ଯାଇଥିବା ଜଣାଯାଇଛି । ତେବେ ଏଟିଏମରେ ଥିବା କେତେ ପରିମାଣର ଟଙ୍କା ପୋଡିଛି ରିପୋର୍ଟ ଲେଖାହେଲା ବେଳକୁ ସଠିକ୍ ଭାବେ ଜଣାପଡିନଥିଲା । ଖବର ପାଇ ଆକ୍ସିସ୍ ବ୍ୟାଙ୍କର ବିଭାଗୀୟ ଅଧିକାରୀ ଘଟଣାସ୍ଥଳରେ ଅନୁସନ୍ଧାନ ଚଳାଇଥିବା ଜଣାଯାଇଛି । ତେବେ ବିଦ୍ୟୁତ ସଟ୍‌ସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ସାଧାରଣରେ କୁହାଯାଉଛି ।

## ମନ୍ଦିର ହୁଣ୍ଡି ଚୋରି ଘଟଣାରେ ଆସାମୀକୁ ଜେଲ୍ ଦଣ୍ଡାଦେଶ

କେନ୍ଦୁଝର(ଭାସ୍କର ନ୍ୟୁଜ): ମଙ୍ଗଳବାର ଦିନ ଏକ ଚୋରି ମାମଲାର ବିଚାର କରି କେନ୍ଦୁଝର ଏସ୍‌ଡିଜେଏମ୍ ଟାଉନ ଥାନା ଅନ୍ତର୍ଗତ ମାଗୁରଗାଡିଆର ଅଭିଯୁକ୍ତ ରବି ଓରଫ୍ ରତ୍ନାକର ମୁର୍ମୁକୁ ଭାରତୀୟ ନ୍ୟାୟ ସଂହିତା ଧାରା ୩୩୧(୩) ଓ ୩୦୫ ରେ ଦୋଷୀ ସାବ୍ୟସ୍ତ କରି ପ୍ରତି ଦଫାରେ ୩ବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ଅଧିକ ୩ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଘଟଣାରୁ ପ୍ରକାଶ ଯେ, କେନ୍ଦୁଝର ମାଇନିଂ ରୋଡରେ ଥିବା ରାମମନ୍ଦିର ଶିବମନ୍ଦିର ହୁଣ୍ଡି ଭାଙ୍ଗି ଦୁର୍ବୃତ୍ତ ଦାନବାକ୍ସକୁ ଭାଙ୍ଗି ଚୋରି କରିଥିଲା । ଗତ ତା ୨୭/୭/୨୦୨୪ ରିଖରେ ବ୍ରାହ୍ମଣ ଦିନବେଳେ ଏହା ଦେଖି ମନ୍ଦିର ସେକ୍ରେଟାରୀଙ୍କୁ ଜଣାଇବା ସହ ସେହିଦିନ ସକାଳ ୯ଟା ୪୩ ମିନିଟ୍ ଥାନାରେ ଏକ ଲିଖିତ ଅଭିଯୋଗ କରିବାରୁ ଟାଉନ ଥାନା କେଶ ନଂ ୩୧୯/୨୪ ରେ ଏକ ମାମଲା ରୁଜୁ ହୋଇ ମନ୍ଦିରର ସିସିଟିଭି ଫୁଟେଜକୁ ଭିତ୍ତି କରି ଅନୁସନ୍ଧାନ କରି ଆସାମୀକୁ କୋର୍ଟଚାଲାଣ କରିଥିଲେ । କେନ୍ଦୁଝର ଏସ୍‌ଡିଜେଏମ୍ ସୁମିତ୍ରା କୁମାରୀ ଦାଶ ମଙ୍ଗଳବାର ସାକ୍ଷୀଙ୍କ ବୟାନ ଏବଂ ସିସିଟିଭି ଫୁଟେଜ ତଦନ୍ତକୁ ଭିତ୍ତି କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି । ସରକାରଙ୍କ ତରଫରୁ ଏପିପି ସତ୍ୟବ୍ରତ ମହାନ୍ତି ଓ ହିମାଂଶୁ ଶେଖର ମହାନ୍ତି କେଶ ପରିଚାଳନା କରୁଥିଲେ ।

# ବ୍ରହ୍ମପୁର ଷ୍ଟେସନ୍‌ରୁ ଗଡିଲା ଶିରିଡି-ନାସିକ୍ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଟ୍ରେନ୍



ବ୍ରହ୍ମପୁର(ଭାସ୍କର ନ୍ୟୁଜ): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ମଙ୍ଗଳବାର ବ୍ରହ୍ମପୁର ରେଲ ଷ୍ଟେସନରୁ ଯାତ୍ରା ଆରମ୍ଭ କରିଛି । ରାଜ୍ୟର ଆର୍ଥିକ ଅନଗ୍ରସର ଓ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ବରିଷ୍ଠ ନାଗରିକଙ୍କୁ ସେମାନଙ୍କ ଆଧ୍ୟାତ୍ମିକ ଆକାଂକ୍ଷା ପୂରଣ ନିମନ୍ତେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଦ୍ୱାରା ତୀର୍ଥଯାତ୍ରା ପ୍ରଣୟନ କରି ସେମାନଙ୍କୁ ଦେଶର ବିଭିନ୍ନ ତୀର୍ଥ ସ୍ଥାନ ଭ୍ରମଣର ସୁଯୋଗ ପ୍ରଦାନ କରାଯାଉଛି । ପୂର୍ବରୁ ଆବେଦନ ପ୍ରକ୍ରିୟାରେ ଚିହ୍ନଟ ୬୦ରୁ ୭୫ ବର୍ଷ ବୟସ୍କ ବରିଷ୍ଠ ନାଗରିକ ଭାରତର ୧୦ଟି ତୀର୍ଥସ୍ଥାନ ଭ୍ରମଣ କରି ଆସନ୍ତା ଫେବୃଆରୀ ୨ରେ ପ୍ରତ୍ୟାବର୍ତ୍ତନ କରିବା ନିମନ୍ତେ ବ୍ରହ୍ମପୁର ରେଳ ଷ୍ଟେସନ୍‌ଠାରୁ ଗଞ୍ଜାମ ଜିଲ୍ଲାର ୪୪୨, ଗଜପତି ଜିଲ୍ଲାର ୭୨ ଜଣ, କନ୍ଧମାଳ ଜିଲ୍ଲାର ୮୮ ଜଣ, ବୌଦ୍ଧ ଜିଲ୍ଲାର ୫୪ ଜଣ, ନୟାଗଡ଼ ଜିଲ୍ଲାର ୧୧୯ଜଣ ଏବଂ ସେମାନଙ୍କର ଏସ୍କର୍ଟ ନିମନ୍ତେ ୨୫ ଜଣ ଅଧିକାରୀ ସମୁଦାୟ ୮୦୦ ଜଣ ଶିରିଡି-ନାସିକ ତୀର୍ଥ ସ୍ଥାନ ଭ୍ରମଣ ନିମନ୍ତେ ଯାତ୍ରା ଆରମ୍ଭ କରିଛନ୍ତି । ବ୍ରହ୍ମପୁର ରେଳ ଷ୍ଟେସନ୍‌ରେ କାର୍ଯ୍ୟକ୍ରମର ଶୁଭାରମ୍ଭ ନିମନ୍ତେ ବ୍ରହ୍ମପୁର ବିଧାୟକ କେ, ଅନୀଲ କୁମାର, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଉପସ୍ଥିତ ରହି ନିଜ ବକ୍ତବ୍ୟରେ ସମସ୍ତ ତୀର୍ଥଯାତ୍ରୀଙ୍କୁ ସେମାନଙ୍କ ଯାତ୍ରାର ଶୁଭ କାମନା କରିଥିଲେ । ତତ୍‌ସହିତ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ମଧୁମିତା, ପର୍ଯ୍ୟଟନ ବିଭାଗୀୟ ସଚିବ ବାଳ ମୁକୁନ୍ଦ ଭୂୟାଁ, ଆଇଆରସିଟିସିର ଯୁଗ୍ମ ପରିଚାଳିକା କ୍ରାନ୍ତି ସଭରକର, ଖୋର୍ଦ୍ଧା ଡିଭିଜନ୍ ଡିସିଏମ୍. ଜି.ସି.ନାୟକ ପ୍ରମୁଖ ଶୁଭାରମ୍ଭରେ ଯୋଗ ଦେଇଥିଲେ । ଏହି ଅବସରରେ ୫ତୀର୍ଥ ଯାତ୍ରୀଙ୍କୁ କିଟ୍ ଏବଂ ଟିକେଟ ପ୍ରଦାନ କରାଯାଇଥିଲା । ଏଠାରେ ପ୍ରକାଶ ଥାଉକି ଏହି ଯୋଜନା ମାଧ୍ୟମରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ଅଦ୍ୟାବଧି ୩୦୩୮୮ରୁ ଉର୍ଦ୍ଧ ବରିଷ୍ଠ ନାଗରିକ ୩୧ଟି ପର୍ଯ୍ୟାୟରେ ମଦୁରାଇ, ରାମେଶ୍ୱରମ୍ ପ୍ରୟାଗରାଜ, ବାରଣାସୀ, ହରିଦ୍ୱାର, ଋଷିକେଶ, ଆଜମେର, ପୁଷ୍କର, ତିରୁପତି ବାଲାଜୀ, ଭେଲୋର, ଶ୍ରୀକାଳହସ୍ତୀ, ଶିରିଡି, ନାସିକ୍, ତ୍ୟମ୍ବକେଶ୍ୱର, ଭେଲନକାନି, ନାଗାପଟ୍ଟନମ୍, ତାଞ୍ଜାଭୁର, ଦକ୍ଷିଣେଶ୍ୱର କାଳୀ (କୋଲକାତା), କାମାକ୍ଷା, ଆଗ୍ରା, ମଥୁରା, ବୃନ୍ଦାବନ ଇତ୍ୟାଦି ତୀଥ ସ୍ଥାନ ଭ୍ରମଣର ସୁଯୋଗ ପାଇଛନ୍ତି । ଚଳିତ ବର୍ଷ ୮୦୦୦ ବରିଷ୍ଠ ନାଗରିକ ୧୦ ପର୍ଯ୍ୟାୟରେ ଶିରିଡି, ନାସିକ୍, ଦକ୍ଷିଣେଶ୍ୱର କାଳୀ (କୋଲକାତା), କାମାକ୍ଷା, ଅଯୋଧ୍ୟା, ବାରାଣାସୀ ଆଦି ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ପାଇବେ । ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇ, ବ୍ରହ୍ମପୁର ମହା ନଗର ନିଗମ ସହକାରୀ କମିଶନର ତଥା ଭାରପ୍ରାପ୍ତ ପର୍ଯ୍ୟଟନ ଅଧିକାରୀ ନରେନ୍ଦ୍ର ପ୍ରଧାନ, ଉପନିର୍ଦ୍ଦେଶକ (ଦକ୍ଷିଣାଞ୍ଚଳ) ବ୍ରହ୍ମପୁର ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ରବି ନାରାୟଣ ବେହେରା, ପର୍ଯ୍ୟଟନ ବିଭାଗ ଅଧିକାରୀ ଏସ୍. ତନୁଜା ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ ।

## ପୋଲିସ୍ ଇନ୍‌ଫର୍ମର ସନ୍ଦେହରେ ଗ୍ରାମବାସୀଙ୍କୁ ହତ୍ୟା

ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ସୀମାନ୍ତ ଛତିଶଗଡରେ ଏବେ ନକ୍ସଲ ପୋଲିସର ଘନ ଘନ ଆକ୍ରମଣରେ ଲୁଚିବାକୁ ପ୍ରୟାସ କରୁଛନ୍ତି । ନିଜର କ୍ଷତି ଦେଖି ନକ୍ସଲ ଏବେ ହତବତେଇ ଯାଉଛନ୍ତି । ଲୋକଙ୍କ ମନରେ ଭୟ ଜାତ କରିବା ପାଇଁ ନକ୍ସଲ କାପୁରୁଷତା କାମ କରୁଛନ୍ତି । ଗ୍ରାମର ଉଦରୁ ସୋଡି (୪୧)ଙ୍କୁ ଖୋଜିଥିଲେ । ଗ୍ରାମବାସୀ ନକ୍ସଲଙ୍କୁ ଏନେଇ ଅଟକାଇଥିଲେ ମଧ ଉଦରୁର ଘର ଖୋଜି ନକ୍ସଲ ଘର ଭିତରେ ପଶିଥିଲେ । କେହି କିଛି ବୁଝିବା ପୂର୍ବରୁ ଧାରୁଆ ଅସ୍ତ୍ରରେ ଉଦୁରୁକୁ ହତ୍ୟା କରିଥିଲେ । ହତ୍ୟା ପରେ ଘଟଣାସ୍ଥଳରେ ଏକ ପୋଷ୍ଟର ଛାଡି ଯାଇଥିଲେ । ସେଥିରେ ଉଦରୁ ପୋଲିସର ଇନଫର୍ମର ପାଲଟିଥିଲା । ଦେଶଦ୍ରୋହୀ କାମ କରିଥିବା ନେଇ ନକ୍ସଲ କରାଯାଇଥିବା ନକ୍ସଲ କହିଛନ୍ତି । ୬୦ ସଲୱା ଜୁଡୁମରେ ସାମିଲ ହୋଇଥିଲା । ଖବର ପାଇ ଭେରମଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଏହି ହତ୍ୟାକୁ ନେଇ ଭେରମଗ ଗଡ ମାଓ ସଂଗଠନ ନିଜକୁ ଦାୟୀ କରିଛି । ନକ୍ସଲ ପ୍ରବଣ ଅଞ୍ଚଳରେ ଅତ୍ୟଧିକ ପୋଲିସ କ୍ୟାମ୍ପ ପ୍ରତିଷ୍ଠା ହେବା ଏବଂ ଘନ ଘନ ନକ୍ସଲଙ୍କ ଉପରେ ଚଢାଉ କରିବା ଦ୍ୱାରା ନକ୍ସଲ ଏବେ ଘାଇଲା ବାଘ ଭଳି ଘୁରିବୁଲୁଛନ୍ତି । ତେବେ ସାଧାରଣ ଜନତାଙ୍କୁ ହତ୍ୟା କରି ନକ୍ସଲ ନିଜର ଉପସ୍ଥିତି ଜାହିର କରୁଛନ୍ତି । ନକ୍ସଲ ସାଧାରଣତନ୍ତ୍ର ଦିବସକୁ ବିରୋଧ କରିଥିଲେ । ପୋଲିସ ଏହି ଅଞ୍ଚଳରେ ସର୍ଚ୍ଚ ଅପପରେସନ୍‌କୁ ଜୋରଦାର୍ କରିଛି ।

## ରାସ୍ତା କାର୍ଯ୍ୟ ଅଧାରେ ଛାଡି ଠିକାଦାର ଛୁ', ତଦନ୍ତ ଦାବି




ନିମାପଡା(ଭାସ୍କର ନ୍ୟୁଜ): ନିମାପଡା ରାଜ୍ୟ ସରକାରଙ୍କ ଯୋଜନା ପରେ ଯୋଜନା ହୋଇଥିବା ବେଳେ ଠିକାଦାର ରାସ୍ତା ନିର୍ମାଣ ନାମରେ ବ୍ୟାପକ ଅର୍ଥ ହାତେଇ ନେଇଥିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବଢିଥିବା ବେଳେ ରାସ୍ତା କାର୍ଯ୍ୟ ଅଧାପନ୍ତରିଆ ଭାବେ ପକାଇ ଠିକାଦାର ଛୁ ମାରିଛି । ଆହୁରି ମଧ ଠିକାଦାର ମନପ୍ରାଣ ଦେଇ କାମକରିଥିବାରୁ ୪ମାସ ନଯାଉଣୁ ରାସ୍ତା ଫାଟୁଥିବା ବେଳେ ରାସ୍ତାରୁ ଗୋଡି ଉଠିଯାଇଛି । ଏପରି ଘଟଣା ନେତାଙ୍କଠାରୁ ଆରମ୍ଭ କରି ପ୍ରଶାସନ ଜାଣିଥିଲେ ମଧ ନୀରବ ସାଜିବା ପଛରେ କି ଉଦ୍ଦେଶ୍ୟ ରହିଛି ତାହାକୁ ନେଇ ସାଧାରଣରେ ଅସନ୍ତୋଷ ବଢିଚାଲିଛି । ତଳଅଣ୍ଟିଆରୁ ଦୋଳବେଦୀ ଛକ ପର୍ଯ୍ୟନ୍ତ ରାସ୍ତା ଆଲୋକୀକରଣ କରାଯିବା ପାଇଁ ନିର୍ଦ୍ଦେଶ ରହିଥିବା ବେଳେ କିଛି ବାଟ ପୋଲ ପକାଇ ବିଦ୍ୟୁତ୍ ସଂଯୋଗ କରାଯାଇଛି । ଅନ୍ୟ କେତେକ ସ୍ଥାନରେ ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ୍‌ଖୁଣ୍ଟ ପକାଯାଇନାହିଁ । ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ପୌରପରିଷଦ ତଅଳଅଣ୍ଟିଆରୁ ଦୋଳବେଦୀ ଛକ ପର୍ଯ୍ୟନ୍ତ ଚାରିଥାକିଆ ରାସ୍ତା ନିର୍ମାଣ ବହୁ ବିଳମ୍ବ ଘଟିଥିବା ବେଳେ ରାସ୍ତା କାର୍ଯ୍ୟ ସଂପୂର୍ଣ୍ଣ ସରିଛି କହି ଠିକାଦାର ପଳାଇଛନ୍ତି । ଏହି ରାସ୍ତାରେ ଗୋଟିଏ କୋଟ ପିଚୁ ପକାଯାଇଥିଲେ ମଧ ଦ୍ୱିତୀୟଥର ପିଚୁ ପକାଯାଇନାହିଁ । ଦୀର୍ଘଦିନ ହେବ ଅଧାପନ୍ତରିଆ ଭାବେ ରାସ୍ତା ପଡିଥିବା ବେଳେ ପ୍ରତ୍ୟେକ ଦିନ ଛୋଟବଡ ଦୁର୍ଘଟଣା ଘଟୁଛି । ରାସ୍ତା ପୂର୍ଣ୍ଣାଙ୍ଗ ନକରି ଠିକାଦାରକୁ କିପରି ପୂର୍ତ୍ତ ବିଭାଗ ବିଲ କରାଇଛି, ତାହା ତଦନ୍ତସାପେକ୍ଷ ବୋଲି ସାଧାରଣରେ ଆଲୋଚନା ଚାଲିଛି । ଏପରି ଅନେକ ରାସ୍ତାରେ ସମାନ୍ୟ କାର୍ଯ୍ୟ କରାଯାଇ ଅଧିକ ବିଲ୍ କରାଯାଉଥିବା ଲୋକମାନେ ମତ ପ୍ରକାଶ କରିଛନ୍ତି । ନୂତନ ସରକାର ଆସିଲେ ଦୁର୍ନିତୀ ହଟିବ ବୋଲି ନିର୍ବାଚନ ଇସ୍ତାହାର ବିଜେପି ସରକାର କହିଥିବା ବେଳେ ତାହାର ପରିସ୍ଥିତି ବଦଳିନାହିଁ । ପୂର୍ବ ସରକାର ଡାଞ୍ଚାରେ ଯେପରି କାର୍ଯ୍ୟ ଚାଲିଥିଲା ବର୍ତ୍ତମାନ ସେହିପରି କାର୍ଯ୍ୟ ଚାଲିଛି ।

## ପଖାଳ ଖାଇ ଆଦର୍ଶ ବିଦ୍ୟାଳୟର ୨୬ ଛାତ୍ରୀ ଅସୁସ୍ଥ

କେନ୍ଦୁଝର(ଭାସ୍କର ନ୍ୟୁଜ): ପଖାଳ ଖାଇ ତେଲକୋଇ ବ୍ଲକ ଓଡିଶା ଆଦର୍ଶ ବିଦ୍ୟାଳୟ ହଷ୍ଟେଲର ୨୨ ଛାତ୍ରୀ ଅସୁସ୍ଥ ହୋଇପଡିଛନ୍ତି । ଅସୁସ୍ଥ ଛାତ୍ରୀଙ୍କୁ ତେଲକୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି । ମଙ୍ଗଳବାର ତେଲକୋଇ ବ୍ଲକ ଓରିଯାରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟର ହଷ୍ଟେଲରେ ରହୁଥିବା କିଛି ଛାତ୍ରୀ ବିଦ୍ୟାଳୟରେ ବାନ୍ତି କରିବା ସହ ଅସୁସ୍ଥ ହୋଇ ପଡ଼ିଥିଲେ । ଜଣେ ପରେ ଜଣେ ଛାତ୍ରୀ ଅସୁସ୍ଥ ହେବାରୁ ସ୍କୁଲ କର୍ତ୍ତୃପକ୍ଷ ତୁରନ୍ତ ଛାତ୍ରୀଙ୍କୁ ତେଲକୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ଛାତ୍ରୀଙ୍କ ମଧ୍ୟରୁ ୮ ଜଣଙ୍କୁ ସାଲାଇନ ଲାଗିଥିଲା ଓ ଅନ୍ୟମାନଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇଥିଲା । ଛାତ୍ରୀଙ୍କ କହିବା ଅନୁଯାୟୀ, ସକାଳେ ହଷ୍ଟେଲରେ ପଖାଳ ଓ ମଟର ତରକାରୀ ଖାଇ ସ୍କୁଲକୁ ଆସିଥିଲେ । ସେଠାରେ ବାନ୍ତି ହୋଇଥିଲା ଓ ଅସୁସ୍ଥ ହୋଇପଡ଼ିଥିଲେ । ସୂଚନାନୁଯାୟୀ, ଇଟିଲି ସହ ମଟର ତରକାରୀ ଦିଆଯିବାର ଥିଲା । କିନ୍ତୁ କିଛି ଛାତ୍ରୀ ପଖାଳ ଖାଇଥିଲେ । ଯେଉଁମାନେ ପଖାଳ ଖାଇଥିଲେ ସେମାନେ ଅସୁସ୍ଥ ହୋଇଯାଇଥିଲେ । ଏବେ ଛାତ୍ରୀଙ୍କ ଅବସ୍ଥା ସ୍ଥିର ରହିଛି । କିଛି ସମୟ ପରେ ଡିସଚାର୍ଜ୍ ହେବେ ବୋଲି ଇନଚାର୍ଜ ଡାକ୍ତର ପ୍ରିତିଶ ଆଚାର୍ଯ୍ୟ ସୂଚନା ଦେଇଛନ୍ତି ।

# ଆଇଓସିଏଲ୍ ପାରାଦୀପ ରିଫାଇନାରୀରେ ଜରୁରିକାଳୀନ ଲେଭେଲ୍ ୩ ମକ୍‌ଡ୍ରିଲ୍



ପାରାଦୀପ(ଭାସ୍କର ନ୍ୟୁଜ): ଇଣ୍ଡିଆନ୍ ଅଏଲ୍ କର୍ପୋରେସନ ଲିମିଟେଡ଼ (ଆଇଓସିଏଲ) ପାରାଦୀପ ରିଫାଇନେରୀ ପକ୍ଷରୁ ଏକ ଲେବେଲ ୩ ଆପାତକାଳୀନ ଅଭ୍ୟାସକୌଶଳ ବା ମକ ଡ୍ରିଲ ମଙ୍ଗଳବାର ଦିନ ଆୟୋଜିତ ହୋଇଯାଇଛି । ଏଥିରେ ରିଫାଇନେରୀର ବ୍ୟବହାରକାରୀ ସଂସ୍ଥା ଏବଂ ମ୍ୟୁଚୁଆଲ୍ ଏଡ୍ ଇଣ୍ଡଷ୍ଟ୍ରିଜ୍ ସହିତ ରିଫାଇନରୀର ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ପ୍ରସ୍ତୁତିର ପ୍ରଭାବ ଯାଞ୍ଚ କରିଥିଲେ । ପାରାଦୀପ ତୈଳ ବିଶୋଧନାଗାରର ଅନୁମୋଦିତ ଇମର୍ଜେନ୍ସି ରେସପନସ୍ ଆଣ୍ଡ ଡିଜାଷ୍ଟର୍ ମ୍ୟାନେଜମେଣ୍ଟ ଯୋଜନା ଅନୁଯାଇ ବିଶୋଧନାଗାର, ସିଆଇଏସ୍ଏଫ୍ ଫାୟାର ୱିଙ୍ଗ, ଜରୁରୀକାଳୀନ ସୁରକ୍ଷା ଟିମ୍ ସଦସ୍ୟଙ୍କର ସକ୍ରିୟ ଅଂଶଗ୍ରହଣ ସହିତ ଏହି ଡ୍ରିଲ୍ କାର୍ଯ୍ୟକାରୀ କରାଯାଇଥିଲା । ପାରାଦୀପ ରିଫାଇନରୀର ଏଚଏସ ଆଣ୍ଡ ଇ ମୁଖ୍ୟ ମହାପ୍ରବନ୍ଧକ ବି.ଆର.ମଲ୍ଲିକ୍, ପାରାଦୀପ ତୈଳ ବିଶୋଧନାଗାର ମ୍ୟାନେଜମେଣ୍ଟଙ୍କ ଉପସ୍ଥିତିରେ ଆଲୋଚନାଚକ୍ର ଅଧିବେଶନର ଅଧ୍ୟକ୍ଷତା କରିଥିଲେ । ପାରାଦୀପର ଏଏସପି ଏସ୍.ଆର.କର ଜିଲ୍ଲାପାଳ ଅଫିସ୍ ପ୍ରତିନିଧିଙ୍କ ସହିତ ମକ୍‌ଡ୍ରିଲ୍ ଦେଖିଥିଲେ । ଏନଡ଼ିଆରଏଫ ଟିମ, ମ୍ୟୁଚୁଆଲ୍ ଏଡ୍ ସଂସ୍ଥା ଯଥା ପିପିଏଲ, ପାରାଦୀପ ବନ୍ଦର ପ୍ରାଧିକରଣ, ପିଏଚବିପିଏଲ, ଇଫକୋ ଏବଂ ରାଜ୍ୟର ଅଗ୍ନିଶମ ସେବା ସହ ଆଇଓସିଏଲ ପାରାଦୀପ ରିଫାଇନରୀ ଅଗ୍ନିଶମ ସେବା ଟିମ୍ ମକ୍ ଡ୍ରିଲରେ ଅଂଶଗ୍ରହଣ କରିଥିଲେ । ଏହି ଦୃଶ୍ୟରେ ସାନ୍ତାକ୍ରିକ୍‌ରେ ଯଦି ତୈଳ ଲିକ୍ ହୁଏ, ତେବେ ତାହାକୁ ସଫଳତାର ସହିତ କିପରି ମୁକାବିଲା କରାଯିବ ସେହି ବିଷୟବସ୍ତୁ ଉପରେ ମକଡ୍ରିଲ୍‌ଟି ଆଧାରିତ ଥିଲା । ଏଥିରେ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ପରିଚାଳନା ପ୍ରୋଟୋକଲ୍ ଅନୁଯାୟୀ ନିଆଯାଇଥିବା ପ୍ରତିକ୍ରିୟା ଏବଂ ନିୟନ୍ତ୍ରଣ ପଦକ୍ଷେପଗୁଡିକ ସଠିକ୍ ଭାବରେ ସମନ୍ୱିତ ହୋଇଥିଲା ଏବଂ ଏହାକୁ ସମସ୍ତ କର୍ତ୍ତୃପକ୍ଷ ପ୍ରଶଂସା କରିଥିଲେ ।

## ଜଙ୍ଗଲରୁ ଯୁବକର ଝୁଲନ୍ତା ମୃତଦେହ ଉଦ୍ଧାର

ମାଲକାନାଗିରି(ଭାସ୍କର ନ୍ୟୁଜ): ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ । ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅନ୍ତର୍ଗତ ତୁମ୍ବାଗୁଡା ଗ୍ରାମର କୈଳାସ ମାଡକାମୀ ନାମକ ଜଣେ ୨୨ ବର୍ଷୀୟ ଯୁବକଙ୍କ ଝୁଲନ୍ତା ମୃତଦେହ ନିକଟସ୍ଥ ଜଙ୍ଗଲରୁ ଠାବ ହୋଇଛି । ଏକ ମହୁଲ ଗଛରେ ଅଧା ଝୁଲନ୍ତା ଅବସ୍ଥାରେ ମୃତଶରୀର ଦେଖି ପରିବାର ଲୋକେ କାଲିମେଳା ଥାନାରେ ଅଭିଯୋଗ କରିଥିବାର ଜଣା ପଡିଛି । ମୃତ ଯୁବକଙ୍କ ହାତଗୋଡ଼ ମାଟିରେ ଲାଗିଥିବା ବେଳେ ବେକରେ ଏକ ଓଢଣୀ ଲାଗିଥିବା ଦେଖିବାକୁ ମିଳିଛି । ମୃତଶରୀର ନିକଟରେ ଏକ ଧଳା ଗାମୁଛା ତଳେ ପଡ଼ିଥିବା ବେଳେ ହାତରେ କଟାଦାଗ ରହିଛି । କୋରାପୁଟରୁ ସାଇଣ୍ଟିଫିକ ଟିମ୍ ଆସିଲା ପରେ ହତ୍ୟା ନା ଆତ୍ମହତ୍ୟା ଜଣାପଡ଼ିବ ବୋଲି ସୂଚନା ମିଳିଛି ।

## କଣ୍ଟାପଡାରେ ପ୍ରେସ୍ କ୍ଲବ୍ କାର୍ଯ୍ୟାଳୟ ଉଦ୍‌ଘାଟିତ



କଣ୍ଟାପଡା(ଭାସ୍କର ନ୍ୟୁଜ): କଣ୍ଟାପଡା ପ୍ରେସ କ୍ଲବ୍ ପକ୍ଷରୁ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ପାଖରେ ଥିବା ସରସ୍ୱତୀ ଆୱାସରେ ପ୍ରେସ କ୍ଲବ କାର୍ଯ୍ୟାଳୟ ପଣ୍ଡିତ ଗୋଦାବରୀ ମହାପାତ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏହି କାର୍ଯ୍ୟାଳୟରେ ଦିନତମାମ ପୂଜକ ବିରଞ୍ଚି ନାରାୟଣ ଶତପଥୀଙ୍କ ଦ୍ୱାରା ହୋମ ଓ ପୂଜାର୍ଚ୍ଚନା କରାଯାଇଥିଲା । ପ୍ରେସ କ୍ଲବ ସଭାପତି ଶରତ କୁମାର ସାହୁ କର୍ତ୍ତା ହୋଇଥିବା ବେଳେ କଣ୍ଟାପଡା ନିଆଳି ବାରଙ୍ଗର ବହୁ ସାମ୍ବାଦିକ ଯୋଗ ଦେଇଥିଲେ । ଏଥି ମଧ୍ୟରେ ଥିଲେ ସାମ୍ବାଦିକ ସୁବାଷ ମହାପାତ୍ର, ଅକ୍ଷୟ ସେନାପତି, ପ୍ରତାପ ମଲିକ, କବି ପ୍ରସାଦ ମହାନ୍ତି, ରବୀନ୍ଦ୍ର ନାଥ ବିଶ୍ୱାଳ, ନୃଶିଂହ ଚରଣ ଜେନା, ବିଶ୍ୱଜିତ ବେହେରା, ନିରଞ୍ଜନ ଭୋଇ, ସାମ୍ବାଦିକା ମଧୁସ୍ମିତା ସାହୁ, ପ୍ରିୟଦର୍ଶିନୀ ସାହୁ, ଆଞ୍ଜୁଷା ଦାଶ, ବର୍ଷା ନାୟକ, ରଶ୍ମିତା ସାହୁ ଉପସ୍ଥିତ ରହିଥିଲେ । ଏହି କାର୍ଯ୍ୟାଳୟ ଉଦଘାଟନୀ ସମୟରେ ଯୋଗ ଦେଇଥିଲେ ଆଇନଜୀବୀ, ରାଜନେତା, ଶିକ୍ଷାବିତ୍, ପ୍ରଶାସନିକ ଅଧିକାରୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଅପରାହ୍ନରେ କଣ୍ଟାପଡା ପ୍ରେସ କ୍ଲବ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ କଣ୍ଟାପଡା ରେ ଥିବା ବିଭିନ୍ନ ଗରିବ ଲୋକଙ୍କୁ କାର୍ଯ୍ୟରେ ସହାୟତା କରିବା ଓ ସେମାନଙ୍କ କାର୍ଯ୍ୟ ପାଇଁ ମାଗଣାରେ ଜେରକ୍ସ କରି ଯୋଗାଇଦେପା, ଅତ୍ୟନ୍ତ ଗରିବ ଶ୍ରେଣୀର ଲୋକଙ୍କ ମୃତ୍ୟୁ ହେଲେ ଶବଦାହ ପାଇଁ ସକ୍ଷମ ଅନୁଯାୟୀ ସହାୟତା ଯୋଗାଇ ଦିଆଯିପା, କଣ୍ଟାପଡା ବ୍ଲକରେ ଦୁର୍ଘଟଣା ଘଟିଲେ ଦୁର୍ଘଟଣା ଗ୍ରସ୍ତ ଲୋକଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇବା ବାବଦେ ସମସ୍ତ ଖର୍ଚ୍ଚ କଣ୍ଟାପଡା ପ୍ରେସ କ୍ଲବ ବହନ କରିବ । ଏ ନେଇ ପ୍ରେସ କ୍ଲବ ପକ୍ଷରୁ ୨୪ ଘଣ୍ଟିଆ ଲ୍ୟାଣ୍ଡଫୋନ୍ ବ୍ୟବସ୍ଥା କରାଯାଇଛି । ନମ୍ବର ଦୁଇଟି ଯୋଗାଯୋଗ କରାଯିବା ପାଇଁ ଜାରି କରାଯାଇଛି । ନଂ-୦୬୭୧-୨୯୧୦୪୮୬, ୯୪୩୮୬୦୬୨୮୭ ଦୁଇଟି ଜାରି କରାଯାଇଛି । ଏଥିସହ ଇମେଲ ଆଇଡି kantapadapressclub@gmail.com ରେ ବିଭିନ୍ନ ସମସ୍ୟା ନେଇ ମେଲ ମାଧ୍ୟମରେ ଅଭିଯୋଗ କରିପାରିବେ । ଅପରାହ୍ନ ରେ ଏକ ବନ୍ଧୁ ମିଳନ କରାଯାଇ ସମସ୍ତଙ୍କ ପାଇଁ ମହାପ୍ରସାଦ ସେବନ ର ବ୍ୟବସ୍ଥା କରାଯାଇଥିଲା ।

# ରଘୁନାଥପୁର ବିଜେପି ପକ୍ଷରୁ ନୂତନ ବିଡ଼ିଓଙ୍କୁ ସମ୍ବର୍ଦ୍ଧନା



ରଘୁନାଥପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ବିଜେପି ପକ୍ଷରୁ ନୂତନ ବିଡିଓ ବିରଞ୍ଚି ନାରାୟଣ ବେହେରାଙ୍କୁ ମଣ୍ଡଳ ସଭାପତି ସ୍ୱରାଜ ସାମଲଙ୍କ ନେତୃତ୍ୱରେ ସମ୍ବର୍ଦ୍ଧିତ କରାଯାଇଛି । ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ସୁବାଷ ଜେନା, ରଘୁନାଥପୁର ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ସସ୍ମିତା ସ୍ୱାଇଁ, ଯୁବ ବିଜେପି ନେତା ମନୋଜ ସାହୁ, ସୌମ୍ୟରଂଜନ ଭୂୟାଁ, ବିଶ୍ୱଜିତ ସ୍ୱାଇଁ, ହିମାଂଶୁ ପ୍ରଧାନ, ଜଗନ୍ନାଥ ପ୍ରସାଦ ସ୍ୱାଇଁ, ବିଶ୍ୱନାଥ ସାହୁ ପ୍ରମୁଖ ବିଡ଼ିଓଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ । ସରକାରଙ୍କ ଲୋକାଭିମୁଖୀ ଯୋଜନା ସଠିକ୍ ପରିଚାଳନା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସନ୍ କାର୍ଡ, ଭତ୍ତାରେ କୌଣସି ପକ୍ଷପାତିତା ନକରି ଯୋଗ୍ୟ ହିତାଧିକାରୀଙ୍କୁ ଯୋଗାଇ ଦେବାକୁ ଉପସ୍ଥିତ ନେତୃମଣ୍ଡଳୀ ଓ କର୍ମୀ ବିଡିଓ ଶ୍ରୀ ବେହେରାଙ୍କୁ ଅବଗତ କରାଇଥିଲେ ।

# ୪-ଷ୍ଟାର୍ ଆଇଆଇସି ମାନ୍ୟତା ସହ ଶୀର୍ଷରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ

ବାରଙ୍ଗ(ଭାସ୍କର ନ୍ୟୁଜ): ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଅଧୀନରେ ଥିବା ଇନଷ୍ଟିଚ୍ୟୁସନ୍ସ ଇନୋଭେସନ୍ କାଉନସିଲ୍ (ଆଇଆଇସି) ପକ୍ଷରୁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟକୁ ମିଳିଛି ସମ୍ମାନଜନକ ଫୋରଷ୍ଟାର ମାନ୍ୟତା । ୨୦୨୩-୨୪ ଶିକ୍ଷାବର୍ଷରେ ନୂତନତ୍ୱ, ଉଦ୍ୟମିତା ଏବଂ ଏକ ସମ୍ଭାବନାମୟ ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା ଦିଗରେ ବିଶ୍ୱବିଦ୍ୟାଳୟର ଉଲ୍ଲେଖନୀୟ ଅବଦାନ ପାଇଁ ଏହି ମାନ୍ୟତା ପ୍ରଦାନ କରାଯାଇଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଓଡ଼ିଶାର ଏକମାତ୍ର ବିଶ୍ୱବିଦ୍ୟାଳୟ ଭାବରେ ଫୋରଷ୍ଟାର ମାନ୍ୟତା ହାସଲ କରିଛି । ଏକ୍ଷେତ୍ରରେ ଏହା ରାଜ୍ୟର ଅନ୍ୟ ପ୍ରମୁଖ ବିଶ୍ୱବିଦ୍ୟାଳୟଗୁଡ଼ିକୁ ପଛରେ ପକାଇ ଦେଇଛି । ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପଛକୁ ରାଜ୍ୟର ଦୁଇ ପ୍ରମୁଖ ଘରୋଇ ବିଶ୍ୱବିଦ୍ୟାଳୟ ୩.୫ ଷ୍ଟାର ମାନ୍ୟତାପ୍ରାପ୍ତ ହୋଇଛନ୍ତି । ଏହି ସଫଳତା ରାଜ୍ୟରେ ଉଚ୍ଚଶିକ୍ଷାକୁ ଉଦ୍ଭାବନ ଓ ଷ୍ଟାର୍ଟଅପ୍ ସଂସ୍କୃତିର ଏକ କେନ୍ଦ୍ରରେ ପରିଣତ କରିବା ଦିଗରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପାଇଁ ଏକ ମାଇଲଖୁଣ୍ଟ ପାଲଟିଛି । ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀ ଏବଂ ଅଧ୍ୟାପକମାନଙ୍କ ପାଇଁ ଏହି ଆଇଆଇସି ୪-ଷ୍ଟାର୍ ମାନ୍ୟତା ଏକ ମହୌଷଧି ତୁଲ୍ୟ କାମ ଦେବ । ଯାହାଫଳରେ ସେମାନେ ନିଜ ଚିନ୍ତାଧାରା, ଗବେଷଣା ଏବଂ ଉଦ୍ୟମିତା କ୍ଷେତ୍ରରେ ନିୟୋଜିତ ହେବାକୁ ଅଧିକ ଉତ୍ସାହିତ ହେବେ । ଏହି ବିଶ୍ୱବିଦ୍ୟାଳୟ କ୍ରମାଗତ ଭାବରେ ହାକାଥନ୍ ଏବଂ ଷ୍ଟାର୍ଟଅପ୍ କନ୍‌କ୍ଲେଭ୍ ଆୟୋଜନଠାରୁ ଆରମ୍ଭକରି ଶିଳ୍ପ-କେନ୍ଦ୍ରିତ କର୍ମଶାଳା ମାନ ଆୟୋଜନ କରିଆସୁଛି । ଏହି ସଫଳତାରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର (ଡ.) ତେଜପ୍ରତାପ କହିଛନ୍ତି, ଏହି ମାନ୍ୟତା ବିଦ୍ୟାର୍ଥୀଙ୍କ ମଧ୍ୟରେ ସୃଜନଶୀଳତା, ଉଦ୍ଭାବନ ଏବଂ ଉଦ୍ୟୋଗୀ ଦକ୍ଷତାକୁ ପ୍ରୋତ୍ସାହିତ କରିବାରେ ଆମର ଉତ୍କର୍ଷକୁ ପ୍ରମାଣିତ କରିଛି । ୪-ଷ୍ଟାର ଆଇଆଇସି ମାନ୍ୟତା ଦ୍ୱାରା ଓଡ଼ିଶାରେ ଏକ ନମ୍ବର ହେବା ସହ ଜାତୀୟସ୍ତରରେ ମଧ ଏହି ସଫଳତା ଦୋହରାଇବାକୁ ଲକ୍ଷ୍ୟ ରଖିଛୁ । ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଏହି ସଫଳତା ଶିକ୍ଷା ସମୁଦାୟ ପାଇଁ ପ୍ରେରଣାର ଉତ୍ସ ପାଲଟିବା ସାଙ୍ଗକୁ ପ୍ରତିଯୋଗୀ ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ଏକ ମାନଦଣ୍ଡ ନିରୂପଣ କରିପାରିଛି ।

## ନଦୀରେ ପଡି ଶିଶୁ ମୃତ

ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ପିରହାଟ ଥାନା ସହାପୁର ପଞ୍ଚାୟତ ଅଧିନ ସାନ ଲହୁଣିପାଳ ଗ୍ରାମର ମାମୁଁ ଘରକୁ ମା' ସହିତ ବୁଲିଆସିଥିବା ଜଣେ ଶିଶୁ ନଈରେ ପଡ଼ି ମଙ୍ଗଳବାର ମୃତ୍ୟୁବରଣ କରିଥିବା ଜଣାଯାଇଛି । ମୃତ ଶିଶୁପୁତ୍ରର ନାଁ ପ୍ରିତମ (୪) ଏବଂ ସେ ଚିତ୍ତରଞ୍ଜନ ଦାସଙ୍କ ପୁଅ । ତାଙ୍କ ଘର ଚାନ୍ଦବାଲି ଥାନା ଘଟପୁର ପଞ୍ଚାୟତ ଅଧୀନ ମହାନ୍ତିସାହି ଗ୍ରାମରେ ବୋଲି ଜଣାଯାଇଛି । ଘଟଣାରୁ ପ୍ରକାଶ ଯେ, ଶିଶୁପୁତ୍ର ପ୍ରୀତମ ତାଙ୍କ ମା'ଙ୍କ ସହ ତିହିଡ଼ି ବ୍ଲକ ପୀରହାଟ ଥାନା ସାହାପୁର ପଞ୍ଚାୟତ ଅଧୀନ ସାନ ନହୁଣିପାଳ ଗ୍ରାମସ୍ଥିତ ମାମୁଘରକୁ ଆସିଥିଲେ । ମଙ୍ଗଳବାର ଅପରାହ୍ନ ୩ଟା ବେଳେ ପ୍ରିତମକୁ ତାଙ୍କ ମାମୁଘର ଲୋକେ ଖୋଜି ପାଇନଥିଲେ । ବହୁ ଖୋଜାଖୋଜି କରିବା ପରେ ଘରପାଖ ମନ୍ତେଇ ନଈରୁ ଶିଶୁପୁତ୍ରକୁ ଉଦ୍ଧାର କରାଯାଇଥିଲା । ପରେ ପ୍ରିତମକୁ ଚିକିତ୍ସା ନିମନ୍ତେ ତିହିଡ଼ି ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ ।

# ସାଧାରଣତନ୍ତ୍ର ଦିବସରେ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କଲେ ପୌରାଧକ୍ଷ



ପାରାଦୀପ(ଭାସ୍କର ନ୍ୟୁଜ): ସମଗ୍ର ରାଜ୍ୟ ତଥା ବନ୍ଦର ସହର ପାରାଦୀପରେ ୬୭ ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ବିଭିନ୍ନ ବିଦ୍ୟାଳୟ, ସରକାରୀ ଓ ବେସରକାରୀ ଅନୁଷ୍ଠାନ, ଦଳୀୟ ଓ ଶ୍ରମିକ ସଙ୍ଘ ଇତ୍ୟାଦିରେ ସାଧାରଣତନ୍ତ୍ର ଦିବସ ଅବସରରେ ଜାତୀୟ ପତାକା ଉତ୍ତୋଳନ କରାଯାଇ ରାଷ୍ଟ୍ରୀୟ ସଂଗୀତ ଗାନ କରାଯାଇଥିବା ବେଳେ ସହରର ବିଭିନ୍ନ ସ୍ଥାନରେ ଥିବା ସ୍ୱାଧୀନତା ସଂଗ୍ରାମୀ ଏବଂ ରାଷ୍ଟ୍ରନୀତିଜ୍ଞମାନଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଶୁମନ ଜ୍ଞାପନ କରାଯାଇଥିବା ଦେଖିବାକୁ ମିଳିଥିଲା । ତେବେ ପାରମ୍ପରିକ ରୀତି ଅନୁଯାଇ ପାରାଦୀପ ପୌର ପ୍ରଶାସନ ପକ୍ଷରୁ ଜାନୁଆରୀ ୨୬ ପ୍ରତ୍ୟୁଷରେ ସହରର ବିଭିନ୍ନ ଛକରେ ଥିବା ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଜବାହରଲାଲ ନେହରୁ, ମଧୁ ବାବୁ, ଗୋପବନ୍ଧୁ, ଅଟଳ ବିହାରୀ ବାଜପାୟୀ, ବିଜୁ ବାବୁ, ସାରଳା ଦାସ ଏବଂ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ମାଲ୍ୟାର୍ପଣ କରି ଶ୍ରଦ୍ଧାଶୁମାନ ଜ୍ଞାପନ କରିଥିଲେ । ତେବେ ଦେଶକୁ ସ୍ୱାଧୀନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଏହି ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସାଧାରଣତନ୍ତ୍ର ଓ ସ୍ୱାଧୀନତା ଦିବସ ଭଳି ଦିନରେ ଭୁଲି ଯିବାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି ।

## ପାରାଦୀପର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ

ପାରାଦୀପ(ଭାସ୍କର ନ୍ୟୁଜ): ବନ୍ଦର ଓ ଶିଳ୍ପ ସହର ପାରାଦୀପରେ ବିଭିନ୍ନ ସଂଗଠନ ଓ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସ୍ଥାନରେ ୬୭ ତମ ସାଧାରଣତନ୍ତ୍ର ଦିବସ ଆନନ୍ଦ ଉଲ୍ଲାସ ଓ ଉତ୍ସାହ ଉଦ୍ଦୀପନା ସହ ପାଳିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ପୋର୍ଟ ୱାର୍କର୍ସ ୟୁନିଅନ ଓ ପାରାଦୀପ ଡକ ଆଣ୍ଡ ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନର ସଭାପତି ତଥା ସାଂସଦ ବିଭୁ ପ୍ରସାଦ ତରାଇ ଏବଂ ସାଧାରଣ ସମ୍ପାଦକ ନୃସିଂହ ପ୍ରସାଦ ଶତପଥୀ ୟୁନିୟନ କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ପାରାଦୀପ ପୋର୍ଟ ମଜଦୁର ସଙ୍ଘ ଓ ପୂର୍ବ ଉପକୂଳ ଶ୍ରମିକ ସଂଘ ସଭାପତି ତଥା ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି




ଅଭିମନ୍ୟୁ ବେହେରା ତାଙ୍କ ସଙ୍ଘ କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସେହିପରି ପ୍ରେସ ଛକରେ ଖବରକାଗଜ ବିତରକ ସଙ୍ଘ ଓ କାର୍ଯ୍ୟରତ ସାମ୍ବାଦିକଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପାରାଦୀପ ଖବରକାଗଜ ବିତରକ ସଂଘର ସଭାପତି ପ୍ରଦୀପ କୁମାର ଜେନା, ପାରାଦୀପ ନଗର ବିଜେପି ସଭାପତି ସୁବ୍ରତ ପ୍ରଧାନ, ବିଜେଡି ସଭାପତି ବସନ୍ତ ବିଶ୍ୱାଳ, କଂଗ୍ରେସ ନେତା ନିରଞ୍ଜନ ନାୟକ, ବଣିକ ସଙ୍ଘ ସଭାପତି କ୍ଷୀରୋଦ କୁମାର ସ୍ୱାଇଁ, କଳିଙ୍ଗ ମହିଳା ଶକ୍ତି ସଂଗଠନର ସଭାନେତ୍ରୀ ମନୋରମା ଖଟୁଆ, ବ୍ୟାଡ଼ମିଣ୍ଟନ କ୍ରୀଡା ପ୍ରଶିକ୍ଷିକା ସ୍ୱାଗତିକା ମହାପାତ୍ର ପ୍ରମୁଖ ନିଜ ନିଜ କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ ।

## ବନସେବା ସଂଘର ସାଧାରଣ ସଭା




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ଓଡିଶା ଅଣ ଗେଜେଟେଡ୍ ବନସେବା ସଂଘ, କଳାହାଣ୍ଡି ଜୋନର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ନୂତନ ସମ୍ବିଧାନ ଅନୁଯାୟୀ ସ୍ଥାନୀୟ ମେଗା ନର୍ସରୀ କୁଟ୍ଟୁଖାଇ ଠାରେ ଅନୁଷ୍ଠିତ ହୋଇଥିଲା ବନସେବା ସଂଘ। ଏହି ବୈଠକରେ କଳାହାଣ୍ଡି ଉତ୍ତର ବନଖଣ୍ଡ, କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଓ ଭବାନୀପାଟଣା କେନ୍ଦୁପତ୍ର ବନଖଣ୍ଡର ବହୁ ସଦସ୍ୟ ସଦସ୍ୟା ଉପସ୍ଥିତ ରହି ସଂଘର ବିଭିନ୍ନ ସମସ୍ୟା ଓ ତାହାର ସମାଧାନ ସମ୍ପର୍କରେ ଆଲୋଚନା କରିବା ସହ ଡିଭିଜନ ସ୍ତରରେ ନୂତନ କର୍ମକର୍ତ୍ତା ମନୋନୀତ କରିଥିଲେ। ଏହି ସାଧାରଣ ବୈଠକକୁ ପୂର୍ବତନ ଜୋନ୍ ସଭାପତି ଭି.ଭି. ଗିରିକାଣ୍ଡ ପରିଚାଳନା କରିଥିବାବେଳେ ସଂଘର ସାଧାରଣ ସମ୍ପାଦକ ବିଘ୍ନରାଜ ପୋଢ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଂଘର ଉପସଭାପତି ଭବାନୀ ଶଙ୍କର ପରିଚ୍ଛା ଯୋଗଦେଇ ସଂଘର ଏକତା ରକ୍ଷା ଓ ସଂଘର ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ଭବାନୀପାଟଣା ସର୍କଲସ୍ତରରେ ଯେଉଁ ବୈଠକ ଅନୁଷ୍ଠିତ ହେବ ସେଥିରେ କଳାହାଣ୍ଡି, ବଲାଙ୍ଗୀର, ନୂଆପଡା, ସୁବର୍ଣ୍ଣପୁର, ସୁନାବେଡା, ପାଟଣାଗଡ କେନ୍ଦୁପତ୍ର ଡିଭିଜନ, ଟିଟିଲାଗଡ଼ କେନ୍ଦୁପତ୍ର ଡିଭିଜନ ସବୁ ଆସି ଭବାନୀପାଟଣା ଠାରେ ସର୍କଲସ୍ତରୀୟ ସାଧାରଣ ବୈଠକର ପ୍ରସ୍ତୁତି ପାଇଁ ଶ୍ରୀ ପରିଚ୍ଛା ପ୍ରସ୍ତାବ ରଖିଥିଲେ। ଶେଷରେ ନୂତନ ଭାବେ ମନୋନୀତ ହୋଇଥିବା କଳାହାଣ୍ଡି ଉତ୍ତର ବନଖଣ୍ଡର ୬ ଜଣ, କଳାହାଣ୍ଡି ଦକ୍ଷିଣ ବନଖଣ୍ଡର ୬ ଜଣ ଏବଂ କେନ୍ଦୁପତ୍ର ବନଖଣ୍ଡର ୬ ଜଣ ମନୋନୀତ ନୂତନ ସଦସ୍ୟଙ୍କୁ ଶ୍ରୀ ପରିଚ୍ଛା ସଂଘର ଶପଥ ପାଠ କରାଇଥିଲେ। ବୈଠକ ଶେଷରେ ସଂଘର ପୁରାତନ କର୍ମକର୍ତ୍ତା ଓ ବୟୋଜ୍ୟେଷ୍ଠ ସଦସ୍ୟମାନେ ନୂତନ କର୍ମକର୍ତ୍ତା ମାନଙ୍କୁ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ସଂଘର ସାଧାରଣ ସମ୍ପାଦକ ବିଘ୍ନରାଜ ପୋଢ ବୈଠକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍‌ସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲାପାଳଙ୍କ ବ୍ଲକସ୍ତରୀୟ ଯୁଗ୍ମ ଜନ ଶୁଣାଣି ଓ ସମାଧାନ ଶିବିର ବ୍ଲକ କାର୍ଯ୍ୟାଳୟ କେସିଙ୍ଗା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଅଛି। । ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଭିଳାଷ ଜୀ ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଏହି ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୩୬ ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ୨୮ ଗୋଟି ଓ ସାମୂହିକ ୮ ଗୋଟି ରହିଥିବା ବେଳେ ୧୦ ଗୋଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଏହି ଶିବିରରେ ପ୍ରଧାନମନ୍ତ୍ରୀ ଆବାସ, ବିଭିନ୍ନ ଭତ୍ତା, ପାନୀୟଜଳ, ଜମିବିବାଦ, ରାଶନ କାର୍ଡ, ସୁଭଦ୍ରା ଯୋଜନା, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ତହସିଲ, ବ୍ଲକ ଇତ୍ୟାଦି ବିଭାଗ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତ୍ତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ଉପଜିଲ୍ଲାପାଳ ଭବାନୀପାଟଣାର ପ୍ରଭାତ କୁମାର ପରିଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଚେତା ପାଣି, ଜିଲ୍ଲା ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଅବକାରୀ ଅଧିକ୍ଷକ ରଞ୍ଜନ ନାଏକ, ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ସହ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଡେପୁଟି କଲେକ୍ଟର ପବିତ୍ର ସାମଲ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବୀରେନ୍ଦ୍ର କହଁର, ସ୍ଥାନୀୟ ବିଡିଓ ସିଦ୍ଧେଶ୍ୱର ମେହେର, ତହସିଲଦାର ପ୍ରଶାନ୍ତି ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।

## ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ରକ୍ତଦାନ ଶିବିର

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ): ୭୬ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସ୍ଥାନୀୟ ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ କର୍ମଚାରୀ ଭବନ ଠାରେ କଳାହାଣ୍ଡି ଜିଲ୍ଲା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ଓ ପୁରୁଣା ପଡା ଠାରେ ଥିବା ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମନ୍ଦିର କମିଟି ଓ ଭବାନୀପାଟଣା ଆଞ୍ଚଳିକ ଭାରତୀୟ ଷ୍ଟେଟ୍ ବ୍ୟାଙ୍କଙ୍କ ମିଳିତ ସହଯୋଗରେଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ମୋଟ ୭୬ ୟୁନିଟ ରକ୍ତ ସଂଗ୍ରହ କରା ଯାଇଥିଲା। ଏଥିରେ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ଭବାନୀପାଟଣା, କଳାହାଣ୍ଡି ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ, କଳାହାଣ୍ଡି ଶିଳ୍ପ ତାଲିମ କେନ୍ଦ୍ର, ଧର୍ମଗଡ, ଜୁନାଗଡର ଛାତ୍ରଛାତ୍ରୀ, ଭବାନୀପାଟଣା ବିଧାୟକଙ୍କ ସହଯୋଗୀମାନେ ଏବଂ ସହରର ବହୁ ରକ୍ତଦାତାମାନେ ଅତି ଆନନ୍ଦ ସହକାରେ ରକ୍ତ ଦାନ କରିଥିଲେ। ଆଜିର ରକ୍ତ ଦାନ ଶିବିରକୁ କଳାହାଣ୍ଡି ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ (ଆଇଏଏସ୍) ଉଦ୍‌ଘାଟନ କରିଥିଲେ। ଏଥିରେ ଭବାନୀପାଟଣା ବିଧାୟକ ସାଗର ଚରଣ ଦାସ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରଓ୍ୱାନ, ବୈତାରୁ ଦିପ, ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡା, ଯୋଜନା ଅଧିକାରୀ ଶ୍ରୀକାନ୍ତ ଦଳେଇ, ହଳଧର ନିଆଲ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଶୁଭସ୍ମିତା ମିଶ୍ର ତହସିଲଦାର କଳାହାଣ୍ଡି, ବିବେକାନନ୍ଦ ମହାନନ୍ଦ ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ସମସ୍ତ ରକ୍ତ ଦାତାଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା ରକ୍ତ ଭଣ୍ଡାର ଅଧିକାରୀ ଡା. ବିଭୁନ୍ଦୁ ବଳ, ଓ ଡା. ଅନୁରାଗ ମିଶ୍ର ସହିତ ରକ୍ତ ଭଣ୍ଡାର ସମସ୍ତ କର୍ମଚାରୀ ଏହି ଶିବିରକୁ ପରିଚାଳନା କରିଥିଲେ।




୭୬ ୟୁନିଟ୍ ରକ୍ତ ସଂଗ୍ରହ

## ଅମୃତ ସରୋବର ଉଦ୍‌ଘାଟିତ



କୋକସରା, (ଭାସ୍କର ନ୍ୟୁଜ୍ ) : ଗଣତନ୍ତ୍ର ଦିବସ ଅବସରରେ କୋକସରା ବ୍ଲକ ଡହଗାଁ ପଞ୍ଚାୟତର ଝାରବନ୍ଧ ଗ୍ରାମରେ ନିର୍ମାଣ ହୋଇଥିବା ଅମୃତ ସରୋବର ଉଦ୍‌ଘାଟିତ ହୋଇଛି। ଏହାକୁ କୋକସରା ପଞ୍ଚାୟତ ସମିତି ଅଧକ୍ଷା ରିତା ଅଗ୍ରଓ୍ୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ ହିମାଞ୍ଚଳ ମାଝୀ, ପଞ୍ଚାୟତ ସମିତି ଉପାଧକ୍ଷ ରାଜୀବ କୁମାର ଅଗ୍ରଓ୍ୱାଲ, ବ୍ଲକ ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ, କନିଷ୍ଠ ଯନ୍ତ୍ରୀ କୀର୍ତ୍ତି ବେହେରା, ଅଜୟ ସେନାପତି, ଏପିଓ ସତିଶ ରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି କ୍ରମରେ ସରପଞ୍ଚ କୁଞ୍ଜଲତା ନାଏକଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ସରପଞ୍ଚଙ୍କ ଏହି ଉଦ୍ୟମକୁ ବହୁ ପ୍ରଶଂସା କରାଯାଇଛି। ଗ୍ରାମପଞ୍ଚାୟତ ପକ୍ଷରୁ ମନରେଗା ଯୋଜନାରେ ୧୦ ଲକ୍ଷ ଟଙ୍କା, ଏସ୍‌ଏଫସିରୁ ୨ ଲକ୍ଷ ୩୨ ହଜାର ୮୦ ଟଙ୍କା ଓ ଜିଆଇ ପାଣ୍ଠିରୁ ୬ଲକ୍ଷ ୬୩ ହଜାର ୩୭୫ ଟଙ୍କା ବ୍ୟୟ ଅଟକଳରେ ଏହି ଅମୃତ ସରୋବର ସୁନ୍ଦର ଭାବରେ ନିର୍ମାଣ କରାଯାଇଛି। ଏହା କୋକସରା ବ୍ଲକରେ ପ୍ରଥମ ଅମୃତ ସରୋବର ହୋଇଥିବାବେଳେ ପୋଖରୀ ତୁଠରେ ବସିବା ପାଇଁ ପିଣ୍ଡି, ପାହାଚ, ଅଳିଆ ଆବର୍ଜନା କୁଣ୍ଡ, ଚଳପ୍ରଚଳ ପାଇଁ ପଥ ନିର୍ମାଣ ସହ ବିଭିନ୍ନ କିସମର ଫୁଲ ଗଛ ସବୁ ଲଗାଯାଇଛି। ଯାହା ଏକ ପାର୍କର ଭ୍ରମ ସୃଷ୍ଟି କରିଥିବାବେଳେ ପାଚେରୀ ଗୁଡ଼ିକରେ ବିଭିନ୍ନ କଳା ସଂସ୍କୃତି ପର୍ଯ୍ୟବସିତ ଚିତ୍ର ଅଙ୍କାଯାଇଛି। ଯାହା ପର୍ଯ୍ୟଟକଙ୍କୁ ଆମୋଦିତ କରୁଛି। ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିପକ କୁମାର ନାଏକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଡହଗାଁ ପ୍ୟାକ୍ସ ସଭାପତି ବ୍ରଜମୋହନ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନୂତନ ବ୍ଲକ୍ ଘୋଷଣା ଦାବିରେ ବୈଠକ



ନର୍ଲା,(ଭାସ୍କର ନ୍ୟୁଜ) : ନର୍ଲାବ୍ଲକ୍ ଅଧିନ ରୁପ୍ରା ଗ୍ରାମକୁ ସରକାର ନୂତନ ବ୍ଲକ୍ ଘୋଷଣା କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ପୁଣି ଦାବି ଉପସ୍ଥାପନ କରିଛନ୍ତି। ଏଥିପାଇଁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପୂର୍ବ ସରପଞ୍ଚ ଶ୍ୟାମ ସୁନ୍ଦର ସେନାପତି ଓ ଅକୃର ସାହୁ, ରୁପ୍ରା ଗ୍ରାମ୍ୟ ଉନ୍ନୟନ କମିଟିର ସଭାପତି ମହେଶ୍ୱର ସାହୁ ଓ ସମ୍ପାଦକ ଗୌରଚନ୍ଦ୍ର ଭୋଇଙ୍କ ନେତୃତ୍ୱରେ ଅଞ୍ଚଳର ବୁଦ୍ଧିଜୀବୀ, ବ୍ୟବସାୟୀ, ଯୁବଗୋଷ୍ଠୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ମାନଙ୍କୁ ନେଇ ଏକ ବିଶାଳ ବୈଠକର ଆୟୋଜନ କରାଯାଇଥିଲା। ଉକ୍ତ ବୈଠକର ନିଷ୍ପତ୍ତି ଅନୁଯାୟୀ ରୁପ୍ରାକୁ ନୂତନ ବ୍ଲକର ମାନ୍ୟତା ମିଳିବା ପାଇଁ ଲିଖିତ ଆକାରରେ ଓଡିଶାର ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଜିଲ୍ଲାପାଳ, ବିଡିଓ ଓ ତହସିଲଦାରଙ୍କୁ ଅବଗତ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିପରି ଓଡିଶା ସରକାରଙ୍କ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଦିନିକିଆ ନର୍ଲା ଅଞ୍ଚଳ ଗସ୍ତ ସମୟରେ ମଧ୍ୟ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥି ପୂର୍ବରୁ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ, ରାଜ୍ୟସଭା ସାଂସଦ ସୁଜିତ୍ କୁମାର ଓ ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କୁ ଏ ବାବଦରେ ଦାବିପତ୍ର ପ୍ରଦାନ କରାଯାଇଛି ବୋଲି ଗ୍ରାମ୍ୟ ଉନ୍ନୟନ କମିଟିର ସମ୍ପାଦକ ଶ୍ରୀ ଭୋଇ ସୂଚନା ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ୧୯୯୫ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଓ ପଞ୍ଚାୟତିରାଜ ମନ୍ତ୍ରୀ ଦାମୋଦର ରାଉତଙ୍କୁ ଭୁବନେଶ୍ୱର ଠାରେ ସାକ୍ଷାତ କରି ରୁପ୍ରାକୁ ନୂତନ ବ୍ଲକ ଘୋଷଣା କରିବା ପାଇଁ ଅଞ୍ଚଳର ପ୍ରାୟ ୧୦ ହଜାର ସାକ୍ଷର ଥିବା ଦାବୀପତ୍ର ପ୍ରଦାନ କରାଯାଇଥିଲା। ଏଥି ନିମନ୍ତେ ଏକ କମିଟି ଗଠନ କରି ସରକାରଙ୍କୁ ଦାବିପତ୍ର ପ୍ରଦାନ କରିବା ପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା। ସର୍ବସମ୍ମତି କ୍ରମେ କମିଟି ଚୟନ କରାଯାଇଥିଲା। ସଭାପତି ସମାଜସେବୀ ପ୍ରିୟରଞ୍ଜନ ବେହେରା, ଉପ ସଭାପତି ପଦ୍ମଲୋଚନ ସେନାପତି, ସମ୍ପାଦକ ବନମାଳି ସାହୁ (ବି), ସହ ସଂପାଦକ ଆଦିତ୍ୟ ମିଶ୍ର, କୋଷାଧକ୍ଷ ତେଜରାଜ ସାହୁ (ବି) ଓ ଉପଦେଷ୍ଟା କମିଟିରେ ପୂର୍ବ ସରପଞ୍ଚ ଶ୍ୟାମସୁନ୍ଦର ସେନାପତି, ଗ୍ରାମ୍ୟ କମିଟିର ସମ୍ପାଦକ ଗୌରଚନ୍ଦ୍ର ଭୋଇ, ନାଏବ ସରପଞ୍ଚ ଚନ୍ଦ୍ରମଣି ଗୌଡ, ବନମାଳି ସାହୁ (ଏ), ପୂର୍ବ ସରପଞ୍ଚ ଅକ୍ରୁର ସାହୁ, ଶିକ୍ଷକ ହରପ୍ରସାଦ ସାହୁ, ଗ୍ରାମ୍ୟ କମିଟିର ସଭାପତି ମହେଶ୍ୱର ସାହୁ, ଗୋପାଳକୃଷ୍ଣ ବିହାରୀ, ବିଜେପିର ରୁପ୍ରା ମଣ୍ଡଳ ପୂର୍ବ ସଭାପତି ଧନୁର୍ଯ୍ୟୟ ବାରିକ, ତ୍ରିନାଥ ସାହୁ, ପ୍ରମୋଦ ମିଶ୍ର, ଶିକ୍ଷକ ପ୍ରଦୀପ ନନ୍ଦ, ପଣ୍ଡିତ ବାରିକ, ମନୋଜ ହାତୀ, ହୃଷୀକେଶ ସାହୁ, ଅବସରପ୍ରାପ୍ତ ବାୟୁସେନା କର୍ମଚାରୀ ବରୁଣ ସାହୁ, ବ୍ୟବସାୟୀ ପ୍ରଶାନ୍ତ ସେନାପତି, ନାଥ ଗୌଡ, ବଂଶୀଧର ପାଢ଼ୀ, ତ୍ରିଲୋଚନ ବ୍ରହ୍ମା, ଲୋଚନ ଗୌଡ ଓ କିର୍ତିଚିନ୍ଦ୍ର ସାହୁ ତଥା ମିଡିଆ ସଂଯୋଜକ ଭାବେ ସାମ୍ବାଦିକ ଅଜୟ ସେନାପତିଙ୍କୁ ଚୟନ କରାଯାଇଛି। ଅଞ୍ଚଳର ଶତାଧିକ ବ୍ୟକ୍ତି ଉକ୍ତ ଆଲୋଚନାରେ ଅଂଶଗ୍ରହଣ କରି ମତାମତ ଉପସ୍ଥାପନ କରିଥିଲେ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଆରୋଗ୍ୟ ଶିବିର

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍) : ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭବାନୀପାଟଣା ସହିଦ ରେଣ୍ଡୋ ମାଝୀ ମେଡିକାଲ କଲେଜର ଚର୍ମରୋଗ ବିଶେଷଜ୍ଞ ସାରଦା ମିଶ୍ର ଯୋଗ ଦେଇ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୬୦ରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ଚିକିତ୍ସା ଓ ପରାମର୍ଶ ସେବା ଯୋଗାଇ ଦେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା. ଭବାନୀଶଙ୍କର ଲେଙ୍କାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଶିବିରକୁ ବ୍ଲକ ଜନ ସ୍ୱାସ୍ଥ୍ୟ ଅଧିକାରୀ ଦିବାକର ପ୍ରଧାନ, କମ୍ୟୁନିଟି ହେଲଥ ଅଫିସର ସୌମ୍ୟରଞ୍ଜନ ନାଗ, ସୁଚରିତା ନାଗ, ସିଦ୍ଧାନ୍ତ ବାଗ, ମେଡିକାଲ ରେକର୍ଡ ଆସିଷ୍ଟାଣ୍ଟ ପ୍ରେମ ପାଣିଗ୍ରାହୀ ପ୍ରମୁଖ ପରିଚାଳନା କରିଥିଲେ।




## ଚିଲଡଙ୍ଗରୀକୁ ହରାଇ ଆମପାଣି ଚାମ୍ପିଅନ୍

କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ୟଙ୍ଗଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ଖେଳ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିଲଡଙ୍ଗରୀକୁ ହରାଇ ଆମପାଣି ଦଳ ଟୁର୍ଣ୍ଣାମେଣ୍ଟର ବିଜେତା ହୋଇ ଚାମ୍ପିଅନ ହୋଇଛି। ପ୍ରଥମେ ଟସ୍ ଜିଣି ଆମପାଣି ଦଳ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୨ ଓଭରରେ ୮ ୱିକେଟ ବିନିମୟରେ ୧୦୪ ରନ୍ ସଂଗ୍ରହ କରିଥିଲା। ଜବାବରେ ଚିଲଡଙ୍ଗରୀ ଦଳ ପଡିଆକୁ ଓହ୍ଲାଇ ୧୧.୪ ଓଭରରେ ସମସ୍ତ ୱିକେଟ ହରାଇ ୯୦ ରନ୍ ସଂଗ୍ରହ କରିଥିଲା। ତେବେ ଆମପାଣି ଦଳ ୧୪ ରନ୍‌ରେ ବିଜୟୀ ହୋଇ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ହୋଇଛି। ଅମ୍ପାୟାର ଭାବରେ ମୁରଲୀଧର ଦାସ ଓ ମଳୟ ରଞ୍ଜନ ଦାସ ଖେଳ ପରିଚାଳନା କରିଥିଲେ। ସ୍କୋର ବୋର୍ଡରେ ବିକି ଦାସ ଦ୍ୱାୟୀତ ନିର୍ବାହ କରିଥିବାବେଳେ ମୁନ୍ନା ଧଙ୍ଗଡାମାଝୀ ଓ ରମେଶ ବାରିକ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ ବଡ଼ପୋଡ଼ାଗୁଡ଼ା ଗ୍ରାମ ପଞ୍ଚାୟତ ସରପଞ୍ଚ ଜମୁନା ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ବଡ଼ପୋଡ଼ାଗୁଡ଼ା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଡ଼ାକ୍ତର ଗୌରବ କୁମାର ସାହୁ, ନାଏବ ସରପଞ୍ଚ ବିଜୁ ନାଏକ, ଶିକ୍ଷକ ଜୟ ଶଙ୍କର ପାଠୀ, ନିଳାମ୍ବର ଦାସ, ଜିତେନ୍ଦ୍ର ପଣ୍ଡା, ଭଜମନ ନାଏକ, ସନ୍ତୋଷ ମାଝୀ, ବିକାଶ ରଞ୍ଜନ ପଣ୍ଡା, ୱାର୍ଡ ସଭ୍ୟ ନରହରି ସୁନା, କ୍ଷେତ୍ର ମୋହନ ପୁଝାରୀ, ଧର୍ମାନନ୍ଦ ନାଏକ, ବିନୋଦ ସିଂ, ମନୋଜ କୁମାର ଦାସ, ବଳସିଂ ଧଙ୍ଗଡାମାଝୀ, ଟଙ୍କଧର ପୁଝାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ବିଜେତା ଆମପାଣି ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ଓ ଉପ-ବିଜେତା ଚିଲଡଙ୍ଗରୀ ଦଳକୁ ଟ୍ରଫି ସହ ୭ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଆମପାଣିର ରାଘବ ସୁନା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବା ବେଳେ ଚିଲଡଙ୍ଗରୀ ଦଳର ଜତିନ୍ଦ୍ର ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ଆୟୋଜକ ଅନୁଷ୍ଠାନର ସୁନିଲ କୁମାର ଦାସ, ଅମିୟ ଦାସ, ମାନସ ରଞ୍ଜନ ବେମାଲ, କାଳିଆ ବାରିକ, ନିଳାମ୍ବର ଧଙ୍ଗଡାମାଝୀ, ହରିହର ହଂସ, ବିଶ୍ୱନାଥ ଧଙ୍ଗଡାମାଝୀ, ପୁରୁଷୋତ୍ତମ ଦାସ, ଗୁଡୁ ଧଙ୍ଗଡାମାଝୀ, ମୋହନ ଲାଲ୍ ଦୁର୍ଗା, ବୈଦ୍ୟଚନ୍ଦ୍ର ଧଙ୍ଗଡାମାଝୀ, ଅଙ୍କିତ ବାରିକ, ବିମଳ ଦାସ, ଶ୍ରୀକର ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




## ରାଶିଫଳ

ବୁଧବାର, ୨୯ ଜାନୁଆରୀ ୨୦୨୫



**ମେଷ:** ମାନସିକ ସ୍ତରରେ ଆପଣ ଦୁର୍ବଳ ଅନୁଭବ କରିବେ ଏବଂ ସ୍ୱାସ୍ଥ୍ୟ ମଧ୍ୟ ବିଚଳିତ ହୋଇପାରେ । ଅସନ୍ତୁଳିତ ଖାଦ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ତୁମର ଖାଦ୍ୟର ଯତ୍ନ ନିଅ । କାର୍ଯ୍ୟରେ ସଫଳତା ପାଇବାରେ ବିଳମ୍ବ ହୋଇପାରେ ।



**ବୃଷ:** ଯଦିଓ କିଛି ଚ୍ୟାଲେଞ୍ଜ ଆସିବ, ତେବେ ଆପଣ ଖୁସିରେ ସେମାନଙ୍କୁ ସାମ୍ନା କରିବେ। ପ୍ରେମ ଦୃଷ୍ଟିରୁ ଆଜି ଏକ ଭଲ ଦିନ ହେବ ଏବଂ ଆପଣଙ୍କ ପ୍ରିୟଙ୍କ ସହିତ ରୋମାନ୍ସ ପାଇଁ ସୁଯୋଗ ମିଳିବ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସ୍ୱାଭାବିକ ହେବ।



**ମିଥୁନ:** ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ ଏବଂ ତୁମେ ଚାକିରିରେ ଭଲ ଫଳାଫଳ ପାଇବ । ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ । ଆପଣଙ୍କ ଶଶୁରଘରର ଲୋକଙ୍କ ସହିତ ଏକ ବାର୍ତ୍ତାଳାପ ହେବ ।



**କର୍କଟ:** ଦିନଟି ସୁବିଧାରେ ଅତିବାହିତ ହେବ ଏବଂ କେତେକ ଗୁପ୍ତ କାର୍ଯ୍ୟରେ ମଧ୍ୟ ଟଙ୍କା ଖର୍ଚ୍ଚ କରିବେ। ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ କୌଣସି ଅସୁବିଧା ହେବ ନାହିଁ, ତଥାପି ଆପଣ ନିଶ୍ଚିତ ଭାବରେ ଚିନ୍ତିତ ହେବେ। ଯେଉଁମାନେ ପ୍ରେମ ଜୀବନ ବିତାଉଛନ୍ତି ସେମାନଙ୍କୁ କିଛି ସମସ୍ୟାର ସାମ୍ନା କରିବାକୁ ପଡିବ।



**ସିଂହ:** ମାନସିକ ଟେନସନ ରହିପାରେ। ଯାହାକୁ ଏଡ଼ାଇବା ପାଇଁ ଆପଣଙ୍କୁ ଚେଷ୍ଟା କରିବାକୁ ପଡ଼ିବ । ଘରର ବରିଷ୍ଠମାନଙ୍କ ଆଶୀର୍ବାଦ ପାଇବେ। କାର୍ଯ୍ୟରେ ସଫଳତା ମିଳିବ । ଯେଉଁମାନେ ପ୍ରେମ ଜୀବନରେ ଅଛନ୍ତି ସେମାନଙ୍କ ପାଇଁ ଆଜି ଏକ ଭଲ ଦିନ ହେବ ।



**କନ୍ୟା:** ଆର୍ଥିକ ବୋଝ ବୃଦ୍ଧି ପାଇବ, ପରିବାର ସଦସ୍ୟ ଆପଣଙ୍କୁ ସାହାଯ୍ୟ କରିବେ। ଜୀବନ ସାଥୀ କ୍ରୋଧିତ ହୋଇପାରେ । ଯେଉଁମାନେ ଏକ ପ୍ରେମ ଜୀବନ ବିତାଉଛନ୍ତି, ସେମାନଙ୍କ ପ୍ରିୟଙ୍କ ସହ କଥା ହୋଇ ସାକ୍ଷାତ କରି ବହୁତ ଖୁସି ହେବେ।



**ତୁଳା:** ଆପଣ ମାନସିକ ଚାପରୁ ମୁକ୍ତି ପାଇବେ। ଛାତ୍ରମାନେ ଅଧ୍ୟୟନରେ ଆଗ୍ରହ ପ୍ରକାଶ କରିବେ । ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସୁଖରେ ପରିପୂର୍ଣ୍ଣ ହେବ । ରୋମାନ୍ସ ବୃଦ୍ଧି ପାଇବ, ପ୍ରେମ ଜୀବନ ବିତାଉଥିବା ଲୋକମାନେ ମଧ୍ୟ ଆଜି ଭଲ ଫଳାଫଳ ପାଇବେ ।



**ବିଛା:** ଆଜି ଆପଣଙ୍କ ପାଇଁ ଏକ ଅନୁକୂଳ ଦିନ ହେବ । ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ । କାର୍ଯ୍ୟରେ ସଫଳତା ମିଳିବ। ପାରିବାରିକ ଜୀବନ ଖୁସି ହେବ। ଜୀବନ ସାଥୀ ସହିତ ସମ୍ପର୍କ ଭଲ ହେବ । ଅଧ୍ୟୟନରେ ଅସୁବିଧା ହେବ । ତୁମେ ତୁମର ପ୍ରତିପକ୍ଷଙ୍କ ଉପରେ ବିଜୟୀ ହେବ ।



**ଧନୁ:** ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ହେବ। ସେହିପରି ଭାଗ୍ୟ ମଧ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ । ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ । ଆପଣଙ୍କ ଶଶୁରଘରର ଲୋକଙ୍କ ସହିତ ଏକ ବାର୍ତ୍ତାଳାପ ହେବ । କାର୍ଯ୍ୟ ସଂପର୍କରେ ପରିସ୍ଥିତି ସ୍ୱାଭାବିକ ହେବ।



**ମକର:** ହୃଦୟ ଜଣେ ଚମତ୍କାର ବ୍ୟକ୍ତିଙ୍କୁ ଭେଟି ଖୁସି ହେବ କିମ୍ବା ସେମାନଙ୍କୁ ଫୋନରେ ଯୋଗାଯୋଗ କରାଯିବ । ଆପଣଙ୍କ ବ୍ୟବସାୟରେ ଲାଭ ହେବ । କାର୍ଯ୍ୟ ସହିତ ତୁମେ ଭଲ ଫଳାଫଳ ପାଇବ । ପ୍ରେମ ଜୀବନ ବିତାଉଥିବା ଲୋକଙ୍କୁ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ । ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ । ଆପଣ ଅନ୍ୟମାନଙ୍କ ସ୍ୱାର୍ଥ ବିଷୟରେ ଚିନ୍ତା କରିପାରିବେ ।



**କୁମ୍ଭ:** ଆପଣ ମାନସିକ ଚାପରୁ ମୁକ୍ତି ପାଇବେ । ଆୟ ବୃଦ୍ଧି ପାଇବ । ଖର୍ଚ୍ଚ ହ୍ରାସ ପାଇବ। ଘର ଜୀବନ ସ୍ନେହପୂର୍ଣ୍ଣ ହେବ। ଭବିଷ୍ୟତ ବିଷୟରେ ତୁମେ ତୁମର ସାଥୀ ସହିତ ଏକ ବଡ ଯାତ୍ରା ଯୋଜନା କରିପାରିବ । କାର୍ଯ୍ୟ ସହିତ କଠିନ ପରିଶ୍ରମ କରିବାକୁ ଧ୍ୟାନ ଦେବାକୁ ପଡିବ।



**ମୀନ:** ଆଜି କେତେକ ସମସ୍ୟା ଆସିପାରେ । ଭାଗ୍ୟ ଉପରେ ନିର୍ଭର କର ନାହିଁ । କଠିନ ପରିଶ୍ରମ କର। ଆୟ ସ୍ୱାଭାବିକ ହେବ । ପରିବାରର ପରିବେଶ ମଧ୍ୟ ସକାରାତ୍ମକ ରହିବ । ସ୍ୱାସ୍ଥ୍ୟ ଭଲ ହେବ । ପ୍ରେମ ଜୀବନରେ କିଛି ସମସ୍ୟା ହୋଇପାରେ । ବିବାହିତ ଲୋକମାନଙ୍କର ଘରୋଇ ଜୀବନ ପ୍ରେମରେ ପରିପୂର୍ଣ୍ଣ ହେବ। ଆପଣଙ୍କ ପ୍ରିୟ କିଛି ବିଷୟରେ ଆପଣଙ୍କ ଉପରେ କ୍ରୋଧ ପ୍ରକାଶ କରିପାରନ୍ତି ।




ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯